# ମହିଳା ପ୍ରସଙ୍ଗ






ନୂଆଦିଲ୍ଲୀରେ ଓଡ଼ିଶା ମଣ୍ଡପର ଆଭ୍ୟନ୍ତରୀଣ ଦୃଶ୍ୟ ।



ଓଡ଼ିଶା ମଣ୍ଡପର ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗରେ
ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ।



ଓଡ଼ିଶା ମଣ୍ଡପର ହସ୍ତତନ୍ତ ଓ ହସ୍ତଶିଳ୍ପ ବିକ୍ରୟ କାଉଣ୍ଟରରେ
ଆଗ୍ରହୀ ଗ୍ରାହକବୃନ୍ଦ ।

# ଉତ୍କଳ ପ୍ରସଙ୍ଗ

ମାର୍ଗଶୀର ୧୯୦୩ ଶକାବ୍ଦ ୩୮ଶ ଖଣ୍ଡ ପଞ୍ଚମ ସଂଖ୍ୟା ଡିସେମ୍ବର ୧୯୮୧

**ସମ୍ପାଦନା ମଣ୍ଡଳୀ**

ନିର୍ଦ୍ଦେଶକ: ଶ୍ରୀ ମିହିର କୁମାର ରାଉ

ସମ୍ପାଦକ: ଶ୍ରୀ ବିପିନ ବିହାରୀ ପଟ୍ଟନାୟକ

ସହ ସମ୍ପାଦକ: ଡକ୍ଟର ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ: ଶ୍ରୀ ସୁରେନ୍ଦ୍ର କୁମାର ପଟ୍ଟନାୟକ

ମୁଖ୍ୟ ସମ୍ପାଦକ

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

ମୁଦ୍ରଣ

ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ସଜ୍ଜା ଶିଳ୍ପୀ ଶ୍ରୀ ବି: ମହାରଥୀ

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର
ବାର୍ଷିକ ଦେୟ ୧୦.୦୦
ପ୍ରତି ଖଣ୍ଡ ୧.୦୦

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟର ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଧରିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ଉତ୍କଳ ପ୍ରସଙ୍ଗ

## ସୂଚୀପତ୍ର


| | | |
|---|---|---|
| ମୋ ଦୃଷ୍ଟିରେ | ୧ | |
| ଜାତୀୟ ଐକ୍ୟ ଓ ସଂହତି | ୩ | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ |
| ଜନଗତ ସାହାଯ୍ୟ—ଏକ ନୂତନ ସାମାଜିକବ୍ୟବସ୍ଥା । | ୮ | ଜଷ୍ଟିସ୍ ରାଜକିଶୋର ଦାସ |
| ଓଡ଼ିଶାରେ ଆଗୁଆ ଫସଲ ବୀମା ଯୋଜନା | ୧୧ | ଶ୍ରୀ ବାସୁଦେବ ମହାପାତ୍ର |
| ଆନ୍ତର୍ଜାତୀୟ ମୁଦ୍ରାପାଣ୍ଠିରୁ ଭାରତକୁ ଋଣ | ୧୪ | ଶ୍ରୀ ରାମଚନ୍ଦ୍ର ମିଶ୍ର |
| ଆସନ୍ତା କାଲିର କଟକ ସହର | ୧୯ | ଶ୍ରୀ ପ୍ରସନ୍ନ କୁମାର ହୋତା |
| ଚୌଦ୍ୱାର ଲୁଗାକଳ ପୁଣି ଖୋଲିଲା | ୨୬ | |
| ସାମ୍ପ୍ରଦାୟିକତା ଓ ଓଡ଼ିଶାର ପ୍ରଗତି | ୩୩ | ଶ୍ରୀ ଚିନ୍ତାମଣି ମହାପାତ୍ର |
| ବନ୍ୟଜନ୍ତୁ ଓ ପର୍ଯ୍ୟଟନ | ୩୭ | ଶ୍ରୀ ବିଜୟକେତନ ପଟ୍ଟନାୟକ |
| କ୍ଷିତିକି ଭୀତି ହେଲା ପବନ | ୩୯ | ମହାପାତ୍ର ନୀଳମଣି ସାହୁ |
| ଓଡ଼ିଶାରେ ନୃତତ୍ତ୍ୱ ଉପାଦାନ | ୪୩ | ଶ୍ରୀ ରବିନାରାୟଣ ଦାଶ |
| ଅଷ୍ଟାଦଶ ଖ୍ରୀଷ୍ଟାବ୍ଦରେ ମୟୂରଭଞ୍ଜ | ୪୭ | ଶ୍ରୀ ମହେଶ ଚନ୍ଦ୍ର ମହାପାତ୍ର |
| ପ୍ରକୃତିର ପ୍ରକୋପରେ କାଶୀନଗର | ୫୧ | |
| ଛାୟା ଓ ଛାମୟୀ | ୫୫ | ଶ୍ରୀମତୀ କୃଷ୍ଣପ୍ରିୟା ଦାସ |
| "ମୁଁ" ରୁ "ଆମେ" କୁ : ଚଢା ଚଢା ଉଦ୍ଧାରୀ | ୫୭ | ପ୍ରହରାଜ ସତ୍ୟନାରାୟଣ ନନ୍ଦ |
| ଆଇବେଲ୍ଲୁନୀ | ୫୯ | ଡ଼ଃ ସତ୍ୟନାରାୟଣ ରାଜଗୁରୁ |
| ପ୍ରଗତି ସଂବାଦ | ୬୨ | |


## ଆସନ୍ତା ସଂଖ୍ୟାରେ

* କାଳିଦାସ ଓ ସଂସ୍କୃତ ଭାଷା
* ଆଧୁନିକୀକରଣର ଆଗ ଓ ପଛ
* ଓଡ଼ିଶାରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ
* ଓଡ଼ିଶା ଇତିହାସରେ ନାଗବଂଶୀ ରାଜା ଶତ୍ରୁଭଞ୍ଜ
* ମୁଁ କ'ଣ ଜଣେ ସ୍ୱାଧୀନତା ସଂଗ୍ରାମୀ ?
* ୧୯୮୨ ମସିହାରେ ପୃଥିବୀ କ'ଣ ଧ୍ୱଂସ ପାଇବ ?
* ଭାରତକୁ ମୁଦ୍ରାପାଣ୍ଠି ଋଣ

ଓ ଅନ୍ୟାନ୍ୟ

# ତା'/ ଦୃଷ୍ଟିରେ

ଉତ୍କଳ ପ୍ରସଙ୍ଗର ଡ଼ିସେମ୍ବର ସଂଖ୍ୟା ଆପଣଙ୍କୁ ଅନେକ ଉଲ୍ଲେଖଯୋଗ୍ୟ ଓ ତଥ୍ୟପୂର୍ଣ୍ଣ ଲେଖା ଦ୍ୱାରା ଚିନ୍ତାର ସାମଗ୍ରୀ ଯୋଗାଇ ଦେବ ବୋଲି ବିଶ୍ୱାସ ରଖିଛି ।

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ "ଜାତୀୟ ଐକ୍ୟ ଓ ସଂହତି" ବିଷୟରେ ନଭେମ୍ବର ୧୪ ତାରିଖ ଦିନ ସୂଚନା ଭବନଠାରେ ଏକ ପାଣ୍ଡିତ୍ୟ-ପୂର୍ଣ୍ଣ ଓ ଚିନ୍ତାଶୀଳ ବକ୍ତୃତା ଦେଇଥିଲେ । ତାର ସାରାଂଶ ଏହି ସଂଖ୍ୟାରେ ଦିଆଯାଇଛି । ଦେଶରେ ବିଚ୍ଛେଦକାରୀ ଶକ୍ତି ଆଉଥରେ ଗର୍ଜି ଉଠୁଥିବାବେଳେ ଭାରତର ଜାତୀୟ ଐକ୍ୟ ବିଷୟରେ ଏହି ବକ୍ତୃତା ପାଠକମାନଙ୍କୁ ଚିନ୍ତାର ଆଧାର ଯୋଗାଇ ଦେବ ବୋଲି ଆମର ଦୃଢ଼ ବିଶ୍ୱାସ ।

ଚୌଦ୍ୱାରଠାରେ ଲୁଗାକଲ ସରକାରୀ ଉଦ୍ୟମରେ ଖୋଲଯିବା ଓଡ଼ିଶା ନିମନ୍ତେ ଏକ ଯୁଗାନ୍ତକାରୀ ପଦକ୍ଷେପ । ଏ ସଂକ୍ରାନ୍ତରେ ଚୌଦ୍ୱାରଠାରେ ମୁଖ୍ୟମନ୍ତ୍ରୀ ଯେଉଁ ଭାଷଣ ଦେଇଥିଲେ ତାର ଏକ ସଂକ୍ଷିପ୍ତ ବିବରଣୀ ଏହି ସଂଖ୍ୟାରେ ସ୍ଥାନ ପାଇଛି । ଓଡ଼ିଶାର ଶିଳ୍ପାୟନ ନିମନ୍ତେ ସରକାରଙ୍କ ପ୍ରଗାଢ଼ ଚେଷ୍ଟାର ଏକ ସଫଳ ଚିତ୍ର ଏଥିରେ ଦିଆଯାଇଛି ।

ସମାଜର ଦରିଦ୍ର ଓ ଅବହେଳିତ ଶ୍ରେଣୀ ନିମନ୍ତେ ଆଇନର ସାହାଯ୍ୟ ଏବେ ନୂତନ ଭାବରେ କାର୍ଯ୍ୟକାରୀ କରାଯାଉଛି । ଓଡ଼ିଶାର ଅବସରପ୍ରାପ୍ତ ପ୍ରଧାନ ବିଚାର-ପତି ଜଷ୍ଟିସ ରାଜକିଶୋର ଦାସ ଏ ସଂପର୍କରେ ଏକ ବିସ୍ତୃତପୂର୍ଣ୍ଣ ଓ ତଥ୍ୟ ସମନ୍ୱିତ ଲେଖାରେ ଓଡ଼ିଶାରେ ଏ ବିଷୟରେ ଅଗ୍ରଗତି ବିଷୟରେ ସୂଚନା ଦେଇଛନ୍ତି । ପାଠକମାନଙ୍କ ନିମନ୍ତେ ଏହି ନୂତନ ଚିନ୍ତାଧାରା ଆମେ ଏ ସଂଖ୍ୟାରେ ଉପସ୍ଥାପନ କରି ଅନୁଗୃହୀତ ।

ଉତ୍କଳ ପ୍ରସଙ୍ଗ ନବବର୍ଷର ଶୁଭେଚ୍ଛା ପ୍ରତ୍ୟେକ ଲେଖକ ଓ ପାଠକଙ୍କୁ ଜଣାଇ ଓଡ଼ିଶାର ସମୃଦ୍ଧି ଓ ଶ୍ରୀ କାମନା କରୁଛି ।

କେନ୍ଦୁଝର ଜିଲ୍ଲା ସିଲିସୁଆଁଠାରେ ବହୁଧା ଶୀତଳ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନ ।





କେନ୍ଦୁଝର ସୂତାକଳର ଶିଳାନ୍ୟାସ ଉତ୍ସବରେ ମୁଖ୍ୟମନ୍ତ୍ରୀ ।

କଟକଠାରେ ଅନୁଷ୍ଠିତ ଦ୍ୱିତୀୟ ବାର୍ଷିକ ଚିକିତ୍ସକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନ .





# ଜାତୀୟ ଐକ୍ୟ ଓ ସଂହତି

ଜାନକୀ ବଲ୍ଲଭ ପଟ୍ଟନାୟକ

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଜାତୀୟ ଐକ୍ୟ ଓ ସଂହତି ବିଷୟରେ ନଭେମ୍ବର ୧୯, ୧୯୮୧ ଦିନ ସୂଚନା ଭବନ, ଭୁବନେଶ୍ୱରଠାରେ ଦେଇଥିବା ଭାଷଣର ସାରାଂଶ ଏଠାରେ ଦିଆଗଲା । (ସଂପାଦକ)

ଆଜି ଜାତୀୟ ଐକ୍ୟ ଏବଂ ସଂହତି ଦିବସ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ପରିବେଶ ଭିତରେ ପାଳନ କରାଯାଉଛି । ଏ ଜାତୀୟ ଐକ୍ୟ ଓ ସଂହତି ବିଷୟରେ କେତେକ ତଥ୍ୟ ଏଠାରେ ଏକାନ୍ତ ପ୍ରଣିଧାନଯୋଗ୍ୟ ।

ସ୍ୱାଧୀନତା ଲାଭ କରିବାର ଅନେକ ବର୍ଷପରେ ଆଜି ଭାରତର ପୂର୍ବ ସୀମାନ୍ତରେ ଏବଂ ପଶ୍ଚିମ ସୀମାନ୍ତରେ ଏକ ଭିନ୍ନ ମତର ସ୍ୱର ଉତ୍ତୋଳିତ ହୋଇଛି । ଜାତୀୟ ଏକତାକୁ ଖଣ୍ଡିତ କରିବା ନିମନ୍ତେ କେତେକ ଗୋଷ୍ଠୀ ହିଂସା ଓ ଭୟ ଦେଖାଇବାର ଆଚରଣ ପ୍ରଦର୍ଶନ କରୁଛନ୍ତି । ଇତିହାସର ପୃଷ୍ଠାରୁ ଆମେ ଦେଖିବା ଯେ ଅଶୋକ ଯେତେବେଳେ ଏକ ଭାରତର କଳ୍ପନା କରିଥିଲେ, ସେତେବେଳେ ସେ ସୀମାନ୍ତବର୍ତ୍ତୀ ଅଞ୍ଚଳମାନଙ୍କରେ ଶିଳାଲିପିର ଅଭିଲେଖ ସାହାଯ୍ୟରେ ଏହି ଐକ୍ୟ ଓ ସଂହତିର ମହାନ୍ ଗାଥା ପ୍ରଚାର କରିଥିଲେ । ତାଙ୍କର ଉଦ୍ଦେଶ୍ୟ ଥିଲା ଯେ ସୀମାନ୍ତର ସୁରକ୍ଷା ଅତ୍ୟାବଶ୍ୟକ ଏବଂ ସେହି ସୁରକ୍ଷା କେବଳ ସୈନ୍ୟବଳରେ ନୁହେଁ, ଭାବଗତ ଐକ୍ୟ ଦ୍ୱାରାହିଁ ସୁପ୍ରତିଷ୍ଠିତ ହୋଇ ପାରିବ । ତେଣୁ ଅଶୋକଙ୍କ ଶିଳାଲିପିଗୁଡ଼ିକ ପ୍ରତ୍ୟନ୍ତବାସୀଙ୍କୁ ସମ୍ବୋଧନ କରାଯାଇଥିଲା ଓ ସେମାନେ ଯେ ସମ୍ରାଟଙ୍କ ପ୍ରିୟ ପୁତ୍ର ଏ କଥା ବାରମ୍ବାର ଘୋଷଣା କରାଯାଇଥିଲା । ସମଗ୍ର ଭାରତବାସୀ ଯେ ଏକ ଅବିଚ୍ଛେଦ୍ୟ ସଂପୂର୍ଣ୍ଣ ଜାତି ତାହା ଅଶୋକ ଉପଲବ୍ଧି କରିଥିଲେ ।

ଏହି ଐକ୍ୟ ଆଜି ଆଉଥରେ ଉପଲବ୍ଧି କରିବାର ବେଳ ଆସିଛି । ଏକତାର ମନ୍ତ୍ରରେ ଆମେ ଆଉ ଥରେ ଦୀକ୍ଷା ନେବାକୁ ପଡ଼ିବ ।

ଭୂଗୋଳ ଭାରତକୁ ଗୋଟିଏ ଦେଶ ବୋଲି କଳ୍ପନା କରିଛି । ଉତ୍ତରରେ ତୁଷାରାବୃତ ହିମାଳୟ । ଦକ୍ଷିଣରେ ନୀଳ-ତରଙ୍ଗ-ମାଳିନୀ ଭାରତ ମହାସାଗର । ପୂର୍ବରେ ବଙ୍ଗୋପସାଗର ଏବଂ ପଶ୍ଚିମରେ ଆରବ ସାଗର । ଏପରି ଆକୁମାରୀ ହିମାଚଳକୁ ଭୂଗୋଳ ଗୋଟିଏ ଦେଶ କରି ଗଢ଼ିଛି । ସଂସ୍କୃତି ମଧ୍ୟ ସମଗ୍ର ଭାରତକୁ ଏକ କରି ଗଢ଼ିଛି । ସଂସ୍କୃତ ଭାଷାରୁ ଜନ୍ମ ବିଭିନ୍ନ ଭାରତୀୟ ଭାଷା ଏହି ସଂସ୍କୃତିକୁ ନିବିଡ଼ତର କରି ବନ୍ଧନ କରିଛି । ରାମାୟଣ

ବା ମହାଭାରତର ସୁନ୍ଦର ଚରିତ୍ରଗୁଡ଼ିକର ମହତ୍ତ୍ୱ ଓ ମହନୀୟତା ଭାରତର ସବୁ କୋଣରେ ସୁପରିଚିତ ।

ଭୂଗୋଳ ଓ ସଂସ୍କୃତି ଭାରତକୁ ଗୋଟିଏ ଦେଶବୋଲି କଳ୍ପନା କରିଥିଲେ ମଧ୍ୟ ରାଜନୈତିକ କ୍ଷେତ୍ରରେ ଭାରତର ଏକତା ଅତୀତରେ ଖୁବ୍ କମ୍ ପ୍ରତିଷ୍ଠିତ ହୋଇଛି । ଅନେକ ଦିନଧରି ଭାରତ ଐକ୍ୟ ଓ ଅନୈକ୍ୟ ଭିତରେ ଦୋଳାୟମାନ ହୋଇ ରହିଛି । ଅଶୋକ ଭାରତକୁ ରାଜନୈତିକ ଏକତା ଦେଇଥିଲେ । ତା'ପରେ ଦ୍ୱିତୀୟ ଚନ୍ଦ୍ରଗୁପ୍ତ ଆଉଥରେ ଏହି ଐକ୍ୟ ପ୍ରତିଷ୍ଠା କରିବାରେ ବହୁ ଭାବରେ ସଫଳ ହୋଇଥିଲେ । ତା'ପରେ ଆକବର ନିଜର ଉଦାରତା ଓ ସହିଷ୍ଣୁତା ଗୁଣ ଦ୍ୱାରା ଭାରତକୁ ଆଉଥରେ ଏକ କରିବାରେ ସମର୍ଥ ହୋଇଥିଲେ । ଅବ କେତେଥର ଭାରତକୁ ରାଜନୈତିକ ଏକତା ଦେବା ନିମନ୍ତେ ସଫଳ ଚେଷ୍ଟା ହୋଇଛି । ଏହି ଏକତା ଏକ ଅସାଧାରଣ ଘଟଣା—ସାଧାରଣ ନୁହେଁ । ଅଧିକାଂଶ ସମୟରେ ଭାରତରେ ରାଜନୈତିକ ଅନୈକ୍ୟ ଦେଖା ଦେଇଛି ତାହାହିଁ ସାଧାରଣ । ଗୋଟିଏ ସଂସ୍କୃତି ଭିତରେ ରାଜନୀତିର ଏକ ପ୍ରକାର ଦୁର୍ବଳତା ଓ ଅଜ୍ଞତା ଯୋଗୁଁ ଅନେକ ରାଜ୍ୟ ଭାରତର ବାହାରେ ରହିଥିଲା । ଏହି ଅନୈକ୍ୟହିଁ ଭାରତର ପରାଧୀନତାର ମୁଖ୍ୟ କାରଣ । ଭାରତ ଭୂଖଣ୍ଡରେ ଶକ୍ତି ଓ ବୀରମାନଙ୍କର ଅଭାବ ନ ଥିଲା । କବି, ବିଦ୍ୱାନ୍, ମନୀଷି ଓ ବୈଜ୍ଞାନିକଙ୍କ ଅଭାବ ଭାରତକୁ କେବେ ସ୍ପର୍ଶ କରି ନାହିଁ । କିନ୍ତୁ ଗଣ ଏକତା ଓ ସାମୂହିକ ଚେତନାର ଅଭାବ ଯୋଗୁଁ ଭାରତ ଅନେକ ଥର ପରାଧୀନ ହୋଇଥିଲା ।

ତେଣୁ ଆଜି ଏହି ଦିବସରେ ଆମେ ସେହି ଐକ୍ୟ ଓ ସଂହତି ପାଳନ କରିବା ବେଳେ ଇତିହାସର ସେହି ମହାନ୍ ଶିକ୍ଷାକୁ ହୃଦୟଙ୍ଗମ କରିବାକୁହେବ । ଠିକ୍ ପାଣି ପବନ ପରି ଜାତୀୟ ଐକ୍ୟ ଓ ସଂହତି ଯେ ଆମର ସର୍ବାଦୌ ଆବଶ୍ୟକ, ତାହା ଆମେ ମନେ ରଖିବା ଉଚିତ ।

ଜାତୀୟ ଏକତା ଓ ଜାତୀୟ ସଂହତିର ତିନିଗୋଟି ବିଶେଷ କ୍ଷେତ୍ର ରହିଛି । ସେ ତିନିଗୋଟି କ୍ଷେତ୍ର ହେଲା, ରାଜନୈତିକ ଏକତା, ଅର୍ଥନୈତିକ ସଂହତି ଓ ଭାବଗତ ଐକ୍ୟ । ଏହି ତିନିଗୋଟି କ୍ଷେତ୍ରରେ ଆମେ ମନ ପ୍ରାଣ ଦେଇ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟକଲେ ଜାତୀୟ ଏକତା ଓ ଜାତୀୟ ସଂହତି ସମ୍ଭବ ହୋଇ ପାରିବ ।

ସ୍ୱାଧୀନତା ଆମକୁ ରାଜନୈତିକ କ୍ଷେତ୍ରରେ ଏକତା ଦାନ କରିଛି । ସ୍ୱାଧୀନତା ସଂଗ୍ରାମରେ ଭାରତର ସବୁ ଅଞ୍ଚଳରୁ, ସବୁ ପ୍ରଦେଶରୁ ଯୋଗ୍ୟତମ ନାଗରିକମାନେ ଝାସ ଦେଇଥିଲେ । ବେଲୁଚିସ୍ତାନଠାରୁ ଆରମ୍ଭ କରି ବଙ୍ଗ ପର୍ଯ୍ୟନ୍ତ, ପଞ୍ଜାବଠାରୁ ଆରମ୍ଭ କରି ମାଡ୍ରାଜ ପର୍ଯ୍ୟନ୍ତ ସବୁ ଅଞ୍ଚଳର ଅନେକ ବିଦ୍ୱାନ୍ ଓ ମହାନ୍ ସଂଗ୍ରାମୀ ଏହି ସ୍ୱାଧୀନତା ନିମନ୍ତେ ସମଗ୍ର ଭାବରେ ନିଜକୁ ଆହୁତି ଦେଇଥିଲେ, ସ୍ୱାଧୀନତା ଯଜ୍ଞରେ ।

ଆମର ପରମ ସୌଭାଗ୍ୟ ଯେ ଭାରତରେ ମହାତ୍ମା ଗାନ୍ଧୀ ଜନ୍ମ ନେଇଥିଲେ । ସେ ପ୍ରଥମେ ଐକ୍ୟବଦ୍ଧ ଭାବରେ ସଂଗ୍ରାମ କରିବାର ଶକ୍ତି ଭାରତବାସୀଙ୍କୁ ଦେଇଥିଲେ । ଏବେ ସିଂହାବଲୋକନ କଲେ ମନେ ହୁଏ ଯେ, ଯଦି ମହାତ୍ମା



ଗାନ୍ଧୀ ଏହି ଜାତୀୟ ଏକତାର ଜାଗରଣ କରି ନ ଥାନ୍ତେ, ତେବେ ଭାରତ କଦାପି ସ୍ୱାଧୀନ ହୋଇ ପାରି ନ ଥାନ୍ତା। ଏକତାର ମହାମନ୍ତ୍ର ଆମେ ଗାନ୍ଧିଜୀଙ୍କଠାରୁ ପାଇଛେ। ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡକୁ ସେ ଜାତୀୟ ଦୁର୍ଗତି ଓ ଅପମାନ ବୋଲି ଲୋକଙ୍କୁ ଅନୁଭବ କରିବାକୁ ଶିଖାଇଥିଲେ। ସମଗ୍ର ଭାରତରେ ଜାଲିଆନାୱାଲାବାଗ୍ ଦିବସ ପାଳନ କରାଯାଇଥିଲା। ତାହା ହିଁ ଆମକୁ ଐକ୍ୟ ଓ ସଂହତି ଶିଖାଇ ଦେଲା। ସେହିପରି ବିହାରର ଭୂମିକଂପ ଫଳରେ ଯେତେବେଳେ ସହସ୍ର ସହସ୍ର ଲୋକ ସର୍ବସ୍ୱାନ୍ତ ହୋଇଗଲେ ସେହି ମହାତ୍ମା ସମଗ୍ର ଭାରତକୁ ବିହାରର ଦୁଃଖରେ ସମଦୁଃଖୀ କରାଇ ପାରିଥିଲେ। ବିହାର ଭୂମିକଂପ ସାହାଯ୍ୟ ପାଣ୍ଠି ନିମନ୍ତେ ସମଗ୍ର ଦେଶ ମୁକ୍ତ ହସ୍ତରେ ସାହାଯ୍ୟ ଦେବା କଥା ସେ ଶିଖାଇଥିଲେ। ଏହିପରି କୌଣସି ଆଞ୍ଚଳିକ ଦୁର୍ଘଟଣା, ରାଜନୈତିକ ଅତ୍ୟାଚାର ବା ପ୍ରାକୃତିକ ବିପର୍ଯ୍ୟୟକୁ ମହାତ୍ମା ଗାନ୍ଧୀ ସମଗ୍ର ଦେଶର ବୋଲି ଦେଖାଇ ଦେଇଥିଲେ। ସେହି ଐକ୍ୟକୁ ଭିତ୍ତିକରି ମହାତ୍ମା ଗାନ୍ଧୀ ବ୍ରିଟିଶ ଶାସନ ବିରୁଦ୍ଧରେ ଅହିଂସା ସଂଗ୍ରାମ କରିବାକୁ ସମର୍ଥ ହୋଇଥିଲେ ଓ କୃତକାର୍ଯ୍ୟ ମଧ୍ୟ ହୋଇଥିଲେ।

ମହାତ୍ମା ଗାନ୍ଧୀଙ୍କ ଦାୟାଦ ଭାବରେ ପଣ୍ଡିତ ଜବାହାରଲାଲ ନେହେରୁ ସେହି ଐକ୍ୟ ଓ ସଂହତିକୁ ଦୁଇଗୋଟି ମହନୀୟ ଦାନ ଦ୍ୱାରା ସମୃଦ୍ଧ କରିଥିଲେ। ସେଥିରୁ ଗୋଟିଏ ରାଜନୈତିକ କ୍ଷେତ୍ରରେ ଓ ଅନ୍ୟଟି ଅର୍ଥନୈତିକ କ୍ଷେତ୍ରରେ। ରାଜନୈତିକ କ୍ଷେତ୍ରରେ 'ଭାରତୀୟ ସମ୍ବିଧାନ' ଓ ଅର୍ଥନୈତିକ କ୍ଷେତ୍ରରେ 'ପଞ୍ଚବାର୍ଷିକ ଯୋଜନା'। ସମାଜବାଦ ଓ ଯୋଜନାମୂଳକ ପ୍ରଗତି ପଣ୍ଡିତ ନେହେରୁଙ୍କର ଅତୁଳନୀୟ ଦୂରଦୃଷ୍ଟି ଓ ଦେଶାତ୍ମବୋଧର ନିଦର୍ଶନ।

ଭାରତୀୟ ସମ୍ବିଧାନ ଏବେ ଦୀର୍ଘ ବତିଶ ବର୍ଷ ହେଲା ଭାରତୀୟ ରାଜନୀତିକୁ ଚଳାଇ ଆସିଛି। ଅନେକ ଦୁର୍ଦ୍ଦିନ ଓ ସୁଦିନ ଭିତରେ ଏହି ଭାରତୀୟ ସମ୍ବିଧାନ ଏକ ଅମ୍ଳାନ, ନିଷ୍କମ୍ପ ଦୀପଶିଖା ପରି କୋଟି କୋଟି ଭାରତୀୟଙ୍କୁ ଆଲୋକ ଓ ପଥ ପ୍ରଦର୍ଶନ କରି ଆସିଛି। ବାଧା ବିଘ୍ନ ଓ ପ୍ରତିବନ୍ଧକୁ ଅତିକ୍ରମକରି ଏହି ସମ୍ବିଧାନ ଏବେ ଭାରତୀୟ ଜନତାର ମୁକ୍ତିର ମଶାଲ ହୋଇ ରହିଛି। ଏ ସମ୍ବିଧାନ ଏକ ସଂଘୀୟ ସମ୍ବିଧାନ। ଏହି ସଂଘୀୟ ସମ୍ବିଧାନରେ ଏକ ଦୃଢ଼ ଶକ୍ତିଶାଳୀ କେନ୍ଦ୍ର ଏବଂ ବହୁ ଅଧିକାର ସଂପନ୍ନ ରାଜ୍ୟମାନଙ୍କର କଳ୍ପନା କରା ଯାଇଅଛି। କେନ୍ଦ୍ର ଓ ରାଜ୍ୟ ଭିତରେ ଆଦର୍ଶ, କ୍ଷମତାର ସମନ୍ୱୟ ଓ ସମ୍ବଳର ସୂକ୍ଷ୍ମ ବିତରଣହିଁ ଏହି ସମ୍ବିଧାନର ସଫଳତାର କାରଣ। ସମ୍ବିଧାନର ସଫଳତାହିଁ ରାଜନୀତି କ୍ଷେତ୍ରରେ ଭାରତର ସାଫଲ୍ୟ। ଏହି ସମ୍ବିଧାନ ପ୍ରତି ଆମର ସମ୍ମାନ ଓ ଆନୁଗତ୍ୟ ପ୍ରତି କ୍ଷେତ୍ରରେ ପ୍ରକାଶ ପାଇବା ଉଚିତ।

ସେହିପରି ଯୋଜନା ଦ୍ୱାରା ଭାରତୀୟ ଅର୍ଥନୀତିର



ପ୍ରଗତି ଓ ବିକାଶ ଆମର ସଂହତିର ଅଭିବୃଦ୍ଧି କରିଛି । ଆମର ଏହି ବିରାଟ ଦେଶ ଭିତରେ, ଅଞ୍ଚଳ ଅଞ୍ଚଳ ଭିତରେ ଅର୍ଥନୈତିକ ବୈଷମ୍ୟ ରହିଛି । ଏହି ଆଞ୍ଚଳିକ ବୈଷମ୍ୟର ମୂଳକାରଣ ଐତିହାସିକ । ଅର୍ଥନୀତି ଦୃଷ୍ଟିରୁ ଓଡ଼ିଶା ଅନେକ ପଛରେ ପଡ଼ିଛି । ଭାରତର ଅନ୍ୟ କେତେକ ଅଞ୍ଚଳ ଆମଠାରୁ ଅର୍ଥନୈତିକ କ୍ଷେତ୍ରରେ ବହୁତ ଆଗେଇ ଯାଇଛନ୍ତି । ଏହି ବୈଷମ୍ୟ ଦୂର କରିବାକୁ ପଣ୍ଡିତ ନେହେରୁ ଯୋଜନା ମାଧ୍ୟମରେ ଅର୍ଥନୀତିକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଥିଲେ । ଏହି ଯୋଜନାର ଲକ୍ଷ୍ୟ ହେଉଛି, ଭାରତରେ ସମାଜବାଦ ପ୍ରତିଷ୍ଠା । ସମାଜବାଦର ଅର୍ଥ ଓ ଲକ୍ଷ୍ୟ ହେଉଛି, ବ୍ୟକ୍ତି ବ୍ୟକ୍ତି ଭିତରେ ଅର୍ଥନୈତିକ ଓ ସାମାଜିକ ବୈଷମ୍ୟ ଲୋପ କରିବା; ଅଞ୍ଚଳ ଅଞ୍ଚଳ ଭିତରେ ଅର୍ଥନୈତିକ ବୈଷମ୍ୟକୁ କମାଇଦେଇ ସମାନତା ପ୍ରତିଷ୍ଠା କରିବା । ଏହି ବୈଷମ୍ୟ ଲୋପ କରିବା ହେଉଛି, ଐକ୍ୟ ଓ ସଂହତି ପ୍ରତିଷ୍ଠା କରିବା ଦିଗରେ ଏକ ବଡ଼ ପଦକ୍ଷେପ । ପଞ୍ଚବାର୍ଷିକ ଯୋଜନା ଫଳରେ ଏହି ବୈଷମ୍ୟ ଯେ ଅନେକ ପରିମାଣରେ ଲୋପ ପାଉଛି, ତାହା ସମସ୍ତେ ସ୍ୱୀକାର କରିବେ । ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ ଏହି ଆଞ୍ଚଳିକ ଓ ବ୍ୟକ୍ତିଗତ ବୈଷମ୍ୟ ଦୂର କରିବା ନିମନ୍ତେ ବୈପ୍ଳବିକ ପଦକ୍ଷେପମାନ ନିଆ ଯାଉଛି । ବ୍ୟାଙ୍କ ଜାତୀୟକରଣ ଦ୍ୱାରା ଆଜି ସମାଜର ଦରିଦ୍ରତମ ବ୍ୟକ୍ତି ନିମନ୍ତେ ଆତ୍ମନିର୍ଭରଶୀଳ ହେବାକୁ ଅର୍ଥର ଅଭାବ ରହି ନାହିଁ । ଆଞ୍ଚଳିକ ବୈଷମ୍ୟର ଦୂରୀକରଣ ପାଇଁ କଣ କରାଯାଉଛି, ଆମେ ଏବେ ଓଡ଼ିଶାରୁ ଉଦାହରଣ ପାଇ ପାରିବା । ବିଭିନ୍ନ ରାଜ୍ୟ ତୁଳନାରେ ଓଡ଼ିଶାର ଅନଗ୍ରସରତା ଦୂର କରିବା ନିମନ୍ତେ ଓଡ଼ିଶାର ବିପୁଳ ପୁଞ୍ଜି ନିଯୋଗ କରାଯିବାକୁ ସ୍ଥିର ହୋଇଛି । ଏହାହିଁ ଯୋଜନା ଭିତ୍ତିକ ଅର୍ଥନୀତିର ଜାତୀୟ ଐକ୍ୟ ଓ ସଂହତି ଦିଗରେ ଏକ ଦୃଢ଼ ପଦକ୍ଷେପ । ତେଣୁ ଭାରତର ଐକ୍ୟ ଓ ସଂହତି ରକ୍ଷା କରିବା ନିମନ୍ତେ ଯୋଜନାର ଦାନ ସ୍ୱୀକାର କରିବାକୁ ହିଁ ହେବ ।

ତୃତୀୟ କ୍ଷେତ୍ର ହେଉଛି, ଭାବଗତ ଏକତା । ସର୍ବ-ଭାରତୀୟ ସ୍ତରରେ ବିଭିନ୍ନ ରାଜନୀତିକ ମତବାଦୀମାନେ ନିଜ ନିଜ ଦଳ ଗଢ଼ିବେ, ସଂଗଠନ ସୃଷ୍ଟି କରିବେ । କିନ୍ତୁ ଦଳୀୟ କ୍ଷେତ୍ରରେ ମଧ୍ୟ ସର୍ବ ଭାରତୀୟ ଭାବ ରହିବା ଆବଶ୍ୟକ । ସର୍ବ ଭାରତୀୟ ଦଳ ବଦଳରେ ଆଞ୍ଚଳିକ ରାଜନୀତି ଭାରତରେ କେବେ ଟିକି ପାରିବ ନାହିଁ । ମହା-ଭାରତୀୟ ଜୀବନ ସ୍ରୋତ ଭିତରେ ଆଞ୍ଚଳିକ ମନୋଭାବ ସବୁବେଳେ ମଗ୍ନ ହୋଇଯିବ, ନିଶ୍ଚିହ୍ନ ହୋଇଯିବ । ସାମୟିକ ଭାବରେ, ଆଞ୍ଚଳିକ ଉତ୍ତେଜନାକୁ ନେଇ ଖେଳ କରାଯାଇପାରେ । ମାତ୍ର ଏହା ଅସ୍ଥାୟୀ ।

ସେହିପରି ଧର୍ମ କ୍ଷେତ୍ରରେ ମଧ୍ୟ ଭାରତବର୍ଷର ଭାବଗତ ଐକ୍ୟକୁ ଖାପଖୁଆଇ ଚାଲି ପାରୁଥିବା ଧର୍ମହିଁ ଏଠାରେ ସ୍ଥାୟୀ ହୋଇ ପାରିବ । ଏହି ଭାବଗତ ଐକ୍ୟକୁହିଁ ସନାତନ ଧର୍ମ କୁହାଯାଏ । ଏହି ଧର୍ମରେ ମାନବିକତାକୁ ସମ୍ମାନ ଦିଆଯାଏ; କ୍ଷୁଦ୍ର ଲୌକିକତାକୁ ନୁହେଁ । ତେଣୁ ପ୍ରାକ୍ ଆର୍ଯ୍ୟ ମହେଞ୍ଜୋଦାରୋ ଓ ହରପ୍ପା ସଭ୍ୟତାରୁ ଏ ପର୍ଯ୍ୟନ୍ତ ବହୁ ଧର୍ମର ସ୍ରୋତ ଭାରତ ବର୍ଷରେ ପ୍ରବାହିତ ହୋଇଛି ଏବଂ ଏବେ ମଧ୍ୟ ହେଉଛି ।

ଯେଉଁ ମନୀଷି ଓ ମହାପୁରୁଷମାନେ ଭାରତବର୍ଷକୁ ଅନ୍ତରର ସହ ପ୍ରେମ କରୁଥିଲେ ସେମାନେ ସୃଷ୍ଟି କରିଥିଲେ ଏହି ଭାବଗତ ଐକ୍ୟ । ପ୍ରଥମେ ବ୍ୟାସଦେବ 'ଭାରତ' ଶବ୍ଦର ବ୍ୟବହାର କରିଛନ୍ତି । ସେ କହିଛନ୍ତି ଯେ ଯେଉଁମାନେ ଭାରତରେ ଜନ୍ମଗ୍ରହଣ କରିଛନ୍ତି ସେମାନେ ଧନ୍ୟ । ତାଙ୍କପରେ ବାୟୁ ପୁରାଣରେ ଆମେ 'ଭାରତ' ଶବ୍ଦକୁ ଆଉଥରେ ଦେଖିବାକୁ ପାଉ । ସେଥିରେ କୁହାଯାଉଛି, "ତଦ୍ ବର୍ଷଂ ଭାରତଂ ନାମ, ଭାରତୀ ଯତ୍ର ସନ୍ତତିଃ" । ସେହି ଦେଶର ନାମ ଭାରତବର୍ଷ, ଯେଉଁଠି ଭାରତୀୟ ରହନ୍ତି । ବାୟୁ ପୁରାଣରେ 'ଭାରତକୁ' ପ୍ରଥମେ ଗୋଟିଏ ଦେଶ ବୋଲି କଳ୍ପନା କରାଯାଇଅଛି ଓ ତାର ଅଧିବାସୀ-ମାନଙ୍କୁ 'ଭାରତୀୟ' ବୋଲି କୁହାଯାଇଅଛି । ଗୌତମ ବୁଦ୍ଧ ତାଙ୍କ ଜୀବନର ଶେଷ ଅବସ୍ଥାରେ 'ଭାରତବର୍ଷ' ବିଷୟରେ କହିଥିଲେ, "ଚିତ୍ରମ୍ ଜମ୍ବୁଦ୍ୱୀପମ୍ ମନୋରମଂ ଜୀବିତମ୍ ମନୁଷ୍ୟାଣାଂ" । ଏ ଜମ୍ବୁଦ୍ୱୀପ ଅତି ସୁନ୍ଦର ଦେଶ ଓ ଏହାର ମନୁଷ୍ୟମାନଙ୍କର ଜୀବନ ଅତି ମନୋରମ । ବୁଦ୍ଧଦେବ ସମଗ୍ର ଭାରତକୁ ଗୋଟିଏ ଦେଶ ବୋଲି ଚିନ୍ତା କରିଛନ୍ତି ଏବଂ ସେହି ଦେଶବାସୀଙ୍କ ଜୀବନ ମନୋରମ ବୋଲି କହିଛନ୍ତି । ମନୁ ସ୍ମୃତିରେ ଭାରତ ବର୍ଷକୁ ଏକ ଆଦର୍ଶ ଦେଶରୂପେ କଳ୍ପନା କରାଯାଇଅଛି । ବିଭିନ୍ନ ଆଞ୍ଚଳିକ ଭାଷାରେ ମଧ୍ୟ କବିମାନେ ଭାରତବର୍ଷର ଜୟଗାନ କରିଛନ୍ତି । ରବୀନ୍ଦ୍ରନାଥ ଠାକୁର କହିଛନ୍ତି, "ହେମୋର ଚିତ୍ତ, ପୁଣ୍ୟ ତୀର୍ଥ ଜାଗୋରେ ଧୀରେ, ଏଇ ଭାରତେର ମହାମାନବେର ସାଗର ତୀରେ" । ସେ ଭାରତକୁ ମହାମାନବିକତାର ଜନ୍ମଭୂମି ବୋଲି କଳ୍ପନା କରିଛନ୍ତି । ଶକ୍, ହୁନ, ମୋଗଲ, ପଠାଣ—ସମସ୍ତେ ଏଠାକୁ ଆସିଛନ୍ତି, ଗୋଟିଏ ମହାସାଗର ଭିତରେ ମିଳେଇ ଯିବାକୁ । ତାମିଲ କବି ସୁବ୍ରମନ୍ୟମ୍ ମଧ୍ୟ ଭାରତକୁ ଗୋଟିଏ ଦେଶ. ଗୋଟିଏ ଜାତି ବୋଲି କହି ଭାରତମାତାର ଜୟଗାନ କରିଛନ୍ତି । ଓଡ଼ିଶାର ଶ୍ରେଷ୍ଠ କବି ରାଧାନାଥ ରାୟ 'ଭାରତ ଗୀତିକା' ରଚନା କରିଛନ୍ତି । ସେହି ସୁମଧୁର ସଙ୍ଗୀତରେ ସେ ଭାରତବର୍ଷକୁ "ସର୍ବେଷାଂ ନୋ ଜନନୀ" ବୋଲି ଅର୍ଥାତ୍ ଆମ ସମସ୍ତଙ୍କର ଜନନୀ ବୋଲି ନମସ୍କାର କରାଇଛନ୍ତି । ଏହି ଭାରତ ଆମର ଜନ୍ମଭୂମି, କର୍ମଭୂମି, ଅନ୍ନଦାତ୍ରୀ, ମୁକ୍ତିଦାତ୍ରୀ । ରାଧାନାଥ ରାୟ ଏହି କବିତା ଲେଖିଥିଲେ, ଉତ୍କଳ ସମ୍ମିଳନୀରେ ପଢ଼ାଯିବା ନିମନ୍ତେ । କିନ୍ତୁ ସେ ଉତ୍କଳ ଜନନୀ କଥା ନ ଲେଖି 'ଭାରତଜନନୀ' କଥା ଲେଖିଗଲେ । ସେ ଲେଖିଛନ୍ତି— "ଭାରତ କମଳ ଦଳମିବ ଉତ୍କଳଂ", ଅର୍ଥାତ୍ ଭାରତ ରୂପକ କମଳର ଏକ ପାଖୁଡ଼ା ଆମର ଏହି ପ୍ରିୟ ଉତ୍କଳ ଭୂମି । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଆନ୍ଦୋଳନର ଜନ୍ମ ଦିନରେ ରଚିତ ଏହି କବିତାର ମର୍ମ ଆମକୁ ଗ୍ରହଣ କରିବାକୁ ହେବ ।

ତେଣୁ ପୁରାଣ ଓ ଉପନିଷଦର କବି ଓ ଦାର୍ଶନିକ-ମାନେ ଯେଉଁ ଭାବଗତ ଐକ୍ୟ କଥା ବାରମ୍ବାର ଘୋଷଣା

କରିଛନ୍ତି, ମହାତ୍ମା ଗାନ୍ଧୀ ଓ ପଣ୍ଡିତ ନେହେରୁ ଯେଉଁ ଐକ୍ୟ ଆମ ଜୀବନ କାଳରେ ଆମକୁ ଦେଖାଇ ଓ ଶିଖାଇଦେଇ ଯାଇଛନ୍ତି ତାହାହିଁ ଆମର ଅଭିପ୍ରେତ ।

ସମ୍ବିଧାନର ଶାସନ ଆଜି ରହିଛି । ଏକ ଗଣତାନ୍ତ୍ରିକ ସୁସ୍ଥ ପରଂପରା ସୃଷ୍ଟି ହୋଇଛି ଏବଂ ଆଜି ଦେଶରେ ଏକ ଶକ୍ତିଶାଳୀ ଓ ଦୃଢ଼ ଶାସନ ପ୍ରତିଷ୍ଠିତ ହୋଇ ପାରିଛି । ଏସବୁ ସତ୍ତ୍ୱେ, ବିରାଟ ନେତୃତ୍ୱ, ସମ୍ବିଧାନର ପରମ୍ପରା, ରାଜନୈତିକ ଏକତା, ଅର୍ଥନୈତିକ ପ୍ରଗତି, ଏକ ଭାବଗତ ମିଳନର ଆବଶ୍ୟକତା ରହିଛି ।

ଆଜି ଯେଉଁମାନେ ବୁଦ୍ଧିଜୀବି, କବି, ଲେଖକ, ଦାର୍ଶନିକ ବା ବୈଜ୍ଞାନିକ, ସମସ୍ତେ ଭାରତବର୍ଷକୁ ଗୋଟିଏ ଦେଶରୂପେ କଳ୍ପନାକରି ଏହି ଦେଶକୁ ଆଗେଇ ନେବାକୁ ଦୃଢ଼ପ୍ରତିଜ୍ଞ ହେବା ଆବଶ୍ୟକ । ଏ ଦେଶ ହିନ୍ଦୁଙ୍କର, ଏ ଦେଶ ମୁସଲମାନଙ୍କର, ଏ ଦେଶ ବୌଦ୍ଧଙ୍କର, ଖ୍ରୀଷ୍ଟିଆନଙ୍କର, ଶିଖ ଓ ପାର୍ଶୀଙ୍କର ।

ଓଡ଼ିଶା ଏକ କ୍ଷୁଦ୍ର ରାଜ୍ୟ ହେଲେ ମଧ୍ୟ ଏହା ସମଗ୍ର ଦେଶର ଏକ କ୍ଷୁଦ୍ର ସଂସ୍କରଣ । ଏଠାରେ ପାହାଡ଼ ଅଛି, ନଦୀ ଅଛି, ସମୁଦ୍ର ଅଛି, ହିନ୍ଦୁ ଅଛନ୍ତି, ମୁସଲମାନ ଅଛନ୍ତି, ଖ୍ରୀଷ୍ଟିଆନ ଅଛନ୍ତି, ଓଡ଼ିଆ ଲୋକେ ନିଶ୍ଚିତ ଅଛନ୍ତି, ସବୁ ଧର୍ମର ଓ ସବୁ ଭାଷାର ଲୋକେ ଅଛନ୍ତି । ସେହିପରି ଆମେ ଯଦି ଭାରତବର୍ଷରେ ପ୍ରତ୍ୟେକ ଅଞ୍ଚଳକୁ ସେହି ସମଗ୍ରର ଏକ କ୍ଷୁଦ୍ର କିନ୍ତୁ ସଂପୂର୍ଣ୍ଣ ସଂସ୍କରଣ ବୋଲି କଳ୍ପନା କରିପାରିବା, ତାହାହେଲେ ଭାରତବର୍ଷର ଭାବଗତ ଏକତା ଓ ଜାତିଗତ ସଂହତି ସହଜରେ ସୃଷ୍ଟି ହୋଇପାରିବ ।

## ଆମ ପାଇଁ ଗର୍ବର ବିଷୟ

ବାରଣାସୀରେ ଅନୁଷ୍ଠିତ ବିଶ୍ୱ ସଂସ୍କୃତ ସମ୍ମେଳନ ଏକ ପ୍ରସ୍ତାବରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସ୍ଥାପନ ନିମନ୍ତେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଉଦ୍ୟମକୁ ଅଭିନନ୍ଦନ ଜଣାଇଛନ୍ତି ।

ଓଡ଼ିଶା ରାଜ୍ୟର ଶିକ୍ଷା ଓ ସଂସ୍କୃତିର ଚିରନ୍ତନ ପୀଠସ୍ଥଳି ପୁରୀଠାରେ ସଂସ୍କୃତ ଶିକ୍ଷାର ସଂରକ୍ଷଣ ଓ ସମ୍ବର୍ଦ୍ଧନା ଉଦ୍ଦେଶ୍ୟରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସ୍ଥାପନ ଦ୍ୱାରା ବିଶ୍ୱ ସଂସ୍କୃତ ସମ୍ମେଳନ ମହାନ୍ ଆନନ୍ଦ ଅନୁଭବ କରୁଅଛି । ଏଥିସହିତ ଏହି ସମ୍ମେଳନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ସଂସ୍କୃତପ୍ରେମୀମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ମହୋଦୟଙ୍କୁ ସାଧୁବାଦ ଓ ଧନ୍ୟବାଦ ଦ୍ୱାରା ଆନନ୍ଦର ସହିତ ଅଭିନନ୍ଦନ ଓ ସମ୍ବର୍ଦ୍ଧନା ଜଣାଉଅଛି ।

# ଆଇନଗତ ସାହାଯ୍ୟ - ଏକ ନୂତନ ସାମାଜିକ ବ୍ୟବସ୍ଥା

ଜଷ୍ଟିସ୍ ବ୍ରଜକିଶୋର ଦାସ

ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ଫଳପ୍ରଦ ଆଇନଗତ ସାହାଯ୍ୟ ଦେବାର ଆବଶ୍ୟକତା ରହିଛି ବୋଲି ଭାରତ ତଥା ଅନ୍ୟାନ୍ୟ ବହୁ ଦେଶର ଜନମତ ଦୀର୍ଘ ଦିନରୁ ସ୍ୱୀକାର କରିଛି । ଏହା ଫଳରେ ପ୍ରତ୍ୟେକ ନାଗରିକ ଯେ କୌଣସି ଆଇନଗତ ମାମଲାରେ ନିଜ ପକ୍ଷକୁ ଉପସ୍ଥାପିତ କରିବା ଲାଗି ପୂର୍ଣ୍ଣ ସୁଯୋଗ ପାଇବା ସଙ୍ଗେ ସଙ୍ଗେ ତାଙ୍କର ଶକ୍ତିଶାଳୀ ପ୍ରତିବାଦୀଙ୍କର ସମସ୍ତ ଅତ୍ୟାଚାର ବିରୋଧରେ ନିଜର ସ୍ୱାର୍ଥରକ୍ଷା ଲାଗି ସୁଯୋଗ ପାଇବେ । ଭାରତୀୟ ସଂବିଧାନରେ କେତେକ ଧାରା ଯଥା—ଧାରା ୧୪, ୨୨ ଓ ୩୮ରେ ନିଃସନ୍ଦେହରେ ନାଗରିକମାନଙ୍କୁ ପ୍ରତିଶ୍ରୁତି ଦିଆଯାଇଛି ଯେ, ବିନା ପ୍ରତିବନ୍ଧକରେ ଆଇନ ସମସ୍ତଙ୍କ ପାଇଁ ସମାନ ସୁରକ୍ଷା ଏବଂ ନିରପେକ୍ଷ ବ୍ୟବହାର ପ୍ରଦର୍ଶନ କରିବ । ଆମ ସଂବିଧାନର ସାରତତ୍ତ୍ୱ ହେଉଛି ରାଷ୍ଟ୍ର ଫଳପ୍ରଦଭାବେ ସାମାଜିକ ବ୍ୟବସ୍ଥାକୁ ହାସଲ ତଥା ସୁରକ୍ଷା କରି ଜନସାଧାରଣଙ୍କ କଲ୍ୟାଣ ସାଧନ ଦିଗରେ ବ୍ରତୀ ହେବ ଏବଂ ଏହା ଫଳରେ ଜାତୀୟ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ନ୍ୟାୟ, ସାମାଜିକ ଅର୍ଥନୀତି ତଥା ରାଜନୈତିକ ଭାବମୂର୍ତ୍ତି ପ୍ରତିଷ୍ଠା ହୋଇ ପାରିବ । ଦେଶ ବିଶେଷକରି ଆୟ କ୍ଷେତ୍ରରେ ଅସାମଞ୍ଜସ୍ୟ, ପଦବୀ କ୍ଷେତ୍ରରେ ଅସାମଞ୍ଜସ୍ୟ ଦୂର କରିବା ଦିଗରେ ବ୍ରତୀ ନ ହୋଇ କେବଳ ବ୍ୟକ୍ତି ବିଶେଷ ନୁହେଁ, ପରନ୍ତୁ ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ପାଇଁ ଅଥବା ବିଭିନ୍ନ ଧନ୍ଦାରେ ନିୟୋଜିତ ଥିବା ଲୋକମାନଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବା ଦିଗରେ ବ୍ରତୀ ହେବା ବାଂଛନୀୟ । ୧୯୭୭ ଜାନୁଆରୀ ୩ ତାରିଖ ଠାରୁ ପ୍ରବର୍ତ୍ତନ କରାଯାଇଥିବା ସଂବିଧାନର ୪୨ତମ ସଂଶୋଧନର ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା (ଧାରା ୩୯କ) ଅନୁଯାୟୀ ଯଥାଯଥ ଆଇନ ପ୍ରଣୟନ କରାଯାଇ ନତୁବା ଯୋଜନା ପ୍ରସ୍ତୁତ କରାଯାଇ ମାଗଣା ଆଇନଗତ ସାହାଯ୍ୟ ବ୍ୟବସ୍ଥା କରାଯାଇଛି । ଏହାଫଳରେ କୌଣସି ନାଗରିକଙ୍କୁ ଅର୍ଥନୈତିକ କାରଣ ଯୋଗୁଁ ବା ଅନ୍ୟ କୌଣସି ଆଇନଗତ ଅସୁବିଧା ଯୋଗୁଁ ଯଦି ନ୍ୟାୟ ମିଳୁ ନ ଥାଏ, ତେବେ ଏଭଳି ବ୍ୟବସ୍ଥା ଫଳରେ ଉପଯୁକ୍ତ ନ୍ୟାୟ ମିଳିବା ସମ୍ଭବପର ହେବ । ପରାମର୍ଶ ଗ୍ରହଣ କରିବାର ଅଧିକାର କିମ୍ବା କୌଣସି ଆଇନଜୀବୀଙ୍କ ଦ୍ୱାରା ପ୍ରତିରୋଧ କରିବା ସମ୍ବିଧାନର ୨୨ (୧) ଧାରାରେ ସ୍ୱୀକୃତ । ଏହି ଯେଉଁ ଅଧିକାରଟି ସଂପ୍ରତି ଦିଆଯାଇଛି, ତାହା ଏକ ପୁରାତନ ସାଧାରଣ ଆଇନ ନୁହେଁ, ପରନ୍ତୁ ଆଧୁନିକ ଆଇନର ଜଟିଳତା ମଧ୍ୟରେ ଏହି ଯେଉଁ ଆଧୁନିକ ସ୍ୱୀକୃତି ଦିଆଯାଇଛି, ତାହା ଫଳରେ କୌଣସି ବ୍ୟକ୍ତି ନିଜ ମାମଲାର ପ୍ରସ୍ତୁତି ତଥା ଉପସ୍ଥାପନ ପାଇଁ ଜଣେ ଆଇନଜୀବୀଙ୍କ ସାହାଯ୍ୟରେ ଅଦାଲତରେ ଉପସ୍ଥିତ ହେବା ସମ୍ଭବପର ହେଉଛି ।

ଆଇନଗତ ପରାମର୍ଶର ଆବଶ୍ୟକତା ଦୃଷ୍ଟିଭଙ୍ଗୀ ଭାରତରେ ସୀମିତ ନୁହେଁ । ବ୍ରିଟେନରେ ପୁରାତନ ସାଧାରଣ ଆଇନକୁ ପରିବର୍ତ୍ତନ କରାଯାଇ ଅନେକ-ଗୁଡ଼ିଏ ଆଇନାନୁମୋଦିତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ବ୍ରିଟେନ୍‌ରେ ଆଇନଗତ ସାହାଯ୍ୟ ୧୯୪୯ ମସିହା ପରାମର୍ଶ ଆଇନ ଏବଂ ପରେ ଏ ସଂପର୍କରେ ଆଇନ ପ୍ରଣୟନ କରାଯାଇ ଆଇନ ପରାମର୍ଶ ଦେବା ବ୍ୟବସ୍ଥା କରାଯାଇଛି । ଯୁକ୍ତରାଷ୍ଟ୍ର ଆମେରିକାରେ ଆମ ସଂବିଧାନର ମୌଳିକ ଅଧିକାର ଅନୁସରଣରେ ଆମେରିକା ସଂବିଧାନର ୬ଷ୍ଠ ସଂଶୋଧନ ଅନୁରୂପ ରୂପେ କରାଯାଇ ଜନସାଧାରଣଙ୍କୁ ଆଇନଗତ ଅଧିକାର ପ୍ରଦାନ କରାଯାଇଛି । ଆମେରିକାର ସୁପ୍ରିମ୍‌କୋର୍ଟ ସମସ୍ତ ଫୌଜଦାରୀ ମାମଲା ପାଇଁ ଆଇନଗତ ପରାମର୍ଶ ସକାଶେ ସ୍ୱୀକୃତି ଦେଇଛନ୍ତି । ଯେଉଁ କ୍ଷେତ୍ରରେ କୌଣସି ବ୍ୟକ୍ତି ବିଶେଷ ନିଜ ଉଦ୍ୟମରେ କୌଣସି ନ୍ୟାୟ ପାଇବା ପାଇଁ ଅକ୍ଷମ ହେବେ, ସେ କ୍ଷେତ୍ରରେ ମାମଲା ଆଇନଗତ ପରାମର୍ଶ ଦିଆଯାଇ ପାରିବ ବୋଲି ଜାପାନ ସଂବିଧାନରେ ସ୍ୱତନ୍ତ୍ରଭାବେ ବ୍ୟବସ୍ଥା ରହିଛି ।

ଆଇନଗତ ସାହାଯ୍ୟର ଆବଶ୍ୟକତା ଏବଂ ଏହାର କାର୍ଯ୍ୟକାରୀତା ସଂପର୍କରେ ଅନୁଧ୍ୟାନ କରିବା ଲାଗି ବମ୍ବେ ହାଇକୋର୍ଟର ତଦନୀନ୍ତନ ବିଚାରପତି ଜଷ୍ଟିସ୍ ଏଚ୍. ଏନ୍. ଭଗବତୀଙ୍କ ନିର୍ଦ୍ଦେଶ ଅନୁଯାୟୀ ବମ୍ବେ ସରକାର ୧୯୫୦ ମସିହାରେ ଏକ ଅନୁସଂଧାନ କରାଇ-ଥିଲେ । ଆଇନଗତ ସାହାଯ୍ୟ ଦେବା ଏବଂ ଏହାର କାର୍ଯ୍ୟ-କାରୀତା ସଂପର୍କରେ ଯେଉଁ ରିପୋର୍ଟ ପ୍ରସ୍ତୁତ କରାଯାଇ-ଥିଲା, ତାହା ଏକ ଗୁରୁତ୍ୱପୂର୍ଣ୍ଣ ଦଲିଲ । ଭାରତୀୟ ଆଇନ୍ କମିଶନ ତାଙ୍କର ୧୪ଶ ରିପୋର୍ଟ "୧୯୫୮ ମସିହା ବିଚାର ବିଭାଗ ପ୍ରଶାସନ ସଂସ୍କାର"ରେ ଉଲ୍ଲେଖ କରିଛନ୍ତି ଯେ ଗରିବ ପ୍ରତିବାଦୀଙ୍କୁ ଆଇନଗତ ସାହାଯ୍ୟ ଯୋଗାଇଦେବା ଏକ ବିଧିବିଧାନ ଆଇନର କ୍ଷୁଦ୍ର ସମସ୍ୟା ନୁହେଁ, ପରନ୍ତୁ ଏକ ମୌଳିକ ପ୍ରଶ୍ନ ।

୧୯୫୯ ମସିହାରେ ହୋଇଥିବା ଆନ୍ତର୍ଜାତୀୟ ବିଚାରପତି କମିଶନର ଏକ ପ୍ରସ୍ତାବରେ କୁହାଯାଇଛି ଯେ ଯଥେଷ୍ଟ ପରିମାଣରେ ଆଇନଗତ ପରାମର୍ଶ ଦେବା ଏବଂ ବିଶେଷ କରି ଯେଉଁମାନଙ୍କ ଧନ, ଜୀବନ, ସ୍ୱାଧୀନତା ଓ ସୁନାମ ସର୍ବଦା ବିପନ୍ନ ଏବଂ ତାହା ରକ୍ଷା କରିବା ନିମନ୍ତେ ସେମାନେ ଅକ୍ଷମ, ଏଭଳି ଲୋକମାନଙ୍କୁ ଆଇନଗତ ସାହାଯ୍ୟ ଯୋଗାଇ ଦେବା ରାଷ୍ଟ୍ରର କର୍ତ୍ତବ୍ୟ । ସେମାନେ 'ଯଥେଷ୍ଟ' ଶବ୍ଦକୁ ବ୍ୟାଖ୍ୟା କରିବାକୁ ଯାଇ ମତବ୍ୟକ୍ତ କରିଛନ୍ତି ଯେ ଆଇନଗତ ସାହାଯ୍ୟ ଅଥବା ଯଥାଯଥ ଯୋଗ୍ୟତା ତଥା ଅଭିଜ୍ଞତା ଥାଇ ଯେ କୌଣସି ଆଇନ-ଜୀବୀଙ୍କ ପ୍ରତିନିଧିତ୍ୱକୁ ହିଁ ବୁଝାଯିବ ।

ଭାରତୀୟ ଆଇନ କମିଶନ ୧୯୫୮ ମସିହାରେ ପ୍ରକାଶିତ ବିଚାର ବିଭାଗ ପ୍ରଶାସନ ସଂସ୍କାରେ ଉଲ୍ଲେଖ କରିଛନ୍ତି ଯେ ଗରିବ ପ୍ରତିବାଦୀଙ୍କୁ ଆଇନଗତ ସାହାଯ୍ୟ ଯୋଗାଇ ଦେବା ଏକ ବିଧିବିଧାନ ଆଇନର କ୍ଷୁଦ୍ର ସମସ୍ୟା ନୁହେଁ, ପରନ୍ତୁ ଏକ ମୌଳିକ ପ୍ରଶ୍ନ ।

ଏଥିରେ କୁହାଯାଇଛି ଯେ ଯେଉଁମାନଙ୍କ ଧନ, ଜୀବନ, ସ୍ୱାଧୀନତା ଓ ସୁନାମ ସର୍ବଦା ବିପନ୍ନ ଏବଂ ଏହା ରକ୍ଷା କରିବା ନିମନ୍ତେ ସେମାନେ ଅକ୍ଷମ, ଏଭଳି ଲୋକମାନଙ୍କୁ ଯଥେଷ୍ଟ ପରିମାଣରେ ଆଇନଗତ ସାହାଯ୍ୟ ଯୋଗାଇଦେବା ରାଷ୍ଟ୍ରର କର୍ତ୍ତବ୍ୟ ।

୧୯୬୨ ମସିହାରେ ଦିଲ୍ଲୀଠାରେ ଅନୁଷ୍ଠିତ ୩ୟ ନିଖିଳଭାରତ ଆଇନଜୀବୀ ସମ୍ମିଳନୀରେ ସାରା ଭାରତରେ ଆଇନଗତ ସାହାଯ୍ୟ କମିଟି ଗଠନ ସକାଶେ ଏକ ବ୍ୟାପକ ଜାତୀୟ କାର୍ଯ୍ୟକ୍ରମ ପ୍ରସ୍ତୁତ ଲାଗି ସୁପାରିଶ କରିବା ସଙ୍ଗେ ସଙ୍ଗେ ବ୍ୟାପକ ଆଇନଗତ ସାହାଯ୍ୟ ପରିକଳ୍ପନା କାର୍ଯ୍ୟକାରୀ କରିବା ପାଇଁ ପାଣି ଯୋଗାଇ ଦେବାକୁ ରାଜ୍ୟ ସରକାରମାନଙ୍କୁ ଅନୁରୋଧ କରିଥିଲେ । ସମାଜ ସେବା କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ଏବଂ ସୁପ୍ରିମ୍ କୋର୍ଟର ବିଚାରପତି ଜଷ୍ଟିସ୍ ପି. ଏନ୍. ଭଗବତୀଙ୍କ ନେତୃତ୍ୱରେ ଏହି କମିଟି ୧୯୭୭ ଅଗଷ୍ଟ ମାସରେ ଯେଉଁ ରିପୋର୍ଟ ଦେଇଥିଲେ, ତାହା ଅଦ୍ୟାବଧି କାର୍ଯ୍ୟକାରୀ କରିବା ସକାଶେ ଭାରତ ସରକାରଙ୍କ ବିଚାରାଧୀନ ରହିଛି । ନିକଟରେ ସଂବାଦପତ୍ର ରିପୋର୍ଟରୁ ଜଣାଯାଏ ଆଇନ ମନ୍ତ୍ରୀ ମିଷ୍ଟର ଶିବ ଶଙ୍କର ରାଜ୍ୟ ସଭାରେ ଘୋଷଣା କରିଥିଲେ ଯେ ଆଇନଗତ ସାହାଯ୍ୟ ଉଦ୍ଦେଶ୍ୟରେ ଯଥେଷ୍ଟ ପରିମାଣର ପାଣ୍ଠିର ବ୍ୟବସ୍ଥା କରାଯାଇଛି । ଯଥେଷ୍ଟ ପରିମାଣର ପାଣ୍ଠି ବ୍ୟବସ୍ଥା କରାଯାଇ ନ ପାରିଲେ, ସଂବିଧାନର ୩୯ କ ଧାରାରେ ଯେଉଁ ସର୍ବଶେଷ ପ୍ରତିଶ୍ରୁତି ଦିଆଯାଇଛି, ତାହା ପୂରଣ ହୋଇ ପାରିବ ନାହିଁ । ସଂବିଧାନର ଉପରୋକ୍ତ ଧାରାରେ କୁହାଯାଇଛି ଯେ, ସମାନ ସୁବିଧା ସୁଯୋଗ ଭିତ୍ତିରେ ନ୍ୟାୟ ମିଳିବା ଦିଗରେ ଆଇନଗତ ବ୍ୟବସ୍ଥା ଏବଂ ଅର୍ଥନୈତିକ କିମ୍ବା ଅନ୍ୟାନ୍ୟ ଅସୁବିଧା ଯୋଗୁଁ ଯେପରି କୌଣସି , ନାଗରିକ ଉପଯୁକ୍ତ ନ୍ୟାୟ ପାଇବାରୁ ବଞ୍ଚିତ ନ ହୁଅନ୍ତି ସେଥି ନିମନ୍ତେ ବିଶେଷ-କରି ମାଗଣାରେ ଆଇନଗତ ସାହାଯ୍ୟ ବ୍ୟବସ୍ଥା କରିବା ଦିଗରେ ରାଜ୍ୟ ଧ୍ୟାନ ଦେବେ ।

ସମ୍ବିଧାନ ପ୍ରସ୍ତାବରେ ଧାରା ୩୯ କ ରୂପରେଖ ନେବା ବହୁ ପୂର୍ବରୁ ଭାରତର ନ୍ୟାୟାଧୀଶ ତଥା ସମାଜସେବୀଙ୍କ ମନରେ ସାମାଜିକ ନ୍ୟାୟ ପାଇଁ ଆଇନଗତ ସାହାଯ୍ୟ ଦେବା ପ୍ରଶ୍ନ ଉଙ୍କି ମାରିଥିଲା । ଯେଉଁମାନଙ୍କର ଫୌଜଦାରୀ ମାମଲା ଲଢ଼ିବା ପାଇଁ ଯଥେଷ୍ଟ ସମ୍ବଳ ନ ଥିଲା କିମ୍ବା ଯେଉଁ-ମାନେ ସେମାନେ ସଂପତ୍ତିଗତ ଅଧିକାରର ନିରାପତ୍ତା ପାଇଁ ଯଥେଷ୍ଟ ଆର୍ଥିକ ସମ୍ବଳର ବ୍ୟବସ୍ଥା କରିପାରୁ ନ ଥିଲେ ସେମାନଙ୍କୁ ମାଗଣାରେ ଆଇନଗତ ସାହାଯ୍ୟ ଯୋଗାଇ ଦେବା ଲାଗି ଭାରତର ପ୍ରାୟ ସବୁ ରାଜ୍ୟରେ ଆଇନ ପ୍ରଣୟନ କରା ଯାଇଥିଲା । ଏହାଛଡ଼ା ଫୌଜଦାରୀ ତଥା ଦେୱାନୀ ମାମଲାରେ ଦୁଃସ୍ଥ ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ଦୁର୍ଦ୍ଦଶାଗ୍ରସ୍ତ ପକ୍ଷ ଏବଂ ଏଭଳି ସାହାଯ୍ୟ ଆବଶ୍ୟକ କରୁଥିବା ପକ୍ଷକୁ ଆବଶ୍ୟକ ଆଇନଗତ ସାହାଯ୍ୟ ଦେବା ପାଇଁ ସୁପ୍ରିମ କୋର୍ଟ ତଥା ହାଇକୋର୍ଟ-ମାନେ ଆଦେଶନାମା ଦେଇଛନ୍ତି ।

ଓଡ଼ିଶା ସରକାର ସଂପ୍ରତି ଏହି ଆଇନଗତ ସାହାଯ୍ୟ କାର୍ଯ୍ୟକ୍ରମକୁ ବ୍ୟାପକତର କରିବା ପାଇଁ ଅଭିଯାନ ଚଳାଇ-

ଛନ୍ତି । ଏହା ଫଳରେ କୌଣସି ବ୍ୟକ୍ତି ବିଶେଷ ଯେପରି ତାଙ୍କର ସାମାଜିକ ତଥା ଅର୍ଥନୈତିକ ଅନଗ୍ରସରତା ସତ୍ତ୍ୱେ ଯଥାଯଥ ନ୍ୟାୟ ପାଇବାରୁ ବଞ୍ଚିତ ନ ହୁଅନ୍ତି, ସେଥି-ନିମନ୍ତେ ଆମ ସମ୍ବିଧାନର ବ୍ୟବସ୍ଥା ମତେ କାର୍ଯ୍ୟ ସଂପାଦନ କରିବା ।

୧୯୮୧ ମାର୍ଚ୍ଚ ୯ ତାରିଖ ଦିନ ଓଡ଼ିଶା ସରକାରଙ୍କ ଆଇନ ବିଭାଗ ଅସହାୟ ବ୍ୟକ୍ତିଙ୍କୁ ଆଇନଗତ ସାହାଯ୍ୟ ଯୋଗାଇ ଦେବା ଏବଂ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଯଥାଯଥ ପଦ୍ଧତି ନିରୂପଣ କରିବା ଲାଗି ଗୋଟିଏ କମିଟି ଗଠନ ନିମନ୍ତେ ପ୍ରସ୍ତାବ ଗ୍ରହଣ କଲେ । ଓଡ଼ିଶା ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟି ୧୯୮୧ ମସିହା ଓଡ଼ିଶା ଆଇନଗତ ସାହାଯ୍ୟ ଓ ପରାମର୍ଶ କାର୍ଯ୍ୟକ୍ରମ ପ୍ରସ୍ତୁତ କଲେ ଓ ଏହା ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହେଲା । ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ସଭାପତିତ୍ୱରେ ଏକ ୨୦ ଜଣିଆ ସଭ୍ୟ ବିଶିଷ୍ଟ ବୋର୍ଡ ଗଠନ କରାଗଲା । ଆଇନଗତ ସାହାଯ୍ୟ ପରିକଳ୍ପନା କାର୍ଯ୍ୟକାରୀ କରିବା ଲାଗି ଗଠିତ କେନ୍ଦ୍ରୀୟ କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ପି. ଏନ୍. ଭଗବତୀଙ୍କୁ ଉକ୍ତ କମିଟିରେ ଜଣେ ସଦସ୍ୟ ରୂପେ ଗ୍ରହଣ କରାଗଲା । ଏହି ଯୋଜନା ଅନୁଯାୟୀ ସେ ଓଡ଼ିଶା ହାଇକୋର୍ଟର ଜଣେ ବିଚାରପତିଙ୍କୁ କମିଟିର କାର୍ଯ୍ୟକାରୀ ଚେୟାରମ୍ୟାନ ରୂପେ ମନୋନୀତ କରିଥିଲେ । ସେ ଡକ୍ଟର ଜଷ୍ଟିସ୍ ବି. ଏନ୍. ମିଶ୍ରଙ୍କୁ କାର୍ଯ୍ୟକାରୀ ଚେୟାରମ୍ୟାନ ରୂପେ ମନୋନୀତ କରିଥିଲେ । ଏହି କମିଟିରେ ଅନ୍ୟ ଯେଉଁ-ମାନଙ୍କୁ ସଦସ୍ୟଭାବେ ଗ୍ରହଣ କରାଗଲା, ସେମାନେ ହେଲେ ଆଇନମନ୍ତ୍ରୀ, ଆଡ୍‌ଭୋକେଟ-ଜେନେରାଲ, ଆଇନ, ଅର୍ଥ, ସ୍ୱରାଷ୍ଟ୍ର, ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗର ଶାସନ ସଚିବ, ରାଜ୍ୟ ବାର କାଉନ୍‌ସିଲର ଚେୟାରମ୍ୟାନ, ହାଇକୋର୍ଟ ବାର ଆସୋସିଏସନର ସଭାପତି, ଜଣେ ପାର୍ଲିଆମେଣ୍ଟ ସଦସ୍ୟ ଓ ଜଣେ ରାଜ୍ୟ ବିଧାନ ସଭା ସଦସ୍ୟ, ହାଇକୋର୍ଟର ଜଣେ ଅବସର ପ୍ରାପ୍ତ ବିଚାରପତି, ଆଇନ ବ୍ୟବସାୟ କରୁଥିବା ବ୍ୟକ୍ତିମାନଙ୍କ ଦୁଇ ଜଣ ପ୍ରତିନିଧି, ଓଡ଼ିଶା ସରକାରଙ୍କ ଦ୍ୱାରା ମନୋନୀତ ଜଣେ ମହିଳା ପ୍ରତିନିଧି, ହରିଜନ ତଥା ଆଦିବାସୀ ସଂପ୍ରଦାୟରୁ ଜଣେ ଲେଖାଏଁ ପ୍ରତିନିଧି, ସରକାରଙ୍କ ଦ୍ୱାରା ମନୋନୀତ ଜଣେ ଆଇନ ପ୍ରଫେସର । ଏହାଛଡ଼ା ଜଣେ ଜିଲ୍ଲା ଜଜ୍ ପାହ୍ୟାର ଲୋକ ଉକ୍ତ କମିଟିର ସଭ୍ୟ ତଥା ସେକ୍ରେଟାରୀ ରୂପେ ଦାୟିତ୍ୱ ସଂପାଦନ କରିବେ ।

ପରିକଳ୍ପନା ଅନୁଯାୟୀ ଗଠନ କରାଯାଇଥିବା କାର୍ଯ୍ୟକାରୀ କମିଟି ଓ ଉପଦେଷ୍ଟା ପରିଷଦରେ ଆଇନ-ଗତ ସାହାଯ୍ୟ ପରିକଳ୍ପନାର ସପରିଚାଳନା ଦିଗରେ ସାହାଯ୍ୟ ଓ ପରାମର୍ଶ ଦେବା ଲାଗି ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ବିଚାରପତିଙ୍କୁ ସଦସ୍ୟଭାବେ ଗ୍ରହଣ କରାଯାଇଛି । ଯୋଜନାର ଯଥାଯଥ କାର୍ଯ୍ୟ ସଂପାଦନରେ ସାହାଯ୍ୟ କରିବା ଲାଗି ଜିଲ୍ଲା ଠାରୁ ତହସିଲ ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ବିଭିନ୍ନ କମିଟିମାନ ଗଠନ କରାଯାଇଛି । ଯୋଜନା ଯେପରି ସୁଷ୍ଠୁ ରୂପେ କାର୍ଯ୍ୟକାରୀ ହୁଏ, ସେଥି ନିମନ୍ତେ ଏକ ସୁବିସ୍ତୃତ କାର୍ଯ୍ୟପଦ୍ଧତି ପ୍ରସ୍ତୁତ କରାଯାଇଛି । ଏହି ଯୋଜନାର ସଫଳ ରୂପାୟନ ନିମନ୍ତେ ଆବଶ୍ୟକ ଆର୍ଥିକ ସାହାଯ୍ୟ ଯୋଗାଇ ଦେବା ଲାଗି ସରକାର ପ୍ରତିଶ୍ରୁତିବଦ୍ଧ ।

ଉପରୋକ୍ତ କାର୍ଯ୍ୟ ସଂପାଦନ କରାଯିବା ପରେ ଯେଉଁ ବ୍ୟକ୍ତି ବିଶେଷଙ୍କ ପାଇଁ ପ୍ରକୃତରେ ଏଭଳି ସେବା ଆବଶ୍ୟକ, ସେମାନଙ୍କ ଉପକାର ପାଇଁ ଏହା କେତେଦୂର କାର୍ଯ୍ୟକାରୀ କରାଯାଇପାରିବ, ତାହାହିଁ ମୁଖ୍ୟ ପ୍ରଶ୍ନ । ଏହା ଧ୍ରୁବ ସତ୍ୟ ଯେ ନିରବଚ୍ଛିନ୍ନ ଭାବେ ଅନେକ ପରିବାର ମାଲିମୋକଦ୍ଦମାରେ ଲିପ୍ତ ରହି ସଂପୂର୍ଣ୍ଣ ଭାବେ ନଷ୍ଟ ତଥା ଆଶ୍ରୟହୀନ ହୋଇଯାଇଛନ୍ତି ।

ଏହା ଏକ ସାଧାରଣ କଥା ଯେ ଦେଓ୍ୱାନୀ, ଫୌଜଦାରୀ ଭଳି ବିଭିନ୍ନ ଧରଣର ବହୁ ସଂଖ୍ୟକ ମୋକଦ୍ଦମା ବିଚାର ନିମନ୍ତେ ହାଇକୋର୍ଟ, ସୁପ୍ରିମକୋର୍ଟ ଓ ଅନ୍ୟାନ୍ୟ ଅଦାଲତରେ ପଡ଼ି ରହିଛି । ଏପରିକି ଆପୋଷ ମିଳାମିଶା ପାଇଁ ଆନ୍ତରିକ ଉଦ୍ୟମ କରାଯାଉଛି । ବହୁ ସଂଖ୍ୟକ ମାମଲା ଗାଁରେ ସମାଧାନ କରାଯାଇ ପାରିବ । ଅନେକ ରାଜ୍ୟରେ ପଞ୍ଚାୟତ କୋର୍ଟ ଗଠନ କରାଯାଇଛି ଓ ତାହା ଅତ୍ୟନ୍ତ ସନ୍ତୋଷଜନକ ଭାବେ କାର୍ଯ୍ୟ ସଂପାଦନ କରୁଛି । ପଞ୍ଚାୟତ କୋର୍ଟ ସ୍ଥାପନ କରାଯାଇ ଅଥବା କୌଣସି ମଧ୍ୟସ୍ଥି ବ୍ୟକ୍ତିଙ୍କ ଜରିଆରେ ଆପୋଷ ମିଳାମିଶା ଭିତ୍ତିରେ ଯେ କୌଣସି ମୂଲ୍ୟର ସଂପତ୍ତିଜନିତ ଦେଓ୍ୱାନୀ ମୋକଦ୍ଦମା ଗ୍ରାମାଞ୍ଚଳରେ ସମାଧାନ କରାଯିବା ନିମନ୍ତେ ଉଦ୍ୟମ ହେବା ବାଞ୍ଛନୀୟ । ଏହା ଫଳରେ ଉଭୟ ପକ୍ଷ ମଧ୍ୟରେ ଏକ ସ୍ଥାୟୀ ସଦ୍‌ଭାବ ପୁନଃ ପ୍ରତିଷ୍ଠା କରାଯାଇ-ପାରିବ । ସେଭଳି ଛୋଟ ଧରଣର ଫୌଜଦାରୀ ମୋକଦ୍ଦମା କୋର୍ଟ ସଂପୃକ୍ତ ଅଦାଲତର ଅନୁମତିକ୍ରମେ ଯଦି ସମାଧାନ କରାଯାଏ, ତେବେ ଫୌଜଦାରୀ ଅଦାଲତର ମୋକଦ୍ଦମା ସଂଖ୍ୟା ଅନେକ ପରିମାଣରେ ହ୍ରାସ କରା-ଯାଇ ପାରିବ । ଯଦି ସ୍ୱେଚ୍ଛାକୃତ ମନୋଭାବ ନେଇ କେତେକ ଆଇନଜୀବୀ ଏ ଦିଗରେ ଆନ୍ତରିକ ସେବା ନିମନ୍ତେ ଆଗଭର ହୁଅନ୍ତେ, ତେବେ ସବୁସ୍ତରର କୋର୍ଟ ଗୁଡ଼ିକରେ ବିଚାରାଧୀନ ଥିବା ମାମଲା ଅନେକ ପରିମାଣରେ ହ୍ରାସ ପାଆନ୍ତା । କେତେକ ଅଦାଲତ ଯଦି ବିଭିନ୍ନ ସ୍ଥାନରେ ଅସ୍ଥାୟୀ ଶିବିର ସ୍ଥାପନ କରି ଉଭୟ ପକ୍ଷର ମତ ଅନୁଯାୟୀ ମୋକଦ୍ଦମା ଫଏସଲା କରନ୍ତି, ତେବେ ଅନେକ ମାମଲା ଫଏସଲା ହୋଇ ପାରନ୍ତା । ଏ ସବୁ ବ୍ୟବସ୍ଥା ଦ୍ୱାରା ଯେ କେବଳ ଅନେକଗୁଡ଼ିଏ ବାକିଆ ମାମଲା ସମାଧାନ ହୁଅନ୍ତା ତା' ନୁହେଁ, ଅପର ପକ୍ଷେ ଗ୍ରାମାଞ୍ଚଳରେ ଭୟ ଓ ଅବିଶ୍ୱାସ ଯୋଗୁଁ ସଂପ୍ରତି ନଷ୍ଟ ହୋଇ ଯାଇଥିବା ସଦିଚ୍ଛା ଓ ଶାନ୍ତିର ବାତାବରଣ ପୁନଃ ପ୍ରତିଷ୍ଠା ହୋଇପାରନ୍ତା ।

ଆଇନଗତ ସାହାଯ୍ୟ କାର୍ଯ୍ୟକ୍ରମ ଯଦି ଫଳପ୍ରଦଭାବେ କାର୍ଯ୍ୟକାରୀ ହୁଏ, ତେବେ ଏକ ନୂତନ ସାମାଜିକ ବ୍ୟବସ୍ଥା ପ୍ରତିଷ୍ଠିତ ହେବା ସଂଗେ ସଂଗେ ଦେଶର ସାମାଜିକ ତଥା ଅର୍ଥନୈତିକ ଅବସ୍ଥାର କ୍ରମ ପରିବର୍ତ୍ତନ ଅବଶ୍ୟମ୍ଭାବୀ । ଆଇନଗତ ସାହାଯ୍ୟ ସଂପର୍କିତ ପୁସ୍ତିକା ଯଦି ଜନ-ସାଧାରଣଙ୍କୁ ଯୋଗାଇ ଦିଆଯାଏ, ତେବେ ସେମାନେ ନିଜର ଅଧିକାର ତଥା କର୍ତ୍ତବ୍ୟ ସଂପର୍କରେ ମଧ୍ୟ ସଚେତନ ହୋଇପାରିବେ ।

# ଓଡ଼ିଶାରେ ଆଗୁଆ ଫସଲ ବୀମା ଯୋଜନା

**ଶ୍ରୀ ବାସୁଦେବ ମହାପାତ୍ର**
କୃଷି ଓ ସମବାୟ ମନ୍ତ୍ରୀ

> ଓଡ଼ିଶାର ଚାଷୀମାନଙ୍କୁ ଅନିଶ୍ଚିତ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିବା ପାଇଁ ଦେଶରେ "ଫସଲ ବୀମା ଯୋଜନା" ପ୍ରବର୍ତ୍ତନ କରା ଯାଉଅଛି । ଚଳିତବର୍ଷ କେବଳ ୧୫ଟି ବ୍ଲକରେ ଏହା କାର୍ଯ୍ୟକାରୀ ହୋଇ ଚାଷୀମାନଙ୍କ ମନରେ ପ୍ରବଳ ଉତ୍ସାହ ସୃଷ୍ଟି କରିଛି । ଓଡ଼ିଶାର ଅନ୍ୟ ଅଞ୍ଚଳର ଚାଷୀମାନେ କ୍ରମଶଃ ଏହି ଯୋଜନାର ଉପକାର ଲାଭ କରି ପାରିବେ । ରାଜ୍ୟ 'କୃଷି ପ୍ରଗତି' କ୍ଷେତ୍ରରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ।

ଓଡ଼ିଶାର ଅଧିକାଂଶ ଚାଷ ଜମି ଅଣଜଳସେଚିତ ପୁଣି, ମୌସୁମୀ ବର୍ଷା ଅନିଶ୍ଚିତ ହୋଇଥିବାରୁ ଅନାବୃଷ୍ଟି କିମ୍ବା ଅତିବୃଷ୍ଟି ଯୋଗୁ ପ୍ରତିବର୍ଷ କୌଣସି ନା କୌଣସି ଅଞ୍ଚଳରେ ଫସଲ ନଷ୍ଟ ହେବାର ସମ୍ଭାବନା ଲାଗି ରହିଛି । ଏହା ବାଦ୍ ବାତ୍ୟା ଯୋଗୁଁ ବେଳେ ବେଳେ ଫସଲ ନଷ୍ଟ ହେବାର ମଧ୍ୟ ଯଥେଷ୍ଟ ଦୃଷ୍ଟାନ୍ତ ରହିଛି । ମାତ୍ର, ଓଡ଼ିଶାରେ ଅଧିକାଂଶ ଚାଷୀ ଛୋଟ ଚାଷୀ ଏଭଳି ବିପର୍ଯ୍ୟୟର ସମ୍ମୁଖୀନ ହୋଇ ସେମାନେ ପ୍ରାୟତଃ ତଳିତକାନ୍ତ ହୋଇ ଯାଉଛନ୍ତି । ତେଣୁ, ଦେଶ ସ୍ୱାଧୀନ ହେବା ପରଠାରୁ, ଚାଷୀମାନଙ୍କୁ ଏଭଳି ଅନିଶ୍ଚିତ ବିପର୍ଯ୍ୟୟରୁ ରକ୍ଷା କରିବା ପାଇଁ ଦେଶରେ-- ଫସଲ ବୀମା ଯୋଜନା (Crop Insurance Scheme) ପ୍ରବର୍ତ୍ତନ ନିମିତ୍ତ ଅନୁମୋଦନ କରାଯାଉଛି । ୧୯୪୭ ମସିହାରେ ତତ୍କାଳୀନ କେନ୍ଦ୍ର କୃଷି ଓ ଖାଦ୍ୟ ମନ୍ତ୍ରୀ ଡାଃ ରାଜେନ୍ଦ୍ର ପ୍ରସାଦ, ଦେଶରେ ଫସଲ ବୀମା ଯୋଜନା ପ୍ରବର୍ତ୍ତନ କରି ଏହାର ଫଳାଫଳ ପରୀକ୍ଷା କରି ଦେଖିବା ପାଇଁ ପରାମର୍ଶ ଦେଇଥିଲେ ।

୧୯୬୮-୬୯ ମସିହା ପର୍ଯ୍ୟନ୍ତ ଏ ଦିଗରେ କୌଣସି ଅଗ୍ରଗତି ହୋଇ ନ ଥିଲା । ମାତ୍ର ୧୯୬୮-୬୯ ମସିହା ଖରିଫ୍ ଋତୁରୁ ଭାରତୀୟ ସାଧାରଣ ବୀମା ନିଗମ ( General ଫସଲ Insurance Corporation of India ) ବୀମା ଯୋଜନାକୁ ଏକ ଆଗୁଆ ଯୋଜନା ଭାବେ ୨-୩ ବର୍ଷ ପାଇଁ କାର୍ଯ୍ୟକାରୀ କରିବା ସକାଶେ ପଦକ୍ଷେପ ନେଇଛନ୍ତି ଓ ତାମିଲନାଡୁ, ଗୁଜୁରାଟ ଏବଂ ପଶ୍ଚିମ ବଙ୍ଗରେ ସଂପ୍ରତି ଏଭଳି ଆଗୁଆ ଫସଲ ବୀମା ଯୋଜନା ( Pilot Crop Insurance Scheme ) କାର୍ଯ୍ୟକାରୀ ହେଉଛି । ଓଡ଼ିଶାରେ ୧୯୮୧ ମସିହା ଖରିଫ୍ ଋତୁଠାରୁ ଆସନ୍ତା ୨-୩ ବର୍ଷ ପାଇଁ ଏକ ଆଗୁଆ ଫସଲ ବୀମା ଯୋଜନା କାର୍ଯ୍ୟକାରୀ କରିବା ନିମନ୍ତେ ରାଜ୍ୟ ସରକାର, ଭାରତୀୟ ସାଧାରଣ ବୀମା ନିଗମ ଓ କେନ୍ଦ୍ର ସରକାରଙ୍କ ସହିତ ନିଷ୍ପତ୍ତି କରି ସାରିଛନ୍ତି ।

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଫସଲ ବୀମା ଯୋଜନାର ମୁଖ୍ୟ ଆକର୍ଷଣଗୁଡ଼ିକ ହେଲା—

(କ) ସମଭାବାପନ୍ନ ଅଞ୍ଚଳ କାର୍ଯ୍ୟକ୍ରମ— ସାଧାରଣତଃ ଫସଲ ବୀମା ଯୋଜନା ଅନ୍ତର୍ଗତ ଚାଷୀ, ତାର ସାଧାରଣ ଅମଳ ( Normal output ) ଠାରୁ ବର୍ଷକୁ ଯାହା କିଛି କମ୍ ଅମଳ ପାଏ ବୀମା ଯୋଜନା ମାଧ୍ୟମରେ ଏହି ପରିମାଣକୁ ସଂପୂର୍ଣ୍ଣ କିମ୍ବା ଏହାର କିୟଦଂଶ ପୂରଣ କରାଯାଇଥାଏ । ପ୍ରତ୍ୟେକ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ସାଧାରଣ ଅମଳ (ଚାଷୀର ଗତ ଦଶ ବର୍ଷର ହାରାହାରି ଅମଳ ପରିମାଣ) ନିର୍ଣ୍ଣୟ କରାଗଲେ, ସେହି ଅନୁସାରେ ପ୍ରତ୍ୟେକ ଚାଷୀଙ୍କ ପାଇଁ ପ୍ରିମିୟମ୍ ହାର ମଧ୍ୟ ନିର୍ଣ୍ଣୟ କରିବାକୁ ପଡ଼ିଥାଏ । ପ୍ରତିବର୍ଷ ଗୋଟିଏ ବଡ଼ ଅନ୍ତର ପ୍ରତ୍ୟେକ ଚାଷୀଙ୍କ ପାଇଁ ଉଭୟ ସାଧାରଣ ଅମଳ ପରିମାଣ ଓ ପ୍ରିମିୟମ ନିର୍ଣ୍ଣୟ କରିବା ଯେତିକି ସମୟସାପେକ୍ଷ ସେତିକି ଅଦରକାରୀ ବ୍ୟୟ-ବହୁଳ । ତେଣୁ, ୧୯୬୮-୬୯ ମସିହାଠାରୁ ସମଭାବା-ପନ୍ନ ଅଂଚଳ କାର୍ଯ୍ୟକ୍ରମ ( Homogenous Area

Approach ) ଗ୍ରହଣ କରାଯାଇ, ଗୋଟିଏ ବ୍ଲକ୍‌ର ସାଧାରଣ ଅମଳ ଭିତ୍ତିରେ, ଚାଷୀଙ୍କ ପାଇଁ ପ୍ରିମିୟମ ସ୍ଥିର କରାଯାଇଛି ଓ ଚାଷୀଙ୍କ ପାଇଁ ବାର୍ଷିକ ଅମଳ ପରିମାଣ ମଧ୍ୟ ବ୍ଲକ୍‌ର ମୋଟାମୋଟି ଅମଳ ଭିତ୍ତିରେ ସ୍ଥିର କରାଯାଇଛି, ଫଳରେ, ବ୍ଲକ୍‌ର ପ୍ରତ୍ୟେକ ଚାଷୀଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ଫସଲର ପ୍ରିମିୟମ ଏବଂ କ୍ଷତିପୂରଣ ମଧ୍ୟ ସମାନ ହୋଇ ପାରୁଛି ।

ଚଳିତ ବର୍ଷର ଖରିଫ୍ ଋତୁଠାରୁ ରାଜ୍ୟର ନିମ୍ନ ଲିଖିତ ୧୫ଟି ବ୍ଲକ୍‌ରେ "ଆଗୁଆ ଫସଲ ବୀମା ଯୋଜନା" କାର୍ଯ୍ୟକାରୀ ହେଉଅଛି ।

| ଜିଲ୍ଲାର ନାମ | ବ୍ଲକ୍‌ର ନାମ |
|---|---|
| ୧ । ବାଲେଶ୍ୱର | ୧ । ନୀଳଗିରି |
| | ୨ । ବସ୍ତା |
| | ୩ । ଜଳେଶ୍ୱର |
| ୨ । ବଲାଙ୍ଗିର | ୪ । ଟେଣ୍ଟୁଲିଖୁଣ୍ଟି |
| ୩ । ଗଞ୍ଜାମ | ୫ । ଖଲିକୋଟ |
| ୪ । କଳାହାଣ୍ଡି | ୬ । ନୂଆପଡ଼ା |
| ୫ । କେନ୍ଦୁଝର | ୭ । ଝୁମ୍ପୁରା |
| ୬ । କୋରାପୁଟ | ୮ । ଗୁଡ଼ାରି |
| | ୯ । ପାପଡ଼ାହାଣ୍ଡି |
| | ୧୦ । ଗୁଣୁପୁର |
| ୭ । ମୟୂରଭଞ୍ଜ | ୧୧ । ବିଜାଟୋଲା (ବିଶୋଇ-୨) |
| ୮ । ଫୁଲବାଣୀ | ୧୨ । ନୂଆଗାଁ |
| ୯ । ପୁରୀ | ୧୩ । ଟାଙ୍ଗୀ |
| | ୧୪ । ବେଗୁନିଆ |
| ୧୦ । ସୁନ୍ଦରଗଡ଼ | ୧୫ । ଟାଙ୍ଗରପାଲି |

(ଖ) ଫସଲ ଋଣ ବୀମା—( Crop Loan Insurance )—ଗୋଟିଏ ବ୍ଲକ୍‌ର ପ୍ରତ୍ୟେକ ଚାଷୀଙ୍କ ପାଇଁ ପ୍ରିମିୟମ ପରିମାଣ ନିର୍ଦ୍ଦିଷ୍ଟ ପରିମିତ ଜମି ପାଇଁ ସମାନ ହେଲେ ମଧ୍ୟ, ଜଣେ ଚାଷୀ କେତେ ଟଙ୍କା ପାଇଁ ବୀମା କରି ପାରିବେ ତାହା ସମବାୟ ସମିତି ମାଧ୍ୟମରେ ଚାଷୀ ନେଇଥିବା ଋଣ ଓ ଏହାର ସୁଧ ଅନୁଯାୟୀ ନିର୍ଦ୍ଧାରଣ କରାଯିବ । ଏହି ପରିମାଣ, ଚାଷୀଙ୍କୁ ନିର୍ଦ୍ଦିଷ୍ଟ ଫସଲ ପାଇଁ ଅନୁମୋଦିତ ସର୍ବୋଚ୍ଚ ଋଣ ପରିମାଣ କିମ୍ବା ୨୦୦୦ ଟଙ୍କା ବା ଫସଲ ଋଣର ଶତକଡ଼ା ୧୧୦ ଭାଗରୁ ଯେଉଁଟି କମ୍, ତା'ଠାରୁ ଅଧିକ ହେବ ନାହିଁ ।

କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ଆବଶ୍ୟକୀୟ ପ୍ରିମିୟମରେ ଶତକଡ଼ା ୫୦ ଭାଗ ବା ଅର୍ଦ୍ଧେକ ବହନ କରିବେ ଏବଂ ବାକୀ ଅର୍ଦ୍ଧେକ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ସମାନ ସମାନ ଅନୁପାତରେ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା ପାଣ୍ଠିରୁ ବହନ କରିବେ ।

(ଗ) ସମୂହ ବୀମା—( Group Insurance ) ସମୂହ ବୀମା କାର୍ଯ୍ୟକ୍ରମ ନିୟମାନୁସାରେ ଫସଲ ବୀମା ଯୋଜନା କାର୍ଯ୍ୟକାରୀ ହେବ । କୌଣସି ଚାଷୀକୁ ବୀମାର ପଲିସି ( Policy ) ନ ଦେଇ, ସଂପୃକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କକୁ ସମୂହ ବୀମା ପଲିସି ଦିଆଯିବ । ଚାଷୀ—ସଭ୍ୟମାନଙ୍କ ତରଫରୁ, କେନ୍ଦ୍ର ସମବାୟ ବ୍ୟାଙ୍କ ଫସଲ ବୀମା ଯୋଜନା ଚଳାଇବେ ଏବଂ କେବଳ ଇଚ୍ଛୁକ ଚାଷୀଙ୍କୁ ବୀମା ଯୋଜନାର ଅନ୍ତର୍ଭୁକ୍ତ କରିବା ସଙ୍ଗେ ସଙ୍ଗେ, ଚାଷୀଙ୍କଠାରୁ ପ୍ରିମିୟମ ସଂଗ୍ରହ କରି ଜମା ଦେବେ ଓ ଆବଶ୍ୟକ ସ୍ଥଳେ ଚାଷୀଙ୍କୁ କ୍ଷତିପୂରଣ ମଧ୍ୟ ବଣ୍ଟନ କରିବେ ।

(ଘ) ରାଜ୍ୟ ସରକାର ବୀମା ଯୋଜନାର ସହ ବୀମାକାରୀ—ଓଡ଼ିଶା ସରକାର ଫସଲ ବୀମା ଯୋଜନାର ଶତକଡ଼ା ୨୫ ଭାଗ ପ୍ରିମିୟମ ଏବଂ କ୍ଷତିପୂରଣ ବହନ କରି, ସହ ବୀମାକାରୀ ( Co-Insurance ) ଭାବେ ଅଂଶ ଗ୍ରହଣ କରିବେ, ଅବଶିଷ୍ଟ ଶତକଡ଼ା ୭୫ଭାଗ ଭାରତୀୟ ବୀମା ନିଗମ ବହନ କରିବେ । ରାଜ୍ୟ ସରକାର, "ଓଡ଼ିଶା ରାଜ୍ୟ ଫସଲ ବୀମା ପାଣ୍ଠି" ମାଧ୍ୟମରେ ଏହି ଯୋଜନାକୁ କାର୍ଯ୍ୟକାରୀ କରୁଛନ୍ତି ।

(ଙ) ଭରଣା କରାଯାଉଥିବା କ୍ଷୟକ୍ଷତି—( Risk Covered )—ନିମ୍ନଲିଖିତ ଅପରିହାର୍ଯ୍ୟ କାରଣରୁ ଫସଲ ନଷ୍ଟ ହେଲେ କିମ୍ବା ସାଧାରଣ ଅମଳ ପରିମାଣ ଠାରୁ କମ୍ ଅମଳ ମିଳିଲେ ଫସଲ ବୀମା ତରଫରୁ କ୍ଷତିପୂରଣ ଦିଆଯିବ ।

୧ । ମରୁଡ଼ି, ବନ୍ୟା, ବରଫପାତ ଏବଂ ବାତ୍ୟା

୨ । ପୋକ ଉପଦ୍ରବ

୩ । ରୋଗ ଉପଦ୍ରବ

୪ । ଦଙ୍ଗା ଏବଂ ଧର୍ମଘଟ

ଯୁଦ୍ଧ କିମ୍ବା ପରମାଣୁଜନିତ କ୍ଷତି ପାଇଁ ବୀମା ନିଗମ ଦାୟୀ ହେବେ ନାହିଁ ।

ଫସଲ ବୀମା ଯୋଜନାରୁ ଚାଷୀ ସଂପୂର୍ଣ୍ଣ କ୍ଷତି-ପୂରଣ ପାଇବେ ନାହିଁ । ତେବେ, ନିର୍ଦ୍ଧାରିତ ଅମଳଠାରୁ ଚାଷୀ ପାଇଥିବା ହାରାହାରି ଅମଳ ଓ ଫସଲ-ଋଣ ଉପରେ ହିସାବ କରି ଚାଷୀଙ୍କୁ ଏକ ଆନୁପାତିକ ଭିତ୍ତିରେ କ୍ଷତିପୂରଣ ଦିଆଯିବ । ନିମ୍ନରେ ଏହାର ଏକ ଉଦାହରଣ ଦିଆଯାଇଛି ।

ଉଦାହରଣ :

| | |
|---|---|
| (କ) ଫସଲ ବୀମା ଯୋଜନା ଅନ୍ତର୍ଭୁକ୍ତ ବ୍ଲକ୍‌ର ହେକ୍ଟର ପ୍ରତି ହାରାହାରି ଧାନ ଅମଳ । | ୧୦୦୦ କେ. ଜି. |
| (ଖ) ଭାରତୀୟ ସାଧାରଣ ବୀମା ନିଗମ ଦ୍ୱାରା ସ୍ୱୀକୃତ କ୍ଷତିପୂରଣ ସୀମା । | ଶତକଡ଼ା ୮୦ ଭାଗ |
| (ଗ) ହାରାହାରି ଅମଳରୁ କ୍ଷତି ନ ହେବା ପରିମାଣ ବାଦ୍ ହେକ୍ଟର ପ୍ରତି ନିର୍ଦ୍ଧାରିତ (Guaranted) ଅମଳ । | ୮୦୦ କେ. ଜି. |
| (ଘ) କୃଷୀ ନେଇଥିବା ସମବାୟ ଋଣ ପରିମାଣ । | ୫୦୦ ଟଙ୍କା |
| (ଙ) ବୀମାକୃତି ଋଣ ପରିମାଣ ଅନୁସାରେ ପ୍ରିମିୟମ୍ ପରିମାଣ (ଶତକଡ଼ା ୫ ଟଙ୍କା ହିସାବରେ) | ୨୫ ଟଙ୍କା |
| (ଚ) ବୀମାକୃତି ବ୍ଲକ୍‌ରେ ମିଳିଥିବା ହେକ୍ଟର ପ୍ରତି ହାରାହାରି ଅମଳ । | ୬୦୦ କେ. ଜି. |
| (ଛ) ନିର୍ଦ୍ଧାରିତ ଅମଳଠାରୁ ହେକ୍ଟର ପ୍ରତି କମ୍ ପରିମାଣ (୮୦୦—୬୦୦ କେ. ଜି.) | ୨୦୦ କେ. ଜି. |
| (ଜ) କ୍ଷତିପୂରଣ ପରିମାଣ (ହେକ୍ଟର ପ୍ରତି) | ୧୨୫ ଟଙ୍କା |

$$\frac{(ଟ\ ୫୦୦.୦୦ \times ୨୦୦)}{୮୦୦}$$

ଉପରୋକ୍ତ ଉଦାହରଣରେ ଦିଆଯାଇଥିବା (କ), (ଖ), (ଗ) ଏବଂ (ଚ) ସଂଖ୍ୟା ଓ ପ୍ରିମିୟମ ପରିମାଣ (ଙ) ବ୍ଲକର ପ୍ରତି କୃଷୀଙ୍କ ପାଇଁ ସମାନ, ମାତ୍ର, ଋଣ ପରିମାଣ (ଘ) ମୋଟ ପ୍ରିମିୟମ୍ ପରିମାଣ, କ୍ଷତି ପରିମାଣ (ଛ) ଏବଂ କ୍ଷତିପୂରଣ ଟଙ୍କା ପରିମାଣ (ଜ) ପ୍ରତ୍ୟେକ କୃଷୀଙ୍କ ପାଇଁ ଅଲଗା ଅଲଗା ହେବ ।

ବର୍ତ୍ତମାନ ପାଇଁ ରାଜ୍ୟ ସରକାରଙ୍କ ତରଫରୁ, ସମବାୟ ସମିତି ସମୂହର ନିବନ୍ଧକ "ଓଡ଼ିଶା ରାଜ୍ୟ ଫସଲ ବୀମା ପାଣ୍ଠି" ମାଧ୍ୟମରେ ଏହି ଯୋଜନା କାର୍ଯ୍ୟକାରୀ କରିବେ ।

ତାମିଲନାଡୁ, ଗୁଜରାଟ ଏବଂ ପଶ୍ଚିମ ବଙ୍ଗର ବୀମା ଅନ୍ତର୍ଭୁକ୍ତ କୃଷୀମାନଙ୍କ ମଧ୍ୟରେ ଏହି ଯୋଜନା ପ୍ରବଳ ଉତ୍ସାହ ସୃଷ୍ଟି କରୁଛି । ଏଣୁ, ଓଡ଼ିଶାର ଯେଉଁ ୧୫ଟି ବ୍ଲକ୍‌ରେ ଏହି ସୁଯୋଗ ଦିଆ ଯାଉଛି, ସେଠାକାର କୃଷୀମାନେ ଫସଲ ବୀମା ଯୋଜନାରୁ ପୂର୍ଣ୍ଣ ଫାଇଦା ଉଠାଇବା ଦରକାର । ଅଧିକନ୍ତୁ ଅଧିକ କୃଷୀ ସମବାୟ ମାଧ୍ୟମରେ ଏହି ଯୋଜନାର ଶ୍ରେଣୀଭୁକ୍ତ ହେଲେ, ଭବିଷ୍ୟତରେ ଅନ୍ୟ ଋତୁ ଓ ଭିନ୍ନ ଭିନ୍ନ ଫସଲ ପାଇଁ ଏହି ଯୋଜନାକୁ ସଂପ୍ରସାରିତ କରିବା ସକାଶେ ଯଥେଷ୍ଟ ସୁଯୋଗ ସୃଷ୍ଟି ହୋଇ ପାରିବ ।

ООО



# ଆନ୍ତର୍ଜାତୀୟ ମୁଦ୍ରାପାଣ୍ଠିରୁ ଭାରତକୁ ଋଣ

ଶ୍ରୀ ରାମଚନ୍ଦ୍ର ମିଶ୍ର

ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (International Monetary Fund) ଭାରତକୁ ୫୨୦୦ କୋଟି ଟଙ୍କାର ଏକ ଋଣ ଦେବାକୁ ସମ୍ମତି ଜଣାଇଛନ୍ତି । ଏ ପରିପ୍ରେକ୍ଷୀରେ ଭାରତୀୟ ଅର୍ଥନୀତିର ସମୀକ୍ଷା ଓ ସେଥିରେ ଏହି ଋଣର ଗୁରୁତ୍ୱ ବିଷୟରେ ଏବେ ବହୁତ ଆଲୋଚନା ଓ ସମାଲୋଚନା ଭାରତୀୟ ବୁଦ୍ଧିଜୀବି ମହଲରେ ଅବଶ୍ୟମ୍ଭାବୀ । ସେହି ଦୃଷ୍ଟିରୁ ଏହି ପ୍ରବନ୍ଧର ବିଷୟବସ୍ତୁ ଆଲୋଚ୍ୟ ।

ଭାରତର ଅର୍ଥନୀତି କ୍ଷେତ୍ରରେ ଏକ ଅବିସ୍ମରଣୀୟ ଓ ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଗଲା ନଭେମ୍ବର ୧୯୮୧ ରେ । ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠିରୁ ଭାରତକୁ ପ୍ରାୟ ୫୨୦୦ କୋଟି ଟଙ୍କା ଋଣ ମଞ୍ଜୁର କରାଯାଇଛି ଓ ଏହି ମଞ୍ଜୁରୀ ବେଳେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିର ଏକ ବିଶେଷ ପ୍ରତିପତ୍ତି-ଶାଳୀ ସଭ୍ୟ ଯୁକ୍ତରାଷ୍ଟ୍ର ଆମେରିକା ରାଜନୈତିକ କାରଣରୁ ଏହି ଋଣ ମଞ୍ଜୁରୀକୁ ସକ୍ରିୟ ସମର୍ଥନ ଜଣାଇ ନ ଥିଲା । ଆନ୍ତର୍ଜାତୀୟ ମୁଦ୍ରା ସଂଗଠନର ଇତିହାସରେ ଏତେବଡ଼ ଋଣ ଆଗରୁ ଅନ୍ୟ କୌଣସି ଦେଶ ପାଇ ନ ଥିଲେ ଓ ଆଉ କେବେ ଆମେରିକାର ସଂପୂର୍ଣ୍ଣ ସମର୍ଥନ ନ ଥାଇ ଏତେ ଅଧିକ ଟଙ୍କାର ଋଣ ମଞ୍ଜୁର ହୋଇ ନ ଥିଲା ।

ଏହି ଋଣର ପ୍ରାୟ ୨୫୦୦ କୋଟି ଟଙ୍କା ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠିରୁ ଶତକଡ଼ା ୬ରୁ ୮ ଭାଗ ସୁଧ ହାରରେ ମିଳିବ ଏବଂ ବାକୀ ୨୭୦୦ କୋଟି ଟଙ୍କା ସାଉଦି ଆରବର ରହିଥିବା ସଞ୍ଚିତ ପାଣ୍ଠିରୁ ଶତକଡ଼ା ୧୨ରୁ ୧୫ ଭାଗ ସୁଧ ହାରରେ ମିଳିବ । ଏହି ଋଣ ମଞ୍ଜୁରୀ କରିବାବେଳେ ଭାରତର ବର୍ତ୍ତମାନର ଅର୍ଥନୈତିକ ପରିସ୍ଥିତି ଓ ଆଗାମୀ ବର୍ଷମାନଙ୍କରେ ଭାରତର ଅର୍ଥନୈତିକ ବିସ୍ତାର ଧାରା ଓ ପ୍ରଣାଳୀ ସଂପର୍କରେ ପୃଥିବୀର ସବୁ ଧନୀ ଦେଶମାନଙ୍କର ଗଭୀର ଆସ୍ଥା ଓ ଆଶାର ସୂଚନା ସ୍ୱତଃ ପ୍ରକାଶିତ ହୋଇ-ଯାଇଛି । ଭାରତର ଅର୍ଥନୀତି ଯେ କ୍ରମୋନ୍ନତି ପଥରେ ନିଶ୍ଚିତ ଓ ନିର୍ଦ୍ଦିଷ୍ଟ ଗତି ସହ ଆଗକୁ ବଢି ଚାଲିଛି ଏ ତଥ୍ୟ ଆଜି ପୃଥିବୀର ଏହି ସର୍ବୋଚ୍ଚ ସଂସ୍ଥା ଦ୍ୱାରା ତନ୍ନ ତନ୍ନ ପରୀକ୍ଷା ପରେ ନିର୍ଦ୍ଧାରିତ ଏବଂ ଗୃହୀତ ହୋଇଯାଇଛି ।

**ଭାରତୀୟ ଅର୍ଥନୀତିର ଅବସ୍ଥା—ଗତ** ସପ୍ତତି-ତମ ଶତକର ଶେଷାର୍ଦ୍ଧରେ ଭାରତୀୟ ଅର୍ଥନୀତିର ଯଥେଷ୍ଟ ଉନ୍ନତି ପରିଲକ୍ଷିତ ହୋଇଥିଲା । ୧୯୭୫—୭୬ ଠାରୁ ୧୯୭୮—୭୯ ଚାରିବର୍ଷ ଭିତରେ ଅର୍ଥନୈତିକ ଅଭିବୃଦ୍ଧିର ହାର ବାର୍ଷିକ ଶତକଡ଼ା ଛଅ ଭାଗ ହୋଇଥିବା ବେଳେ ଦର ବୃଦ୍ଧିର ହାର ବାର୍ଷିକ ପ୍ରାୟ ଶତକଡ଼ା ଦୁଇଭାଗ ହୋଇଥିଲା । କୃଷି କ୍ଷେତ୍ରରେ ଉତ୍ପାଦନର ବୃଦ୍ଧି ଅଭୂତପୂର୍ବ ଭାବରେ ହୋଇଥିଲା ଏବଂ ୧୯୭୭-୭୮ ବେଳକୁ ବିଦେଶରୁ ଖାଦ୍ୟ ଆମଦାନୀ ପ୍ରାୟ ବନ୍ଦ ହୋଇଯାଇଥିଲା । ଶିଳ୍ପ କ୍ଷେତ୍ରରେ ମଧ୍ୟ ଅଭିବୃଦ୍ଧି ସନ୍ତୋଷଜନକ ଥିଲା । ଆଭ୍ୟନ୍ତରୀଣ ଭାବରେ ସଂଚୟର ପରିମାଣ ମୋଟ ଜାତୀୟ ଉତ୍ପାଦନର ଶତକଡ଼ା ୨୦ ଭାଗରୁ ବୃଦ୍ଧି ପାଇ ୨୪ ଭାଗ ହୋଇ ପାରିଥିଲା । ବୈଦେଶିକ ମୁଦ୍ରା ପରିମାଣ ମଧ୍ୟ ଏହି ସମୟରେ ବିଦେଶରେ ଚାକିରୀ କରୁଥିବା ଭାରତୀୟମାନେ ପଠାଉଥିବା ମୁଦ୍ରା ଯୋଗୁଁ ଆଶାତୀତ ଭାବରେ ବୃଦ୍ଧି ପାଇଥିଲା । ଏହି ସମୟରେ ବାଣିଜ୍ୟ କ୍ଷେତ୍ରରେ ମଧ୍ୟ ଦେଶର ଆମଦାନୀ-ରପ୍ତାନୀ ଅବସ୍ଥାରେ ଉନ୍ନତି ଘଟିଥିଲା ।

କିନ୍ତୁ ୧୯୭୯-୮୦ରେ ହଠାତ୍ ଦେଶର ଅର୍ଥନୀତିର ପ୍ରଗତି ବାଧାପ୍ରାପ୍ତ ହେଲା । ଏଥି ନିମନ୍ତେ ସରକାରୀ

ଆଭ୍ୟନ୍ତରୀଣ ଅର୍ଥନୀତି ଓ ଭାରତ ବାହାରେ ପୃଥିବୀର ଅବସ୍ଥା ସମପରିମାଣରେ ଦାୟୀ । ୧୯୭୯-୮୦ରେ ଜାତୀୟ ଆୟ ଶତକଡ଼ା ୫ ଭାଗ କମିଗଲା ଏବଂ ମୁଦ୍ରାସ୍ଫୀତି ଶତକଡ଼ା ୨୦ ଭାଗକୁ ବୃଦ୍ଧି ପାଇଥିଲା । ଘରୋଇ ସଞ୍ଚୟ ଜାତୀୟ ଉତ୍ପାଦନର ଶତକଡ଼ା ୨୪ ଭାଗରୁ କମିଯାଇ ପ୍ରାୟ ଶତକଡା ୨୧ ଭାଗକୁ ଖସି ଆସିଥିଲା । ସେତେବେଳର ବୈଦେଶିକ ଅବସ୍ଥା ମଧ୍ୟ ଅର୍ଥନୀତିକୁ ଅବନତି ଦିଗରେ ଚଲାଇ ନେବାକୁ ବାଧ୍ୟ କରିଥିଲା । ଜାଳେଣି ତୈଳର ଦର ବୃଦ୍ଧି ଭାରତର ଆମଦାନୀ ବାଣିଜ୍ୟକୁ ଅତ୍ୟନ୍ତ ପ୍ରଭାବିତ କରିଥିଲା । ୧୯୭୮ ଶେଷରେ ଜାଳେଣି ତୈଳ ଆମଦାନୀ ନିମନ୍ତେ ଯେତେ ଅର୍ଥ ଦରକାର ହେଉଥିଲା, ୧୯୮୦ ଆରମ୍ଭ ବେଳକୁ ତାହା ପ୍ରାୟ ଦୁଇଗୁଣ ହୋଇ ଯାଇଥିଲା । ଏହାର ଫଳଶ୍ରୁତି ହେଲା ଯେ ୧୯୭୯-୮୦ର ଶେଷାର୍ଦ୍ଧ ବେଳକୁ ରପ୍ତାନୀ ଅପେକ୍ଷା ଆମଦାନୀ ବହୁତ ବଢ଼ିଯାଇଥିଲା ।

୧୯୮୦-୮୧ରେ ଅର୍ଥନୈତିକ ଅବସ୍ଥାର ଆଉଥରେ ଧୀର ଉନ୍ନତି ପରିଲକ୍ଷିତ ହେଲା ଓ ଆୟ ବୃଦ୍ଧିର ହାର ପ୍ରାୟ ଶତକଡ଼ା ସାତ ଭାଗରେ ପହଞ୍ଚି ପାରିଥିଲା ।

ଅର୍ଥନୀତିର ଫଳପ୍ରଦ ଓ କଡ଼ାକଡ଼ି ନିୟନ୍ତ୍ରଣ ଓ ସମୟାନୁଯାୟୀ ବର୍ଷାର ପ୍ରଭାବରୁ କୃଷି, ବିଦ୍ୟୁତ୍, କୋଇଲା ଓ ରେଳ ଚଳାଚଳ କ୍ଷେତ୍ରରେ କ୍ରମୋନ୍ନତି ଦେଖା ଦେଲା । ୧୯୮୦-୮୧ର ଶେଷ ଭାଗ ବେଳକୁ ଶିଳ୍ପ ଉତ୍ପାଦନର ଉନ୍ନତି ଦେଖା ଦେଲା । ପରିଗ୍ରହଣର ସୁଫଳ ସ୍ୱରୂପ ମୁଦ୍ରାସ୍ଫୀତିର ହାର କମିଗଲା । ମୁଦ୍ରାସ୍ଫୀତିର ହାର ୧୯୮୦-୮୧ରେ ପ୍ରାୟ ଶତକଡ଼ା ୧୬କୁ ଖସି ଆସିଲା । ଓ ଏହି ଗତି ଅବ୍ୟାହତ ରହି ଏବେ ପ୍ରାୟ ଶତକଡା ସାତ ଭାଗକୁ ଖସି ଆସିଛି ।

କିନ୍ତୁ ଅର୍ଥନୀତି ଉପରେ ବୈଦେଶିକ ପ୍ରଭାବ କ୍ରମେ ବେଶୀ ସଙ୍ଗୀନ ,ଆକାର ଧାରଣ କରୁଛି । ପୂର୍ବ ବର୍ଷମାନଙ୍କର ତୈଳମୂଲ୍ୟର ବୃଦ୍ଧିର ପରିଣାମ ୧୯୮୦-୮୧ରେ ଉପଲବ୍ଧି କରାଗଲା । ଅନ୍ୟ ଦେଶମାନଙ୍କରେ ନିଜ ନିଜ ଆମଦାନୀ ଉପରେ ବାଣିଜ୍ୟ ଶାସନଗତ ପ୍ରତିବନ୍ଧକ ସୃଷ୍ଟି କରାଯିବାରୁ, ଭାରତର ବିଦେଶକୁ ରପ୍ତାନୀ ଆଶାନୁରୂପ ବୃଦ୍ଧି ପାଇଲା ନାହିଁ । ତୈଳ ଆମଦାନୀ ନିମନ୍ତେ ଭାରତରେ ୧୯୭୮-୭୯ରେ ୧୬୮୧ କୋଟି ଟଙ୍କା ଦରକାର ହେଲା ବେଳେ ୧୯୮୦-୮୧ରେ ପ୍ରାୟ ତିନିଗୁଣ ବଢ଼ି ୫୨୦୦ କୋଟି ଟଙ୍କା ହୋଇଗଲା । ଏହି ପରିପ୍ରେକ୍ଷୀରେ ୧୯୮୦-୮୧ରେ ଆମଦାନୀ ଅପେକ୍ଷା ରପ୍ତାନୀ ପ୍ରାୟ ୧୨୦୦ କୋଟି ଟଙ୍କା କମିଯାଇଥିଲା ଏବଂ ରପ୍ତାନୀ ଆମଦାନୀ ଅବସ୍ଥାରେ ଅସମତା ଦେଖା ଦେଇଥିଲା ।

କିନ୍ତୁ ଆଭ୍ୟନ୍ତରୀଣ ଅର୍ଥନୈତିକ ପରିସ୍ଥିତିର ଉନ୍ନତିର ଗତି ବର୍ତ୍ତମାନ ଶିଥିଳ ହୋଇ ଯାଇ ନାହିଁ । ୧୯୮୦-୮୧ ର ମଧ୍ୟ ଭାଗରୁ ଏହି ଗତି କ୍ରମେ ବୃଦ୍ଧି ପାଉଛି । ବିଦ୍ୟୁତ ଉତ୍ପାଦନ, କୋଇଲା ଉତ୍ପାଦନ ଓ ରେଳପଥରେ ପରିବହନ ଏବେ ଆହୁରି ବଢ଼ି ଯାଉଛି । ଜାନୁଆରୀ ୧୯୮୧ରୁ ଜୁନ୍ ୧୯୮୧ ଭିତରେ ଲୌହ ଓ ଇସ୍ପାତ୍ ଉତ୍ପାଦନ ଶତକଡ଼ା ୨୦ ଭାଗ ବୃଦ୍ଧି ପାଇଛି, ସିମେଣ୍ଟ ଉତ୍ପାଦନ ଶତକଡ଼ା ୧୭ ଭାଗ ବୃଦ୍ଧି ପାଇଛି । ରାସାୟନିକ ସାର ଉତ୍ପାଦନ ଶତକଡ଼ା ୩୨ ଭାଗ ବୃଦ୍ଧି ପାଇଛି । ଜୁଲାଇ ୧୯୮୧ ବେଳକୁ ମୁଦ୍ରାସ୍ଫୀତିର ହାର ଶତକଡ଼ା ଦଶ ଭାଗକୁ କମି ଆସିଥିଲା । କିନ୍ତୁ ଏସବୁ ସତ୍ତ୍ୱେ ଭାରତର ରପ୍ତାନୀ-ଆମଦାନୀ କ୍ଷେତ୍ରରେ ନିଅଣ୍ଟିଆ ଅବସ୍ଥା ଅର୍ଥନୀତିଜ୍ଞ ଓ ଯୋଜନାକାରୀଙ୍କ ଆଶଙ୍କାର କାରଣ ହୋଇ ରହିଛି ଏବଂ ଏହି ନିଅଣ୍ଟିଆ ଅବସ୍ଥା ଯେ ଆଉ କେତେ ଦିନ ବା ମାସ ଭିତରେ ସୁଧୁରି ପାରିବ ତାହା ସମସ୍ତେ ବୁଝି ପାରିଲେଣି । ତେଣୁ ବୈଦେଶିକ ମୁଦ୍ରାର ଏକ ବିରାଟ ଭଣ୍ଡାର ସୃଷ୍ଟି ନ କଲେ ହଠାତ୍ ଏକ ବିପର୍ଯ୍ୟୟ ହୋଇଯିବ ।

ତୈଳର ଭୂମିକା—ଭାରତର ଜାଳେଣୀ ତେଲର ଚାହିଦା ଓ ଆମଦାନୀ ହ୍ରାସ ନ କରାଯାଇ ପାରିବା ହେତୁ ଏପରି ନିଅଣ୍ଟିଆ ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିଛି । ୧୯୭୮-୭୯ରେ ତୈଳ ଆମଦାନୀ ୧୬୮୧ କୋଟି ଟଙ୍କାରେ ସୀମିତ ଥିଲା । ୧୯୭୯-୮୦ରେ ୩୨୧୨ କୋଟି ଟଙ୍କାର ତେଲ ଆମଦାନୀ କରାଗଲା ଓ ୧୯୮୦-୮୧ରେ ତେଲ ଆମଦାନୀ ନିମନ୍ତେ ୫୨୦୦ କୋଟି ଟଙ୍କା ଦରକାର ହେଲାଣି । ଆସାମରୁ ତୈଳ ପ୍ରବାହ ଗତ ବର୍ଷ ପ୍ରାୟ ସମ୍ପୂର୍ଣ୍ଣ ଭାବରେ ଶୁଷ୍କ ହୋଇ ଯାଇଥିଲା ଓ ତା'ଫଳରେ ବଙ୍ଗାଇଗାଁ ଓ ବାରଉଣୀଠାରେ ଥିବା ଦୁଇଟି ଶୋଧନାଗାର ପ୍ରାୟ ୧୪ମାସ ଧରି ପୁରା ବନ୍ଦ ହୋଇ ଯାଇଥିଲା । ଆସାମର ତୈଳ ଅଳ୍ପ ପରିମାଣରେ ଗୌହାଟୀ ଶୋଧନାଗାରକୁ ପଠାଇବା ସମ୍ଭବ ହୋଇଥିଲା । ତେଣୁ ୧୯୭୯-୮୦ରେ ୧୨୧'୪ ଲକ୍ଷ ଟନ୍ ତେଲ ଭାରତର ୪ ଗୋଟି ଶୋଧନାଗାରରେ ଉତ୍ପାଦନ ହୋଇଥିବା ବେଳେ ୧୯୮୦-୮୧ରେ ଶତକଡ଼ା ୧୭ ଭାଗ କମିଯାଇ ମାତ୍ର ୧୦୪.୩ ଲକ୍ଷ ଟନ୍ ଉତ୍ପାଦନ ହୋଇ ପାରିଥିଲା । ଇରାନ୍ ଓ ଇରାକ୍ ମଧ୍ୟରେ ଯୁଦ୍ଧ ଲାଗିବାରୁ ଭାରତକୁ କଞ୍ଚା ପେଟ୍ରୋଲିୟମର ଆମଦାନୀ ଅବ୍ୟବସ୍ଥିତ ହୋଇ ଯାଇଥିଲା ଓ ତେଣୁ ହଳଦିଆ ଶୋଧନାଗାର ମଧ୍ୟ ତାର ଉତ୍ପାଦନ କ୍ଷମତା ସହ ସମତାଳ ରକ୍ଷି ପାରି ନ ଥିଲା । କେବଳ କୋୟାଲି ଶୋଧନାଗାରରେ ୬୭.୧ ଲକ୍ଷ ଟନ୍‌ରୁ ୧୯୭୯-୮୦ରୁ ୬୯.୬ ଲକ୍ଷ ଟନ୍ (୧୯୮୦-୮୧)କୁ ପେଟ୍ରୋଲିୟମ୍ ଉତ୍ପାଦନ ବୃଦ୍ଧି ପାଇଥିଲା । ଏହିପରି ଭାରତର ୧୯୭୯-୮୦ରେ ୪୫'୭ ଲକ୍ଷ ଟନ୍ ପେଟ୍ରୋଲ ଆମଦାନୀ ହୋଇଥିବା ବେଳେ ୧୯୮୦-୮୧ରେ ତାହା ବାର୍ଷିକ ଶତକଡ଼ା ୨୫ ଭାଗ ବଢ଼ି ୬୬'୮ ଲକ୍ଷ ଟନ୍‌ରୁ ବୃଦ୍ଧି ପାଇଥିଲା ।

୧୯୮୦-୮୧ ଆର୍ଥିକ ବର୍ଷରେ ଭାରତର ପେଟ୍ରୋଲ ଚାହିଦା ୩୩୬.୧ ଲକ୍ଷ ଟନ୍ ହେବ ବୋଲି ଅନୁମାନ

କରାଯାଉଥିଲା । କିନ୍ତୁ ପେଟ୍ରୋଲ ଓ ପେଟ୍ରୋଲଜାତ ପଦାର୍ଥର ମୂଲ୍ୟ ବୃଦ୍ଧି ଏବଂ ଶକ୍ତିର ବିକଳ୍ପ ବ୍ୟବହାର ଯୋଗୁ ଏହି ଚାହିଦା ପ୍ରକୃତରେ ୩୦୯.୪ ଲକ୍ଷ ଟନ୍‌କୁ ସୀମିତ କରାଯାଇ ପାରିଥିଲା। ଏ ଯୁଗରେ ଆଭ୍ୟନ୍ତରୀଣ ଅଗ୍ରଗତିର ଅର୍ଥନୈତିକ ମାନଦଣ୍ଡ ହେଲା ଶକ୍ତିର ଚାହିଦା । କୃଷି ଓ ଶିଳ୍ପ କ୍ଷେତ୍ରରେ ଶକ୍ତିର ବ୍ୟବହାରର ବୃଦ୍ଧି କରିବା ଅତ୍ୟନ୍ତ ଆବଶ୍ୟକ ଓ ସେହି ଦୃଷ୍ଟିରୁ ଭାରତ ୧୯୮୧-୮୨ରେ ହାରାହାରି ୩୩୦ ଲକ୍ଷ ଟନ୍ ପେଟ୍ରୋଲ-ସମ୍ବନ୍ଧୀୟ ମାଲ ବ୍ୟବହାର କରିବାକୁ ବାଧ୍ୟ ହେବ ବୋଲି ହିସାବ କରାଯାଇଅଛି ।

ବମ୍ବେ ହାଇ ତୈଳ କୂପରେ ଏ ବର୍ଷ ୮୪ ଲକ୍ଷ ଟନ୍ କଞ୍ଚା ପେଟ୍ରୋଲ ଉତ୍ପାଦନ ହୋଇ ପାରିବ ବୋଲି ଆଶା କରାଯାଇଅଛି । ଆସାମର ତୈଳ ଉତ୍ପାଦନ କାର୍ଯ୍ୟ ମଧ୍ୟ ଏ ବର୍ଷ ଧିମେଇବାକୁ ଦିଆଯିବ ନାହିଁ ବୋଲି ଆଶା କରାଯାଉଛି । ତେଣୁ ୧୯୭୯-୮୦ରେ ପେଟ୍ରୋଲ ଉତ୍ପାଦନ ୧୦୪.୩ ଲକ୍ଷ ଟନ୍ ହୋଇଥିବା ବେଳେ, ୧୯୮୦-୮୧ରେ ଏହା ୧୬୩ ଲକ୍ଷ ଟନ୍‌କୁ ବୃଦ୍ଧି କରିବାକୁ ଅନବରତ ଚେଷ୍ଟା କରାଯାଉଥିଲା । ଏହି ବୃଦ୍ଧିର ଫଳ ସ୍ୱରୂପ ପେଟ୍ରୋଲ ଆମଦାନୀ ବାବଦରେ ଖର୍ଚ୍ଚ ବର୍ତ୍ତମାନ ଚାଲୁଥିବା ଦର ଅନୁସାରେ ପ୍ରାୟ ୧୦୦୦ କୋଟି ଟଙ୍କା କମିଯିବ ବୋଲି ଆଶା କରା ଯାଉଛି । କିନ୍ତୁ ମଧ୍ୟ ପ୍ରାଚ୍ୟ ଓ ଆରବ ଦେଶମାନଙ୍କରେ ପେଟ୍ରୋଲର ଦର ଆହୁରି ଉଗ୍ର ଗତିରେ ବୃଦ୍ଧି ପାଇବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଏହି ଆମଦାନୀ କମିବା ଯୋଗୁ ଲାଭ ପ୍ରାୟ ୨୫୦ କୋଟି ଟଙ୍କାରେ ସୀମାବଦ୍ଧ କରାଯାଇ ହିସାବ କରାଯାଇଅଛି ।

ଏହି ଦୃଷ୍ଟିରୁ ପେଟ୍ରୋଲ ପାଇଁ ଆଜି ଭାରତର ଜଳ ଓ ସ୍ଥଳ ଉଭୟ ସ୍ଥାନରେ ଖୋଜା ଚାଲିଛି । ହିମାଳୟର ଉପତ୍ୟକା ଠାରୁ ଆରମ୍ଭ କରି ବଙ୍ଗୋପ ସାଗରର ଗର୍ଭ ପର୍ଯ୍ୟନ୍ତ ଶତ ଶତ କର୍ମୀ ନିରଳସ ଭାବରେ ଦିନରାତି କାର୍ଯ୍ୟ କରୁଛନ୍ତି । ଓଡ଼ିଶାର ମହାନଦୀ ଅବବାହିକାରେ ମଧ୍ୟ ଏହି ଅନୁସନ୍ଧାନ କାର୍ଯ୍ୟ ଚାଲିଛି ।

**ରପ୍ତାନୀ ବୃଦ୍ଧି**—ଆମଦାନୀ-ରପ୍ତାନୀ ବାଣିଜ୍ୟରେ ନିଅଣ୍ଟିଆ ପରିସ୍ଥିତି ସୁଧାରିବାକୁ ଗୋଟିଏ ପ୍ରଧାନ ଅସ୍ତ୍ର ଆମଦାନୀର ହ୍ରାସ । କିନ୍ତୁ ରପ୍ତାନୀ ସେହିପରି ଅଧିକ ଭାବରେ ବୃଦ୍ଧି ନ କରି ପାରିଲେ ଏହି ନିଅଣ୍ଟିଆ ପରିସ୍ଥିତିକୁ ସମ୍ଭାଳି ହେବ ନାହିଁ । ଇଂଜିନିୟରିଂ ଯନ୍ତ୍ରପାତି, ବସ୍ତ୍ର ଚମଡ଼ାଜାତ ଦ୍ରବ୍ୟ ଇତ୍ୟାଦି ଅନେକ ଶିଳ୍ପଜାତ ଦ୍ରବ୍ୟର ପ୍ରଚୁର ଉତ୍ପାଦନ ଓ ଉତ୍ପାଦିତ ମୂଲ୍ୟର ହ୍ରାସ କରିବା ନିମନ୍ତେ ବିଭିନ୍ନ ପଦକ୍ଷେପ ନେବାକୁ ହେବ । ଏ ଦିଗରେ ଓଡ଼ିଶାରୁ ହସ୍ତଶିଳ୍ପ ପ୍ରସ୍ତୁତ ଜିନିଷ, ଇଂଜିନିୟରିଂ ଶିଳ୍ପ ପ୍ରସ୍ତୁତ, ବୈଦ୍ୟୁତିକ ସଂସ୍ଥା ପ୍ରଭୃତି ଜିନିଷ, ସମୁଦ୍ର ଜାତ ମତ୍ସ୍ୟ ଓ ଚିଙ୍ଗୁଡ଼ି ଇତ୍ୟାଦି ରପ୍ତାନୀଯୋଗ୍ୟ ପଦାର୍ଥ ମାନଙ୍କର ମାନବୃଦ୍ଧି ଓ ମୂଲ୍ୟ ହ୍ରାସ କରିବା ନିମନ୍ତେ ବର୍ତ୍ତମାନ ମଧ୍ୟ ଅନେକ କାର୍ଯ୍ୟ ବାକୀ ରହିଛି ।

**ସଞ୍ଚୟ**—ଆଭ୍ୟନ୍ତରୀଣ ସଞ୍ଚୟ ବୃଦ୍ଧି ଦ୍ୱାରା ମୂଳଧନ ଗଠନ କରିବା ନିମନ୍ତେ ଉତ୍ସାହପ୍ରଦ ବ୍ୟବସ୍ଥାମାନ ଭାରତ ସରକାର ଗ୍ରହଣ କରିଛନ୍ତି । ଚୋରାଧନକୁ ପ୍ରକାଶ୍ୟ ଭାବରେ ଦେଶର ଅର୍ଥନୀତି ସୁଦୃଢ଼ କରିବାକୁ ସାହାଯ୍ୟ କରିବା ନିମନ୍ତେ ବିଏରର ବଣ୍ଡ ଦ୍ୱାରା ସୁଯୋଗ ଓ ସଂଚୟ ସୁଧରହାର ବୃଦ୍ଧି ପ୍ରଭୃତି ପଦକ୍ଷେପ ଦ୍ୱାରା ଆଭ୍ୟନ୍ତରୀଣ କ୍ଷେତ୍ରରେ ମୂଳଧନଗଠନ ପ୍ରକ୍ରିୟାକୁ ସଂଗଠିତ କରାଯାଇଅଛି କିନ୍ତୁ ମୁଦ୍ରା ସ୍ଫୀତିର ହାରକୁ ଆୟତ୍ତାଧୀନ ନ କରି ପାରିଲେ ଏ ଅଭିବୃଦ୍ଧି ଭାରତୀୟଙ୍କ ନିମନ୍ତେ ମୂଲ୍ୟହୀନ ହୋଇଯିବ ।

**ଷଷ୍ଠଯୋଜନା**:—ଏହି ପରିପ୍ରେକ୍ଷୀରେ ଆମର ଷଷ୍ଠ ପଞ୍ଚବାର୍ଷିକ ଯୋଜନା (୧୯୮୦-୮୧ରୁ ୧୯୮୪-୮୫)ରେ ଅର୍ଥନୈତିକ ବୃଦ୍ଧିର ହାର ଶତକଡ଼ା ୫.୨ ଭାଗ ଲକ୍ଷ୍ୟ ରଖାଯାଇଅଛି । ଏହି ଯୋଜନାରେ ଆଭ୍ୟନ୍ତରୀଣ ସଞ୍ଚୟର ଶତକଡ଼ା ହାର ୧୯୭୯-୮୦ରେ ୨୧.୨ରୁ ବୃଦ୍ଧି ପାଇ ୧୯୮୪-୮୫ ସୁଦ୍ଧା ୨୪.୫ରେ ପହଞ୍ଚି ପାରିବ ବୋଲି ଆଶା କରାଯାଇଅଛି । ଯୋଜନା ବାବଦରେ ଲଗାଯାଉଥିବା ମୋଟ ପୁଞ୍ଜିରୁ ଶତକଡ଼ା ୭୩ ଭାଗ ଘରୋଇ ସଞ୍ଚୟରୁ, ଶତକଡ଼ା ୨୧ ଭାଗ ସରକାରୀ ସଂସ୍ଥା ମାନଙ୍କର ଲାଭାଂଶ ସଞ୍ଚୟରୁ ଓ ବାକୀ ଶତକଡ଼ା ୬ଭାଗ ବୈଦେଶିକ ମୁଦ୍ରା ଆକାରରେ ବ୍ୟବହାର କରାଯିବ ବୋଲି ଷଷ୍ଠ ଯୋଜନାରେ ଆପାତତଃ ସ୍ଥିର କରାଯାଇଅଛି । ଏହି ଷଷ୍ଠ ଯୋଜନାରେ ମୋଟ ପୁଞ୍ଜି ଲଗାଣ ଆନୁମାନିକ ୧୫୮୭ ହଜାର କୋଟି ଟଙ୍କା ହେବ ବୋଲି ସ୍ଥିର କରାଯାଇଅଛି ।

**କୃଷି**—କୃଷି କ୍ଷେତ୍ରରେ ଷଷ୍ଟୀତି ଦଶନ୍ଧିରେ ଆରମ୍ଭ କରାଯାଇଥିବା କ୍ରମୋନ୍ନତି ନିମନ୍ତେ ଗୃହୀତ ପନ୍ଥା ଓ ଉପାୟଗୁଡ଼ିକ ସଂପୂର୍ଣ୍ଣ ସଫଳତା ଦୃଷ୍ଟିରୁ ଏହି ଉପାୟ ଓ ପନ୍ଥାଗୁଡ଼ିକର ସର୍ବୋଚ୍ଚଭାବେ ଅନୁସରଣ ଆବଶ୍ୟକ । ଉନ୍ନତ ଧରଣର ବୀଜ, ଉନ୍ନତ ମାନର ଜଳସେଚନ ଓ ଆଧୁନିକ ଯନ୍ତ୍ରର ଉପଯୋଗ ଦ୍ୱାରା କୃଷି ଉତ୍ପାଦନକୁ ଆହୁରି ଉଚ୍ଚକୁ ନିଆ ନ ଗଲେ କ୍ରମବର୍ଦ୍ଧମାନ ଜନ ସଂଖ୍ୟା ଯୋଗୁ ବର୍ତ୍ତମାନର ବଳକା ପରିସ୍ଥିତି ହଠାତ୍ କେଉଁ ଦିନ ନିଅଣ୍ଟିଆ ପରିସ୍ଥିତିରେ ପରିବର୍ତ୍ତନ ହୋଇଯାଇଥିବ । ତା'ଛଡ଼ା ଏବେ ତୈଳବୀଜ, ମୁଗ, ହରଡ଼ ପ୍ରଭୃତି ଡାଲିଜାତୀୟ ଫସଲ ଓ ଆଖୁର ଉତ୍ପାଦନ ବୃଦ୍ଧି କରିବା ନିମନ୍ତେ ଭାରତ ବିଶେଷ ଧ୍ୟାନ ଦେବବୋଲି ସ୍ଥିର କରାଯାଇଅଛି । କୃଷିଜାତ ଦ୍ରବ୍ୟର ମୂଲ୍ୟ ନିରୂପଣ ପଦ୍ଧତି ଦ୍ୱାରା କୃଷିକୁ ଏକ ଲାଭଜନକ ଓ ସମ୍ମାନାସ୍ପଦ ବ୍ୟବସାୟକରି ଗଢ଼ିବାକୁ ସରକାର ସର୍ବଦା ତତ୍ପର ହୋଇ ରହିବା ଆବଶ୍ୟକ ।

**ଶିଳ୍ପ ଉଦ୍ୟୋଗ**—ଭାରତୀୟ ଅର୍ଥନୀତି ଓ ଚିନ୍ତାଧାରା ସମାଜବାଦ ଉପରେ ପ୍ରତିଷ୍ଠିତ । ଏହି ଦର୍ଶନ ଅନୁସାରେ ସରକାରୀ ଉଦ୍ୟୋଗ ଦ୍ୱାରା ଦେଶର ମୌଳିକ ଆବଶ୍ୟକତା ମେଣ୍ଟାଇବା ନିମନ୍ତେ ଦରକାରୀ ସାମଗ୍ରୀର ପ୍ରସ୍ତୁତି ଓ ବିତରଣ କାର୍ଯ୍ୟ କରାଯାଉଛି । ଲୌହ, ପେଟ୍ରୋଲ, ଲୌହେତର ଧାତୁ ବିଦ୍ୟୁତ, କୋଇଲା ତଥା ପରିବହନ ପ୍ରଭୃତି ଶିଳ୍ପମାନଙ୍କର ମୂଳଧନ ସରକାରୀ ଉଦ୍ୟୋଗ ବା ପ୍ରତ୍ୟକ୍ଷ

ନିୟନ୍ତ୍ରଣଦ୍ୱାରା ନିରୂପିତ ହେଉଛି । ୧୯୮୪-୮୫ ସୁଦ୍ଧା ଦେଶରେ ୧୬୨.୫ କୋଟି ଟନ୍ କୋଇଲା, ୫୧.୨ ମେଗାୱାଟ ବିଦ୍ୟୁତ୍ ଶକ୍ତି ୫୯.୪ ଲକ୍ଷ ଟନ୍ ରାସାୟନିକ ସାର, ୧୪୩ ଲକ୍ଷ ଟନ୍ ଇସ୍ପାତ୍ ଓ ୪୩୦ ଲକ୍ଷ ଟନ୍ ସିମେଣ୍ଟ ଉତ୍ପାଦନ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି । ସେହିପରି ପରିବହନ କ୍ଷେତ୍ରରେ ୧୯୮୪-୮୫ ସୁଦ୍ଧା ୨୨.୦୦୦ କୋଟି ଟନ୍ ମାଲ ୧ ୦୦୦ କିଲୋମିଟର ଦୂରକୁ ପରିବହନ କରାଯିବା ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।

ଶକ୍ତିର ଭୂମିକା—ଏହି ଦଶନ୍ଧିରେ ଶକ୍ତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଭାରତର ମୁଣ୍ଡପିଛା ଶକ୍ତିର ଉପଯୋଗ ଅତ୍ୟନ୍ତ କମ୍ ହେଲେ ମଧ୍ୟ ଶକ୍ତି ବ୍ୟବହାରରେ ମିତବ୍ୟୟିତା ଓ ଦକ୍ଷତାର ବୃଦ୍ଧି କରିବା ନିମନ୍ତେ ଯଥେଷ୍ଟ କ୍ଷେତ୍ର ରହିଛି । ଏହି ଦିଗରେ ଶକ୍ତିର ମୂଲ୍ୟାୟନ ଏକ ପ୍ରଧାନ ଉପାୟ ରୂପେ ଗୃହୀତ ହୋଇଛି । ତେଣୁ ବିଦ୍ୟୁତ୍ ଓ କୋଇଲାର ଦର ବୃଦ୍ଧି ପର୍ଯ୍ୟାପ୍ତ ପରିମାଣରେ ନ ହେଲେ କୋଇଲା ଓ ବିଦ୍ୟୁତ୍ ଶିଳ୍ପ ଚିର ରୁଗ୍ଣ ହୋଇ ରହିଯିବ । ଦେଶର ଅର୍ଥନୀତିରେ ଏ ଦୁଇଟି ଶିଳ୍ପର ପ୍ରଭାବ ଓ ପ୍ରତିପତ୍ତି ଏତେ ଜଟିଳ ଓ ଏତେ ଗୁରୁତ୍ୱପୂର୍ଣ୍ଣ ଯେ କୋଇଲା ଓ ବିଦ୍ୟୁତ୍‌ର ଦର ନିୟନ୍ତ୍ରଣ କେବଳ ସେହି ଶିଳ୍ପ ଚଳାଉଥିବା ବିଶେଷଜ୍ଞମାନେ ନିର୍ଦ୍ଧାରଣ କରିବା ସମ୍ଭବ ହେବନାହିଁ । ଏହି ଦୁଇଟି ଶିଳ୍ପର ଗୁଣାତ୍ମକ ମାନ ବୃଦ୍ଧି ସ୍ପୃହିଦା ସଙ୍ଗେ ସଙ୍ଗେ ଆଉ ଗୋଟିଏ କଥା ମନେରଖିବାକୁ ହେବ ଯେ ଏହି ଦୁଇଟି ଶିଳ୍ପର ଶ୍ରମିକ ଓ ପରିଚାଳକଙ୍କ ସ୍ଥିତି ଓ କ୍ଷମତାର ମୂଲ୍ୟାୟନ ଆଜି ପର୍ଯ୍ୟନ୍ତ ସାଧାରଣ ଶିଳ୍ପର ସ୍ତରରେ ଦେଶର ରାଜନୀତିଜ୍ଞ, ଶ୍ରମିକ ନେତା ଓ ଯୋଜନା, କାରୀମାନେ କରିଛନ୍ତି । ସମଗ୍ର ଦେଶର ପ୍ରଗତିର ଗତିକୁ ତୀବ୍ରତର କରିବା ବା ସଂପୂର୍ଣ୍ଣଭାବେ ବନ୍ଦ କରିପାରିବା ଅଧିକାର ରଖିଥିବାରୁ ଏବେ କୋଇଲା ଓ ବିଦ୍ୟୁତ୍ ଶିଳ୍ପର ଶ୍ରମିକମାନେ ଭାରତୀୟ ଅର୍ଥନୀତି କ୍ଷେତ୍ରରେ ଏକ ସର୍ବମୟ କର୍ତ୍ତୃତ୍ୱଶାଳୀ ଗୋଷ୍ଠୀ । ଏମାନଙ୍କର ସେହି ସ୍ୱତନ୍ତ୍ର ଅବସ୍ଥା ଓ ପରିସ୍ଥିତିକୁ ବିଚାରକରି ଶାସନକଳର ଭବିଷ୍ୟତ ଚିନ୍ତାଧାରା ନିର୍ଣ୍ଣୟ ହେବା ଆବଶ୍ୟକ ।

ସମ୍ବଳ—ଏହି ଷଷ୍ଠ ପଞ୍ଚବାର୍ଷିକ ଯୋଜନାକୁ ସମ୍ବଳ ଯୋଗାଇବା ନିମନ୍ତେ ଏଥର ଭାରତକୁ କ୍ରମେ ଅଣ-ଟିକସ ରାଜସ୍ୱ ଉପରେ ବେଶୀ ନିର୍ଭର କରିବାକୁ ପଡ଼ିବ । ଜାତୀୟ ଆୟର ଶତକଡ଼ା ୨୦ ଭାଗ ଏବେ ଟିକସ ସୂତ୍ରରୁ ଆଦାୟ ହେଉଛି ଏବଂ ଭାରତୀୟ ସମାଜର ଆର୍ଥିକ ଅବସ୍ଥା ଏବେ ଏପରି ଯେ ଏହି ଅଂଶକୁ ବୃଦ୍ଧି କରିବାକୁ ଟିକସର ହାର ଆଉ ବଢ଼ାଯିବାଦ୍ୱାରା ବିପରୀତ ଫଳ ହୋଇପାରେ । ତେଣୁ ଟିକସ ବୃଦ୍ଧି ନିମନ୍ତେ ଟିକସ-ସଂସ୍କାର ପୁନର୍ବିନ୍ୟାସ, ଟିକସ ଫାଙ୍କୁଥିବା ଲୋକଙ୍କଠାରୁ ଟିକସ ଆଦାୟ ବ୍ୟବସ୍ଥା ଏବଂ ଟିକସ ଆଦାୟ ସଂସ୍ଥାର ଦକ୍ଷତା ବୃଦ୍ଧି କରିବା ଅତ୍ୟନ୍ତ ଆବଶ୍ୟକ । ସାଧାରଣ ଲୋକଙ୍କୁ କର ଏବେ ବେଶୀ ବାଧିଲାଣି ଯେ ଆୟକରର ସର୍ବନିମ୍ନ ସୀମାକୁ ଆହୁରି ଯଥେଷ୍ଟ ଉପରକୁ ଉଠାଇନେବା, ବିକ୍ରିକରର ଏକତ୍ରୀକରଣ ପୂର୍ବକ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ବିକ୍ରିକର ନିର୍ଦ୍ଧାରଣ କରିବା, ଅବକାରୀ କରର ବୈଜ୍ଞାନିକ ପୁନର୍ବିନ୍ୟାସ ପ୍ରଭୃତି ବିଭିନ୍ନ ପନ୍ଥା ଗ୍ରହଣ କରିବା ଏବେ ଅତ୍ୟନ୍ତ ଜରୁରୀ ହୋଇ ପଡ଼ିଲାଣି ।

ଅନୁଦାନ—ଏହି ପରିପ୍ରେକ୍ଷୀରେ ମୂଲ୍ୟର ସ୍ଥିରତା ବା ହ୍ରାସ ବୃଦ୍ଧିକୁ ଯୋଗାଣ ଆବଶ୍ୟକତା ନିୟମରେ ପ୍ରାକୃତିକ ଭାବରେ ହେବାକୁ ନ ଦେଇ ବେଳେବେଳେ ସରକାର ଅନୁଦାନ ବା ସବ୍‌ସିଡ଼ି ଦ୍ୱାରା କୃତ୍ରିମ ଉପାୟରେ ନିୟନ୍ତ୍ରଣ କରିଥାନ୍ତି । ଏହି ପନ୍ଥା ଏକ ସ୍ୱଳ୍ପ ସମୟବ୍ୟାପୀ ଜରୁରୀ କାଳୀନ ଅବସ୍ଥା ହୋଇପାରେ । କିନ୍ତୁ ବର୍ତ୍ତମାନ ଭାରତୀୟ ଅର୍ଥନୀତିରେ ଏ ଅନୁଦାନର ପରିମାଣ ବର୍ଷକୁ ପ୍ରାୟ ୧୦୦୦ କୋଟି ଟଙ୍କା । କୃଷି ନିମନ୍ତେ ବ୍ୟବହାର କରାଯାଉଥିବା ଜଳ ଓ ବିଦ୍ୟୁତ୍‌ର ଦର ଭିତରେ ଶତକଡ଼ା ୫୦ରୁ ୨୦୦ ଭାଗ ପର୍ଯ୍ୟନ୍ତ ଅନୁଦାନ ରହୁଛି । ତେଣୁ ଭାରତୀୟ ଅର୍ଥନୀତିକୁ ଏକ ସମତୁଲ ଅବସ୍ଥାକୁ ଆଣିବାକୁ ହେଲେ ଏ ଅନୁଦାନ ବାବଦରେ ପ୍ରାୟ ୩୦୦ କୋଟି ଟଙ୍କା କମ୍ ଖର୍ଚ୍ଚ କରିବାକୁ ହେବ ବୋଲି ଅଟକଳ କରାଯାଉଛି ।

ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ଏହି ଅଭୂତପୂର୍ବ ଋଣ ମଞ୍ଜୁର କରିବା ଆଗରୁ ମୁଦ୍ରାପାଣ୍ଠିର ସଭ୍ୟ ସଦସ୍ୟମାନେ ଭାରତୀୟ ଅର୍ଥନୀତିର ବିଭିନ୍ନ ଦିଗରୁ ନିରପେକ୍ଷ ଆଲୋଚନା କରି ଆଶାତୀତ ଭାବରେ ସନ୍ତୁଷ୍ଟ ହୋଇ ନ ଥିଲେ ଏହିଋଣ ମଞ୍ଜୁରୀ ସମ୍ଭବ ହୋଇନଥାନ୍ତା । ଭାରତୀୟ ଅର୍ଥନୀତି ପାଇଁ ଏହି ପୁଂଖାନୁପୁଂଖ ଆଲୋଚନାହିଁ ଏକ ବିଶେଷ ସୂଚକ ।

ଏହି ଋଣ ଭାରତୀୟ ଅର୍ଥନୀତିକୁ ଦୃଢ଼ତର କରିବ ଓ ଆଗାମୀ ବର୍ଷମାନଙ୍କର ବଜେଟର ନିଅଣ୍ଟ ପରିମାଣ ସୀମାବଦ୍ଧ ହୋଇପାରିବ । ମୁଦ୍ରାସ୍ଫୀତିର ହାରକୁ ଏକକ ସଂଖ୍ୟାରେ ସୀମିତ କରିବା ନିମନ୍ତେ ଏହି ବୈଦେଶିକ ଋଣ ସାହାଯ୍ୟ କରିବ ।

କିନ୍ତୁ ଏହି ଋଣର ସୁଧର ପରିମାଣ ହିଁ ବାର୍ଷିକ ପ୍ରାୟ ୪୫୦ କୋଟି ଟଙ୍କା । ତେଣୁ ଏହି ଋଣକୁ କେବଳ ତୈଳ ଆମଦାନୀ କରିବା ନିମନ୍ତେ ହାତଖର୍ଚ୍ଚ ରୂପେ ବ୍ୟବହାର ନ କରି ଏପରି କେତେକ ଲାଭଜନକ ଉତ୍ପାଦନ କ୍ଷେତ୍ରରେ ବ୍ୟବହାର କରିବାକୁ ହେବ, ଯେଉଁଥିରୁ ୧୯୯୦-୯୧ ବେଳକୁ ପ୍ରାୟ ୧୦୦୦ କୋଟି ଟଙ୍କାର ବିକ୍ରିଯୋଗ୍ୟ ସାମଗ୍ରୀ ଉତ୍ପାଦନ ହୋଇ ପାରିବ । ପେଟ୍ରୋଲ ଅନୁସନ୍ଧାନ ଓ ଖଣି କାର୍ଯ୍ୟ, ଶୋଧନାଗାର ପ୍ରତିଷ୍ଠା, ବଡ଼ ରାସାୟନିକ କାରଖାନା ନିର୍ମାଣ ଓ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିବା ନିମନ୍ତେ ଏହି ଅର୍ଥର ବିନିଯୋଗ କରାଯାଇ ପାରିଲେ ଆଉ ଦଶ ବର୍ଷପରେ ଏଥିରୁ ମିଳୁଥିବା ଲାଭ ଭାରତୀୟ ଅର୍ଥନୀତିର ଭାରସାମ୍ୟ ରକ୍ଷାକରିବା ନିମନ୍ତେ ଯଥେଷ୍ଟ ସାହାଯ୍ୟ କରିବ ।

ସୁପରିଟେଣ୍ଡିଙ୍ଗ ଇଂଜିନିୟର, ବିଦ୍ୟୁତ୍‌ବୋର୍ଡ଼ ବ୍ରହ୍ମପୁର ।

- କଳା ଓ ଭାସ୍କର୍ଯ୍ୟରେ ଉତ୍କୃଷ୍ଟ ଦେବ ମଂଦିରଠାରୁ ଆରମ୍ଭ କରି ପ୍ରାକୃତିକ ଦୃଶ୍ୟପୂର୍ଣ୍ଣ ସବୁଜବନାନୀ ପର୍ଯ୍ୟନ୍ତ ଓଡ଼ିଶାର ଅଗଣିତ ଦର୍ଶନୀୟ ସ୍ଥାନ ହଜାର ହଜାର ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରେ । ସେହିସବୁ ଦର୍ଶନୀୟ ସ୍ଥାନଗୁଡ଼ିକ ପରିଷ୍କାର ପରିଚ୍ଛନ୍ନ ରଖିବା ଆମର ଦାୟିତ୍ୱ ।

- ପର୍ଯ୍ୟଟକମାନେ ଆମର ସମ୍ମାନନୀୟ ଅତିଥି । ସେମାନଙ୍କୁ ସବୁ ପ୍ରକାର ସାହାଯ୍ୟ ଓ ସହଯୋଗ କରିବା ଆମର ପରମ କର୍ତ୍ତବ୍ୟ ।

- ପର୍ଯ୍ୟଟକମାନଙ୍କର ଗମନାଗମନ ଓ ରହିବା ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଦ୍ୱାରା ପରିଚାଳିତ ପାନ୍ଥନିବାସ ଓ ପରିଭ୍ରମଣ ବ୍ୟବସ୍ଥାର ସୁଯୋଗ ନିଅନ୍ତୁ ।

- ପର୍ଯ୍ୟଟନ ସମ୍ପର୍କରେ ସର୍ବଶେଷ ବିବରଣୀ ଜାଣିବା ପାଇଁ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାର ପର୍ଯ୍ୟଟନ ଅଧି-କାରୀମାନଙ୍କ ସହିତ ଯୋଗାଯୋଗ ସ୍ଥାପନ କରନ୍ତୁ ।

ନିର୍ଦ୍ଦେଶକ
**ପର୍ଯ୍ୟଟନ ବିଭାଗ**
ଓଡ଼ିଶା, ଭୁବନେଶ୍ୱର



କଟକ ଶହୀଦ ଭବନରେ ପୌରସଭା ଗ୍ରନ୍ଥାଗାର ।

# ଆସନ୍ତା କାଲିର କଟକ ସହର

ଶ୍ରୀ ପ୍ରସନ୍ନ କୁମାର ହୋତା

ଭାରତବର୍ଷର ପ୍ରାଚୀନ ସହରମାନଙ୍କ ମଧ୍ୟରେ କଟକ ସହର ଅନ୍ୟତମ । ଶ୍ୱେତଗଙ୍ଗଦେବ କଳିଙ୍ଗ ନଗର ପରିବର୍ତ୍ତେ କଟକକୁ ତାଙ୍କର ରାଜଧାନୀ ଭାବେ ସ୍ଥିର କରିଥିଲେ ଓ ଶତାବ୍ଦୀ ଶତାବ୍ଦୀ ଧରି କଟକ ସହର ରାଜଧାନୀ ହେବାର ଗୌରବ ଅର୍ଜନ କରି ଆସିଛି । ଉତ୍ତରରେ ମହାନଦୀ, ଦକ୍ଷିଣରେ କାଠଯୋଡ଼ି, ପୂର୍ବରେ ଖାନନଗର, ନୂଆବଜାରଠାରୁ ପଶ୍ଚିମରେ ବିଡ଼ାନାସୀକୁ ନେଇ ଏ ସହର ପରିବ୍ୟାପ୍ତ । ଉତ୍ତର, ଦକ୍ଷିଣ ଓ ପଶ୍ଚିମପଟ ନଦୀଦ୍ୱାରା ପରିବେଷ୍ଟିତ ହୋଇଥିବାରୁ ସହରର ସଂପ୍ରସାରଣ ସେ ଦିଗରେ ସଂଭବ ହୋଇପାରି ନ ଥିଲା । ମାତ୍ର ମହାନଦୀ ଓ କାଠଯୋଡ଼ି ଉପରେ ପୋଲ ନିର୍ମାଣ ହେବା ଫଳରେ ଉତ୍ତର ଓ ଦକ୍ଷିଣ ଦିଗରେ ସଂପ୍ରସାରଣ ସମ୍ଭବପର ହୋଇପାରିଛି, ମହାନଦୀ ଓ ବିରୂପା ବ୍ୟାରେଜ ନିର୍ମାଣ ପରେ ସହରର ସଂପ୍ରସାରଣ ବ୍ୟାପକ ଭାବେ ସମ୍ଭବପର । ବର୍ତ୍ତମାନ ସହର ଉତ୍ତର ଦିଗରେ ବଢ଼ି ଉଠୁଥିବା ଜଗତପୁର ଶିଳ୍ପାଞ୍ଚଳ, ଚୌଦ୍ୱାର ଶିଳ୍ପାଞ୍ଚଳ ଏବଂ ବର୍ତ୍ତମାନ ସରକାରଙ୍କ ନୂତନ ପ୍ରଗତିଶୀଳ ଶିଳ୍ପ ନୀତି ଯୋଗୁଁ ଦ୍ରୁତଗତିରେ ଗଢ଼ି ଉଠୁଥିବା ଦକ୍ଷିଣରେ ବାରଙ୍ଗ ଏବଂ ଭୁବନେଶ୍ୱର ଆଖ ପାଖର ଶିଳ୍ପାଞ୍ଚଳ ଏବଂ ପାରାଦୀପ ବନ୍ଦରର ବିକାଶ ଓ ଭବିଷ୍ୟତ ପ୍ରତି ଦୃଷ୍ଟିରଖି କଟକ ସହରର ଉନ୍ନୟନ, ସଂପ୍ରସାରଣ ଇତ୍ୟାଦିର ବ୍ୟବସ୍ଥା କରିବାକୁ ହେବ । କଟକ ମ୍ୟୁନିସିପାଲିଟି କାର୍ଯ୍ୟ କରୁଛି ୧୮୭୬ ମସିହାରୁ । ସେଦିନ ଓ ଆଜିର କଟକ ସହର ମଧ୍ୟରେ ଆକାଶ ପାତାଳ ପ୍ରଭେଦ । ଯୋଜନାବଦ୍ଧ ଭାବେ ସହରଟି ଗଢ଼ି ଉଠି ନ ଥିବାରୁ ବହୁ ସମସ୍ୟା ସୃଷ୍ଟି ହୋଇଛି ଯାହାର ପ୍ରତିକାର କରିବା ପୌରସଂସ୍ଥାର ପ୍ରଥମ ଲକ୍ଷ୍ୟ ।

କଟକ ସହରରେ ସର୍ବୋଚ୍ଚ ନ୍ୟାୟାଳୟ ହାଇକୋର୍ଟ, ବାରବାଟି ଷ୍ଟାଡ଼ିୟମ, ଶ୍ରୀରାମଚନ୍ଦ୍ରଭଞ୍ଜ ଚିକିତ୍ସା ମହାବିଦ୍ୟାଳୟ, ରାଜ୍ୟର ମୁଖ୍ୟ ବାଣିଜ୍ୟକେନ୍ଦ୍ର ମାଲଗୋଦାମ, ଆକାଶବାଣୀ, ଟେଲିଭିଜନ କେନ୍ଦ୍ର, ରାଜସ୍ୱ ପର୍ଷଦ, କଳାବିକାଶ କେନ୍ଦ୍ର, ରାଜ୍ୟ ପରିବହନ କର୍ପୋରେସନର ମୁଖ୍ୟ କାର୍ଯ୍ୟାଳୟ, ବିଭିନ୍ନ ନିଗମ ଓ ନିର୍ଦ୍ଦେଶାଳୟ, ବାଦାମବାଡ଼ି ବସଷ୍ଟାଣ୍ଡ ଅବସ୍ଥିତ ଥିବା ଦୃଷ୍ଟିରୁ ସାରା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରତ୍ୟହ ହଜାର ହଜାର ଲୋକେ କଟକ ଆସୁଛନ୍ତି । ଏହାର ବିଭିନ୍ନ ଶିଳ୍ପର ଶ୍ରମଜୀବୀ ଲୋକେ ବହୁ ସଂଖ୍ୟାରେ କଟକରେ ଆସି କର୍ମସଂସ୍ଥାନ କରିଛନ୍ତି ।




ଏମାନେ ମଧ୍ୟ କଟକ ସହରରେ ରହିଁଛନ୍ତି ଏବଂ ଏମାନଙ୍କର ମଧ୍ୟ ସମସ୍ୟା ଅଛି । ଏହା ଛଡ଼ା ବର୍ତ୍ତମାନ କଟକ ସହରର ଜନସଂଖ୍ୟା ପ୍ରାୟ ସାଢ଼େ ତିନି ଲକ୍ଷରେ ପହଞ୍ଚିଛି । ଅତଏବ ଏସବୁ ଲୋକଙ୍କର ସବନିମ୍ନ ମୌଳିକ ଆବଶ୍ୟକତାକୁ ଆଖି ଆଗରେ ରଖି, କ୍ରମ ବର୍ଦ୍ଧମାନ ଜନସଂଖ୍ୟା, ଭବିଷ୍ୟତର ଶିଳ୍ପାୟନ, ନଗର ଉନ୍ନୟନ ସଂପର୍କରେ ଯୋଜନା କରାଯାଉଛି ।

ଏହା କହିବା ବାହୁଲ୍ୟ ଯେ ମାନ୍ୟବର ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ କଟକ ସହରର ସର୍ବାଙ୍ଗୀନ ବିକାଶ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି । ଗତବର୍ଷ ଶେଷ ଭାଗରେ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ବସି ଏ ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇ କେତେକ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ନିଆଯାଇଛି ଯାହାକି କଟକ ସହରର ରୂପକୁ ସଂପୂର୍ଣ୍ଣ ଭାବରେ ବଦଳାଇ ଦେଇ ପାରିବ ଏବଂ ସହର ବାସୀମାନଙ୍କର ନିମ୍ନତମ ଆବଶ୍ୟକତାର ପୂରଣ ହୋଇପାରିବ ।

କଟକ ମ୍ୟୁନିସିପାଲିଟି ଏକ ସେବାମୂଳକ ଅନୁଷ୍ଠାନ ଭାବେ ଏକ ଶତାବ୍ଦୀଧରି ଜନସାଧାରଣଙ୍କ ସେବା କରି ଆସିଛି । ଏଥି ସହିତ ବିଗତ କେତେ ବର୍ଷ ଧରି ବୃହତର କଟକ ଉନ୍ନୟନ ସଂସ୍ଥା ମଧ୍ୟ ସହରର ଉନ୍ନତି ନିମନ୍ତେ ବିଭିନ୍ନ ପଦକ୍ଷେପ ନେଉଛନ୍ତି । ଶିଖରପୁର ଗୃହ ନିର୍ମାଣ ଯୋଜନା, ବକସିବଜାରରେ ନୂତନ ମାର୍କେଟ, ବକ୍ସିବଜାର ରୋଡରେ ଦୋକାନ ପାଇଁ ଗୃହ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇ ପର୍ଯ୍ୟାୟକ୍ରମେ ବିଭିନ୍ନ କାର୍ଯ୍ୟ ହାତକୁ ନିଆଯାଉଛି । ଜେଲଖାନାକୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯିବାର ପଦକ୍ଷେପ ନିଆଯାଉଛି । ସହରର ଜନସାଧାରଣଙ୍କ ମୌଳିକ ସମସ୍ୟା ପ୍ରତି ମ୍ୟୁନିସିପାଲିଟି ଦୃଷ୍ଟି ଦେଉଛି ।

କଟକ ସହରରେ ଶିକ୍ଷାର ପ୍ରସାର କ୍ଷେତ୍ରରେ ମ୍ୟୁନିସିପାଲିଟି ୬୬ଟି ପ୍ରାଥମିକ ବିଦ୍ୟାଳୟ, ୨ଟି ମଧ୍ୟ ଇଂରାଜୀ ବିଦ୍ୟାଳୟ, ୩ଟି ହାଇସ୍କୁଲର ପରିଚାଳନା ଦାୟିତ୍ୱ ନେଉଛି ଏବଂ ସମସ୍ତ ସ୍କୁଲର ମୌଳିକ ଅଭାବ ଏହା ମଧ୍ୟରେ ଅନେକ ପରିମାଣରେ ପୂରଣ କରାଯାଇଛି । ନୂତନ ଭାବେ ଗଢି ଉଠୁଥିବା ମହାବିଦ୍ୟାଳୟ ଗୁଡ଼ିକର ଉନ୍ନତି ପାଇଁ ପୌରସଂସ୍ଥା ସମସ୍ତ ସାହାଯ୍ୟ ଓ ସହଯୋଗ କରୁଛି ।

ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ମ୍ୟୁନିସିପାଲିଟି ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରୁଛି । ଗତ ଅଗଷ୍ଟ ମାସ ୧୪ ତାରିଖରୁ କଟକ ସହରରେ ଦୁଇବେଳା ରାସ୍ତା ସାଫ ସଫେଇ କାର୍ଯ୍ୟ କରାଯାଉଛି । ଏହା ସହରରେ ସ୍ୱାସ୍ଥ୍ୟକର ପରିବେଶ ରକ୍ଷା କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ମଶା ନିରାକରଣ କାର୍ଯ୍ୟରେ ଫାଇଲେରିଆ ବିଭାଗର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ ଓ ଫଳପ୍ରଦ କରାଇବା ପାଇଁ ପୌର ସଂସ୍ଥା ପକ୍ଷରୁ ସମସ୍ତ ସହଯୋଗ କରାଯାଉଛି । ଏଥିପାଇଁ ଆବଶ୍ୟକୀୟ ଅର୍ଥ ବ୍ୟୟ କରାଯାଉଛି । ଜନସ୍ୱାସ୍ଥ୍ୟ, ଜିରାପରା ଓ ସୁବିଧା ସୁଯୋଗକୁ ଆଖି ଆଗରେ ରଖି ଅଳିଆସଫା, ମଳନିଷ୍କାସନ, ଜଳ ନିଷ୍କାସନ, ପାନୀୟ ଜଳ ଯୋଗାଣ, ରାସ୍ତାରେ ଆଲୋକର ବ୍ୟବସ୍ଥା, ଦୈନିକ ବଜାର ନିର୍ମାଣ, କିଲଖାନାର ଆଧୁନିକୀକରଣ, ଡାକ୍ତରଖାନା ସ୍ଥାପନ, ଶିକ୍ଷାର ପ୍ରସାର ଇତ୍ୟାଦି କାର୍ଯ୍ୟ ମ୍ୟୁନିସିପାଲିଟି ପକ୍ଷରୁ ଅଗ୍ରାଧିକାର ଭିତ୍ତିରେ କରାଯାଉଛି । ସହର ଓ ସହରତଳି ଅଞ୍ଚଳର ଲୋକମାନଙ୍କର ସମସ୍ୟାକୁ ସାମୂହିକ ଭାବରେ ରଖି ତାହାର ସମାଧାନ ପାଇଁ ଚେଷ୍ଟା କରିବା କଟକ ସହର ପାଇଁ ଭବିଷ୍ୟତ ଯୋଜନାର ଲକ୍ଷ୍ୟ ।

ଏଥିପାଇଁ କଟକ ସହରରେ ଏକ ରିଙ୍ଗ୍ ରୋଡ୍ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଛି । ଏହା ହେଲେ ଯାନ ବାହନ ଯିବା ଆସିବା ସୁଗମ ହେବା ସଙ୍ଗେ ସଙ୍ଗେ ସହର ମଧ୍ୟରେ



ଯାନ ବାହନର ଭିଡ଼ ମଧ୍ୟ କମିବ । ସହର ମଧ୍ୟରେ ପୂର୍ତ୍ତ ବିଭାଗର ୬୬ କି: ମି:, ଜଳସେଚନ ବିଭାଗର ୨୩ କି: ମି: ଓ ମ୍ୟୁନିସିପାଲିଟିର ୧୭୬ କି: ମି: ସଡ଼କଗୁଡ଼ିକର ଉନ୍ନତି କରାଯିବ । ମହାନଦୀ ଓ ବିରୂପା ବ୍ୟାରେଜ ନିର୍ମାଣ ପରେ ଏ ଦିଗରେ ଅନେକ ସୁଫଳ ମିଳିବ ।

ଜଳ ଯୋଗାଣ କ୍ଷେତ୍ରରେ ମଧ୍ୟବର୍ତ୍ତୀ କାଳୀନ ଯୋଜନାର ୩ୟ ପର୍ଯ୍ୟାୟରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ୭ଟି ଟିଉବୱେଲ କରାଯାଇ ତହିଁରୁ ଦୈନିକ ୩ ମିଲିଅନ ଗ୍ୟାଲନ ଜଳ ଯୋଗାଣ କରାଯିବ । ଜନସଂଖ୍ୟା ଯାହା ବଢ଼ିଲେ ମଧ୍ୟ ୧୯୮୩ ଶେଷ ସୁଦ୍ଧା ଦୈନିକ ୧୨ ମିଲିଅନ ଗ୍ୟାଲନ ଜଳ ଯୋଗାଣ ସମ୍ଭବ ହେବ ଯାହା ଫଳରେ ମୁଣ୍ଡ ପିଛା ୪୦ ଗ୍ୟାଲେନରୁ ଅଧିକ୍ ହେବ ।

ଜଳ ନିଷ୍କାସନ ଓ ଭୂତଳ ସ୍ୟୁଏରେଜ ନିର୍ମାଣ କଟକ ସହରର ଅନ୍ୟ ଏକ ମୁଖ୍ୟ ଆବଶ୍ୟକତା ଯାହା ସରକାରଙ୍କର ବିଚାରାଧୀନ ।

ଶୌଚ ଓ ସ୍ନାନର ସୁବ୍ୟବସ୍ଥା କରିବା ପାଇଁ ଏବେ ବାଦାମବାଡ଼ି ବସଷ୍ଟାଣ୍ଡଠାରେ ସୁଲଭ ଶୌଚାଳୟ ନିର୍ମାଣ କରାଯାଇଛି । କଟକର ମୁଖ୍ୟ ଓ ଜନଗହଳି ସ୍ଥାନମାନଙ୍କରେ ବର୍ତ୍ତମାନ ୧୧ଟି ସୁଲଭ ଶୌଚାଳୟ ନିର୍ମାଣ କରାଯିବ । ଏହା ବିଶେଷ ଲୋକପ୍ରିୟ ହେଉଛି । ନୂତନ ସୁଲଭ ଶୌଚାଳୟ ନିର୍ମାଣ ସଙ୍ଗେ ସଙ୍ଗେ ପୁରାତନ ଶୌଚାଳୟମାନଙ୍କର ମରାମତି ତଥା ଆଧୁନିକୀକରଣର ବ୍ୟବସ୍ଥା କରା ଯାଉଛି । କହିବା ବାହୁଲ୍ୟ ଯେ ମ୍ୟୁନିସିପାଲିଟିର ୨୫ ହଜାର ହୋଲଡ଼ିଙ୍ଗ ମଧ୍ୟରୁ ପ୍ରାୟ ୧୦ ହଜାର ହୋଲ୍ଡ଼ିଙ୍ଗରେ ପାଇଖାନା ନାହିଁ । ଯାହା ଦ୍ୱାରା ଲୋକେ ଏଠି ସେଠି ମଳତ୍ୟାଗ କରୁଛନ୍ତି । ତେଣୁ ସହରର ସୁସ୍ଥ ପରିବେଶ ସୃଷ୍ଟି କରିବାକୁ ହେଲେ ଏବଂ ସଦାସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖିବାକୁ ହେଲେ ସାଧାରଣ ଲୋକଙ୍କ ପାଇଁ ଶୌଚାଗାର ନିର୍ମାଣ କରିବାହିଁ ପ୍ରଥମ ବ୍ୟବସ୍ଥା । ସର୍ବସାଧାରଣଙ୍କ ପାଇଁ ଶୌଚାଗାର ବ୍ୟବସ୍ଥା ସଙ୍ଗେ ସଙ୍ଗେ ଜନସାଧାରଣ ଯେପରି ସ୍ୱଗୃହରେ ସରକାରୀ ଲୋନ୍‌ରେ ସେପଟିକ ପାଇଖାନା ତିଆରି କରିପାରିବେ ସେ ବିଷୟରେ ମ୍ୟୁନିସିପାଲିଟି, ସୁଲଭ ଶୌଚାଳୟ ସଂସ୍ଥା ଓ ସରକାରଙ୍କୁ ନେଇ ଏକ ଯୋଜନା ପ୍ରସ୍ତୁତ କରାଯାଉଛି ।

ସହରର ସୌନ୍ଦର୍ଯ୍ୟ ବୃଦ୍ଧି ଓ ସ୍ୱାସ୍ଥ୍ୟକର ପରିବେଶ ରକ୍ଷା କରିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଇ ବିଭିନ୍ନ ସ୍ଥାନରେ ଛୋଟ ଓ ବଡ଼ ପାର୍କ ନିର୍ମାଣ କରାଯାଉଛି । ଏହାର ସବୁଜିମା ସହ ସୌନ୍ଦର୍ଯ୍ୟବୋଧର ସଂପର୍କ ଅଛି । ଶ୍ୟାମଳ ପତ୍ରର ବେଷ୍ଟନୀ ଆନନ୍ଦ ଦିଏ, ମନ ମଧ୍ୟରେ ଭାବାନ୍ତର ସୃଷ୍ଟି କରେ । ଶ୍ରାନ୍ତ, କ୍ଳାନ୍ତ ପଥିକ ମନରେ ଉନ୍ମାଦନା ଆଣେ । ନିର୍ମଳ ସୁଗନ୍ଧ ମଳୟ ସ୍ପର୍ଶରେ ମନ ମଧୁମୟ ହୋଇଉଠେ । ସବୁଜିମାର ଆକର୍ଷଣ ଅଦ୍ଭୁତ । ଅନୁଭୂତି ମଧୁର, କୋଳାହଳମୟ ପରିବେଶ ମଧ୍ୟରେ ଏହା ଏକ ଶାନ୍ତିର ଆଧାର । ଚିତ୍ତବିନୋଦନ ଓ କ୍ଳାନ୍ତି ଅପନୋଦନର ଅପୂର୍ବ ସ୍ଥଳୀ, ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଏସବୁ ସୁସ୍ଥ ପରିବେଶ ସୃଷ୍ଟି କରିବାରେ ଗୋଟିଏ ଗୋଟିଏ ଆଧାର । ଏହି ଅଭିମୁଖ୍ୟ ନେଇ ମହାନଦୀ କୂଳରେ ମଧୁସୂଦନ ପାର୍କ ଏବଂ ଏକ ମୃଗ ବିହାର ନିର୍ମାଣ ଏ ଦିଗରେ ପ୍ରଥମ ପଦକ୍ଷେପ ବୋଲି ଧରା ଯାଇପାରେ ।

କଟକ ସହରର ଶିକ୍ଷିତ ଲୋକମାନଙ୍କର ବୌଦ୍ଧିକ ବିକାଶ ନିମନ୍ତେ ଶହୀଦ ଭବନଠାରେ ଏକ କେନ୍ଦ୍ରୀୟ ଲାଇବ୍ରେରୀ ଏବଂ ଶିଶୁମାନଙ୍କ ପାଇଁ ଏକ ମନୋରମ ସଂଗ୍ରହାଳୟ ସ୍ଥାପନ କରାଯାଉଛି । ସହରର ବିଶିଷ୍ଟ ଚିନ୍ତାନାୟକମାନଙ୍କର ଏହି ଲାଇବ୍ରେରୀର ଉନ୍ନତି ପାଇଁ ଆଶୀର୍ବାଦ ରହିଛି । ଏହା ଫଳରେ କଟକ ସହରର ଏକ ଦୀର୍ଘ ଦିନର ଅଭାବ ପୂରଣ ହୋଇ ପାରିଛି । ନଗର ଉନ୍ନୟନ ମନ୍ତ୍ରୀ ଗତ

ସ୍ୱାୟତ୍ତ ଶାସନ ଦିବସରେ ଏହି ସବୁ ଅନୁଷ୍ଠାନର ଶୁଭ ଉଦ୍‌ଘାଟନ କରିଛନ୍ତି ।

୧୦ ଲକ୍ଷ ୨୦ ହଜାର ଟଙ୍କା ବ୍ୟୟ ଅଟକଳରେ ଖାନନଗର ଶ୍ମଶାନଠାରେ ଏକ ବିଦ୍ୟୁତ ଚୁଲ୍ଲୀ ନିର୍ମାଣ କରାଯାଉଛି । ଶୀଘ୍ର ନିର୍ମାଣ କାର୍ଯ୍ୟ ଶେଷ କରାଯିବାର ଲକ୍ଷ୍ୟ ରଖାଯାଇଛି । ଏହା ସହରବାସୀଙ୍କର ନିଶ୍ଚିତଭାବରେ ଏକ ବଡ଼ ଅଭାବ ପୂରଣ କରିବ ।

ଓ. ଏମ. ପି ଛକଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ଏକ ୧୭ ଫୁଟ ଉଚ୍ଚତା ବିଶିଷ୍ଟ ବ୍ରୋଞ୍ଜ ନିର୍ମିତ ଏକ ଅଶ୍ୱାରୋହୀ ପ୍ରତିମୂର୍ତ୍ତି ୧୯୮୨ରେ ସ୍ଥାପନ କରାଯିବ ।

ଯାନବାହନର ସୁବିଧା ପାଇଁ କଟକ ରେଳଷ୍ଟେସନଠାରେ ଏକ ଓଭରବ୍ରିଜ୍ ନିର୍ମାଣ ପାଇଁ ରେଳବାଇର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା ଚାଲିଛି ସେ ଦିଗରେ ପଦକ୍ଷେପ ନିଆଯାଉଛି । ବାଦାମବାଡ଼ିଠାରେ ଏକ ଘରୋଇ ବସଷ୍ଟାଣ୍ଡ ନିର୍ମାଣ କରାଯିବାର ବ୍ୟବସ୍ଥା କରାଯାଉଛି । ଏହାଛଡ଼ା ହିନ୍ଦ ସିନେମା ପାଖରେ ମାର୍କେଟ ନିର୍ମାଣ, କଲେଜଛକଠାରେ କୃତ୍ରିମ ଝରଣା ନିର୍ମାଣ, ବକ୍ସିବଜାରଠାରେ ମ୍ୟୁନିସିପାଲିଟି ଅତିଥିଭବନ ନିର୍ମାଣ, କଦମରସୁଲ୍ କବରଖାନାର ଉନ୍ନତି, କିଲାଖାନାର ଆଧୁନିକୀକରଣ ପ୍ରଭୃତି କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି । ସହରର ବିଭିନ୍ନ ମୁଖ୍ୟସ୍ଥାନମାନଙ୍କରେ ଉଜ୍ଜ୍ୱଳ ଆଲୋକ ଦିଆଯାଉଛି ।

ରାଜ୍ୟ ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ ଏ ଦିଗରେ ଯଥେଷ୍ଟ ଉତ୍ସାହ ଓ ପ୍ରେରଣା ଦେଇଥିବାରୁ ପୌରସଂସ୍ଥା ସେମାନଙ୍କଠାରେ କୃତଜ୍ଞ । ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କାର୍ଯ୍ୟ ଶେଷ କରାଯିବାର ଲକ୍ଷ୍ୟ ରଖି କାର୍ଯ୍ୟ ଚାଲିଛି । ମଧୁପାଟଣାଠାରୁ ଜଗତପୁର ପର୍ଯ୍ୟନ୍ତ ଗଢ଼ି ଉଠୁଥିବା ନୂତନ ଶିଳ୍ପାଞ୍ଚଳର ଉନ୍ନୟନକୁ ଆଖି ଆଗରେ ରଖି ବ୍ୟବସ୍ଥା କରାଯିବା ସଙ୍ଗେ ସଙ୍ଗେ ମହାନଦୀ ଓ କାଠଯୋଡ଼ି ପୋଲ ଉପରେ ମଧ୍ୟ ଆଲୋକ ବ୍ୟବସ୍ଥା କରାଯିବ ।

ଭବିଷ୍ୟତରେ ବିଡ଼ାନାସୀ ଅଞ୍ଚଳରେଥିବା ପ୍ରାୟ ୬ ହଜାର ଏକର ଜମିକୁ ହାତକୁ ନିଆଯାଇ କଟକ ସହର ସଂପ୍ରସାରିତ ହୋଇ ପାରିବ । ଏହାହେଲେ କଟକ ସହର ନରାଜ ପର୍ଯ୍ୟନ୍ତ ସଂପ୍ରସାରିତ ହେବ ।

କଟକ ସହରର କେନ୍ଦ୍ରସ୍ଥଳୀରେ ଅବସ୍ଥିତ ଐତିହାସିକ ବାରବାଟୀ ଦୁର୍ଗର ତୋରଣର ରକ୍ଷଣାବେକ୍ଷଣ ଏବଂ ଏହାର ଚତୁଃପାର୍ଶ୍ୱସ୍ଥ ଅଞ୍ଚଳର ସୌନ୍ଦର୍ଯ୍ୟ ବୃଦ୍ଧି କରାଯିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି । କ୍ରୀଡ଼ା କସରତ ଓ ସଂସ୍କୃତିକ କାର୍ଯ୍ୟକ୍ରମର କ୍ରମ ବିକାଶ ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି ।

ଏକ ସମନ୍ୱିତ ସଂସ୍ଥା ଗଠନ ହେବା ପର୍ଯ୍ୟନ୍ତ କଟକ ମ୍ୟୁନିସିପାଲିଟି ଏବଂ ବୃହତ୍ତର କଟକ ଉନ୍ନୟନ ସଂସ୍ଥା ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିଯିବେ ଏବଂ ଆବଶ୍ୟକ ହେଲେ ମାଷ୍ଟର ପ୍ଲାନକୁ ପୁନର୍ବାର ପରୀକ୍ଷା କରି ଦେଖାଯିବ । ଭବିଷ୍ୟତରେ କଟକ ସହର ଏକ ନୂତନ ସୌନ୍ଦର୍ଯ୍ୟ ନେଇ ଗଢ଼ି ଉଠିବ ଏବଂ ରାଜ୍ୟର ଶିକ୍ଷା, ଚିକିତ୍ସା, ସଂସ୍କୃତି ଓ ବ୍ୟବସାୟ ବାଣିଜ୍ୟର କେନ୍ଦ୍ରସ୍ଥଳୀ ହୋଇ ରହି ପାରିବ ।

କଟକ ସହରର ପ୍ରାଚୀନ ଇତିହାସ ଓ ସଂସ୍କୃତି ଗୌରବ ମଣ୍ଡିତ । ଆଗାମୀ ଯୁଗର ବଂଶଧରମାନେ ନିଜ ଚକ୍ଷୁରେ କଟକ ସହରର ଯେଉଁ ଦୃଶ୍ୟ ପ୍ରତ୍ୟକ୍ଷ ଭାବରେ ଦେଖିବେ ତାହା ହେଉଛି ପ୍ରାଚୀନ ଭାରତର ଧ୍ୱଂସାବଶେଷ ମଧ୍ୟରୁ ନବ କଳେବର ନେଇ ପୁନରୁଜ୍ଜୀବିତ ହେବାର ଏକ ଦୃଶ୍ୟ ଯାହାକି ଅତୀତ ଗୌରବ ସ୍ମରଣ କରାଇବା ସଙ୍ଗେ ସଙ୍ଗେ ଭବିଷ୍ୟତର ଇତିହାସକୁ ଭୂଷିମନ୍ତ କରି ପାରିବ ।

ପୂର୍ବତନ ଜିଲ୍ଲାପାଳ, କଟକ

---

ଓଡ଼ିଶାର ପ୍ରାକୃତିକ ସମ୍ପଦର ଅଭାବ ନାହିଁ । କଠିନ ପରିଶ୍ରମ କରିବାରେ ଓଡ଼ିଶାବାସୀ ପଛାନ୍ତି ନାହିଁ । ସେମାନଙ୍କର ବୁଦ୍ଧିର ଅଭାବ ନାହିଁ । ଏତେ ପ୍ରାକୃତିକ ସମ୍ପଦ, ଏତେ ବୁଦ୍ଧି ଓ ଏତେ ପରିଶ୍ରମ କରିବାର ଆଗ୍ରହ ଥାଇ ଓଡ଼ିଶା ଅଭିଶପ୍ତ ହୋଇ ପଡ଼ି ରହିବ—ଏହାକୁ କଦାପି ବରଦାସ୍ତ କରାଯିବ ନାହିଁ ।

ଜାନକୀ ବଲ୍ଲଭ ପଟ୍ଟନାୟକ



ଓଡ଼ିଶା ମଣ୍ଡପରେ ମହଜଟେର ଓ ହସ୍ତଶିଳ୍ପ ପ୍ରଦର୍ଶନୀରେ
ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ।



ଏକ କୃତୀ ମହିଳା ସମିତିକୁ ଉପମନ୍ତ୍ରୀ ଶ୍ରୀମତୀ ସରସ୍ୱତୀ ହେମ୍ବ୍ରମ୍ ପ୍ରୋତ୍ସାହନ ପୁରସ୍କାର ପ୍ରଦାନ କରୁଛନ୍ତି ।

ଭୁବନେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟ ପ୍ରଶାସନରେ କମ୍ପ୍ୟୁଟର ସଂପର୍କିତ ଆଲୋଚନାଚକ୍ର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟମନ୍ତ୍ରୀ





କ୍ୱାମି ଏକତା ସପ୍ତାହ ପାଳନ ଉପଲକ୍ଷେ ସମବେତ ଶପଥ ପାଠ ।


ଓଡ଼ିଶାରେ ଶିଳ୍ପ ବିକାଶର ସ୍ୱପ୍ନ ସୃଷ୍ଟି କରି
ବନ୍ଦ ହୋଇଗଲା......



ବିରାଟ୍‌କାୟ ଯନ୍ତ୍ରପାତିରେ ଜଙ୍କ ଲାଗିଗଲା......

ଚୌଦ୍ୱାର ଟେକସ୍‌ଟାଇଲ ମିଲ୍



ହଜାର ହଜାର ଶ୍ରମିକଙ୍କ ହାତରୁ କାମ ଖସିଗଲା




## ଏକ ପୁରୁଣା ସ୍ୱପ୍ନର କାହାଣୀ...

ଚୌଦ୍ୱାର ଟେକ୍ସଟାଇଲ ମିଲ୍ ପକ୍ଷରେ ତଥା ଆମ ସମସ୍ତଙ୍କ ପକ୍ଷରେ ଆଜି ଗୋଟିଏ ଆନନ୍ଦର ଦିନ । ଯେଉଁ ଟେକ୍ସଟାଇଲ ମିଲ୍ ଦିନେ ଓଡ଼ିଶାରେ ଶିଳ୍ପ ବିକାଶର ସ୍ୱପ୍ନ ସୃଷ୍ଟି କରିଥିଲା, ସେ ମିଲ୍‌ଟି ଶେଷକୁ ଅତି ଭୟଙ୍କର ଅବସ୍ଥାକୁ ଆସି ହଠାତ୍ ବନ୍ଦ ହୋଇଗଲା । ଯେଉଁମାନେ ଏହାର ଦାୟିତ୍ୱରେ ଥିଲେ ସେମାନେ ଅତି ଦାୟିତ୍ୱହୀନ ଭାବରେ ତାକୁ ବନ୍ଦକରି ଚାଲିଯାଇଥିଲେ । ଆଜି ସେ ମିଲ୍‌ଟି ଯେ ଖୋଲା ଯାଇପାରିଛି, ଏହାଠାରୁ ବଳି ଅଧିକ ଆନନ୍ଦର କଥା କ'ଣ ଥାଇପାରେ ?

ଆଜି ଯେତେବେଳେ ଓଡ଼ିଶାରେ ଏକ ଅଭିନବ ଶିଳ୍ପ ଯୁଗ ଆରମ୍ଭ ହେବାକୁ ଯାଉଛି, ସେତେବେଳେ ଏହି ମିଲ୍‌ଟିକୁ ପୁନର୍ବାର ଖୋଲିବା ଦ୍ୱାରା ସେହି ପୁରୁଣା ସ୍ୱପ୍ନକୁ ପୁନର୍ଜୀବିତ କରାଯାଇପାରିଛି । ଏହା ଏକ ଐତିହାସିକ ପଦକ୍ଷେପ ।

## ଶିଳ୍ପ କ୍ଷେତ୍ରରେ ଏକ ଐତିହାସିକ ପଦକ୍ଷେପ ... ...

# ଚୌଦ୍ୱାର ଲୁଗାକଳ ପୁଣି ଖୋଲିଲା

ଦୀର୍ଘକାଳ ବନ୍ଦ ରହିବା ପରେ ଗତ ୨୮-୧୧-୧୯୮୧ ତାରିଖ ଦିନ ଚୌଦ୍ୱାର ଟେକ୍ସଟାଇଲ ମିଲ୍ ପୁଣି ଖୋଲିଲା । ଏହି ଅବସରରେ ଆୟୋଜିତ ଉତ୍ସବରେ ସଭାପତି ଥିଲେ ଲୋକସଭା ସଦସ୍ୟା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ । ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ସମ୍ମାନିତ ଅତିଥି ଭାବରେ ଓ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟକ ରୂପେ ଯୋଗ ଦେଇଥିଲେ । ରାଜ୍ୟବାସୀଙ୍କ ଅବଗତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଭାଷଣ ଏଠାରେ ପ୍ରକାଶ କରାଯାଉଅଛି ।

(ମୁଖ୍ୟ ସମ୍ପାଦକ)

ବନ୍ଧୁଗଣ, ଓଡ଼ିଶା ଟେକ୍ସଟାଇଲ ମିଲ୍ କାହିଁକି ବନ୍ଦ ହୋଇଗଲା, ତାକୁ ଆଜି ବିଚାର କରିବାର ବେଳ ଆସିଛି । ବିଭିନ୍ନ କାରଣରୁ ଦେଶରେ ଅନେକ ମିଲ୍ ବନ୍ଦ ହୋଇଯାଉଛି । କେଉଁଠି ହୁଏତ କଳ କବଜା ସବୁ ଅତି ପୁରୁଣା ହୋଇଯାଇଛି ? ନୂଆ କଳ କବ୍‌ଜା ତା' ଜାଗାରେ ବନ୍ଦୋବସ୍ତ କରାଯାଇ ପାରୁନାହିଁ, ତେଣୁ ମିଲ୍ ବନ୍ଦ ହୋଇଯାଉଛି । କେଉଁଠି ଶ୍ରମିକ ଅଶାନ୍ତି ଏତେ ଉଗ୍ର ଓ ପ୍ରବଳ ହୋଇଛି, ଯାହା ଫଳରେ ସେ ମିଲ୍ ବନ୍ଦ ହୋଇଯାଉଛି । କେଉଁଠି ମାଲିକ ଓ ଶ୍ରମିକମାନଙ୍କ ମଧ୍ୟରେ ଏପରି ଝଗଡ଼ା ହୋଇଛି ଯେ ତାର ସମାଧାନ ନ ହୋଇପାରି ମିଲ୍‌ଟି ଛାଏଁ ଛାଏଁ ବନ୍ଦ ହୋଇଯାଉଛି ।

କିନ୍ତୁ ଚୌଦ୍ୱାର ଟେକ୍ସଟାଇଲ ମିଲ୍ ବନ୍ଦ ହେବାର କାରଣ ଅଲଗା । ଏ ମିଲ୍‌ର ଯନ୍ତ୍ରପାତି ପୁରୁଣା ହେଲେ ମଧ୍ୟ ବିଶେଷ ପୁରୁଣା ନୁହେଁ । ଆଜି ଯେଉଁ ସବୁ ମିଲ୍ ଦେଶରେ ଭଲଭାବରେ ଚାଲିଛି, ସେ ମିଲ୍‌ର ଯନ୍ତ୍ରପାତି

ସହିତ ଚୌଦ୍ୱାର ମିଲ୍‌ର ଯନ୍ତ୍ରପାତି ନିଶ୍ଚିତ ଭାବରେ ତୁଳନୀୟ ହୋଇପାରିବ । ଏ ମିଲ୍‌ରେ ଶ୍ରମିକ ଅଶାନ୍ତି ଖୁବ୍ କମ୍ ଘଟିଛି । ଏ ମିଲ୍‌ର ଶ୍ରମିକମାନେ ମୁଣ୍ଡଝାଳ ତୁଣ୍ଡରେ ମାରି ଯେପରି ଶୃଙ୍ଖଳାର ସହିତ କଠୋର ପରିଶ୍ରମ କରି ଏହାକୁ ଗଢ଼ି ତୋଳିଛନ୍ତି; ଭାରତ ଇତିହାସରେ ଖୁବ୍ କମ୍ ମିଲ୍ ସେପରି ଭାବରେ ଗଢ଼ା ହୋଇଛି ।

ଏ ମିଲ୍‌ଟି ଖୋଲିବା ସମୟରେ ଓଡ଼ିଶାରେ ଏକ ନୂତନ ସ୍ୱପ୍ନର ଅଭ୍ୟୁଦୟ ହୋଇଥିଲା । ଲୋକମାନଙ୍କ ମନରେ ଏତେ ଆଗ୍ରହ ଓ ଉତ୍ସାହ ସୃଷ୍ଟି ହୋଇଥିଲା ଯେ ସେମାନେ ଗୋଟିଏ କାହିଁକି, ଦୁଇଟି ମିଲ୍ ଖୋଲିଯିବାର ସ୍ୱପ୍ନ ଦେଖିଥିଲେ । ଫଳରେ ଓଡ଼ିଶାର ସବୁ ଅଞ୍ଚଳର ଲୋକେ ପ୍ରାୟ ୩୬ ଲକ୍ଷ ଟଙ୍କାର ଅଂଶଧନ କିଣିଥିଲେ । ଆଜି ବୋଧହୁଏ, ଆଉଥରେ ନୂଆ ହୋଇ କୌଣସି ଟେକ୍‌ସଟାଇଲ ମିଲ୍ ଖୋଲିଗଲେ ପୂର୍ବପରି ୩୬ ଲକ୍ଷ ଟଙ୍କାର ଅଂଶଧନ ଲୋକମାନେ ଆଉ କିଣିବେ କି ନାହିଁ, ସନ୍ଦେହ । ଓଡ଼ିଶାର ପ୍ରଥମ ଟେକ୍‌ସଟାଇଲ ମିଲ୍ ହେଲାବେଳେ ସାଧାରଣ ଲୋକେ ପାଞ୍ଚଦଶ ଟଙ୍କାରୁ ଆରମ୍ଭକରି ହଜାର ହଜାର ଟଙ୍କା ପର୍ଯ୍ୟନ୍ତ ଅଂଶଧନ କିଣିଥିଲେ ଏବଂ ସର୍ବମୋଟ ୩୬ ଲକ୍ଷ ଟଙ୍କା ଏହି ବାବଦରେ ଆଦାୟ କରାଯାଇଥିଲା । ତାହା ତୁଳନାରେ ଓଡ଼ିଶା ସରକାରଙ୍କର ଅଂଶଧନ ଥିଲା ମାତ୍ର ୧୧ ଲକ୍ଷ ଟଙ୍କା । ମୋଟ ଉପରେ କହିବାକୁ ଗଲେ ଲୋକଙ୍କର ପ୍ରବଳ ଉତ୍ସାହ ଓ ବିପୁଳ ସହଯୋଗରେ ଏହି ଟେକ୍‌ସଟାଇଲ ମିଲ୍‌ଟି ଆରମ୍ଭ କରାଯାଇଥିଲା ଏବଂ ସେତେବେଳେ ଘୋଷଣା କରାଯାଇଥିଲା ଯେ ଏ ଟେକ୍‌ସଟାଇଲ ସାଙ୍ଗକୁ ପୁଣି ଆଉ ଗୋଟିଏ ଟେକ୍‌ସଟାଇଲ ମିଲ୍ ଆରମ୍ଭ ହେବ । ଓଡ଼ିଶାରେ ଏକ ଶିଳ୍ପ ଯୁଗ, ବିଶେଷକରି ଏକ ଯନ୍ତ୍ରଶିଳ୍ପର ଯୁଗ ସୃଷ୍ଟି ହେବ ।

ଏ ମିଲର ପରିଚାଳନାଗତ ଇତିହାସକୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ଗୋଟିଏ

# ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ମୃତ ମିଲ୍‌ରେ ପୁଣି ଜୀବନ ଭରିଗଲା



ଭାଗ ହେଉଛି ମ୍ୟାନେଜିଂ ଏଜେନ୍‌ସି, ଅନ୍ୟ ଭାଗଟି ହେଉଛି ପ୍ରୋପାଇଟରସିପ୍ । ମ୍ୟାନେଜିଂ ଏଜେନ୍‌ସିରେ ବିଜୁବାବୁ ଓ ପ୍ରତାପସିଂ ରହିଥିଲେ । ୧୯୬୬ ମସିହାରେ ଯେତେବେଳେ ମ୍ୟାନେଜିଂ ଏଜେନ୍‌ସି ଶେଷହେଲା ବିଜୁବାବୁ ତାଙ୍କ ଦାୟିତ୍ୱରୁ ଅବ୍ୟାହତି ନେଲେ ଓ ପ୍ରତାପସିଂଙ୍କୁ ପୂର୍ଣ୍ଣ ଦାୟିତ୍ୱ ଦିଆଗଲା । ସେ ମ୍ୟାନେଜିଂ ଡିରେକ୍‌ଟର ଭାବରେ ରହିଲେ । ୧୯୫୧ ମସିହାଠାରୁ ୧୯୬୬ ମସିହା ଭିତରେ ଏ ମିଲ୍‌ର ଇତିହାସ ହେଉଛି ଏକ କ୍ଷତିର ଇତିହାସ । ତା' ଭିତରେ ଖୁବ୍ କମ୍ ବର୍ଷ ଲାଭ ହୋଇଛି, ଅଧିକାଂଶ ବର୍ଷ କ୍ଷତି ହୋଇଛି । ବିଜୁବାବୁ ବିଦାୟନେବା ବେଳକୁ ଏ ମିଲ୍ ସର୍ବମୋଟ ୩୦ ଲକ୍ଷ ଟଙ୍କା କ୍ଷତି ସହିଥିଲା । ତା'ପରେ ପ୍ରତାପ ସିଂ ଯେତେବେଳେ ଦାୟିତ୍ୱ ନେଲେ ସେତେବେଳେ ପ୍ରାଥମିକ ଅବସ୍ଥାରେ ଯତ୍‌କିଞ୍ଚିତ ଲାଭ ହୋଇଥିଲା । ମାତ୍ର ପରେ ପରେ ଏଭଳି କ୍ଷତି ହେଲା, ତା'ର ଆଉ ବାଡ଼ବନ୍ଧ ରହିଲା ନାହିଁ । ବିଶେଷ ଭାବରେ ଗତ ୪ବର୍ଷ ଭିତରେ ସେ କ୍ଷତି ବଢି ବଢି ସାଢ଼େ ଏଗାର କୋଟି ଟଙ୍କାକୁ ଆସିଗଲା । ଶ୍ରମିକମାନଙ୍କର ପ୍ରଭିଡେଣ୍ଡ ଫଣ୍ଡ ଦେୟ ଦିଆଗଲା ନାହିଁ । ମିଲ୍ ଚଳିବା ପାଇଁ ସେ ଦେୟକୁ ମଧ୍ୟ ବ୍ୟୟ କରାଗଲା ।

ଏ ସଂପର୍କରେ ଜଣେ ପୂଜକ ଥିଲେ । ସେ ଗୁଡ଼ରେ ତିଆରି ଏକ ଗଣେଶ ମୂର୍ତ୍ତିର ପୂଜା କରୁଥିଲେ । କିଛି କିଛି ଭୋଗଆଣି ସେ ଗୁଡ଼ ଗଣେଶଙ୍କ ପାଖରେ ପ୍ରତିଦିନ ଭୋଗ ଲଗାନ୍ତି । ପରେ ତାଙ୍କର ଲୋଭ ହେଲା । ଆଉ ଭୋଗ ନ ଆଣି ଗୁଡ଼ ଗଣେଶଙ୍କୁ ଟିକିଏ ଟିକିଏ କାଟି ତାଙ୍କରି ପାଖରେ ନୈବେଦ୍ୟ ଅର୍ପଣ କଲେ । ଏହିପରି କରି କରି ଶେଷକୁ ଗୁଡ଼ ଓ ଗଣେଶ ଉଭୟ ଶେଷ ପାଇଗଲେ । ଟେକ୍‌ସଟାଇଲର ଠିକ୍ ସେହି ଅବସ୍ଥା । ଏ ମିଲ୍‌ର ଯାହା କିଛି ସମ୍ବଳ ବା ସଂପତ୍ତି ଥିଲା, ତାହାକୁ ଶେଷ କରି ଦିଆଯାଇଛି ଓ ଶେଷକୁ ସାଢ଼େ ଏଗାର କୋଟି ଟଙ୍କାର ଦାୟରେ ବା କ୍ଷତିରେ ଆଣି ପହଞ୍ଚାଇ ଦିଆଯାଇଛି ।

ମିଲ୍‌ର ଠିକ୍ ଏହି ଅବସ୍ଥାରେ ମିଲ୍ କର୍ତ୍ତୃପକ୍ଷ, ପାର୍ଲାମେଣ୍ଟ ନିର୍ବାଚନର ଠିକ୍ ପ୍ରାକ୍‌କାଳରେ, ଅପ୍ରେଲମାସ ୨୯ ତାରିଖ ଦିନ ମିଲ୍‌ଟିକୁ ବନ୍ଦକରି ଦେଇ ଚାଲିଗଲେ । ଠିକ୍ ଏହି ସମୟରେ ମିଲ୍‌କୁ ବନ୍ଦକରି ଦେବାର ଉଦ୍ଦେଶ୍ୟ ସ୍ପଷ୍ଟ । ସରକାରଙ୍କ ଆଗରେ ମିଲ୍‌ଟିକୁ ଏକ ଥୋପକରି ରଖିବେ, ଆଉ ସରକାର ପାର୍ଲାମେଣ୍ଟ ଉପନିର୍ବାଚନ ଦୃଷ୍ଟିରୁ ଅନ୍ୟ କୌଣସି ଉପାୟ ନ ପାଇ ବାଧ୍ୟହୋଇ ସେ ଥୋପଟିକୁ ଗିଳିବେ । କାରଣ ଏକ ଉପନିର୍ବାଚନ ବେଳେ ସରକାର କୌଣସି ମତେ ମିଲ୍‌ଟିକୁ ବନ୍ଦ କରିବାକୁ ଦେବେ ନାହିଁ । ସେତେବେଳେ ମିଲ୍ କର୍ତ୍ତୃପକ୍ଷମାନଙ୍କର ଦାବୀ ହେଲା, ମିଲ୍‌ଟିକୁ ପୁଣି ଖୋଲିବାପାଇଁ ସରକାର ପାଞ୍ଚ କୋଟି ଟଙ୍କା ପର୍ଯ୍ୟନ୍ତ ଗ୍ୟାରେଣ୍ଟି ଦିଅନ୍ତୁ ।



କିନ୍ତୁ ମୁଁ ସେତେବେଳେ ସେ ଥୋପ ଗିଳିଲି ନାହିଁ । କର୍ତ୍ତୃପକ୍ଷଙ୍କୁ ରୋକ୍‌ଠୋକ୍ କହି ଦେଇଥିଲି, ସମସ୍ତ ପାର୍ଲାମେଣ୍ଟ ଉପନିର୍ବାଚନ ଯାହା ହେଉନା କାହିଁକି ଏ ମିଲ୍‌ର ଥୋପକୁ ଗିଳି ଓଡ଼ିଶାର ସରକାରୀ ରାଜକୋଷକୁ କଦାପି ବରବାଦ୍ ହେବାକୁ ଦିଆଯିବ ନାହିଁ । କାରଣ ଓଡ଼ିଶାର ଶିଳ୍ପ ଜାଗରଣର ସ୍ୱପ୍ନକୁ ବ୍ୟର୍ଥକରି ଦେବାପାଇଁ ଯେଉଁ କୁପରିଚାଳନା ଏକାନ୍ତ ଭାବରେ ଦାୟୀ, ସେପରି ପରିଚାଳନା କର୍ତ୍ତୃପକ୍ଷଙ୍କୁ ପୁଣିଥରେ ସାହାଯ୍ୟ ଦେଲେ ସେ ସମସ୍ତ ସାହାଯ୍ୟ 'ବିଷ୍ଣୁପ୍ରୀତ୍ୟାର୍ଥେ' ଲୁଆଡ଼େ ଉଭେଇ ଯିବ । ପୁଣି ଏ ସମସ୍ତ ଟଙ୍କାର ପତ୍ତା ମିଳିବ ନାହିଁ କି ପତ୍ତା ରହିବ ନାହିଁ ।

ବନ୍ଧୁଗଣ, ଏପରି ଅବସ୍ଥାରେ ଯେତେବେଳେ ଏ ମିଲ୍‌ଟି ବନ୍ଦ୍ ହୋଇଗଲା, ଚୌଦ୍ୱାରର ଏକ ସାଧାରଣ ସଭାରେ ସେତେବେଳେ ମୁଁ ଘୋଷଣା କରିଥିଲି, ଓଡ଼ିଶାର ଶିଳ୍ପଜାଗରଣ କ୍ଷେତ୍ରରେ ଯେଉଁ ଚୌଦ୍ୱାର ଟେକ୍‌ସଟାଇଲ ମିଲ୍ ଥିଲା ପ୍ରଥମ କାରଖାନା, ସେ କାରଖାନାକୁ କେବେହେଲେ ବନ୍ଦ କରିବାକୁ ଦିଆଯିବ ନାହିଁ । ସେ କାରଖାନାକୁ ନିଶ୍ଚିତ ଭାବରେ ଖୋଲାଯିବ । ଏହା କେବେ ଖୋଲିବ ବୋଲି ସେତେବେଳେ ମୋତେ ପ୍ରଶ୍ନ ପଚରା ଯାଉଥିଲା । ମୁଁ ଉତ୍ତରରେ କହିଥିଲି,

ଯଦିଓ ନିର୍ଦ୍ଦିଷ୍ଟ ତାରିଖ ଦେବା ମୋ ପକ୍ଷରେ ସମ୍ଭବ ନୁହେଁ, ତଥାପି ଖୁବ୍ ଶୀଘ୍ର ଏହାକୁ ଖୋଲାଯିବ । ଆଜି ମୁଁ ବିଶେଷ ଭାବରେ ଆନନ୍ଦିତ ଯେ, ସେ ଘୋଷଣାର ଠିକ୍ କ୍ଷ ମାସ ପରେ ଏ ମିଲ୍‌ଟି ଖୋଲିବା ସମ୍ଭବ ହୋଇ ପାରିଛି ।

ଆପଣମାନେ ଜାଣନ୍ତି, ଭାରତବର୍ଷରେ ବର୍ଷ ବର୍ଷଧରି ବହୁ ଟେକ୍‌ସଟାଇଲ୍ ମିଲ୍ ବନ୍ଦ ହୋଇଯାଇଛି । ଆଜି ପର୍ଯ୍ୟନ୍ତ ଖୋଲି ପାରିନାହିଁ । ଉଦାହରଣ ସ୍ୱରୂପ ବିରଳା ପରିଗ୍ରୁପ ଅନ୍ତର୍ଭୁକ୍ତ କେଶୋରାମ କଟନ୍ ମିଲ୍ । ଏହି ମିଲ୍‌ଟି ୭୦୦ ଦିନକାଳ ବନ୍ଦ ହୋଇ ରହିଥିଲା, ଏବେ ଖୋଲିଲା । ଅନେକ ଟେକ୍‌ସଟାଇଲ ମିଲ୍ ଏ ପର୍ଯ୍ୟନ୍ତ ଖୋଲିପାରିନାହିଁ କି ଖୋଲିବାର ସମ୍ଭାବନା ମଧ୍ୟ ନାହିଁ । ଏ ବାବଦରେ ଭାରତ ସରକାର ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ ୧୯୭୨ ମସିହାରେ ଏକ ଦୃଢ଼ ପଦକ୍ଷେପ ନେଇଥିଲେ । ଭାରତବର୍ଷରେ ଯେଉଁ ସବୁ ଟେକ୍‌ସଟାଇଲ ମିଲ୍ ବନ୍ଦ ହୋଇ ପଡ଼ିଛି, ସେ ସବୁ ମିଲ୍‌କୁ ସରକାର ନିଜେ ହାତକୁ ନେବେ । ଜାତୀୟ ଟେକ୍‌ସଟାଇଲ କର୍ପୋରେସନ (ଏନ୍ ଟି. ସି.) ଜରିଆରେ ସାରା ଭାରତବର୍ଷରୁ ୧୧୦ଟି ମିଲ୍‌କୁ ସରକାର ହାତକୁ ନେଲେ ଓ ଲକ୍ଷ ଲକ୍ଷ ଲୋକ ସେମାନଙ୍କର ଜୀବିକା ଫେରି ପାଇଲେ । ଏହି ୧୧୦ଟି ଟେକ୍‌ସଟାଇଲ ମିଲ୍ ମଧ୍ୟରୁ ଆମ ଓଡ଼ିଶା କଟନ୍ ମିଲ୍ ଅନ୍ୟତମ । ଆଜି ମଧ୍ୟ ଶ୍ରୀମତୀ ଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀତ୍ୱ ବେଳେ ଆଉ ଗୋଟିଏ ରୁଗ୍ଣ ମିଲ୍ ଖୋଲିପାରିବ ।

ବନ୍ଧୁଗଣ, ଓଡ଼ିଶା ଟେକ୍‌ସଟାଇଲ ମିଲ୍ ପରି ଅଧିକାଂଶ ମିଲ୍ ଆଜି ଭୟାନକ କ୍ଷତିରେ ଚାଲିଛି । ଏସବୁକୁ ସଜାଡ଼ିବା ପାଇଁ ସରକାରଙ୍କୁ ବହୁତ ଅର୍ଥ ବହନ କରିବାକୁ ପଡୁଛି । ଏ ଭୟାନକ କ୍ଷତିପାଇଁ ସରକାରୀ ପରିଚାଳନା ଦାୟୀ ନୁହେଁ, ଦାୟୀ ହେଉଛନ୍ତି ସେହି ପୁଞ୍ଜିପତିମାନେ ଯେଉଁମାନେ ଏହି ମିଲ୍‌ର ଦାୟିତ୍ୱରେ ଥାଇ ଏହାକୁ ଖୋଳକରି ନେଇ ଶେଷକୁ ଛାଡ଼ି ଚାଲିଯାଉଛନ୍ତି । ବହୁ ଅର୍ଥ ବ୍ୟୟ କରାଯାଇ ପୁଣି ଏସବୁକୁ ଚାଲୁ କରାଯାଉଛି

ବହୁ କ୍ଷତି ହେଉଥିବା ଯୋଗୁଁ ଆଉ କୌଣସି ଟେକ୍‌ସଟାଇଲ ମିଲ୍‌କୁ ହାତକୁ ନ ନେବା ପାଇଁ ସରକାର ଏହି ବର୍ଷ ନିଷ୍ପତ୍ତି କଲେ । କେବଳ ଗୋଟିଏ ମୋହିନୀ-ମିଲ୍‌କୁ ବର୍ତ୍ତମାନ ଏନ୍. ଟି. ସି. ଦ୍ୱାରା ହାତକୁ ନିଆ-ଯାଇଛି । ଏହି ମିଲ୍‌ର ମାଲିକ ତିନିବର୍ଷ ହେଲା କୋର୍ଟ କଚେରୀକୁ ଯାଇଥିଲେ । ସେ ସବୁ ମାମଲା ଶେଷ ହେବାପରେ ମୋହିନୀ ଟେକ୍‌ସଟାଇଲ ମିଲ୍‌କୁ ସରକାର ହାତକୁ ନେଲେ । କିନ୍ତୁ ତାହା ହେଉଛି ତିନିବର୍ଷ ତଳର ସିଦ୍ଧାନ୍ତ ।

ଆଉ କୌଣସି ଟେକ୍‌ସଟାଇଲ ମିଲ୍‌କୁ ହାତକୁ ନେବା ସିଦ୍ଧାନ୍ତରେ କେନ୍ଦ୍ର ସରକାର ଅଟଳ । କାରଣ ଯେଉଁମାନେ ଏହିଭଳି ଭାବରେ ଗୋଟିଏ ଗୋଟିଏ ମିଲ୍‌ର ସଂପତ୍ତି ଲୁଟ୍‌କରି ନିଜର ସଂପତ୍ତି ବଢେଇ ଶେଷକୁ ତାକୁ


କଟନ୍ ମିଲ୍ ଆଉ ଖୋଲିବ ବୋଲି କିଏ ଭାବିଥି



ଛାଡ଼ିଦେଇ ଚାଲିଯାଇଛନ୍ତି, ସେମାନଙ୍କୁ ଆଉ ସେ ସୁଯୋଗ ମିଳିବ ନାହିଁ । ବନ୍ଧୁଗଣ, ଏହିପରି ଅବସ୍ଥାରେ ଓଡ଼ିଶା ଟେକ୍ସଟାଇଲ ମିଲ୍ ବନ୍ଦ ହୋଇଗଲା । ଗୋଟିଏ ପକ୍ଷରେ ଏନ୍. ଟି. ସି. ଏ ଟେକ୍ସଟାଇଲ ମିଲ୍‌କୁ ହାତକୁ ନେବାପାଇଁ ନାରାଜ । ଅନ୍ୟ ପକ୍ଷରେ ଏହା ହେଉଛି ଓଡ଼ିଶାର ଏକ ସମ୍ମାନର ପ୍ରଶ୍ନ । ଛ' ହଜାର ଶ୍ରମିକଙ୍କର ଜୀବିକାର ପ୍ରଶ୍ନ—ଏକ ମହାନ୍ ମାନବିକତାର ପ୍ରଶ୍ନ । ସମାଜବାଦରେ ବିଶ୍ୱାସ କରୁଥିବା, ଜନମତରେ ବିଶ୍ୱାସ କରୁଥିବା ଯେ କୌଣସି ସରକାର ପକ୍ଷରେ ଏହା ଏକ ଅପରିହାର୍ଯ୍ୟ ଦାୟିତ୍ୱ ।

ବନ୍ଧୁଗଣ, ଏ କାର୍ଯ୍ୟକୁ ସମାପ୍ତ କରିବାପାଇଁ ଯେଉଁ ଅଜସ୍ର ପରିଶ୍ରମ କରିବାକୁ ପଡ଼ିଲା, ତାହା ଏଠାରେ ବର୍ଣ୍ଣନା କରିବାକୁ ମୁଁ ଚାହୁଁନାହିଁ । ସବୁର ବିଶଦ ବିବରଣୀ ଏଠାରେ ଉଦ୍ଧାର କରିବା ନିଷ୍ପ୍ରୟୋଜନ । କିନ୍ତୁ ଏଠାରେ ଏତିକି ଉଲ୍ଲେଖ କରିବା ଠିକ୍ ହେବ ଯେ ଭାରତ ସରକାରଙ୍କ ପକ୍ଷରୁ ବାଣିଜ୍ୟମନ୍ତ୍ରୀ ଶ୍ରୀ ପ୍ରଣବ ମୁଖାର୍ଜୀ ଓ ଅର୍ଥମନ୍ତ୍ରୀ ଶ୍ରୀ ଭେଙ୍କଟ ରମଣ ଓ ସର୍ବୋପରି ଶ୍ରୀମତୀ ଗାନ୍ଧୀଙ୍କ ଆଶୀର୍ବାଦ ଏ ସିଦ୍ଧାନ୍ତ ଗ୍ରହଣ କରିବାରେ ଆମକୁ ବହୁତ ସାହାଯ୍ୟ କରିଛି । ସେଥିପାଇଁ ମୁଁ ଆପଣମାନଙ୍କ ପକ୍ଷରୁ ସେମାନଙ୍କୁ ଧନ୍ୟବାଦ ଜଣାଉଛି ।

ଏ ମିଲଟି ବନ୍ଦ ହୋଇଯିବା ସମୟରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଜଣେ ମ୍ୟାନେଜିଂ ଡାଇରେକ୍ଟର ନିଯୁକ୍ତି କରାଯାଇଥିଲା ଏବଂ ତା'ପରେ ଏକ ବିଶେଷଜ୍ଞ କମିଟି ସରକାରଙ୍କ ପକ୍ଷରୁ ନିଯୁକ୍ତ କରାଗଲା । ଇଣ୍ଡିଆ ରିକନଷ୍ଟ୍ରକସନ୍ କର୍ପୋରେସନ୍, ଇଣ୍ଡଷ୍ଟ୍ରିଆଲ୍ ରିକନଷ୍ଟ୍ରକସନ୍ କର୍ପୋରେସନ୍, ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ, ଏଲ୍‌ହାବାଦ ବ୍ୟାଙ୍କ, ଓଡ଼ିଶା ସରକାର ଓ ଭାରତ ସରକାରଙ୍କ ପକ୍ଷରୁ ଜଣେ ଜଣେ ବିଶେଷଜ୍ଞଙ୍କୁ ନେଇ ଏହି କମିଟି ଗଠିତ ହୋଇଥିଲା । ଏହି ମିଲଟି ଚାଲିବା ଦିଗରେ ଖୁବ୍ ଶୀଘ୍ର ଏକ ରିପୋର୍ଟ ଦେବା ପାଇଁ ଏହି କମିଟିକୁ ନିର୍ଦ୍ଦେଶ ଦିଆଯାଇଥିଲା । କିନ୍ତୁ ଏହି କମିଟି ମିଲ୍‌ର ବହୁ ତଥ୍ୟ ବିଷୟରେ ଅବହିତ ହୋଇ ଶେଷକୁ ଏକ ତଥ୍ୟମୂଳକ ରିପୋର୍ଟ ଦେଲେ । ଏ ମିଲ୍‌ରେ ଯେତେବେଳେ ସାଢ଼େ ଏଗାର କୋଟି ଟଙ୍କା କ୍ଷତି ହୋଇଯାଇଛି ଓ ଏଲହାବାଦ୍ ବ୍ୟାଙ୍କର ବହୁ ଅର୍ଥ ଏ ମିଲ୍ ଉପରେ ଅଛି ସେତେବେଳେ ଆଉ ଥରେ ଏ ମିଲ୍‌କୁ ଚଳାଇବା ଏକ ଅସାଧ୍ୟ କାର୍ଯ୍ୟ । ଏ ସମସ୍ତ କ୍ଷତିର ଦାୟିତ୍ୱ କେବଳ ଓଡ଼ିଶା ସରକାର ବା ଭାରତ ସରକାର ଯେବେ ବହନ କରି ପାରିବେ ତେବେ ଏ ମିଲ୍‌ଟି ପୁଣିଥରେ ଚାଲିବା ସମ୍ଭବ ହେବ ।

ବନ୍ଧୁଗଣ, କମିଟିର ରିପୋର୍ଟ ଅନୁସାରେ ଯେତେବେଳେ କିଏ ଦାୟିତ୍ୱ ନେବାର ପ୍ରଶ୍ନ ଉଠିଲା, ସେତେବେଳେ କେନ୍ଦ୍ର ଅର୍ଥମନ୍ତ୍ରୀ ଓ ବାଣିଜ୍ୟ ମନ୍ତ୍ରୀ ଆମକୁ ଯଥେଷ୍ଟ ସାହାଯ୍ୟ କଲେ । ଶେଷକୁ ଏହି ନିଷ୍ପତ୍ତି ଗ୍ରହଣ କରାଗଲା ଯେ, ବ୍ୟାଙ୍କର ଯେଉଁ ଟଙ୍କା ଏ ମିଲ୍ ଉପରେ ରହିଛି, ସେ ଟଙ୍କାକୁ ବର୍ତ୍ତମାନ ପାଇଁ ଫ୍ରିଜ୍ କରାଯିବ । ଅର୍ଥାତ୍ ସେ ଟଙ୍କା ବର୍ତ୍ତମାନ ସୁଝିବାକୁ ପଡ଼ିବ ନାହିଁ । ଦ୍ୱିତୀୟ ନିଷ୍ପତ୍ତି ହେଲା, ମିଲକୁ ବର୍ତ୍ତମାନ ଚାଲୁ କରିବାକୁ ହେଲେ ସାଢ଼େ ଚାରିକୋଟି ଟଙ୍କା ଦରକାର । ଏ ସାଢ଼େ ଚାରିକୋଟି ଟଙ୍କା ଭିତରୁ ଓଡ଼ିଶା ସରକାର ଦେବେ ୨ କୋଟି ୨୫ ଲକ୍ଷ ଟଙ୍କା ଓ ଭାରତ ସରକାର ଦେବେ ୨ କୋଟି ୨୫ ଲକ୍ଷ ଟଙ୍କା—ବିନା ସୁଧରେ । ଓଡ଼ିଶା ଟେକସ୍‌ଟାଇଲ ମିଲ୍ କ୍ଷେତ୍ରରେ ଯେଉଁଳି ନିଷ୍ପତ୍ତି ନିଆଗଲା ଭାରତ ସରକାର ସେପରି ନିଷ୍ପତ୍ତି ଖୁବ୍ କମ୍ ଗ୍ରହଣ କରିଥିଲେ । କେବଳ ଆମ୍ଭମାନଙ୍କର ପ୍ରବର୍ତ୍ତନାରେ ଓଡ଼ିଶା ସରକାରଙ୍କୁ ସାହାଯ୍ୟ କରିବା ପାଇଁ ତଥା ଶ୍ରମିକମାନଙ୍କୁ ସାହାଯ୍ୟ କରିବା ପାଇଁ ଭାରତ ସରକାର ଏଭଳି ନିଷ୍ପତ୍ତି ଗ୍ରହଣ କଲେ ।

ଟଙ୍କା ପଇସାର କଥା ସମାଧାନ ହୋଇଯିବା ପରେ ପୁଣି ପ୍ରଶ୍ନ ଉଠିଲା, ଏ ମିଲକୁ ଚଳେଇବ କିଏ ? ଏପରି ଏକ ବ୍ୟକ୍ତିକୁ ଖୋଜିବା ପାଇଁ ପଡ଼ିବ, ଯେ ଏହି ମିଲ୍‌ଟିକୁ ଭଲ ଭାବରେ ପରିଚାଳନା କରିପାରିବ । ଏଥିପାଇଁ ଗୋଟିଏ ଯୋଡ଼ିଏ ନାଁ ଆସି ପହଞ୍ଚିଲା । ସେମାନଙ୍କୁ ଏଠାକୁ ଅଣାଗଲା । କିନ୍ତୁ ସେମାନଙ୍କର ଯାହା କାର୍ଯ୍ୟକଳାପ ଓ ଦାବୀ ଓଜର, ସେଥିରେ ମୁଁ ସନ୍ତୁଷ୍ଟ ହୋଇ ପାରିଲି ନାହିଁ । ଓଡ଼ିଶା ମାଟି ପ୍ରତି ଯାହାର ମମତା ଥିବ, ଓଡ଼ିଶାର ଶିଳ୍ପ ଜାଗରଣରେ ଯେ ବିଶ୍ୱାସ କରୁଥିବେ ଓ ନିଜ ମିଲଠାରୁ ଯେ ଓଡ଼ିଶା ଟେକସ୍‌ଟାଇଲ ମିଲକୁ ଅଧିକ ଭଲ ପାଇ ପାରିବେ, ସେପରି ଜଣେ ବ୍ୟକ୍ତି ଏ ମିଲ୍‌ର ପରିଚାଳନା ଦାୟିତ୍ୱରେ ରହିବା ଦରକାର । ସୁଖର କଥା, ନ୍ୟାସନାଲ ଟେକ୍‌ସଟାଇଲ କର୍ପୋରେସନ ପକ୍ଷରୁ ଜଣେ ବ୍ୟକ୍ତି

ମିଳିଗଲେ ଯାହାଙ୍କର ଘର ଏଇ ଓଡ଼ିଶାରେ । ଓଡ଼ିଶା ବାହାରେ ବହୁ ମିଲ୍‌ର ପରିଚାଳନା ଦାୟିତ୍ୱ ନେଇ ସେ ସେଗୁଡ଼ିକୁ ଲାଭପ୍ରଦ କରାଇ ପାରିଛନ୍ତି । ସେ ହେଉଛନ୍ତି ବର୍ତ୍ତମାନର ମ୍ୟାନେଜିଂ ଡ଼ିରେକ୍ଟର୍ । ପ୍ରଥମେ ତାଙ୍କ ସହିତ ଯେତେବେଳେ ମୋର ସାକ୍ଷାତ ହେଲା, ମୁଁ ତାଙ୍କୁ ଏହି ମିଲଟିକୁ ବୁଲି ଦେଖିବାକୁ କହିି ଓ ଏ ମିଲକୁ ଲାଭପ୍ରଦ କରାଯାଇ ପାରିବ କି ନାହିଁ ସେ ବିଷୟରେ ସଠିକ୍ ମତ ବ୍ୟକ୍ତ କରିବାକୁ କହିଲି । ଆନନ୍ଦର ବିଷୟ ସେ ଏ ମିଲ୍‌ଟିକୁ ବୁଲି ଦେଖିଲେ। ତାଙ୍କର ଅତୀତର ଅଭିଜ୍ଞତା, ଏ ମାଟିର ମମତା ଓ ନିଜର ସମସ୍ତ ଦକ୍ଷତାକୁ ଖଟାଇ ଏହି ମିଲଟିକୁ ଭାରତ ବର୍ଷର ଏକ ଶ୍ରେଷ୍ଠ ମିଲ୍‌ରେ ପରିଣତ କରିବାର ପ୍ରତିଶ୍ରୁତି ଦେଲେ । ଓଡ଼ିଶା ବାହାରେ ପ୍ରତିଷ୍ଠା ଅର୍ଜନ କରିଥିବା ଜଣେ ଓଡ଼ିଆ ଯୁବକ ଏବେ ଆମକୁ ସାହାଯ୍ୟ କରିବାକୁ ଆସିଛନ୍ତି, ସେଥିପାଇଁ ମୁଁ ତାଙ୍କୁ ଧନ୍ୟବାଦ ଜଣାଉଛି । ଏହି ମିଲକୁ ଏକ ଶ୍ରେଷ୍ଠ ମିଲରେ ପରିଣତ କରିବା ଉଦ୍ୟମ ପଛରେ ଓଡ଼ିଶା ସରକାରଙ୍କର ପୂର୍ଣ୍ଣ ସମର୍ଥନ ରହିବ ବୋଲି ମୁଁ ଏଠାରେ ଜଣାଇ ଦେଉଛି ।

ବନ୍ଧୁଗଣ, ଯେତେବେଳେ ଏ ମିଲ୍‌ଟି ଚାଲିବାର ବ୍ୟବସ୍ଥା କରାଗଲା, ସେତେବେଳେ ବିଶେଷଜ୍ଞ କମିଟି ତାଙ୍କ ରିପୋର୍ଟରେ କେତେକ ସର୍ତ୍ତ ଉଲ୍ଲେଖ କରିଥିଲେ । ବିଶେଷଜ୍ଞ କମିଟିର ସର୍ତ୍ତ ହେଲା, ଏହି ମିଲ୍‌ଟିରେ ଯେତିକି ଶ୍ରମିକ ରହି କାମ କରିବାର କଥା, ତାହାଠାରୁ ଅଧିକ ଶ୍ରମିକ ରହିଛନ୍ତି । ଏହି ଅନାବଶ୍ୟକ ଅଧିକ ଶ୍ରମିକମାନଙ୍କୁ ବିଦାୟ ଦେବାକୁ ସରକାର ରାଜି ନ ହେଲେ ମିଲ୍ ଚଳାଇବା ଉଚିତ ହେବନାହିଁ । ସରକାରଙ୍କ ପକ୍ଷରେ ଏହା ଏକ ଦୁଃଖପୂର୍ଣ୍ଣ କଠିନ ସିଦ୍ଧାନ୍ତ । ସରକାରଙ୍କ ସମ୍ମୁଖରେ ପ୍ରଶ୍ନ ଉଠିଲା, "ବାରଣ ବଢ଼େଇରେ ଦାୟୀ ନା ପୁଅରେ ଦାୟୀ" ଆମେ ୫,୦୦୦ ଶ୍ରମିକଙ୍କର **ସ୍ୱାର୍ଥ ଦେଖିବା ନା ୭୦୦-୮୦୦ ଶ୍ରମିକଙ୍କ ପାଇଁ ମିଲଟିକୁ ବନ୍ଦ ରଖିବା । ଯେତେବେଳେ ଏହି ସବୁ ପ୍ରଶ୍ନ ଉଠିଲା, ସଂଖ୍ୟାଧିକ ଶ୍ରମିକଙ୍କ ସ୍ୱାର୍ଥ ଦୃଷ୍ଟିରୁ ସରକାରଙ୍କୁ ବାଧ୍ୟ ହୋଇ ଏହି କଠିନ ସିଦ୍ଧାନ୍ତକୁ ଗ୍ରହଣ କରିବାକୁ ପଡ଼ିଲା ।**

ଯେଉଁ ଶ୍ରମିକମାନଙ୍କର ବିଦାୟ ନେବା ପ୍ରଶ୍ନ ଉଠୁଛି, ବିଶେଷ ଦରକାର ନ ପଡ଼ିଲେ ସେମାନଙ୍କୁ ବିଦାୟ ଦିଆଯିବ ନାହିଁ । ବିଦାୟ ନ ଦେବା ପାଇଁ ସବୁ ପ୍ରକାର ଉଦ୍ୟମ

## କ୍ଷମାଯୋଗ୍ୟ ?



କରାଯିବ । ଯଦି କୌଣସି ମତେ ସେମାନଙ୍କୁ ରଖିବା ସମ୍ଭବ ନ ହୁଏ, ତେବେ କିପରି ଭାବରେ ସେମାନଙ୍କୁ ଅନ୍ୟତ୍ର ନିଯୁକ୍ତି ଦିଆଯିବ, ତାହା ମଧ୍ୟ ବିଚାର କରାଯିବ । ଏହି ନିଷ୍ପତ୍ତି ଗ୍ରହଣକରି ସରକାର ଏ ମିଲ୍ ଚଳାଇବା ପାଇଁ ସ୍ଥିରକଲେ ।

ବନ୍ଧୁଗଣ, ପ୍ରଥମେ ଯେତେବେଳେ ଅଳ୍ପ ସଂଖ୍ୟକ ଶ୍ରମିକଙ୍କୁ ନୋଟିସ୍ ଦିଆଗଲା, ସେତେବେଳେ ଏପରି ଏକ ଧାରଣା ସୃଷ୍ଟି ହେଲା ଯେ ବୋଧହୁଏ ଏତିକି ଶ୍ରମିକ ରହିବେ । ମିଲ୍‌ର ଗୋଟିଏ ଗୋଟିଏ ଭାଗରେ ଯେତିକି ଶ୍ରମିକ ଆବଶ୍ୟକ ପଡୁଛି, ସେହି ଅନୁସାରେ ଶ୍ରମିକମାନଙ୍କୁ ନିଆଯାଉଛି । ବର୍ତ୍ତମାନ ୨,୦୦୦ ଶ୍ରମିକଙ୍କୁ ନିଆଯାଉଛି ଏବଂ ମିଲ୍‌ର ମୋଟ ୫,୮୦୦ ଶ୍ରମିକଙ୍କ ଭିତରୁ ୫,୩୦୦ ଜଣ ଶ୍ରମିକଙ୍କ ପାଖକୁ ନିଯୁକ୍ତି ପତ୍ର ପଠାଯାଉଛି । ସର୍ବାଧିକ ଶ୍ରମିକଙ୍କୁ ପୁନଃନିଯୁକ୍ତି ଦେବା ପାଇଁ କିପରି ଉଦ୍ୟମ କରାଯାଉଅଛି, ତାହା ଏଥିରୁ ଆପଣମାନେ ଜାଣି ପାରୁଥିବେ । ଏବେ ୧୫ ଦିନ ଭିତରେ ଏ ମିଲ୍ ପୂରା ଦମ୍‌ରେ ଚାଲିବ ଏବଂ ଯେଉଁ ୫,୩୦୦ ଶ୍ରମିକଙ୍କୁ ନିଯୁକ୍ତି ଦିଆଯାଉଛି ସେମାନେ ସମସ୍ତେ କାର୍ଯ୍ୟରେ ଯୋଗ ଦେଇ ଏହାକୁ ପୂରା ଦମ୍‌ରେ ଚଳାଇବେ । ଏହି ମିଲ୍ ଉଚିତ ଭାବରେ ଚାଲିଲେ ହୁଏତ ବର୍ଷକ ପରେ ୨୦ % ବୋନସ ଦେବା ଅସମ୍ଭବ ହେବନାହିଁ, ସେଥିପାଇଁ ଶ୍ରମିକ, ପରିଚାଳନା ଉଭୟଙ୍କ ମଧ୍ୟରେ ପୂର୍ଣ୍ଣ ସହଯୋଗ ଓ ଉଭୟଙ୍କର କଠୋର ପରିଶ୍ରମ ଆବଶ୍ୟକ ।

## ଓଡ଼ିଶାର ସାମ୍ବାଦିକ ଓ ସମ୍ବାଦପତ୍ରମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ରିହାତି

ଓଡ଼ିଶାର ସରକାରୀ ସ୍ୱୀକୃତି ପ୍ରାପ୍ତ ସାମ୍ବାଦିକ ଓ ସମ୍ବାଦପତ୍ରମାନଙ୍କ ପାଇଁ ରାଜ୍ୟ ସରକାର ତିନୋଟି ଗୁରୁତ୍ୱପୂର୍ଣ୍ଣ ରିହାତି ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ରିହାତି ଘୋଷଣା କରାଯାଇଛି ।

ଏହା ଫଳରେ ସରକାରୀ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନେ ରାଜ୍ୟ ସରକାରଙ୍କ ପରିବହନ ସଂସ୍ଥାର ବସ୍‌ଗୁଡ଼ିକରେ ଯାତାୟତ କରିବା ପାଇଁ ଟିକେଟ ମୂଲ୍ୟର ଶତକଡ଼ା ୫୦ ଭାଗ ରିହାତି ପାଇବେ । ଦ୍ୱିତୀୟତଃ ନୂଆଦିଲ୍ଲୀସ୍ଥିତ ଓଡ଼ିଶା ଭବନ ଏବଂ କଲିକତାସ୍ଥିତ ଉତ୍କଳ ଭବନରେ ଅବସ୍ଥାନ କରିବା ପାଇଁ ସେମାନେ ରାଷ୍ଟ୍ରାୟତ୍ତ ସଂସ୍ଥାର କର୍ମଚାରୀମାନଙ୍କ ପ୍ରତି ଲାଗୁ ହେଉଥିବା ରିହାତି ହାରରେ ଭଡ଼ା ଦେଇ ରହି ପାରିବେ ।

ଏହାଛଡ଼ା, ଓଡ଼ିଶାରୁ ପ୍ରକାଶ ପାଉଥିବା ସମ୍ବାଦପତ୍ରଗୁଡ଼ିକ ପାଇଁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ରିହାତି ଘୋଷଣା କରାଯାଇଛି । ରାଜ୍ୟ ସରକାର ଓଡ଼ିଶା ସମ୍ବାଦପତ୍ରଗୁଡ଼ିକୁ ବିଜ୍ଞାପନ ଦେବା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଡି. ଏ. ଭି. ପି. ସଂସ୍ଥା ଗ୍ରହଣ କରିଥିବା ନୀତି ଅନୁସରଣ କରିବେ ଏବଂ ତଦନୁଯାୟୀ ନିରବଚ୍ଛିନ୍ନ ଭାବେ ଅନ୍ୟୁନ ଛଅମାସ କାଳ ପ୍ରକାଶ ପାଇଥିବା ସମ୍ବାଦପତ୍ରମାନଙ୍କୁ ସରକାରୀ ବିଜ୍ଞାପନ ଦିଆଯିବ ।

# ସାମ୍ବାଦିକତା ଓ ଓଡ଼ିଶାର ପ୍ରଗତି

ଶ୍ରୀ ଚନ୍ଦ୍ରମଣି ମହାପାତ୍ର

ଓଡ଼ିଶାରେ ସାମ୍ବାଦିକତାର କ୍ରମବିକାଶର ଧାରାରୁ ଜଣାଯାଏ ଯେ ଏହା ପ୍ରଥମେ ଓଡ଼ିଶାର ଭାଷା ଓ ସଂସ୍କୃତି ତଥା ଓଡ଼ିଆଭାଷୀ ଲୋକଙ୍କର ଏକତ୍ରୀକରଣ ପାଇଁ କାର୍ଯ୍ୟ କରୁଥିଲା । କ୍ରମଶଃ ସ୍ୱାଧୀନତା ଆନ୍ଦୋଳନ ଯେତେବେଳେ ତୀବ୍ର ହୋଇ ଉଠିଲା, ଓଡ଼ିଶାର ସମ୍ବାଦପତ୍ର ତଥା ସାମ୍ବାଦିକଗଣ ସେହି ଆନ୍ଦୋଳନକୁ ତେଜେଇବା ପାଇଁ ଲାଗି ପଡ଼ିଲେ । ଫଳରେ ବ୍ରିଟିଶ ସରକାରଙ୍କ ସମାଲୋଚନା ସହିତ ସ୍ୱାଧୀନତା ଆନ୍ଦୋଳନ କାର୍ଯ୍ୟକ୍ରମର ସମର୍ଥନ ଖବରକାଗଜରେ ବିଶେଷ ଭାବରେ ପ୍ରକାଶ ପାଉଥିଲା ।

ସ୍ୱାଧୀନତା ଲାଭ ପରେ ସରକାରଙ୍କ ଯୁକ୍ତିଯୁକ୍ତ ସମାଲୋଚନା ସାଙ୍ଗକୁ ଏ ଦେଶର ଜନସାଧାରଣଙ୍କୁ ଗଣତନ୍ତ୍ରର ସଂରକ୍ଷଣ ତଥା ଅର୍ଥନୈତିକ ବିକାଶ ଓ ପ୍ରଗତି ସକାଶେ ଆବଶ୍ୟକୀୟ ପ୍ରେରଣା ଏବଂ ନିର୍ଦ୍ଦେଶ ଦେବା ସାମ୍ବାଦିକତାର ଧର୍ମ ହେବା ଉଚିତ । ଏ କ୍ଷେତ୍ରରେ ଆମ ଦେଶର ସମ୍ବାଦପତ୍ରଗୁଡ଼ିକର କେତେକ ଅଭାବ ରହିଯାଇଛି । ଏହି ପ୍ରଦେଶର ସମ୍ବାଦପତ୍ରଗୁଡ଼ିକ ମଧ୍ୟ ମୋଟାମୋଟି ସେମାନଙ୍କଠାରୁ ଅଲଗା ନୁହନ୍ତି ।

କାଗଜଗୁଡ଼ିକରେ ବିଶେଷଭାବେ ରାଜନୈତିକ ବିଷୟ ଦେଖାଯାଇଥାଏ । ରାଜନୈତିକ କନ୍ଦଳ ଓ କଳ୍ପନା ଜଳ୍ପନା ସଂପର୍କୀୟ ଲେଖାଗୁଡ଼ିକ ମଧ୍ୟ ବିଶେଷ ଭାବେ ଲୋକଦୃଷ୍ଟି ଆକର୍ଷଣ କରିଥାଏ । ଏ ପ୍ରକାର ବିଷୟ ବାଦ୍ ଦିଆଯାଇ ନ ପାରେ । କିନ୍ତୁ ତା' ସହିତ ଅର୍ଥନୈତିକ ବିକାଶ ଓ ପ୍ରଗତି ପାଇଁ ମଧ୍ୟ କେବଳ ଅଧିକ ଦୃଷ୍ଟି ଦେବା ଯେ ଦରକାର ଅଛି ତା'ନୁହେଁ, କାଗଜଗୁଡ଼ିକୁ ସେ ଦିଗରେ ଅଭିମୁଖୀ କରାଇବାର ବେଳ ଆସିଛି । ୧୯୬୦ ଦଶକରେ ବିକାଶମୁଖୀ ଦେଶଗୁଡ଼ିକରେ ବିକାଶ ସାମ୍ବାଦିକତାର ଆବଶ୍ୟକତାର ଧାରଣା ଜନ୍ମ ନେଇଥିଲା । ସେହି ସମୟଠାରୁ ତୃତୀୟ ଜଗତର ଅନ୍ୟ ଦେଶଗୁଡ଼ିକ ପରି ଏ ଦେଶରେ ମଧ୍ୟ ସେହି ଧାରଣାର ପ୍ରସାର ଆରମ୍ଭ ହୋଇଛି । କିନ୍ତୁ ଧାରଣାଟି ସେତେ ସ୍ପଷ୍ଟ ହୋଇ ପାରିନାହିଁ । ବିକାଶ କହିଲେ ଠିକ୍ କଣ ବୁଝାଏ ? କେବଳ ଅର୍ଥନୈତିକ ବିକାଶ ନୁହେଁ, ଶିକ୍ଷାଗତ, ସମାଜଗତ ବିକାଶ ମଧ୍ୟ ଏହାର ଅନ୍ତର୍ଭୁକ୍ତ ହେବା ଉଚିତ ।

ତେବେ ବିକାଶ କହିଲେ ମନରେ ଯେଉଁ ମୋଟାମୋଟି ଧାରଣା ଜନ୍ମେ, ସେଥିପାଇଁ ସମ୍ବାଦପତ୍ରଗୁଡ଼ିକ ସ୍ୱାଧୀନତା ଆନ୍ଦୋଳନ କାଳୀନ ଉତ୍ସାହ ବା ପ୍ରେରଣା ନେଇ କାର୍ଯ୍ୟକରିବା ଆବଶ୍ୟକ ବୋଲି ବର୍ତ୍ତମାନ ମନେ ହୁଏ । ଅର୍ଥନୈତିକ କ୍ଷେତ୍ରରେ କୃଷି ଓ ଶିଳ୍ପର ଅଭିବୃଦ୍ଧି ପାଇଁ ଏ ଦେଶରେ ବହୁ ଯୋଜନା କାର୍ଯ୍ୟକାରୀ ହେଉଛି । ଲୋକେ ତାହାଦ୍ୱାରା ଉପକୃତ ହେଉଛନ୍ତି କି ନାହିଁ, କେଉଁଠି ପ୍ରତିବନ୍ଧକ ରହିଯାଉଛି ଏବଂ କିପରି କଲେ ସେଗୁଡ଼ିକ ଅଧିକ ଫଳପ୍ରଦ ହୋଇ ପାରିବ, ସେଥିପାଇଁ ଖବରକାଗଜଗୁଡ଼ିକ ତଥ୍ୟ ସଂଗ୍ରହକରି ପ୍ରକାଶ କରିବା ଦ୍ୱାରା ସରକାର ତଥା ଜନସାଧାରଣଙ୍କ ମଧ୍ୟରେ ଏକ ଉପଯୋଗୀ ବାତାବରଣ ସୃଷ୍ଟି କରି ପାରନ୍ତେ ।

ଚକବନ୍ଦୀ କଥା ବିଚାର କରାଯାଉ । କୃଷି ଅର୍ଥନୀତି ସଂପର୍କୀୟ ପୁସ୍ତକମାନଙ୍କରେ କୁହାଯାଇଛି ଯେ ଜମି ଗୁଡ଼ିକ ଭାଗବଣ୍ଟାରେ ଖଣ୍ଡ ଖଣ୍ଡ ହୋଇଯିବା ଫଳରେ ଚାଷୀମାନେ ସେଗୁଡ଼ିକର ଉପଯୋଗ କରିବାରେ ସୁବିଧା ହୁଏ ନାହିଁ, କନ୍ଦଳ ସୃଷ୍ଟି ହୁଏ । ସୁତରାଂ

ଚକବନ୍ଦୀ ଫଳରେ ଚାଷୀ ତାର ସମସ୍ତ ଜମି ଏକତ୍ର ଚାଷ କଲେ ଚାଷର ଉନ୍ନତି ହେବ । ଓଡ଼ିଶାରେ କେତେକ ଜିଲ୍ଲାରେ ଏହି ଚକବନ୍ଦୀ କାର୍ଯ୍ୟକାରୀ ହେଲାଣି । ତାହାଦ୍ୱାରା ଚାଷୀ ଉପକୃତ ହେଉଛନ୍ତି କି ନାହିଁ, ଉତ୍ପାଦନ ବଢୁଛି କି ନାହିଁ, କଣ ପ୍ରତିବନ୍ଧକ ତଥାପି ରହୁଛି, ସେ ଦିଗରେ ଆମ କାଗଜଗୁଡ଼ିକରେ ଅନୁସନ୍ଧାନକରି ବିଶେଷ ଲେଖା ଦେଖାଯାଏ ନାହିଁ ।

ଆଉ ଏକ ଉଦାହରଣ ଦିଆଯାଇପାରେ । ମୁଖ୍ୟମନ୍ତ୍ରୀ କହିଲେଯେ ଆମେ ହଜାରେ ଦିନରେ ହଜାରେ ଶିଳ୍ପ କାରଖାନା ଗଢ଼ିବୁ । ସେଥିପାଇଁ ଯେଉଁ ଆବଶ୍ୟକୀୟ ସରକାରୀ ଢାଞ୍ଚା ଦରକାର, ସେଥିପାଇଁ ସରକାର କେତେକ ପଦକ୍ଷେପ ନେଲେ । କିନ୍ତୁ ସେଥିପାଇଁ ଉପଯୋଗୀ ବାତାବରଣ ଦରକାର, ଲୋକଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ଦରକାର, ସରକାରୀ ବ୍ୟବସ୍ଥା ଯଥେଷ୍ଟ କି ନୁହେଁ, ସେଥିରେ କଣ ତ୍ରୁଟି ରହିଛି ଏବଂ ସେଗୁଡ଼ିକୁ କିପରି ସୁଧାରି ନେଇ ଅଧିକ ଫଳପ୍ରଦ କରାଯାଇ ପାରିବ, ସେ ବିଷୟରେ ଆମ ଖବରକାଗଜଗୁଡ଼ିକ ଦ୍ୱାରା ଅନୁସନ୍ଧାନ ଓ ଆଲୋଚନା ଦରକାର ।

ଗାଁ ପରିମଳ ଧୋବାତୁଠରୁ ଜଣା ପଡ଼ିବା ପରି କୌଣସି ଅଞ୍ଚଳର କାର୍ଯ୍ୟକଳାପ ବା ମନୋଭାବ ଖବରକାଗଜରୁ ଜଣା ପଡ଼ିଥାଏ । ସେହିପରି ଆବଶ୍ୟକୀୟ କାର୍ଯ୍ୟକଳାପକୁ ପ୍ରେରଣା ମଧ୍ୟ ଯୋଗାଇଥାଏ ଖବରକାଗଜ । ଆମ କାଗଜଗୁଡ଼ିକ ଆମର କୃଷି ବା ଶିଳ୍ପଗତ ତତ୍ପରତା ସକାଶେ ପ୍ରେରଣା **ଯୋଗାଇବା ଉଚିତ ଏବଂ ସେ ସଂପର୍କୀୟ କାର୍ଯ୍ୟକଳାପକୁ ମଧ୍ୟ ପ୍ରତିଫଳିତ କରିବା ଆବଶ୍ୟକ । ଏ ଦିଗରେ ଯେ କୌଣସି କାର୍ଯ୍ୟ ହେଉନାହିଁ, ତା ନୁହେଁ, ତେବେ ଯାହା ହେଉଛି, ତାହା ଆବଶ୍ୟକତା ତୁଳନାରେ ବହୁତ କମ୍ ।**

**କୋରାପୁଟରେ ଆଲୁମିନିୟମ୍ ଶିଳ୍ପ ଯୋଜନା** କଥା ବିସ୍ତରକୁ ନିଆଯାଉ । ସହସ୍ରାଧିକ କୋଟି ଟଙ୍କାର ଏହି ଯୋଜନା ପାଇଁ ଜମି ନିଆଯାଇ କାର୍ଯ୍ୟାରମ୍ଭ କରାଯାଇଛି । କିନ୍ତୁ ସେଥିପାଇଁ ଆମ ଲୋକେ ପ୍ରସ୍ତୁତ ହେବାକୁ ପଦକ୍ଷେପ ନିଆଯିବା ଉଚିତ । ଏହି ଯୋଜନାଟିରେ କେଉଁ ପ୍ରକାର କେତେ ଲୋକ ଚାକିରୀ ପାଇବେ, କି ପ୍ରକାର ସହର ଗଢି ଉଠିବ, କେତେ ଆନୁସଙ୍ଗିକ ଶିଳ୍ପ ଓ ଦୋକାନ ବଜାର ଗଢି ଉଠିବ, ସେ ସଂପର୍କରେ ବିଶେଷ ଆଲୋଚନା ହେଉନାହିଁ, । ଯୋଜନାଟି କାର୍ଯ୍ୟକାରୀ ହେବାରେ କେତେ ବର୍ଷ ଲାଗି ଯାଇପାରେ । ସେଥିପାଇଁ ଯେଉଁ ପ୍ରକାର ଦକ୍ଷତା ବା ଅଭିଜ୍ଞତା ଆବଶ୍ୟକ, ସେହିପରି ଦକ୍ଷତା ବା ଅଭିଜ୍ଞତା ଆମରି ଲୋକଙ୍କ ମଧ୍ୟରେ ସୃଷ୍ଟି କରିବା ଦରକାର । ଆମର ଶିକ୍ଷା ଓ ତାଲିମ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟକ୍ରମ ମଧ୍ୟ ସେହି ଶିଳ୍ପ ଅଭିମୁଖୀ ହେବା ଉଚିତ ।

ଆମେରିକାରେ ଯେତେବେଳେ ପଶ୍ଚିମାଞ୍ଚଳରେ ବସତି ସ୍ଥାପନ କରିବାପାଇଁ ସରକାର ବ୍ୟବସ୍ଥା ଆରମ୍ଭ କଲେ, ସେତେବେଳେ ସେହି ଦେଶର ପ୍ରତିଷ୍ଠିତ ଖବରକାଗଜରେ 'ପଶ୍ଚିମାଞ୍ଚଳକୁ ଚାଲ' ବୋଲି ବାରମ୍ବାର ଲେଖା ପ୍ରକାଶିତ ହେଲା । ଓଡ଼ିଶାର କେତେକ ଅଞ୍ଚଳରେ ଅନେକେ କୋରାପୁଟକୁ ଏକ ଦଣ୍ଡବିଧାନ ଉପଯୋଗୀ ଜିଲ୍ଲା ବୋଲି ମନେ କରିଥାନ୍ତି । ସେହିପରି ଧାରଣାକୁ ବଦଳାଇବାକୁ ଏବଂ ସେଠାରେ ଶିଳ୍ପ ବିକାଶ କରିବାରେ ଆମର ଯଥାଯଥ ଭାଗ ଗ୍ରହଣ କରିବାକୁ ଖବରକାଗଜମାନେ ଧାରାବାହିକ ଆନ୍ଦୋଳନ ଆରମ୍ଭ କରିବା ଆବଶ୍ୟକ । ଯୋଜନା ଅବଶ୍ୟ କାର୍ଯ୍ୟକାରୀ ହେବ, ଆମେ ତାହାର ସୁବିଧା ଉପଯୋଗ ନ କଲେ ଅନ୍ୟ ଅଞ୍ଚଳର ଲୋକେ ତାହାର ପୂର୍ଣ୍ଣ ଉପଯୋଗ କରିବାକୁ ପଛାଇବେ ନାହିଁ ।

କେବଳ କୋରାପୁଟର ଶିଳ୍ପ ଯୋଜନା ନୁହେଁ, ଏହି ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ବହୁ ହଜାର କୋଟି ଟଙ୍କାର ଯୋଜନା ମଞ୍ଜୁର କରିଛନ୍ତି—ଓଡ଼ିଶା ପାଇଁ । ସେଗୁଡ଼ିକୁ ଯଥାଯଥଭାବେ କାର୍ଯ୍ୟକାରୀ କରିବାପାଇଁ ଏବଂ ସେଥିରେ ଏ ପ୍ରଦେଶର ଲୋକଙ୍କର ଉପଯୁକ୍ତ ଭୂମିକା ଗ୍ରହଣ କରିବା ଦିଗରେ ଖବରକାଗଜମାନେ ନିର୍ଦ୍ଦିଷ୍ଟ ସୁପରିକଳ୍ପିତ ବ୍ୟବସ୍ଥା କରିବା ଦରକାର । ଯୋଜନା ସଂପର୍କୀୟ ସମ୍ବାଦ ଖବରକାଗଜରେ ପ୍ରକାଶ ପାଉଛି ସତ, କିନ୍ତୁ ସେଗୁଡ଼ିକୁ ତ୍ୱରାନ୍ୱିତ ଏବଂ ଯଥାଯଥ-**ମାର୍ଗୀ କରାଇବାପାଇଁ କ୍ରମାଗତ ଓ ସୁଚିନ୍ତିତ ଉଦ୍ୟମ ଆବଶ୍ୟକ । ସାମ୍ବାଦିକତା କ୍ରମଶଃ ବିଶେଷ ଅନୁସନ୍ଧାନ** ଓ ଗବେଷଣାମୂଳକ ହେବାର ବେଳ ଆସିଛି । ଏ ଦିଗରେ ଜାତୀୟ କ୍ଷେତ୍ରରେ ବହୁ ନୂତନ ସାପ୍ତାହିକ କାଗଜ ନେତୃତ୍ୱ ନେଇଛନ୍ତି ।

ଖବରକାଗଜଗୁଡ଼ିକର ଅବଶ୍ୟ ନିଜର ଅସୁବିଧା ରହିଛି । ସମ୍ବାଦ ଛାପିବା ଉପଯୋଗୀ କାଗଜର ଦୁର୍ମୂଲ୍ୟ ଏବଂ ଅଭାବ ତ ରହିଛି । ତା' ସାଙ୍ଗକୁ ଦରଦାମ ଓ ଦରମା ବଢ଼ିଛି । ବିଭିନ୍ନ ଜିଲ୍ଲାର ଦୈନନ୍ଦିନ ସମ୍ବାଦ ଦେବାରେ ସ୍ଥାନାଭାବ ରହିଛି । ଅନ୍ୟପକ୍ଷରେ ତଥ୍ୟ ସଂଗ୍ରହ ମଧ୍ୟ ବ୍ୟୟସାପେକ୍ଷ । ଏସବୁ ସତ୍ତ୍ୱେ ବୁଝିବାକୁ ହେବ ଯେ ଏ ଦିଗରେ ଆମେ ଯଦି ବର୍ତ୍ତମାନ ଅବହେଳା କରୁ, ତେବେ ଏ ପ୍ରଦେଶର ପ୍ରଗତି ବହୁ ବର୍ଷ ଧରି ଅଟକି ଯାଇପାରେ ।

ଅନ୍ୟ କେତେକ ପ୍ରଦେଶ ଭଳି ଏ ପ୍ରଦେଶର ଜିଲ୍ଲା ସ୍ତରୀୟ କାଗଜଗୁଡ଼ିକ ଆଗେଇ ପାରି ନାହାନ୍ତି—ଯଦିଓ ସମ୍ବଲପୁର ଜିଲ୍ଲାରେ 'ହୀରାଖଣ୍ଡ'ର ପ୍ରକାଶନ ଏକ ସ୍ୱାଗତ ପଦକ୍ଷେପ । ଜିଲ୍ଲାସ୍ତରୀୟ ତଥା ଆଞ୍ଚଳିକ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ ଏବଂ ଫଳପ୍ରଦ କରାଇବା ଏହି ଜିଲ୍ଲା କାଗଜଗୁଡ଼ିକର ଲକ୍ଷ୍ୟ ରହିବା ଉଚିତ । ଆମର ଅଧିକାଂଶ ଜିଲ୍ଲା କାଗଜଗୁଡ଼ିକର ବହୁ ଅଭାବ ଏବଂ ତ୍ରୁଟି ରହିଛି । ସେଗୁଡ଼ିକୁ ସ୍ୱାବଲମ୍ବୀ, ସକ୍ରିୟ

ଏବଂ ଯଥାଯଥ ପନ୍ଥା କରାଇବାପାଇଁ ଧାରାବାହିକ ପ୍ରଚେଷ୍ଟାର ମଧ୍ୟ ଅଭାବ ରହିଛି ।

ପ୍ରସଙ୍ଗକ୍ରମେ କୁହାଯାଇପାରେ ଯେ ଷାଠିଏ ଦଶକରେ ଲିବେରିଆରେ ଗାଁଗହଳ ପାଇଁ ଲିଥୋକରି ଖବରକାଗଜ ବଣ୍ଟା ଯାଉଥିଲା ଏବଂ ସେଥିପାଇଁ ଖବର ସରବରାହ ସଂସ୍ଥା ବିଶେଷ ସାହାଯ୍ୟ କରିଥିଲା ଏବଂ ତଦ୍ୱାରା ଯଥେଷ୍ଟ ସଫଳତା ମିଳିଥିଲା । ସୁତରାଂ ଏହି ପ୍ରଦେଶରେ ମଧ୍ୟ ତାହାର ପରୀକ୍ଷା କରାଯାଇପାରେ ।

ବେସରକାରୀ ସମ୍ବାଦପତ୍ର ପ୍ରକାଶକଙ୍କ ବ୍ୟତୀତ ସରକାରୀ ସଂସ୍ଥାଗୁଡ଼ିକର ମଧ୍ୟ ଏ ଦିଗରେ ବହୁ କର୍ତ୍ତବ୍ୟ ରହିଛି । ଉଦାହରଣ ସ୍ୱରୂପ କେରଳ ସରକାରଙ୍କ କୃଷି ସଂପର୍କୀୟ ପତ୍ର ଗାଁ ଗହଳିରେ ବ ଆଦୃତ ହୋଇଥାଏ । ଖବରକାଗଜଗୁଡ଼ିକ ମଧ୍ୟ ତାହାର ଉପଯୋଗ କରିଥାନ୍ତି । ଏ ପ୍ରଦେଶର କୃଷି ଓ ଶିଳ୍ପ ବିଭାଗରେ ଅନୁରୂପ ପଦକ୍ଷେପ ନିଆଯାଇପାରେ ।

ଲୋକଙ୍କୁ ଯୋଜନାଗୁଡ଼ିକ ସଂପର୍କରେ ସଚେତ କରାଇବାପାଇଁ ସରକାର ଆକାଶବାଣୀ ବ୍ୟତୀତ ନିଜର ସାମୟିକୀ ପତ୍ରିକା ବ୍ୟବହାର କରିଥାନ୍ତି । ଏହି ପତ୍ରିକାଗୁଡ଼ିକ ରାଜ୍ୟସ୍ତରରେ ଏକ ନିର୍ଦ୍ଦିଷ୍ଟ ଧାରାରେ ଚାଲି ଆସିଛି । ଏ ଦିଗରେ ମଧ୍ୟ ପରୀକ୍ଷାମୂଳକ ନୂତନ ପଦକ୍ଷେପ ନିଆ ଯାଇପାରେ ।

ଆମ ପ୍ରଦେଶରେ ସାକ୍ଷରଙ୍କ ସଂଖ୍ୟା ଶତକଡ଼ା ୩୭ ହେଲେ ମଧ୍ୟ ପ୍ରାୟ ପ୍ରତ୍ୟେକ ଗ୍ରାମରେ ଖବରକାଗଜ ପଢ଼ିବା ଭଳି ଲୋକ ଅଛନ୍ତି । ଦୂର ଦୂରାନ୍ତର ବହୁ ଗ୍ରାମକୁ ଖବରକାଗଜ ଯାଇ ପାରୁନାହିଁ । ଗଲେ ମଧ୍ୟ କିଣିବାକୁ ଲୋକଙ୍କର ଆଗ୍ରହ ବା ସମର୍ଥର ଅଭାବ । ଆଗ୍ରହ ସୃଷ୍ଟି ପାଇଁ ସ୍ଥାନୀୟ ବିଶେଷ ଦରକାରୀ ସମ୍ବାଦ ଆବଶ୍ୟକ ଏବଂ ତାହା ଯଦି ସ୍ୱଳ୍ପ ମୂଲ୍ୟରେ ବା ବିନା ମୂଲ୍ୟରେ ଦିଆଯାଇ ପାରନ୍ତା, ତେବେ ଲୋକେ ତାହା ଜାଣି ପାରନ୍ତେ, ବିଭିନ୍ନ ଯୋଜନାରୁ ସାହାଯ୍ୟ କରି ପାରନ୍ତେ ଏବଂ ନିଜେ ଉପକୃତ ହୁଅନ୍ତେ ।

କୋରାପୁଟର ଆଲୁମିନିୟମ୍ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାପାଇଁ କେବଳ ଯେ ସେହି ପ୍ରକଳ୍ପ ପାଇଁ କର୍ମଚାରୀ ଆବଶ୍ୟକ, ତାହା ନୁହେଁ, ସେଠାରେ ଅବଶ୍ୟମ୍ଭାବୀ ଆନୁସଙ୍ଗିକ ଶିଳ୍ପଗୁଡ଼ିକ ପାଇଁ ମଧ୍ୟ ଲୋକ ଦରକାର । ଏ ସଂପର୍କରେ ଏକ ସୁଚିନ୍ତିତ ଅଟକଳକରି ପ୍ରାଚୀର ପତ୍ରିକା ଦ୍ୱାରା କିମ୍ବା ସରକାରୀ ପାକ୍ଷିକ ବା ସାପ୍ତାହିକ ପତ୍ରିକା ଦ୍ୱାରା କୋରାପୁଟରେ ଏବଂ ନିକଟବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଲୋକଙ୍କ ମନରେ ସେଥିପାଇଁ ଆଗ୍ରହ ସୃଷ୍ଟି କରାଯାଇପାରେ । ଏହି ପ୍ରାଚୀର ପତ୍ରିକା ବା ସାମୟିକୀ ପ୍ରତ୍ୟେକ ଗ୍ରାମରେ ଅନ୍ତତଃ ଗୋଟିଏ ଏବଂ ପଞ୍ଚାୟତ କାର୍ଯ୍ୟାଳୟ ଥିବା ଗ୍ରାମରେ ଦୁଇଟି ଏବଂ ସହରମାନଙ୍କରେ ପ୍ରତ୍ୟେକ ୱାର୍ଡରେ ଗୋଟିଏ କରି ବଣ୍ଟାଯାଇ ପାରେ ।

କାର୍ଯ୍ୟ ବା ବ୍ୟବସାୟର ସୁଯୋଗ ସୁବିଧା ବ୍ୟତୀତ ସେଗୁଡ଼ିକରେ ଚିନି, କିରୋସିନି ଓ ସାର ଯୋଗାଣ ସଂପର୍କରେ, ଋଣ ପ୍ରାପ୍ତିର ସୁଯୋଗ, ପ୍ରଣାଳୀ ଓ ସଫଳତା ସଂପର୍କରେ, କଳକବ୍ଜା, ବିହନ ଇତ୍ୟାଦି ପାଇବା ଏବଂ ସରକାରଙ୍କ ବିଭିନ୍ନ ସ୍ଥାନୀୟ ଯୋଜନା ସଂପର୍କରେ ଜଣାଇ ଦିଆଯାଇ ପାରେ ।

ଯଦି ପ୍ରାଦେଶିକ ବା ଜିଲ୍ଲା ସ୍ତରର ଖବରକାଗଜଗୁଡ଼ିକ ଏ ଦିଗରେ ଆଗେଇ ଆସିବା କିମ୍ବା ଆଶା ମୁତାବକ କାର୍ଯ୍ୟ କରିବା ସମ୍ଭବ ହେଉନାହିଁ, ତେବେ ସରକାର ନିଜ ଉଦ୍ୟମରେ ଏହା ଆରମ୍ଭ କରି ପାରନ୍ତି ପରୀକ୍ଷାମୂଳକ ଭାବେ । ଓଡ଼ିଶାକୁ କୃଷି ଓ ଶିଳ୍ପ କ୍ଷେତ୍ରରେ ସମୃଦ୍ଧ କରିବାକୁ ହେଲେ ସରକାର ଏବଂ ସମ୍ବାଦପତ୍ର ଉଭୟେ ବିକାଶଧର୍ମୀ ପ୍ରସ୍ତର ପ୍ରତି ଉନ୍ମୁଖ ହେବାକୁ ପଡ଼ିବ । ଏ ଦିଗରେ ବେତାର ମାଧ୍ୟମକୁ ମଧ୍ୟ ପୂର୍ଣ୍ଣଭାବେ ଉପଯୋଗ କରାଯାଇ ପାରିବ ଯଦି ପଲ୍ଲୀଶ୍ରୋତାମଣ୍ଡଳୀଗୁଡ଼ିକର ପ୍ରସାର କରି ସେଗୁଡ଼ିକୁ ଅଧିକ ସକ୍ରିୟ କରାଯାଇ ପାରିବ । ସେହିପରି ରାଜନୈତିକ ଦଳଗୁଡ଼ିକ, ବିଶେଷତଃ ଶାସକ ଦଳ ଲୋକଙ୍କ ସହିତ ପାରସ୍ପରିକ ଆଲୋଚନା କରିଆରେ ବିକାଶଧର୍ମୀ ଯୋଜନାଗୁଡ଼ିକୁ ଅଧିକ ଫଳପ୍ରଦ କରିବା ପାଇଁ ଚେଷ୍ଟା କରିବା ଉଚିତ । ବିକାଶ ଯୋଜନାଗୁଡ଼ିକ ଦେଶର ସମସ୍ତ ଶ୍ରେଣୀଙ୍କ ପାଇଁ ଉଦ୍ଦିଷ୍ଟ । ସୁତରାଂ ସମସ୍ତଙ୍କର ସେଥିରେ ସହଯୋଗ ଆବଶ୍ୟକ ।

ଅଧ୍ୟକ୍ଷ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ।

ସୁବର୍ଣ୍ଣ ସୁଯୋଗ ହେଉଛି ଗୋଟିଏ ମୁହୂର୍ତ୍ତ । ସେ ମୁହୂର୍ତ୍ତକୁ ଛାଡ଼ିଦେଲେ ଆଉ ଆସିବ ନାହିଁ ।

ଜାନକୀ ବଲ୍ଲଭ ପଟ୍ଟନାୟକ


ମା'ଙ୍କଠାରୁ ଆରମ୍ଭ କରି ଝିଅ ପର୍ଯ୍ୟନ୍ତ...
SUNLIGHT
Soap
ସନଲାଇଟ ସାବୁନ
ସର୍ବୋତ୍ତମ ଉଜ୍ଜ୍ୱଳ କରି
ଧୋଇବାର ଗୋପନ କଥା–
ସନଲାଇଟ୍‌ର
ବିଶେଷ ଧୁଲେଇ କ୍ଷମତା
ଉଜ୍ଜ୍ୱଳ ଲୁଗାପଟା ଧୋଇବା ପାଇଁ ଏଭଳି ଏକ ସାବୁନ ଦରକାର ଯାହା ଲୁଗାପଟାରୁ ଏପରିକି ଛୋଟଛୋଟ ମଇଳାକୁ ମଧ୍ୟ ବାହାର କରି ଦେବା ପାଇଁ ସକ୍ଷମ । ଆଉ ମଧ୍ୟ ତାହା ଏପରି ସ୍ନିଗ୍ଧ ହେବା ଦରକାର ଯେଉଁଥିରେ ଲୁଗାପଟା ନଷ୍ଟ ହେବ ନାହିଁ ବା ଫାଟିବ ନାହିଁ । ସନଲାଇଟ୍ ହେଉଛି ସେହିଭଳି ଏକ ସାବୁନ । ପୁରୁଷାନୁକ୍ରମେ ମହିଳାମାନେ ଜାଣନ୍ତି ଯେ କପଡ଼ାକୁ ପରିଷ୍କାର ଓ ଉଜ୍ଜ୍ୱଳ କରି ଧୋଇବା ପାଇଁ ସେମାନେ ସନଲାଇଟ୍‌ର ବିଶେଷ ଧୁଲେଇ କ୍ଷମତା ଉପରେ ନିର୍ଭର କରି ପାରନ୍ତି । ଆଉ ମଧ୍ୟ ଶୁଦ୍ଧ ହୋଇ ଥିବାରୁ ସନଲାଇଟ୍ ଲୁଗାପଟା ଓ ହାତ ପାଇଁ ଅତି ସ୍ନିଗ୍ଧ । ଆପଣଙ୍କ ପରିବାର ପାଇଁ ସର୍ବୋତ୍ତମଟି ବାଛନ୍ତୁ—ସନଲାଇଟ୍ ।
ସନଲାଇଟ୍ ପୁରୁଷାନୁକ୍ରମେ ଲକ୍ଷଲକ୍ଷ ମହିଳାଙ୍କର ବିଶ୍ୱାସଭାଜନ
ହିନ୍ଦୁସ୍ତାନ ଲିଭରର ଏକ ଉତ୍କୃଷ୍ଟ ଉତ୍ପାଦନ
ଲିଣ୍ଟାସ-SUN.I-203 RY

# ବନ୍ୟଜନ୍ତୁ ଓ ପର୍ଯ୍ୟଟନ

ଶ୍ରୀ ବିଜୟ କେତନ ପଟ୍ଟନାୟକ

ବିସ୍ତୃତ ଭୌଗୋଳିକ ସରହଦ, ଜଳବାୟୁର ବ୍ୟାପକତା ଓ ଅରଣ୍ୟାନୀର ସମାରୋହ ଭାରତକୁ ବନ୍ୟ ଜନ୍ତୁରେ ସମୃଦ୍ଧ କରିଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶାର ପ୍ରାକୃତିକ ପରିବେଶ ଓ ତାର ବନ୍ୟ ସମ୍ପଦ କୌଣସି ଗୁଣରେ କମ୍ ନୁହେଁ । ବନ୍ୟଜନ୍ତୁ ପର୍ଯ୍ୟଟନକୁ ଅଧିକ ଲୋକପ୍ରିୟ କରିବା ପଛରେ କେବଳ ବ୍ୟବସାୟିକ ବା ଅର୍ଥନୈତିକ ମନୋବୃତ୍ତି କାର୍ଯ୍ୟ ନ କରି ସଭ୍ୟତାର କବାଟରେ ଶ୍ୱାସରୁଦ୍ଧ ଜନସମାଜକୁ ନୈସର୍ଗିକ ଓ ନିରାମୟ ଆନନ୍ଦ ଦେବା ହିଁ ଏହାର ମୂଳ ଲକ୍ଷ୍ୟ ହେବ । ବନ୍ୟଜନ୍ତୁ ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାର ଉଜ୍ଜ୍ୱଳମୟ ଭବିଷ୍ୟତର ଚିତ୍ର ଲେଖକ ଏହି ପ୍ରବନ୍ଧରେ ଆଭାସ ଦେଇଛନ୍ତି । "ବନ୍ୟଜନ୍ତୁ ସପ୍ତାହ" ପାଳନ ଉପଲକ୍ଷେ ଲେଖାଟିର ତାତ୍ପର୍ଯ୍ୟ ରହିଛି ।

ଯାନ୍ତ୍ରିକ ସଭ୍ୟତାର ବିଶାକ୍ତ ବାତାବରଣରେ ଯେତିକି ଯେତିକି ମଣିଷ ଶ୍ୱାସରୁଦ୍ଧ ହୋଇ ପଡୁଛି; ସେତିକି ସେତିକି ସେ ପ୍ରକୃତିର ମନୋରମ ପରିବେଶ ଭିତରକୁ ଫେରିଯିବା ପାଇଁ ପାଗଳ ହୋଇ ଉଠୁଛି । ଚିଡ଼ିଆଖାନାର ତାର ବାଡ଼ ଘେରା ଆବଦ୍ଧ କୋଠରୀରେ ବାଘଟିଏ କି ସିଂହଟିଏ ଦେଖିଲେ ଆମ ଖୁସିର ସୀମା ରହୁନାହିଁ । ଅଥଚ ସେହି ବାଘ ଓ ସିଂହ ପ୍ରଭୃତି ବନ୍ୟ ଜନ୍ତୁଙ୍କୁ ଯଦି ଆମକୁ କେବେ ଜଙ୍ଗଲର ଖୋଲା ପରିବେଶରେ ନିର୍ଭୟରେ, ନିର୍ଦ୍ୱନ୍ଦରେ ବୁଲୁଥିବାର ଦେଖିବାର ସୁଯୋଗ ମିଳେ; ତହିଁରେ ଯେଉଁ ରୋମାଞ୍ଚ ଓ ପୁଲକଜାତ ହେବ, ତାହା କେବଳ ଅନୁଭବୀହିଁ ଉପଲବ୍ଧି କରିପାରିବ । 'ଜୁଲିୟନ୍ ହକ୍ସ୍‌ଲେ', ଏ ସଂପର୍କରେ କହିଛନ୍ତି—

"To see large animals going about their natural business in their own natural way assured and unafraid, is one of the most exciting and moving experience in the world".

ଜୀବଜନ୍ତୁଙ୍କର ଏହି ପ୍ରାକୃତିକ ରମଣୀୟତା, ସେମାନଙ୍କୁ ଖୋଲା ପରିବେଶରେ ଦେଖିବାର ଅନୁସନ୍ଧିତ୍ସା ଏବଂ ପ୍ରତୀକ୍ଷା କରିବାରେ ଯେଉଁ ଆବେଗ ଓ ରୋମାଞ୍ଚ ତାହାହିଁ ବନ୍ୟଜନ୍ତୁ ପର୍ଯ୍ୟଟନର ମୂଳଧନ ।

ଦେଶ ବିଦେଶରୁ ବହୁ ପର୍ଯ୍ୟଟକ କେବଳ ପ୍ରସିଦ୍ଧ 'ତାଜ୍‌ମହଲ' ଦେଖିବା ପାଇଁ ଭାରତକୁ ଆସନ୍ତି ନାହିଁ ବରଂ ଭାରତର ଜାତୀୟ ପଶୁ 'ବାଘ'କୁ ଦେଖିବା ପାଇଁ ମଧ୍ୟ ସେମାନେ ଆଗ୍ରହୀ । ଭାରତର ବିସ୍ତୃତ ଭୌଗୋଳିକ ସରହଦ, ଜଳବାୟୁର ବ୍ୟାପକତା, ଅରଣ୍ୟାନୀର ସମାରୋହ ଏହାକୁ ବନ୍ୟ ଜନ୍ତୁରେ ସମୃଦ୍ଧି କରିଛି । ଭାରତୀୟ ଗଣ୍ଡା, କୃଷ୍ଣସାର ଓ କସ୍ତୁରୀ ମୃଗ ଅନ୍ୟ କେଉଁ ଦେଶରେ ଦେଖିବାକୁ ମିଳନ୍ତି ନାହିଁ । ଏହି ପରିପ୍ରେକ୍ଷୀରେ ଓଡ଼ିଶାର ପ୍ରାକୃତିକ ପରିବେଶ ଓ ତାର ବନ୍ୟ ସଂପଦ ମଧ୍ୟ କୌଣସି ଗୁଣରେ କମ୍ ନୁହେଁ । ବାଘ, ଚିତାବାଘ, ହାତୀ, ଗୟଳ, ସମ୍ବର, କୃଷ୍ଣସାର ଓ ବିଭିନ୍ନ କିସମର ପକ୍ଷୀମାନଙ୍କୁ ନେଇ ସମୃଦ୍ଧ ତାର ଅରଣ୍ୟାନୀ । ତା' ଛଡ଼ା ବିରଳ ହୋଇ ଆସିଥିବା ସରୀସୃପମାନଙ୍କ ଭିତରେ ଘଡ଼ିଆଳ କୁମ୍ଭୀର, ମଗର ଓ ସମୁଦ୍ର କଇଁଛ ମଧ୍ୟ ଅନ୍ୟତମ ।

ଜାତୀୟ ଉଦ୍ୟାନ ଓଡ଼ିଶାର ଶିମିଳିପାଳର ଏକ ସଫଳ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ ହେବାର ସମ୍ଭାବନାମୟ ଭବିଷ୍ୟତ ରହିଛି । ପ୍ରଚୁର ପାନୀୟ ଓ ଖାଦ୍ୟର ସୁବିଧା ରହିଥିବାରୁ ଏହି ଅରଣ୍ୟରେ ବନ୍ୟ ମହିଷ ଓ କୃଷ୍ଣ ସାର ଛଡ଼ା ଅନ୍ୟ ସବୁ ଜୀବଜନ୍ତୁ ଦେଖାଯାଇ ଥାଆନ୍ତି । ଏହା ଭିତରେ ଥିବା 'ବରେହି ପାଣି' ଜଳ ପ୍ରପାତର ସାଂଗୀତିକ ରୂପ ସଂଭାର ଅତୀବ ଆକର୍ଷଣୀୟ । ସେହି ବନ୍ୟ ସଂଗୀତକୁ ପ୍ରତିହତ କରି ବେଳେ ବେଳେ ଶୁଣାଯାଏ ହାତୀ ଓ ବାଘଙ୍କର ହୃଦୟ ଥରା ଗର୍ଜନ ଏବଂ ଅନ୍ୟ ସମୟରେ ଶୁଣାଯାଏ ପକ୍ଷୀଙ୍କର ସୁମଧୁର କୂଜନ ଓ ନୃତ୍ୟରତ ମୟୂରର କୁହୁତାନ ।

ଓଡ଼ିଶାର ପକ୍ଷୀବିହାର ଭିତରେ 'ଚିଲିକା' ଏବଂ ଭିତର କନିକା ଅନ୍ୟତମ । ଶୀତଦିନେ ତୁଷାରାବୃତ 'ସାଇବେରିଆ' ଓ ମାନସରୋବର ଅଞ୍ଚଳରୁ ଦଳ ଦଳ ପକ୍ଷୀ ଉଡ଼ିଆସନ୍ତି ଚିଲିକାର ଜଳଭଣ୍ଡାରକୁ, ସେ ଭିତରେ ବଗ, ଗେଣ୍ଡାଳିଆ, ମାଛରଙ୍କା, କୁମ୍ଭାଟୁଆ, କୋଚିଲଖାଇ, ଆଦି ସ୍ଥାନୀୟ ପକ୍ଷୀଙ୍କସହ ଅନେକ ବିଦେଶାଗତ ପକ୍ଷୀ ବି ସାମିଲ ହୋଇ ଯାଆନ୍ତି । ସେହିପରି ଭିତର କନିକା ଜଙ୍ଗଲର ନଦୀ ପଠାମାନଙ୍କରେ ମଧ୍ୟ ହଜାର ହଜାର ସଂଖ୍ୟାରେ ଗେଣ୍ଡାଳିଆ, ବଗ, ପାଣିକୁଆ ଆଦି ବସା ବାନ୍ଧି ରୁହନ୍ତି । ଜୁଲାଇରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ଏକକାଳୀନ ଅଧିକ ସଂଖ୍ୟକ ପକ୍ଷୀ ବାସ କରୁଥିବାରୁ ସ୍ଥାନଟି ସଦା ପକ୍ଷୀ କାକଳିରେ ପୂର୍ଣ୍ଣ ତଥା ରମଣୀୟ ଅଟେ । ଶୀତଦିନେ ପକ୍ଷୀ ଦର୍ଶକ, ପ୍ରକୃତି ପ୍ରେମୀ ଓ ପକ୍ଷୀ ବିଶାରଦମାନଙ୍କ ପାଇଁ ଏହା ସ୍ୱର୍ଗ ଅଟେ ।

ଏତଦ୍ ବ୍ୟତୀତ ନିକଟ ଅତୀତରେ ଟିକରପଡ଼ାଠାରେ ପ୍ରତିଷ୍ଠିତ 'ଘଡ଼ିଆଳ କୁମ୍ଭୀର ସଂରକ୍ଷଣ କେନ୍ଦ୍ର' ସାତକୋଶିଆ ଗଣ୍ଡ ଅଭୟାରଣ୍ୟକୁ ଅଧିକ ଲୋକପ୍ରିୟ କରିପାରିଛି । ସେହିପରି 'ଡାଙ୍ଗମାଳ କୁମ୍ଭୀର ସଂରକ୍ଷଣ କେନ୍ଦ୍ର' ମଧ୍ୟ ଭିତର କନିକା ଲୁଣା ଜଙ୍ଗଲର ଅନ୍ୟତମ ଆକର୍ଷଣ । ଏହି ସଂରକ୍ଷଣ କେନ୍ଦ୍ରମାନଙ୍କରେ କୁମ୍ଭୀରର ଅଣ୍ଡା ସଂଗ୍ରହ

କରି, ତାକୁ କୃତ୍ରିମ ଉପାୟରେ ଛୁଆ ଫୁଟେଇ ଏବଂ ସେହି ଛୁଆମାନଙ୍କୁ କୃତ୍ରିମ ପାଳନ କେନ୍ଦ୍ରରେ ବର୍ଷେ ଦେଢ଼ ବର୍ଷ କାଳ ଲାଳନ ପାଳନ କରି, ତା'ପରେ ନଈରେ ଛାଡ଼ି ଦିଆ ଯାଉଛି । ଦିନକୁ ଦିନ ଏହି ସଂରକ୍ଷଣ କେନ୍ଦ୍ରଗୁଡ଼ିକ ଅଧିକ ଲୋକପ୍ରିୟ ହୋଇ ଉଠୁଛି ଏବଂ ପ୍ରତି ବର୍ଷ ଦଶହରା ଠାରୁ ଆରମ୍ଭ କରି ଦୋଳ ପର୍ଯ୍ୟନ୍ତ ଓଡ଼ିଶା ତଥା ବାହାରର ଅନେକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ।

ଏ'ତ ହେଲା ପ୍ରାକୃତିକ ପରିବେଶରେ ବନ୍ୟଜନ୍ତୁଙ୍କୁ ନିରୀକ୍ଷଣ କରିବା କଥା । ସବୁ ଶ୍ରେଣୀର ପର୍ଯ୍ୟଟକମାନଙ୍କ ପାଇଁ ଏହା ଉପଯୋଗୀ ନୁହେଁ । ଯେହେତୁ ଏହା ଅଧିକ ବ୍ୟୟସାପେକ୍ଷ ଏବଂ ତା' ଛଡ଼ା ଅନେକ ସମୟରେ ଦିନ ଦିନ ଧରି ଅପେକ୍ଷା କଲା ପରେ ମଧ୍ୟ ଗୋଟିଏ ବି ଜନ୍ତୁ ଦେଖିବାର ସୁଯୋଗ ମିଳି ନ ଥାଏ । ସେ ଦୃଷ୍ଟିରୁ ସାଧାରଣ ଶ୍ରେଣୀର ଦର୍ଶକ ଓ ପର୍ଯ୍ୟଟକମାନଙ୍କ ପାଇଁ ଚିଡ଼ିଆଖାନା ଅଧିକ ଆକର୍ଷଣୀୟ । ସେହି କାରଣରୁ ହାଇଦ୍ରାବାଦର 'ନେହେରୁ ପ୍ରାଣୀ ଉଦ୍ୟାନ' ନିକଟସ୍ଥ ପ୍ରସିଦ୍ଧ 'ସାଲାରଜଙ୍ଗ' ମ୍ୟୁଜିୟମ ତୁଳନାରେ ବାର୍ଷିକ ଦୁଇଗୁଣରୁ ଅଧିକ ଦର୍ଶକଙ୍କୁ ଆକୃଷ୍ଟ କରିଥାଏ । ଓଡ଼ିଶାର ପ୍ରାଣୀ ଉଦ୍ୟାନ ନନ୍ଦନ କାନନକୁ ମଧ୍ୟ ବର୍ଷକୁ ଚାରି ଲକ୍ଷରୁ ପାଞ୍ଚ ଲକ୍ଷ ଦର୍ଶକ ପରିଦର୍ଶନ କରି ଥାଆନ୍ତି ।

ଆମର ସାଂସ୍କୃତିକ ଓ ଐତିହାସିକ ପରଂପରା ଆମର ପୁରୀ, କୋଣାର୍କ, ଭୁବନେଶ୍ୱର, ଖଣ୍ଡଗିରି, ଓ ଧଉଳିଗିରିର କଳା, ଭାସ୍କର୍ଯ୍ୟ, ପୁରୀ, ଗୋପାଳପୁର, ଚାନ୍ଦିପୁରର ବେଳାଭୂମି, ଦେଶ, ବିଦେଶର ପର୍ଯ୍ୟଟକମାନଙ୍କୁ ଯୁଗେ ଯୁଗେ ଆକର୍ଷଣ କରି ଆସିଛି । ଏହା ସାଙ୍ଗକୁ ଯଦି ଆମର ବନ୍ୟଜୀବନ, ଅଭୟାରଣ୍ୟ ଓ ପକ୍ଷୀ ବିହାରଗୁଡ଼ିକୁ ସଂଯୁକ୍ତକରି ଗୋଟିଏ ଗୋଟିଏ ପର୍ଯ୍ୟଟନ ତ୍ରିଭୁଜ ସୃଷ୍ଟି କରାଯାଇପାରେ ତାହାହେଲେ ଅନ୍ୟାନ୍ୟ ପ୍ରଦେଶ ଓ ବିଦେଶର ପର୍ଯ୍ୟଟକମାନଙ୍କ ପାଇଁ ଓଡ଼ିଶା ଏକ ପ୍ରକୃଷ୍ଟ ଅବସର ବିନୋଦନ କେନ୍ଦ୍ରରେ ପରିଣତ ହୋଇ ପାରିବ । ଏହି ପରିପ୍ରେକ୍ଷୀରେ ଖଣ୍ଡଗିରି-ଧଉଳିଗିରି, ଭୁବନେଶ୍ୱର ଓ ନନ୍ଦନକାନନ ପ୍ରାଣୀ ଉଦ୍ୟାନ; କିଂବା ପୁରୀ, କୋଣାର୍କ ଓ 'ବାଲୁଖଣ୍ଡ' ଅଭୟାରଣ୍ୟ, ହୀରାକୁଦ ଜଳଭଣ୍ଡାର, ଉଷାକୋଠି ଅଭୟାରଣ୍ୟ ଓ ଦେଓଗଡ଼ର 'ପ୍ରଧାନପାଟ' ଜଳପ୍ରପାତ; ଅଥବା ରମ୍ଭା, ଚିଲିକା ପକ୍ଷୀବିହାର ଓ ଗୋପାଳପୁର ବେଳାଭୂମିକୁ ନେଇ ଗୋଟିଏ ଗୋଟିଏ ପର୍ଯ୍ୟଟନ ସୁବର୍ଣ୍ଣ ତ୍ରିଭୁଜରେ ପରିଣତ କରାଯାଇ ପାରିବ । ବନ୍ୟଜନ୍ତୁ ପର୍ଯ୍ୟଟନକୁ ଅଧିକ ଲୋକପ୍ରିୟ କରିବା ପଛରେ କେବଳ ବ୍ୟବସାୟିକ ବା ଅର୍ଥନୈତିକ ମନସ୍ତତ୍ତ୍ୱ କାର୍ଯ୍ୟ ନ କରି ; ସଭ୍ୟତାର ବ୍ୟାଧିରେ ଶ୍ୱାସରୁଦ୍ଧ ଜନ ସମାଜକୁ ନୈସର୍ଗିକ ଓ ନିରାମୟ ଆନନ୍ଦ ଦେବା ହିଁ ହେବ ଏହାର ମୂଳ ଲକ୍ଷ୍ୟ ।

ବନାଞ୍ଚଳ ଅଧିକାରୀ
ନବରଙ୍ଗପୁର, କୋରାପୁଟ



କଟକ ବାରବାଟୀ ଷ୍ଟାଡ଼ିୟମ୍‌ଠାରେ ଭାରତ ଓ ଋଷ ମଧ୍ୟରେ ଅନୁଷ୍ଠିତ ଆନ୍ତର୍ଜାତିକ ପ୍ରଦର୍ଶନୀ ଫୁଟବଲ ଖେଳର ଏକ ଦୃଶ୍ୟ ।

# ଖିଚିଡ଼ି ଖିଚଡ଼ି ହେଲା ପ୍ରବନ୍ଧ

ମହାପାତ୍ର ନୀଳମଣି ସାହୁ

ସୋଦର ଭାଇ ଓ ଭଉଣୀମାନେ ! ମାନନୀୟ ମଉସା ଓ ମାଉସୀମାନେ ! ମୋର କଲ୍ୟାଣୀୟ ଛାତ୍ରଛାତ୍ରୀମାନେ ! ସମ୍ମାନୀୟ ଶିକ୍ଷକ ଓ ଅଧ୍ୟାପକବୃନ୍ଦ ! ହାକିମ ହୁକୁମା ମହୋଦୟମାନେ ! ବଣିକକାର ବେପାରୀ ଭାଇମାନେ ! ଡାକ୍ତର, ଇଂଜିନିଅରବୃନ୍ଦ ! କୃଷକ ଓ ଶ୍ରମିକ ଭାଇମାନେ ଏବଂ ଶେଷରେ ସବୁ ଦଳ ଆଉ ନିର୍ଦ୍ଦଳର ରାଜନୈତିକ ନେତୃବୃନ୍ଦ ! ତେମେ ଆପଣମାନେ ବର୍ତ୍ତମାନ ଯେ ଯେଉଁଠି ଥାଅ, ଘରଭିତରେ ଥାଅ, କି ଗାଁ ଭିତରେ ଥାଅ, ହାଟ ବଜାରରେ ଥାଅ କି ମେଳା ପରବରେ ଥାଅ, ସ୍କୁଲ କଲେଜରେ ଥାଅ କି ଅଫିସ ଦପ୍ତରରେ ଥାଅ, ଶ୍ମଶାନରେ ଥାଅ କି କାରଖାନା ଭିତରେ ଥାଅ, ନିର୍ବାଚନ ମଣ୍ଡପରେ ଥାଅ କି ବିଧାନସଭାରେ ଥାଅ, ଯେଉଁଠି ଯେ ଥାଅ ମୋର ପ୍ରିୟ ପାଠକ ପାଠିକା ଗଣ ! ତେମେ ଆପଣମାନେ ଯେ ଯାହାକରୁ ଥାଅ, କାମ କରୁଥାଅ କି ଘୁମାଉଥାଅ, ଚେଇଁ ଚେଇଁ ଶୋଇ ଥାଅ କି ଶୋଇ ଶୋଇ ଚେଇଁ ଥାଅ, ଯାତ୍ରା ପାଲି ଦେଖୁ ଥାଅ, କି ସିନେମା ଥେଟର ଦେଖୁଥାଅ, ବସ୍‌ରେ ଯାଉ ଥାଅ କି ଟ୍ରେନ୍‌ରେ ଯାଉ ଥାଅ, ସାଇକେଲ ଚଳାଉଥାଅ କି କାର୍ ସ୍କୁଟର ଚଢ଼ଉ ଥାଅ, ଗଣେଶପୂଜା କରୁଥାଅ କି ବିଶ୍ୱକର୍ମା ପୂଜା କରୁଥାଅ, ଦୁର୍ଗାମେଢ ବନାଉ ଥାଅ କି କାଳୀମେଢ ବନାଉ ଥାଅ, ଆବାହନ କରୁଥାଅ କି ବିସର୍ଜନ କରୁଥାଅ, ହୁଳହୁଳି ମାରୁଥାଅ କି ହୁଳା ଦେଉ ଥାଅ, ଆଲ୍ଲା ହୋ ଆକବର ବୋଲି ଚିତ୍କାର କରୁଥାଅ କି ହରିବୋଲ ବୋଲି ରଡ଼ି ଛାଡୁଥାଅ, ଅଥବା ଆମେନ୍ ଆମେନ୍ ବୋଲି ଆଖେଇ ପଡ଼ିଥାଅ, ତେମେ ଆପଣମାନଙ୍କ ଉଦ୍ଦେଶ୍ୟରେ ମୋର ମୁଣ୍ଡ ନୁଆଁଇ, ହାତଯୋଡ଼ି, ଦଣ୍ଡବିଗ-ପାତକୁ ସାକ୍ଷୀରଖି, ମୋ ନିଜ ହୃଦ-କମଳରେ ଦୋଉଣ୍ଡ-ଥାଇ, ପରମବିଧାତାପୁରୁଷଙ୍କ ପାଖେ ନତମସ୍ତକ ହୋଇ ରାମ, ରସୁଲ, କୃଷ୍ଣ, ବୁଦ୍ଧ, ଖ୍ରୀଷ୍ଟ ଆଦି ଦିବ୍ୟପୁରୁଷ-ମାନଙ୍କ ପବିତ୍ରନାମକୁ ସ୍ମରଣ କରି ସମସ୍ତଙ୍କ ଉଦ୍ଦେଶ୍ୟରେ ଉଚ୍ଚକିତ କଣ୍ଠରେ ମୁଁ ଅଧମ ମହାପାତ୍ର ନୀଳମଣି ସାହୁ ଭଣାଣ କରୁଅଛି—

ଆହେ ଜନମାନବମାନେ ! ଆହେ ସହୃଦୟ ସାମାଜିକମାନେ ! ଦୟାକରି ମୋର ଏଇ କଥା ପ୍ରତି ଟିକିଏ କର୍ଣ୍ଣପାତ କରନ୍ତୁ—ନେତ୍ରପାତ କରନ୍ତୁ—ମାନସରେ ଅବଧାନ ଦିଅନ୍ତୁ—ମୋ ବିନତି ଶୁଣିବା ହେଉ ସୁଧୀ ଜନେ ! ସର୍ବେ ଜାଗ୍ରତ ହୋଇ ଉଠନ୍ତୁ ! ଏ ପୃଥିବୀ ବର୍ତ୍ତମାନ ମହା ବିପଦ ଘୋଟି ଆସିଲାଣି ! ଏ ଆକାଶ ଉପରକୁ ଘୋର ଦୁର୍ଯ୍ୟୋଗ ଘୋଟି ଗଲାଣି— ଏ ଧରାକୁ କହୁଚ ଭାରା ହେଲାଣି ! ବାସୁକୀ ଆଉ ଏ ପୃଥିବୀ ସମ୍ଭାଳି ପାରୁ ନାହାନ୍ତି ! ତାଙ୍କ ସହସ୍ର ଫଣା ଟଳମଳ ହେଲାଣି !

ଜାଣିବା ଶୁଣିବା ଲୋକମାନେ, ସାଧୁ ମହାତ୍ମାମାନେ, ପୀର ଫକୀର ମାନେ, ସେଣ୍ଟ୍ ଆଉ ସେଜ୍ ମାନେ, ସମସ୍ତେ ଏକ ସ୍ୱରରେ କହିଲେଣି– ସାବଧାନ ହୁଅ ସମସ୍ତେ ; ସାବଧାନ ହୁଅ । ଏ ପୃଥୀରେ ସଇତାନର ଶକ୍ତି ପ୍ରବଳ ହୋଇ ଉଠୁଛି । ଅସୁର ସ୍ୱଭାବ ବହୁତ ବଢି ଗଲଣି । ଘୁରିଥାନ୍ତେ ହିଂସା, ଦ୍ୱେଷ, ଲୋଭ, ମିଥ୍ୟା, ଅବିଶ୍ୱାସ, ଜାଲ୍, ଜାଲିଆତି, ଷଡଯନ୍ତ୍ର, ଚୋରୀ, ଡକାୟତୀ, ରାହାଜାନୀ, ଦଙ୍ଗାହେଙ୍ଗାମା, ରାଜନୈତିକ ଅସ୍ଥିରତା, ଜାତିଆଣ ବିଦ୍ୱେଷ, ଛାତ୍ର, ଶିକ୍ଷକ ସଂଘର୍ଷ, ଗାଁ ଗାଁରେ କଳି କଜିଆ, ମାଲିମକଦ୍ଦମା, ନାରୀଧର୍ଷଣ, ଦୁର୍ଘଟଣା– ସାରା ଦେଶରେ; ସାରା ପୃଥିବୀରେ, ସହରମାନ ପଚୁଛି-ଉଠୁଛି । ଘୁରିଥାନ୍ତେ କଥାକଥାକେ ନିଆଁ ଜଳି ଉଠୁଛି । ଏ କ'ଣ କଳି ଯୁଗର ଶେଷ ବେଳା ପହଁଚି ଗଲାକି ? ଭବିଷ୍ୟବକ୍ତା ମାଳିକାକାରମାନେ ଚେତାବନୀ ଶୁଣାଇଲେଣି–ଆଉ ନାହିଁ–ଆଉ ଏ ଯୁଗପୁରୁଷର ପରମାୟୁ ନାହିଁ । କଳିଯୁଗ ଶେଷ ହେବାର ସମସ୍ତ ଲକ୍ଷଣ ଦେଖା ଯାଉଛି ।

ଭାରତ ଯଥାର୍ଥରେ କହିନାହାନ୍ତି କି –"ଲୋକେ ହୋଇବେ ଖଳବଳ, ନାଶିବେ ଭୁବନମଣ୍ଡଳ" । ସତକଥା । ବର୍ତ୍ତମାନ ସବୁତକ ବଳ ଯାଇ ଠୁଳ ହେଲାଣି ଖଳ ଲୋକଙ୍କ ହାତରେ । ଖଳମାନେ ପ୍ରବଳ ହୋଇ ଏ ପୃଥୀକି ଉଠାଉଛନ୍ତି ପକାଉଛନ୍ତି । କିନ୍ତୁ ଏ ଆଉ ବେଶୀ ଦିନ ନୁହେଁ । ସମସ୍ତେ ପଡିଯିବେ ଯୋଗିନୀ-ମାନଙ୍କ ଖପର ଆଗରେ । କେହି ଆଉ ସମ୍ଭାଳି ପାରିବେ ନାହିଁ । ନାନା ଦୁର୍ଲକ୍ଷଣମାନ ଦେଖା ଗଲଣି– ଫେର୍ ମଧ୍ୟ ଦେଖାଯିବ । ଆକାଶରେ ଲଂଜା ତାରା ପଡିବ– ଭୂମିକମ୍ପ ହେବ–ଧରଣୀ ଫାଳଫାଳ ହୋଇ ଫାଟିଯିବ । ଘରେ ଘରେ ହାକ ପଡି ଯିବ । ଶୂନ୍ୟରୁ ଶୁଭିବ ଘୋର କିଳିକିଳା ନାଦ । ଡାକିନୀମାନେ ସହସ୍ର ପ୍ରକାର ଅସାଧ୍ୟ ରୋଗ ବେମାରର ରୂପ ଧରି ଘୁରିଆଡେ ବୁଲିବେ । ଜନମାନଙ୍କ ଦେହରେ ନାନାବି ଚିହ୍ନ ଅଚିହ୍ନା ବ୍ୟାଧି ରୂପରେ ପ୍ରବେଶ କରି ଗ୍ରାସିବେ । ଲକ୍ଷ ଲକ୍ଷ ଲୋକ ମରିଯିବେ ରୋଗରେ–ଲକ୍ଷ ଲକ୍ଷ ଲୋକ ମରିଯିବେ ପରସ୍ପର ଭିତରେ ହଣାମରା ହୋଇ–ଲକ୍ଷ ଲକ୍ଷ ଲୋକ ମରିଯିବେ ବସ୍, କାର୍, ଟ୍ରେନ୍ ଦୁର୍ଘଟଣାରେ– ନଈମାନେ କୂଳ ଲଂଘି ବଢିବେ–ସମୁଦ୍ର ଜୁଆର ମାଡି ଆସିବ–ଅଗ୍ନିନଳ ଅଣଚାଷ ପବନ ବାତ୍ୟା ହୋଇ ବହିବ–ଶୂନ୍ୟରୁ ଘୋର ଅସ୍ତ୍ରାଘାତ ହେବ–ଏ ପୃଥୀ ଛାରଖାର ହୋଇଯିବ–କେହି ଆଉ ଯାକୁ ରଖି ପାରିବେ ନାହିଁ । ସବୁ କିଛି ଧ୍ୱଂସମଂସନ ହୋଇଯିବ । ଶେଷ ବେଳ ଆସି ପହଁଚିଯିବ । ଯିବ କଣ ପହଁଚି ଗଲାଣି ।

........ଏଇସବୁ ଭୟାନକ କଥା ଶୁଣି କେହି କେହି ଭୀତତ୍ରସ୍ତ ଲୋକ କି ଧର୍ମପ୍ରାଣ ଲୋକ ଯଦି ପଚାରିଦେବେ– "ସତ କଥା କହୁଛ ଯେ ଅବଧାନେ; ହେଲେ, ସେଇ ଶେଷ ବେଳାଟି କେବେ ଆସିବ ? ଆଉ, କାହିଁକି ବା ସେଇ ଶେଷ ବେଳାଟି ଏତେ ଶୀଘ୍ର ଆସି ଯାଉଛି ? ଆଉ କଣ ସେଥିରୁ ଉଦ୍ଧାର ପାଇବାର କିଛିବାଟ ନାହିଁ ?

ଏ ପ୍ରଶ୍ନ ଶୁଣି ସେହି ଭବିଷ୍ୟଦ୍ରଷ୍ଟା ଓ ଭବିଷ୍ୟବକ୍ତା-ମାନେ ଆକାଶକୁ ତର୍ଜନୀ ଦେଖାଇ ଗଭୀର ଗଳାରେ କହିବେ– "କେବେ ସେଇ ଶେଷ ବେଳା ଆସିବ ବୋଲି ପଚାରୁଛ ? ବୋଇଲି–"ତରକିଥିବୁ ତେର କୁ–ଚଉଦ ପନ୍ଦରେ କେହି ନ ରହିବେ, ସତ ଉପୁଜିବ ସତରକୁ । ସେଥିରୁ ବାରପଣ ଯିବେ ହଜି, ଦୁଇପଣ ହେବେ ଗଂଜି, ଆଉ ଦୁଇପଣ ହେବେ ମଂଜି–ତହାଉକରଣ ଲେଖିବେ ତାଙ୍କ ପାଞ୍ଜି" ।

ଭବିଷ୍ୟବକ୍ତା ମହାଶୟ ଆବେଗମୟ ଦୃଷ୍ଟିରେ ଚାହିଁ, ଭାବବିହ୍ୱଳ କଣ୍ଠରେ ପୁଣି ଗାଇ ଚାଲିବେ ସେଇ ସବୁ ଭୀତିପ୍ରଦ ରହସ୍ୟମୟ ମାଳିକା ବାଣୀ ଗୁଡିକୁ–"ଅମର ଜମର ରେ କଣ ଲେଖା ଅଛି ଜାଣ ? ବୋଇଲି–"ଉଉରେ ସାଜିବ ଦକ୍ଷିଣେ ଗାଜିବ, ମଧ୍ୟେ ହେବ ଲୀଳା ଭୂଇଁ– ଝାଡବାଡ ଧରି ଯେତେକ ରହିବେ ବିହନ ହୋଇବେ ସେହି । ଏଇ ଝାଡବାଡଟି କଣ ବୁଝୁଛନ୍ତି ବାବୁ ମାନେ ? ଝାଡବାଡ ହେଲା ଧର୍ମବାଡ । ନୀତି ବାଡ । ନ୍ୟାୟ ବାଡ । ଭଗବାନଙ୍କ ବାଡ । ତେମେ ବାବୁମାନେ ! ଯେ ଯେଉଁଠି ଯାହା କରୁଥାଅ–ଧର୍ମକୁ କିନ୍ତୁ ଧରିଥାଅ । ନୀତିକୁ ଧରିଥାଅ । ଭଗବାନଙ୍କୁ ଧରି ଥାଅ । ତା' ନ ହେଲେ ବାବୁ ! ତୁମେ ରହିବ ନାହିଁ, କି ଏ ପୃଥୀ ମଧ୍ୟ ରହିବ ନାହିଁ । କେମିତି ଭଲା କହୁଛ ରହିବ ? ଏ ପୃଥୀ ପରା ପାପଭାରରେ ଦୁଲୁକିଲାଣି । କେହି କଣ ଆଉ ଧର୍ମରେ ଅଛନ୍ତି ? ସମସ୍ତେ ପରା ଅଧର୍ମକୁ ମୂଳ କଲେଣି ! କେହି କଣ ସତ୍ୟ କଥା ଭାବୁଛି ? କେହି କଣ ଦେଶ କଥା ଭାବୁଛି ନା ଦଶ କଥା ଭାବୁଛି ? ସମସ୍ତେ ଚାଲିଛନ୍ତି ଆପଣା ସ୍ୱାର୍ଥରେ କେବଳ । ସମସ୍ତଙ୍କୁ ଖାଲି ଆପଣ ମୁହଁଟି ଦେଖାଯାଉଛି । ଆଉ କାହା ମୁହଁ ଦିଶୁ ନାହିଁ

ଆମ ଦେଶ ସଂସାରର ଏ ରୀତି ଦେଖି କବି କଣ କହୁଛନ୍ତି ଶୁଣିବା ହେଉ–

"କ୍ଷିତିକି ରୀତି ହେଲା ପ୍ରବଳ ହୋ କ୍ଷିତିକି......
ଟଙ୍କାକରେ ପାନ ପାଞ୍ଚୁଟା ଛଅଟା
ତିନଟଙ୍କା ହେଲା କିଲୋ ଚାଉଳ ହୋ କ୍ଷିତିକି....

ରକ୍ଷକ ତ ହେଲେ ଭକ୍ଷକ
ଧର୍ମ ବନିଗଲେ ତକ୍ଷକ
ମୂରୁଖ ଯେତେକ ପଣ୍ଡିତ ବୋଲାନ୍ତି
ବିରାଡି ବୈଷ୍ଣବେ କପଟି ମାନହୋ..କ୍ଷିତିକି....

ଦିଅ ଦିଅ ସବୁରି ମୁହେଁ
ନିଅ ନିଅ କେହି ନ କୁହେ
ଠାକୁରଙ୍କୁ ଖାଇ ଖଟୁଲୀ ଖାଉଛି
ତାଆରି ମଥାରେ ସୁନା ଚର୍ମ ର ହୋ । କ୍ଷିତିକି....

ତକାଏତେ ଧରନ୍ତି ଷ୍ଟେର
ରୋଗୀ ମାରି ବଡ ଡାକ୍ତର
ଆଗ ବଙ୍କା କରି ପଛେ ସିଧାକରେ
ସେଇତ ବୋଲଏ ଇଂଜିନିଅର ହୋ । କ୍ଷିତିକି......

ବିଦ୍ୟାଳୟେ ଅବିଦ୍ୟା ନାଟ
ଧରଧର ମାର କୁହାଟ
ମର୍କଟ ଯେତେକ ଗୁରୁ ସାଜିଛନ୍ତି
ଶିଷ୍ୟ ବନିଛନ୍ତି ଗଧ ଶିଆଳ ହୋ । କ୍ଷିତିକି......

ଆଜି ପାଉଗଲେ ଚାକିରୀ
କାଲିଠାରୁ ଚେଷ୍ଟା ଉପୁରି
ପରଦିନ ପୁଣି ମେଳି ବାନ୍ଧିକରି
ଦରମା ବଢାଅ ଧରମଘଟ ହୋ । କ୍ଷିତିକି........

ଆପେ ନିଆଁ ଲଗାଇ ଦେଇ
ନିଆଁ ନିଆଁ ବୋଲି ଡାକଇ
ଖବର କାଗଜ ତା' ଗୁଣ ବାହୁନେ
ଭାଙ୍ଗିବା ବିଦ୍ୟାରେ ଯେ ଧୁରନ୍ଧର ହୋ । କ୍ଷିତିକି....

ଧଳା ବାଳ କରିଣ କଳା
ବୁଢା କଲେ ଯୁବକ ଲୀଳା
ପାକୁଆ ପାଟିରେ ନକଲୀ ଦାନ୍ତରେ
ପେଷି ଯାଉଛନ୍ତି ସାରା ସଂସାର ହୋ । କ୍ଷିତିକି......

ଟୋକାମାନେ ହେଲେ ବେକାର
ରାସ୍ତାଘାଟେ କରନ୍ତି ଗୋଳ
ଭିନ୍ନ ପୋଷାକରେ ଟହଲ ମାରନ୍ତି
ଏକମାତ୍ର ଲକ୍ଷ୍ୟ ସିନେମାହଲ ହୋ । କ୍ଷିତିକି....

ଘରେ ଘରେ ମଦ ମାତାଲ
ହୋଟେଲଙ୍କାକ ଗଣିକାଳୟ
ଅନ୍ଧାର ରାତିରେ ଲକ୍ଷ୍ମୀ ଭ୍ରମୁଥାନ୍ତି
ବେପାର ବଣିକ ସବୁ ଭେଜାଲ ହୋ । କ୍ଷିତିକି......

କାମକ୍ରୋଧ ଦୁଇ ସଂଗାତ
ଲୋଭ ସଙ୍ଗେ ମିଳାନ୍ତି ହାତ
ମଦ ମାତ୍ସର୍ଯ୍ୟରେ ମୋହିତ କରାଇ
ବିରାଡି ଦେଲେଣି ସାରା ସଂସାର ହୋ । କ୍ଷିତିକି....

କଳିଯୁଗ ହେଲାକି ଗତ ?
କିବା ସତ୍ୟ ଯୁଗ ଆଗତ ?
ଭଣି ନୀଳମଣି ମନେ ଭାବେ ଏବି
ପାହାନ୍ତା ପୂର୍ବର ଗାଢ ଅନ୍ଧାର ହୋ । କ୍ଷିତିକି......

ବୁଝିବା ହେଲେ ସୁଧୀବୃନ୍ଦ ! କବି ଯାହା କହୁଛନ୍ତି— ମାନିବା ଯାହା ବାଳନ୍ତି—ସବୁ ସତ ବୋଲି ମନେ ହେଉଛି । ଦେଖନ୍ତୁ ବନ୍ଧୁଗଣ ! ସକାଳୁ ଖବର କାଗଜ ଖୋଲିବା ମାତ୍ରେ ଭଲ ଖବରଟିଏ, ଶୁଭ ଖବରଟିଏ ଆଉ ଆମ ଆଖିରେ ପଡୁଛି କି ? ଖାଲି ମଲାଗଲା ବୋଲି ଜୁରି ପଡୁଛି । କେତେ କିଏ ଛୁରୀ ଚେଷା ଭୁଖାରେ ମରୁଛନ୍ତି—କେତେ କିଏ ଭାସି ଯାଉଛନ୍ତି—ବୁଡି ଯାଉଛନ୍ତି—ଭଡି ଯାଉଛନ୍ତି—ପୋଡି ଯାଉଛନ୍ତି । ଗାଡି ମଟର ଚାପାରେ ରାସ୍ତାରେ ମରି ଛିନଛତ୍ର ହୋଇ ଯାଉଛନ୍ତି । ମଫସଲଠାରୁ ସହରଯାଏ କାହାରି ମନରେ ଶାନ୍ତି ନାହିଁ, ସନ୍ତୋଷ ନାହିଁ । ଚରିଆଡେ ଗୋଳମାଳ । ଚାରିଆଡେ ଉଦବେଗ । ସମସ୍ତେ ସମସ୍ତଙ୍କୁ ଠେଲିପେଲି ଆଗକୁ ମାଡି ଯିବାକୁ ତରତର । କେହି କାହାକୁ ଅପେକ୍ଷା କରିବାକୁ ନାହିଁ । ସମସ୍ତେ ଖାଲି ଆପଣା କଥାକୁ ତତ୍ପର । ସମସ୍ତଙ୍କ ମୁଣ୍ଡରେ ଖଳ ବୁଦ୍ଧି ପଶି ଯାଉଛି । ସମସ୍ତେ ଖାଲି ଦାବୀ କରି ଚାଲିଛନ୍ତି । କାହାର ଆଉ କାହା ପ୍ରତି ସମ୍ଭ୍ରମ ସମ୍ମାନ ରହୁନାହିଁ । ବୃଦ୍ଧଲୋକଙ୍କ ପ୍ରତି ସମ୍ମାନ ନାହିଁ—ସ୍ତ୍ରୀଲୋକମାନଙ୍କ ପ୍ରତି ମର୍ଯ୍ୟାଦା ନାହିଁ—ପିଲାମାନଙ୍କ ପ୍ରତି ଦୟାମାୟା ନାହିଁ । ମୋଟ ଉପରେ ସମାଜର ଚଉଦ ପଣ ଲୋକ ଧର୍ମଛଡା ହୋଇ ଗଲେଣି । ଛାତ୍ରମାନେ କହୁଛନ୍ତି—ଆମେ ପାଠ ପଢିବୁ ନି । କପି କରି ପାଶ୍ କରିବୁ । ଶିକ୍ଷକମାନେ କହୁଛନ୍ତି—ଆମେ ପାଠ ପଢେଇବୁ ନି । ପିଲାଙ୍କ ଦାୟିତ୍ୱ ଆମର ନୁହେଁ । କିନ୍ତୁ ଆମକୁ ଗୁରୁମାନ୍ୟ ଦିଅ । ଡାକ୍ତର କହୁଛନ୍ତି—ତୁମ ରୋଗ ଭଲ ହେଉ ନ ହେଉ ଆମ ଫିଜ୍‌ଟକ ଆଗ ଦେଇ ଦିଅ । ବେପାରୀ ଭାବୁଛନ୍ତି—ଲୋକେ ଭେଜାଲ ଖାଦ୍ୟ ଖାଇ ମରନ୍ତୁ କି ବଂଚନ୍ତୁ—ଯେ କୌଣସି ଉପାୟରେ ଲାଭ ହୋଇଗଲେ ଆମର ଶୁଭ । ରାଜନୀତିର ନେତାମାନେ ଭାବୁଛନ୍ତି—ଦେଶ ଯାହା ମନେ ତାହା ହେଉ—ଆମ ହାତକୁ କ୍ଷମତା ଆସିଗଲେ ହେଲା । ଆମ ହାତରେ କ୍ଷମତା ରହିଗଲେ ହେଲା । ସରକାରୀ କର୍ମଚାରୀମାନେ ଭାବୁଛନ୍ତି—ସରକାର ରହିଲେ ରହୁ—ଭାଙ୍ଗିଲେ ଭାଙ୍ଗୁ—ପ୍ରଜାମାନେ ଭଲରେ ରହନ୍ତୁ କି ଖରାପରେ ରହନ୍ତୁ—ଆମର ଇନ୍‌କ୍ରିମେଣ୍ଟ, ପ୍ରମୋସନ୍ ପେନ୍‌ସନ୍, ମେଡିସନ୍ ବିଲ୍, ଗ୍ରାଚ୍ୟୁଇଟି ସହିତ ମାସକୁ ମାସ ଦରମାଟକ ମିଳିଗଲେ ଗଲା ।

ଏମିତି ଏମିତି ସମାଜର ବଡବଡ ଲୋକେ, ଶିକ୍ଷିତ ଉଚ୍ଚଶିକ୍ଷିତ ଲୋକେ, ଧନୀ ମଧ୍ୟବିତ୍ତ ଲୋକେ ଯଦି ନୀତିକୁ ଲଂଘି ଅନୀତି କରିବେ, ତେବେ ଦରିଦ୍ର ଅଶିକ୍ଷିତ ଲୋକଙ୍କ କାର୍ଯ୍ୟ ଅକାର୍ଯ୍ୟକୁ ଆମେ କେମିତି ବାହିଁକି ବିଚାର କରିବା ? ଯୁଗ କାଳ ଏମିତି ହେଲାଣି ଯେ—ସମସ୍ତେ ନିଜ ସ୍ୱାର୍ଥଟିକୁ କେବଳ ଦେଖୁଛନ୍ତି—ମାତ୍ର ନିଜ ଦୋଷଟିକୁ ଦେଖୁ ନାହାନ୍ତି । ସମସ୍ତେ ସବୁ କଥା ପାଇଁ ଅନ୍ୟ ଉପରେ ଦୋଷ ଢାଳି ଦେଇ ନିଜକୁ ନିର୍ଦ୍ଦୋଷ ବୋଲି ସାବ୍ୟସ୍ତ କରିବାକୁ ଆଗଭର । ମାଷ୍ଟ୍ରେ କହୁଛନ୍ତି ପିଲାଙ୍କ ଦୋଷ । ପୋଲିସ କହୁଛନ୍ତି ଡାକ୍ତରଙ୍କ ଦୋଷ । ଡାକ୍ତର ଖୋଜୁଛନ୍ତି ଇଂଜିନିଅରଙ୍କ ଦୋଷ । ଅମଲା କହୁଛନ୍ତି ହାକିମଙ୍କ ଦୋଷ । ହାକିମ କହୁଛନ୍ତି ସରକାରଙ୍କ ଦୋଷ । କିନ୍ତୁ ପ୍ରକୃତ କଥା କ'ଣ ସେଠି ଅଛି ? ଦୋଷ ରହିଛି ଆମ ନିଜ ପାଖରେ । ଶାସ୍ତ୍ର କହୁଛନ୍ତି—ଯେତେବେଳେ କାମ

ଓ କ୍ରୋଧ ଏ ଦୁଇଟି ରିପୁ ପ୍ରବଳ ହୋଇ ଲୋଭ ସଙ୍ଗେ ହାତ ମିଳାଇ ମଦ ମାତ୍ସର୍ଯ୍ୟରେ ଲୋକଙ୍କ ମନକୁ ମୋହିତ କରିଦେବେ ସେତେବେଳେ ଜାଣିବ, ଘୋର କଳିଯୁଗର ଚରମ ବେଳା ଆସି ପହଁଚି ଗଲା । ଖାଲି ଆମ ଦେଶକୁ ନୁହେଁ—ସାରା ପୃଥିବୀକୁ ଏ ବିପଦ ଘଟି ଯାଉଛି । ଆମ ବିପଦ ଏ ପ୍ରକାରରେ ତ ଅନ୍ୟ ଦେଶର ବିପଦ ଆଉ ପ୍ରକାରରେ । ସାରା କ୍ଷିତିକି ଏ ଭୀତି ପ୍ରବଳ ହେଲାଣି । ପୃଥିବୀରେ ଯେଉଁ ଅଳ୍ପ କେତେକ ସାଧୁ ସଚ୍ଚୋଟ ଲୋକ ଅଛନ୍ତି—ସେମାନେ ଗାଁରେ ଥାଆନ୍ତୁ କି ସହରରେ ଥାଆନ୍ତୁ—ସେମାନେ ବଡ଼ କଷ୍ଟରେ ତ୍ରାହି ତ୍ରାହି ଡାକ ଛାଡ଼ିଲେଣି ।

ତା'ହେଲେ କ'ଣ ଆମେ କେବଳ ଏ ଯୁଗର ରୀତି ଦେଖି ଖାଲି ଭୀତି କରୁଥିବା ? ଏ ଯୁଗ କୁ ଏମିତି ହେବାକୁ ଛାଡ଼ି ଦେବା ? ନା ! ତା' ନୁହେଁ । କଳିଯୁଗ ଏମିତି ଶେଷ ହୋଇ ଯିବ ନିଶ୍ଚୟ । କିନ୍ତୁ ଯାଗି ଭିତରେ ପୁଣି ଧୀରେ ଧୀରେ ଏ ପୃଥିବୀକି ସତ୍ୟଯୁଗ ଆସିଯିବ । ସତ୍ୟଯୁଗ ତେଣେ ଫାଟକ ପାଖେ ଅଟକି ରହିଛନ୍ତି । ଅପେକ୍ଷା କରୁଛନ୍ତି । ଆମେ ଆଉ କାଳ ବିଳମ୍ବ ନ କରି ଆସନ୍ତୁ ତାଙ୍କୁ ପାଛୋଟି ଆଣିବା । ତା'ନହେଲେ ଏ କଳିଯୁଗ ଶେଷ ହେଉ ହେଉ ସମଗ୍ର ପୃଥୀ ଧ୍ୱଂସ ହୋଇଯିବ । ଦେଶ ଓ ଜାତି ଛାରଖାର ହୋଇଯିବ । ମାନବ ଜାତି ଧ୍ୱଂସ ପାଇଯିବ ।

ତେଣୁ ମୋର ଭାଇ ଭଉଣୀମାନେ ! ମୋର ଅତି ପ୍ରିୟ ପାଠକ ପାଠିକାମାନେ ! ତେବେ ଆପଣମାନେ ଯେ ଯେଉଁଠି ଥାଅନା କାହିଁକି,— ଯେ ଯାହା କରୁଥାଅ ନା କାହିଁକି, ଟିକିଏ ଏ ଅଧମ କଥାରେ କର୍ଣ୍ଣପାତ କର । ସମସ୍ତଙ୍କ ମନ ଭିତରୁ ଅହଂକାରର ମାତ୍ରା କମୁ । ନିଜ ସ୍ୱାର୍ଥ ସହିତ ଅନ୍ୟ ସ୍ୱାର୍ଥକୁ ଟିକିଏ ଦେଖ । ଭିତରୁ କ୍ରୋଧ ଭାବକୁ ଟିକିଏ କମାଅ । ହଠାତ୍ ତେଜି ଉଠ ନାହିଁ, ଜଳି ଉଠ ନାହିଁ । କଥାକଥାକେ ଛୁରୀ ଚଳାଇ ଦିଅ ନାହିଁ । ପୋଡ଼ି ପକାଅ ନାହିଁ । ଭାଙ୍ଗି ପକାଅ ନାହିଁ । ମହାଯୋଗୀ ଯୁଗପୁରୁଷ ଶ୍ରୀଅରବିନ୍ଦ ସତର୍କ କରି ଦେଉଛନ୍ତି—ଗୋଟିଏ ମୁହୂର୍ତ୍ତର ଅନ୍ଧକ୍ରୋଧ ଶତାବ୍ଦୀ ଶତାବ୍ଦୀର ସୁଗଠିତ ମହାମୂଲ୍ୟ ସଭ୍ୟତାକୁ ନିମେଷକେ ମାତ୍ର ଜାଳିପୋଡ଼ି ଧ୍ୱଂସ କରି ଦେଇ ପାରେ ।

ଭଗବାନ ଶ୍ରୀକୃଷ୍ଣଙ୍କ କଥାକୁ ଯୁଗଯୁଗ ଧରି ମହାପୁରୁଷମାନେ କହି ଆସିଛନ୍ତି—ଯେତେବେଳେ ଧର୍ମର ଗ୍ଲାନି ହେବ, ଅଧର୍ମର ମାତ୍ରା ବଢ଼ିଯିବ—ସେତେବେଳେ ସ୍ୱୟଂ ଭଗବାନ କୌଣସି ଛଳରେ କୌଣସି ଭାବରେ କୌଣସି ରୂପରେ ହେଲେ ଏ ପୃଥିବୀକି ଓହ୍ଲାଇ ଆସି କୌଣସି ପ୍ରକାରରେ ହେଲେ ବି ଦୁଷ୍ଟମାନଙ୍କୁ ସଂହାର କରିବେ ଓ ଶିଷ୍ଟମାନଙ୍କୁ ପାଳନ କରି ଧର୍ମ ସଂସ୍ଥାପନ କରିବେ ।

କିନ୍ତୁ ଏ ଧର୍ମ ହିନ୍ଦୁ ଧର୍ମ ନୁହଁ—କି ମୁସଲମାନ ଧର୍ମ ନୁହଁ—କି ଖ୍ରୀଷ୍ଟାନ୍ ଧର୍ମ ନୁହେଁ । ଏ ସନାତନ ଧର୍ମ । ସତ୍ୟ ଧର୍ମ, ନ୍ୟାୟ ଧର୍ମ, ପ୍ରେମ ଧର୍ମ । ଏଇ ଧର୍ମ ହେଉ ମଣିଷ ହେବାର ଧର୍ମ । ପଶୁ ମଣିଷକୁ ଦେବ—ମଣିଷଟିଏ ହେବାକୁ ପଡ଼ିବ । ତା'ନହେଲେ ଆଉ ରକ୍ଷା ନାହିଁ ।

ବର୍ତ୍ତମାନ କଳିଯୁଗ ଶେଷ ହୋଇ ଆସୁଛି ଏବଂ ସତ୍ୟ ଯୁଗ ମଧ୍ୟ ଧୀରେ ଧୀରେ ପୃଥୀ ଉପରକୁ ବିରାଜମାନ କରୁଛି । ଏଇ ହେଉଛି ଘଡ଼ିସନ୍ଧି ବେଳ । ଯୁଗ ପରିବର୍ତ୍ତନର ବେଳ । କଳିଯୁଗର ପ୍ରାଣମ ଶେଷ ହେବାକୁ ଯାଉଛି ବୋଲି ସେ ଏତେ ତୋଡ଼ ଦେଖାଉଛି । ଏତେ ତାପନ ଦେଖାଉଛି । ସେଥିପାଇଁ ଘୁରିଆସେ ଏତେ ଗୋଳମାଳ-ଏତେ ଆତଙ୍କ, ଏତେ ବିଭୀଷିକା, ଏତେ ଅନ୍ଧାର ।

କିନ୍ତୁ ମହାଯୋଗୀ ଯୁଗପୁରୁଷ ଶ୍ରୀଅରବିନ୍ଦ ଏହି ସମୟକୁ କହିଛନ୍ତି—ଦେବ ମୁହୂର୍ତ୍ତ । ଏହି ମୁହୂର୍ତ୍ତ ପଛରେ ଖାଲି ଦୁର୍ଯୋଗମାନେ ଲୁଣ୍ଠ ହୋଇ ନାହାନ୍ତି । ସୁଯୋଗମାନେ ମଧ୍ୟ ଲୁଣ୍ଠ ହୋଇଛନ୍ତି । ଆମ୍ଭେମାନେ ଦୁର୍ଯୋଗକୁ ଦେଖି ଡରିଯିବା ଉଚିତ ନୁହେଁ । ଭାରତବର୍ଷ ପ୍ରତି ଭଗବାନଙ୍କର ଆଶୀର୍ବାଦ ରହିଛି । ଏଇ ଭାରତବର୍ଷରେ ହିଁ ପ୍ରଥମେ ସତ୍ୟଯୁଗର ପ୍ରତିଷ୍ଠା ହେବ ଏବଂ ସାରା ବିଶ୍ୱ ଦିନେ ଏଇ ଭାରତବର୍ଷରୁ ଆଲୋକ ପାଇବ । ବର୍ତ୍ତମାନ ଭାରତବର୍ଷରେ ସେଇ ସୁଯୋଗର ସୂତ୍ରପାତ ହୋଇଛି । ଆମେ ବର୍ତ୍ତମାନ ବହୁ ସଙ୍କଟରେ ପଡ଼ିଛୁ ସତ—କିନ୍ତୁ ଆମେ ଇଚ୍ଛା କଲେ ଏ ସଙ୍କଟରୁ ପାରି ହୋଇଯିବା । ଈଶ୍ୱର ଆମର ସହାୟ ହେବେ । ଶ୍ରୀଜଗନ୍ନାଥ ଆମକୁ ସହାୟ ହେବେ । ବିଶ୍ୱଜନନୀ ଆମକୁ ସହାୟ ହେବେ । ଆମେ ଯଦି ଏଇ ଦେବ—ମୁହୂର୍ତ୍ତର ସୁଯୋଗ ନେଇ ନ ପାରିବା, ତେବେ ଆଉ ଆମର ରକ୍ଷା ନାହିଁ ।

ଶେଷରେ ଭାଇ ଓ ଭଉଣୀମାନଙ୍କୁ ହାତଯୋଡ଼ି ଶେଷରେ ମୋର ଏତିକି ନିବେଦନ—ସମସ୍ତେ ଟିକିଏ ଧର୍ମଭାବକୁ ହୃଦ ଭିତରେ ଥାନ ଦିଅନ୍ତୁ । ସେ ଧର୍ମଭାବ ପୁରାଣରୁ ଆସୁ—କି କୋରାନ୍‌ରୁ ଆସୁ—କି ବାଇବେଲରୁ ଆସୁ—ସେଥିରେ କିଛି ଆସେ ଯାଏ ନାହିଁ । କିନ୍ତୁ ପ୍ରକୃତ ଧର୍ମଭାବ ପ୍ରତିଷ୍ଠା ହେଉ । ସତ୍ୟ, ପ୍ରେମ, ତ୍ୟାଗ, ସହିଷ୍ଣୁତା, ନ୍ୟାୟରେ ସମସ୍ତେ ଘୂରନ୍ତୁ । ସମସ୍ତେ ନିଜ ନିଜର କର୍ତ୍ତବ୍ୟ କରନ୍ତୁ । ତା' ହେଲେ—କ୍ଷିତି ଉପରୁ, ଆମ ଦେଶ ଉପରୁ ସବୁ ଭୀତି ବିଭୀଷିକା ଉଭେଇ ଯିବ । ଭଲ ଯୁଗ ଆସିବ । ନିଶ୍ଚୟ ଭଲ ଯୁଗ ଆସିବ । ହଇ ବନ୍ଧୁଗଣ ! ଏତିକିରେ ବିଦାୟ ନେଉଛି । ସଭିଙ୍କର ମଙ୍ଗଳ ହେଉ ।

ଛାହି ମଧୁସୂଦନ !
ଆଲ୍ଲାହୋ ଆକବର !
ଆମେନ୍-ଆମେନ୍-ଆମେନ୍ !

ଆକାଶବାଣୀ, କଟକଙ୍କ ସୌଜନ୍ୟରୁ

# ଓଡ଼ିଶାରେ ନୃତତ୍ତ୍ୱ ଉପାଦାନ

ଶ୍ରୀ ରବିନାରାୟଣ ଦାଶ

ମନୁଷ୍ୟର କାର୍ଯ୍ୟକଳାପ ମୁଖ୍ୟତଃ ଖାଦ୍ୟ ଅନ୍ୱେଷଣ, ବାସଗୃହ ନିର୍ମାଣ ଓ ଆତ୍ମ ରକ୍ଷାରେ ପ୍ରତିଫଳିତ । ସେହି ଦୃଷ୍ଟିରୁ ଓଡିଶାରେ ବସବାସ କରୁଥିବା ମନୁଷ୍ୟମାନଙ୍କର ଖାଦ୍ୟପେୟ ତଥା କାର୍ଯ୍ୟକଳାପର ଅନୁଧ୍ୟାନ କରିବା ନୃତାତ୍ତ୍ୱିକ ପରିସର ମଧ୍ୟରେ ଆସେ । ଆଧୁନିକ ଶିଳ୍ପ ଓ ନଗର ସଭ୍ୟତାର ଦ୍ରୁତ ପ୍ରସାର ହେତୁ ନୃତାତ୍ତ୍ୱିକ ଉପାଦାନମାନଙ୍କର ବିଲୟ ଦ୍ରୁତତର ହେବା ସ୍ୱାଭାବିକ୍ । ତେଣୁ ସ୍ୱତନ୍ତ୍ର ନୃତାତ୍ତ୍ୱିକ ଅନୁସନ୍ଧାନ ନିମନ୍ତେ କାର୍ଯ୍ୟାନୁଷ୍ଠାନ ନ ହେଲେ ଓଡିଶାର ବିଲୁପ୍ତପ୍ରାୟ ଅତୀତ ସଂସ୍କୃତି ଚିରଦିନ ପାଇଁ ଲୋପ ପାଇଯିବାର ଆଶଙ୍କା ରହିଛି ।

ନୃତତ୍ତ୍ୱ ହେଉଛି ମାନବ ବିଜ୍ଞାନ । ମନୁଷ୍ୟର ସମସ୍ତ କାର୍ଯ୍ୟକଳାପ ନୃତତ୍ତ୍ୱ ଅଧ୍ୟୟନ କରେ । ସେହି ଦୃଷ୍ଟିରୁ ଏହାର ଉପାଦାନ ବହୁବିଧ ଓ ତାହାର ଅନୁଶୀଳନ ବହୁମୁଖୀ । ଅତି ପ୍ରାଚୀନ କାଳରୁ ଆଜିଯାଏ ମାନବର ଅଭ୍ୟୁଦୟ ଓ ତାହାର ବିବର୍ତ୍ତନ କି ଧାରାରେ ହୋଇ ଆସିଛି, ସେ ତାର ପାରିପାର୍ଶ୍ୱିକ ବାତାବରଣର ବିନିଯୋଗରେ କିଭଳି ନିଜକୁ ରକ୍ଷା କରିବା ସହିତ ସ୍ୱାବଲମ୍ବୀ ହେବାକୁ ଉଦ୍ୟମ କରିଛି, ତାହା ନୃତତ୍ତ୍ୱର ପରିସର ମଧ୍ୟରେ ଆଲୋଚିତ ହୁଏ । ଏଥିରେ ସମାଜ, ବ୍ୟକ୍ତି ଓ ସେମାନଙ୍କ ଚିନ୍ତା ପ୍ରସୂତ କାର୍ଯ୍ୟକଳାପ ଆଦିର ଅନୁଧ୍ୟାନ କରାଯାଏ । ତେଣୁ ଓଡ଼ିଶାର ନୃତତ୍ତ୍ୱ ଉପାଦାନ ଏହି ଭିତ୍ତିରେ ଆଲୋଚିତ ହୋଇପାରେ ।

ମନୁଷ୍ୟର କାର୍ଯ୍ୟକଳାପ ମୁଖ୍ୟତଃ ଖାଦ୍ୟ ଅନ୍ୱେଷଣ, ବାସଗୃହ ନିର୍ମାଣ ଓ ଆତ୍ମରକ୍ଷାରେ ପ୍ରତିଫଳିତ ହୁଏ । ସେହି ଦୃଷ୍ଟିରୁ ଖାଦ୍ୟ ସଂଗ୍ରହର ଉଦ୍ୟମ ଏବଂ ଆତ୍ମ ରକ୍ଷାପାଇଁ ପାରିପାର୍ଶ୍ୱିକ ଉପାଦାନମାନଙ୍କରୁ ଉପକରଣାଦି ସଂଗ୍ରହ ଅଥବା ନିର୍ମାଣ ତାର ବିବର୍ତ୍ତନର ବିଭିନ୍ନ ସୋପାନ ଦର୍ଶାଇଥାଏ । ଅତି ଆଦିମ ଅବସ୍ଥାରେ ପ୍ରସ୍ତର ଉପକରଣହିଁ ତାହାର ବ୍ୟବହାର ସାମଗ୍ରୀ ଥିଲା । ସେଗୁଡ଼ିକର ପ୍ରସ୍ତୁତି ଏବଂ ବ୍ୟବହାରରେ ପ୍ରବୀଣ ସମାଜହିଁ ଉନ୍ନତ ରୂପେ ସ୍ୱୀକୃତ ହେଉଥିଲା । ଜୀବନରକ୍ଷା ପାଇଁ ଦଳବଦ୍ଧ ଜୀବନ ଅପରିହାର୍ଯ୍ୟ ଥିଲା । ତେଣୁ ଉପକରଣର ପ୍ରସ୍ତୁତି ଓ ତହିଁର ବ୍ୟବହାର କୌଶଳ ସେକାଳର ଦଳଗତ ସଂସ୍କୃତି ରୂପେ ପରିସ୍ଫୁଟ ହେଉଥିଲା । ମାତ୍ର ତତ୍କାଳୀନ ସଭ୍ୟତା ଅଥବା ସଂସ୍କୃତି ସଂପର୍କରେ କୌଣସି ପ୍ରାମାଣିକ ଲେଖାବଳୀ ପ୍ରସ୍ତୁତ କରିବା ସେକାଳର ମନୁଷ୍ୟ ପକ୍ଷରେ ସମ୍ଭବ ନ ଥିଲା । ଫଳରେ ଆଜି କେବଳ ସେହି ସାଂସ୍କୃତିକ ଉପକରଣଗୁଡ଼ିକ ବ୍ୟତୀତ ଅନ୍ୟ କୌଣସି ଉପାଦାନ ମିଳିପାରୁନାହିଁ । ଏହି ଉପାଦାନ ବା ପ୍ରସ୍ତର ହାତହତିଆର ସମୟ ପରିପ୍ରେକ୍ଷୀରେ ବିବର୍ତ୍ତିତ ହୋଇଛି । ସେହି ଦୃଷ୍ଟିରୁ ପ୍ରାଚୀନ, ମଧ୍ୟ ଓ ନୂତନ ପ୍ରସ୍ତର ଯୁଗୀୟ ସାଂସ୍କୃତିକ ଉପାଦାନ ସକଳ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ମିଳେ । ନୂତନ ପ୍ରସ୍ତର ଯୁଗୀୟ ଉପାଦାନ ସହିତ ମୃତ୍ପାତ୍ର ମଧ୍ୟ ମିଳିଥାଏ । ଅଧିକ ପରିମାଣରେ ପ୍ରସ୍ତର ଯୁଗୀୟ ଉପାଦାନମାନ ନଦୀର ରେଖ, ତା ସହିତ ଲାଗିଥିବା ତୀରଭୂମି, ପର୍ବତ ଗୁମ୍ଫା ଏବଂ ପ୍ରାଚୀନ କବର-ଭୂମିମାନଙ୍କରୁ ମିଳେ । ଓଡ଼ିଶାରେ ଏହି ଉପାଦାନମାନଙ୍କର ଅନୁସନ୍ଧାନ, ସଂଗ୍ରହ ତଥା ଅନୁଧ୍ୟାନ ତମସାଚ୍ଛନ୍ନ ପ୍ରାକ-ଅତିପ୍ରାଚୀନ ଓ ପାକ୍-ଅତିନୂତନ କାଳର ପ୍ରାକ୍-ଐତିହାସିକ ସଂସ୍କୃତି ସଂପର୍କରେ ସୂଚନା ଦିଏ । ସ୍ଥାନ ଓ ଗୋଷ୍ଠୀ ଭେଦରେ ଏହାର ନିର୍ମାଣ ବିଭିନ୍ନ ପ୍ରଣାଳୀରେ ହୁଏ ।

ଏହା ପରେ ପରେ ତାମ୍ର-ପ୍ରସ୍ତର, ତାମ୍ର ଓ ବ୍ରୋଞ୍ଜ ସଂସ୍କୃତିର ବିକାଶ ପରିଲକ୍ଷିତ ହୁଏ । ସେ ସମୟର ଉପାଦାନ ବହୁ ଅଳ୍ପ ପରିମାଣରେ ଓଡ଼ିଶାରୁ ସଂଗୃହୀତ ହୋଇଛି । ଅନୁଗୁଳ ନିକଟସ୍ଥ ସ୍ଥାନ କେରଞ୍ଜଠାରୁ ତାମ୍ର-ପ୍ରସ୍ତର ଉପକରଣ ମିଳିଅଛି । ତାହା ଓଡ଼ିଶାର ସଂସ୍କୃତି କ୍ଷେତ୍ରରେ ଏକ ନୂତନ ପର୍ଯ୍ୟାୟ ଉନ୍ମୋଚନ କରେ । ଓଡ଼ିଶାର ବହୁ ଅଞ୍ଚଳରୁ ତାମ୍ର କୁଠାର ଓ ବ୍ରୋଞ୍ଜ ଉପକରଣଗୁଡ଼ିକର ସଂଗ୍ରହ କିମ୍ବା ଭୂଖୋଦନରୁ ସେଗୁଡ଼ିକର ଉଦ୍ଧାର ଫଳରେ ଓଡ଼ିଶାର ନୃତାତ୍ତ୍ୱିକ ଉପାଦାନ ଧାତବ ଯୁଗର ସଂକେତ ପ୍ରଦାନ କରିଥାଏ । ମାତ୍ର ସେଗୁଡ଼ିକର ଧାରାବାହିକ ଅନୁସନ୍ଧାନ ତଥା ଅନୁଧ୍ୟାନ ଅଦ୍ୟାବଧି ବୈଜ୍ଞାନିକ ଉପାୟରେ ଆରମ୍ଭ କରାଯାଇନାହିଁ । ସେଗୁଡ଼ିକ ସହିତ ମୃତ୍ପାତ୍ର ସଂସ୍କୃତିର କୌଣସି ଆଭାସ ମିଳି ନାହିଁ । ମାତ୍ର ଏହାର ପୂର୍ବବର୍ତ୍ତୀ ନୂତନ ପ୍ରସ୍ତର ଯୁଗୀୟ ସଂସ୍କୃତିରେ ମାଟିପାତ୍ର ମିଳୁଥିବାରୁ ତାର ପରବର୍ତ୍ତୀ କାଳରେ ବିକାଶ ଲାଭ କରିଥିବା ଏହି ସଂସ୍କୃତିରେ ମୃତ୍ପାତ୍ରର ବିକାଶ ହୋଇଥିବାରେ ସନ୍ଦେହ ଉପୁଜେ ନାହିଁ । ମାତ୍ର ସେଗୁଡ଼ିକର ସୂଚନା ଅଦ୍ୟାବଧି ମିଳିପାରି ନାହିଁ ।

ଆଦ୍ୟ ଐତିହାସିକ କାଳରେ ବିକାଶ ଲାଭ କରିଥିବା ଆଦ୍ୟ ଲୌହଯୁଗୀୟ ଉପାଦାନ ଓଡ଼ିଶାରୁ ମିଳେ । ଓଡ଼ିଶାରେ ଏହି ସମୟର ମୃତ୍‌ପାତ୍ର ସଂପର୍କରେ ବିଶେଷ ଆଲୋଚନା କରାଯାଇ ନାହିଁ । ସେହି ମୃତ୍‌ପାତ୍ର ବା ତାର ଅଂଶ ବିଶେଷ ଶିଶୁପାଳଗଡ଼, ଜଉଗଡ଼ ଓ ଖଲିଗଡ଼ ଆଦିରୁ ମିଳିଛି । ସେଥିରେ ସଂପୂର୍ଣ୍ଣ ଅଧ୍ୟୟନ ହୋଇ ନାହିଁ । ଅନ୍ୟ କେତେକ ସ୍ଥାନରେ ସେସବୁର ସନ୍ଧାନ ମିଳିଥିଲେ ମଧ୍ୟ ସେଠାରେ ତାହାର ଖୋଦନପାଇଁ କୌଣସି ଉଦ୍ୟମ ହୋଇନାହିଁ ।

ସ୍ଥୂଳରେ କହିଲେ, ପ୍ରାଚୀନ ପ୍ରସ୍ତର ଯୁଗୀୟ ସଂସ୍କୃତିର ଆଦ୍ୟକାଳରୁ ଆଦ୍ୟ ଲୌହଯୁଗୀୟ ସଂସ୍କୃତିର ବିକାଶକାଳ ଯାଏ ଓଡ଼ିଶାରେ ସାଂସ୍କୃତିକ ବିକାଶର ଧାରା ସଂପର୍କରେ ଜାଣିବାପାଇଁ ସଂଗଠିତ ଗବେଷଣା, ଅନୁଧ୍ୟାନ ଓ ଭୂଖୋଦନ ଆଦି ହୋଇନାହିଁ । ଫଳରେ ପ୍ରାୟ ଦେଢ଼ଲକ୍ଷ ବର୍ଷରୁ ଊର୍ଦ୍ଧ୍ୱ କାଳର ସାଂସ୍କୃତିକ ବିବର୍ତ୍ତନ ସଂପର୍କରେ ଓଡ଼ିଶାର ଇତିହାସ ଅନ୍ଧକାରାଚ୍ଛନ୍ନ ହୋଇପଡ଼ିଛି ।

ନୃତତ୍ତ୍ୱର ଅନ୍ୟ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଭାଗ ହେଉଛି ଜାତିତତ୍ତ୍ୱ ଅଧ୍ୟୟନ । ଏଥିରେ ଗୋଷ୍ଠୀ, ସଂପ୍ରଦାୟ ଓ ଜାତି ଆଦିରେ ବହୁଧା ବିଭକ୍ତ ସମାଜର ଅନୁଧ୍ୟାନ କରାଯାଇଥାଏ । ଅନୁନ୍ନତ ବା ଆଦିବାସୀ ସମାଜଠାରୁ ଅତି ଉନ୍ନତ ସମାଜ ପର୍ଯ୍ୟନ୍ତ ପାରିବାରିକ ତଥା ସାମାଜିକ, ସାଂସ୍କୃତିକ ଚଳଣିରେ ବହୁ ସ୍ୱାତନ୍ତ୍ର୍ୟ ପରିଦୃଷ୍ଟ ହୁଏ । ଏଥିରେ ପରିବାର, ସନ୍ତାନ ଜନ୍ମ, ବିବାହ, ମୃତକ୍ରିୟା, ସାମାଜିକ ଓ ପାରିବାରିକ ପର୍ବପର୍ବାଣୀ, ଶୁଭ ଓ ଅଶୁଭ ଶକୁନ ଆଦିର ଆଲୋଚନା କରାଯାଏ । ଏପରିକି ପରିବାର ଓ ଗୋଷ୍ଠୀ ଭେଦରେ ସ୍ୱତନ୍ତ୍ର ସାମାଜିକ କାର୍ଯ୍ୟ କଳାପ ଅଥବା ତହିଁର ପ୍ରଚଳନ ଓ ନିଷେଧ ନିମିତ୍ତ ପ୍ରତ୍ୟକ୍ଷ୍ୟ କାରଣଗୁଡ଼ିକ ନୃତାତ୍ତ୍ୱିକ ଅନୁଶୀଳନ ଅନ୍ତର୍ଭୁକ୍ତ ହୁଏ । ଓଡ଼ିଶାରେ ବାଷଠି ଗୋଟି ଆଦିବାସୀ ଗୋଷ୍ଠୀ ଓ ପ୍ରାୟ ଅର୍ଦ୍ଧଶତ ସଂଖ୍ୟକ ଜାତିର ଅବସ୍ଥିତି ଏହି ଅଧ୍ୟୟନ ପାଇଁ ବିସ୍ତୃତ ଉପାଦାନ ଯୋଗାଇ ଥାଏ । ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର ପ୍ରଚଳନ ଓ ତାର ଅନ୍ୟ ଗୋଷ୍ଠୀକୁ ସଂପ୍ରସାରଣ ନୃତାତ୍ତ୍ୱିକ ଅନୁଶୀଳନର ପରିସରଭୁକ୍ତ ହୋଇଥାଏ । ଉଦାହରଣ ସ୍ୱରୂପ ମୁଣ୍ଡାଗୋଷ୍ଠୀର ଯୁବ ଅନୁଷ୍ଠାନ ବା ମଣ୍ଡଘର ଅନ୍ୟାନ୍ୟ ଜାତିରେ ଦେଖିବାକୁ ମିଳେନାହିଁ । ମାତ୍ର ଖଣ୍ଡଗୋଷ୍ଠୀ ଏହାକୁ ମୁଣ୍ଡାମାନଙ୍କଠାରୁ ଗ୍ରହଣ କରିଛନ୍ତି । ଏହା ସାଂସ୍କୃତିକ ଉପାଦାନର ପ୍ରସାର ନିର୍ଦ୍ଦେଶ କରେ । ଏକ ନୃତାତ୍ତ୍ୱିକ ଉପାଦାନ ରୂପେ ଏପରି ତଥ୍ୟ ଗୃହୀତ ହୁଏ । ସେହିପରି ଭାଷା ଗୋଟିଏ ଉପାଦାନ । ଓଡ଼ିଶାର ଆଞ୍ଚଳିକ ଭେଦରେ ତଥା ଗୋଷ୍ଠୀ ଭେଦରେ ତାହା ବହୁଧା ବିଭକ୍ତ । ସେଗୁଡ଼ିକର ସ୍ୱାତନ୍ତ୍ର୍ୟ, ସଂସ୍ରବ, ତାର ପରିଣାମ ଓଡ଼ିଆ ଭାଷା ତଥା ଓଡ଼ିଆ ଭାଷାର ଆଞ୍ଚଳିକ ବୋଲି ସୃଷ୍ଟିରେ ସେମାନଙ୍କର ପ୍ରଭାବ ଆଦି ନୃତାତ୍ତ୍ୱିକ ଉପାଦାନ ଅଦ୍ୟାବଧି ଅନାଲୋଚିତ ରହିଛି । ଉଦାହରଣ ସ୍ୱରୂପ ଜଗନ୍ନାଥ ସଂସ୍କୃତିରେ ଶବର ସଂସ୍କୃତି ଜଡ଼ିତ ଥିବା କୁହାଯାଇଥାଏ । ଏହି ସାମ୍ୟର ମୁଖ୍ୟ ଉପାଦାନ ଦଇତାମାନଙ୍କ ଜଗନ୍ନାଥ ମହାପ୍ରଭୁଙ୍କ ପୂଜା । ସେହି ପୂଜା ଓ ତାର ପୂଜକମାନଙ୍କ ସଂସ୍କୃତିର ଅନୁଧ୍ୟାନ ଶବର ସଂସ୍କୃତି ମଧ୍ୟରେ ତାର ଅବସ୍ଥିତି ଭାଷା, ପରିଚୟ, ବିବାହ ଓ ପର୍ବପର୍ବାଣୀ ଦୃଷ୍ଟିରୁ କରାଯାଇ ପାରେ । ମାତ୍ର ଏ ଦିଗରେ ଉଦ୍ୟମ ହୋଇପାରିନାହିଁ । ଆଉ ମଧ୍ୟ ଓଡ଼ିଆ ଭାଷା ଉତ୍ତର ଭାରତର ହିନ୍ଦି ବା ଦକ୍ଷିଣ ଭାରତର ଦ୍ରାବିଡ଼ ଭାଷା ନୁହେଁ । ଏହା ମଧ୍ୟ ନିଛକ ଆଦିବାସୀ ଭାଷା ନୁହେଁ । ସ୍ୱଚ୍ଛ ସଂସ୍କୃତ ଭାଷା ରୂପେ ଏହାକୁ କୁହାଯାଇ ପାରିବ ନାହିଁ । ମାତ୍ର ଏ ସବୁ ଭାଷାର ଶବ୍ଦ ବିଭବ, ବ୍ୟାକରଣଗତ ନିୟମ ଆଦି ଓଡ଼ିଆ ଭାଷାରେ ବିବର୍ତ୍ତିତ ହୋଇ ତାହାକୁ ପୁଷ୍ଟ କରିଛି । ତେଣୁ ଏଥିରେ ଅତୀତର ସ୍ୱଚ୍ଛ ଭାଷା ଓ ସେମାନଙ୍କର ବ୍ୟାକରଣ ତଥା ସାହିତ୍ୟିକ ବିଭବର ମୃତ ଅବଶେଷ ରହିଛି । ଏହାର ମୂଳ ସୂତ୍ର ଅଦ୍ୟାବଧି ଉନ୍ମୋଚିତ ହୋଇନାହିଁ । କିନ୍ତୁ ଏଗୁଡ଼ିକ ନୃତାତ୍ତ୍ୱିକ ଉପାଦାନ ରୂପେ ଗୃହୀତ ହୋଇଥାଏ । ଓଡ଼ିଶାରେ ତାହାର ଅଧ୍ୟୟନ ସୀମିତ ଅବସ୍ଥାରେ ରହିଛି ।

ମାନବ ସମାଜ ବିଭିନ୍ନ କାରଣରୁ ସ୍ଥିର ଭାବରେ ଗୋଟିଏ ଅଞ୍ଚଳରେ ବସବାସ କରିପାରେ ନାହିଁ । ସେମାନେ ବସବାସ ଉଦ୍ଦେଶ୍ୟରେ ବିଭିନ୍ନ ଅଞ୍ଚଳକୁ ଯାଇଥାନ୍ତି । ଏହାକୁ ଜନ ବା ଜାତି ପ୍ରବାହ କୁହାଯାଏ । ସେହି ପ୍ରବାହର ଗତି, ପ୍ରକୃତି, ଆଭିମୁଖ୍ୟ ଓ ତାର ଫଳାଫଳ ନୃତାତ୍ତ୍ୱିକ ଉପାଦାନ ରୂପେ ସ୍ୱୀକୃତ ହୁଏ । ଓଡ଼ିଶା ଅତି ପ୍ରାଚୀନ କାଳରୁ ଏହାର ପରିସର ମଧ୍ୟକୁ ଆସିଛି । ବିଭିନ୍ନ ଅଞ୍ଚଳର ଜନ ପ୍ରବାହ ହେତୁ ସେମାନଙ୍କର ସଂଶ୍ରବ ଓ ସଂଘାତଦ୍ୱାରା ଏହାର ସାଂସ୍କୃତିକ ପୃଷ୍ଠଭୂମି ନିର୍ମିତ ହୋଇଛି । ଏହି ଜନାଗମନ ରକ୍ତଗତ ସ୍ୱାତନ୍ତ୍ର୍ୟ, ଧର୍ମ, ଯାନିଯାତ୍ରା, ପର୍ବପର୍ବାଣୀ ଆଦିକୁ ଓଡ଼ିଶା ଭୂମିକୁ ଆଣିଛି । ଦେହର ବର୍ଣ୍ଣଗତ ପ୍ରଭାବ ଏହି ସାଂସ୍କୃତିକ ଉପାଦାନର ଅନ୍ୟ ଏକ ବିଭାବ । ଏହିସବୁ ସୂଚକଗୁଡ଼ିକ ନୃତାତ୍ତ୍ୱିକ ଉପାଦାନ ରୂପେ ଆଲୋଚିତ ହୁଅନ୍ତି । ଓଡ଼ିଶାରେ ତହିଁର ଆଲୋଚନା ଅତି ସୀମିତ ହୋଇଛି । ଏପରିକି ସେଗୁଡ଼ିକର ଅନୁଧ୍ୟାନ କେବଳ ବର୍ଣ୍ଣନାତ୍ମକ ଅଥବା ଗୋଷ୍ଠୀଗତ କ୍ରିୟାକଳାପ ଭାବରେ ସୂଚୀତ ହୋଇ ଥିବାର ଦେଖାଯାଏ । ନୃତତ୍ତ୍ୱ ଏହାକୁ ଏକ ବୈଜ୍ଞାନିକ ଭିତ୍ତିରେ ଅନୁସନ୍ଧାନ ଓ ଅଧ୍ୟୟନ କରିଥାଏ । ତେଣୁ ସେସବୁର ନୃତାତ୍ତ୍ୱିକ ସମୀକ୍ଷା ଓଡ଼ିଶାରେ କରାଯିବାର ଆବଶ୍ୟକତା ରହିଛି ।

ନୃତତ୍ତ୍ୱର ଗୋଟିଏ ମୁଖ୍ୟ ଉପାଦାନ ଅଧିବାସୀଙ୍କ ପାରିପାର୍ଶ୍ୱିକ ଅବସ୍ଥା ଉପଯୋଗୀ ଜୀବନ ଯାପନର ଅନୁଧ୍ୟାନ । ମନୁଷ୍ୟ ଯେଉଁ ସ୍ଥାନରେ ବସବାସ କରେ ତାର ଚାରିପାଖରେ ଥିବା ସମୁଦ୍ର, ନଦୀ, ନାଳ, ପର୍ବତ, ପଶୁପକ୍ଷୀ, ଜୀବଜନ୍ତୁ, ଗଛଲତା ଓ ସେମାନଙ୍କଠାରୁ ଉତ୍ପନ୍ନ ଦ୍ରବ୍ୟର ବ୍ୟବହାର କରିଥାଏ । ସେହି ଦୃଷ୍ଟିରୁ ଓଡ଼ିଶାରେ ବସବାସ କରୁଥିବା ମନୁଷ୍ୟମାନଙ୍କର

ଖାଦ୍ୟପେୟ ତଥା କାର୍ଯ୍ୟକଳାପର ଅନୁଧ୍ୟାନ କରିବା ନୃତାତ୍ତ୍ୱିକ ପରିସର ମଧ୍ୟରେ ଆସେ । ଉଦାହରଣ ସ୍ୱରୂପ ନଦୀ ବା ସମୁଦ୍ର ନିକଟରେ ବସବାସ କରୁଥିବା ଲୋକମାନଙ୍କର ଖାଦ୍ୟ ରୂପେ ମାଛର ବ୍ୟବହାର, ସେମାନଙ୍କୁ ଧରିବାପାଇଁ ବୁଦ୍ଧି କୌଶଳର ପ୍ରୟୋଗରେ ପ୍ରସ୍ତୁତ ଜାଲ, ବଂଶୀ, ଖଇଁଚି, ଧଉଳି, ଡ଼ଙ୍ଗା ଆଦିର ନିର୍ମାଣ ଓ ସେସବୁର ପୂଜା ଆଦି ନୃତତ୍ତ୍ୱ ଅଧ୍ୟୟନ କରେ । ତେଣୁ ସେଗୁଡ଼ିକ ମଧ୍ୟ ନୃତାତ୍ତ୍ୱିକ ଉପାଦାନ ରୂପେ ଗୃହୀତ ହୁଏ । ଲୋକମାନଙ୍କ ସାମାଜିକ ଜୀବନଯାତ୍ରା ଓ ପର୍ବପର୍ବାଣୀ ଏବଂ ସେସବୁର ପାଳନ ଆଦି ମଧ୍ୟ ନୃତତ୍ତ୍ୱ ଅନୁଧ୍ୟାନ କରେ । ସେହିପରି ପର୍ବତ ଶିଖରରେ ଅଥବା ଜଙ୍ଗଲ ମଧ୍ୟରେ ବସବାସ କରୁଥିବା ଗୋଷ୍ଠୀମାନଙ୍କ ଜୀବନ ନିର୍ବାହ ପଦ୍ଧତିରେ ପାର୍ଥକ୍ୟ ମଧ୍ୟ ଅନ୍ୟ ଏକ ନୃତାତ୍ତ୍ୱିକ ଉପାଦାନ ରୂପେ ଅନୁଶୀଳନ କରାଯାଇଥାଏ ।

ଏ ସବୁର ସୂକ୍ଷ୍ମ ଅନୁଧ୍ୟାନରୁ ନୃତତ୍ତ୍ୱ ଏକ ଆନୁପାତିକ ସମୀକ୍ଷା କରେ । ସେଥିରେ ମନୁଷ୍ୟର ଆକୃତି ଓ ତାର ଅନୁପାତ କିପରି ମନୁଷ୍ୟ ପ୍ରକୃତିର ନିୟାମକ ହୁଏ ଏବଂ କେଉଁ କ୍ଷେତ୍ରରେ ଏହାର ବ୍ୟତିକ୍ରମ ହୁଏ ଓ କାହିଁକି, ତାହା ନୃତତ୍ତ୍ୱ ଅଧ୍ୟୟନ କରିଥାଏ । ଏହି ପ୍ରବୃତ୍ତିଗତ ସାମ୍ୟ ଓ ବ୍ୟତିକ୍ରମର ବଂଶଗତ ତଥା ପୁରୁଷାନୁକ୍ରମିକ ପ୍ରକ୍ରିୟାରେ ଯେଉଁ ପରିବର୍ତ୍ତନ ହୁଏ ତାହା ଜାତିର ଅତୀତରୁ ଭବିଷ୍ୟତର ଗତିପଥ କିପରି ନିର୍ଣ୍ଣୟ କରୁଅଛି ସେ ଆଭାସ ନୃତତ୍ତ୍ୱ ଦେଇଥାଏ । ଏଣୁ ଏହାର ଅଧ୍ୟୟନ ନୃତାତ୍ତ୍ୱିକ ଉପାଦନ ରୂପେ ଗ୍ରହଣ କରାଯାଇପାରେ । ଓଡ଼ିଶାରେ ଲୋକମାନଙ୍କର ଏକ ସାଧାରଣ ଆକୃତି, ପ୍ରବୃତ୍ତି ଓ ପରିବର୍ତ୍ତନର ଦିଗ ରହିଛି । ସେସବୁର ଅଧ୍ୟୟନ ଓ ଦିଗ୍‌ଦର୍ଶନ ନୃତତ୍ତ୍ୱର ଏକ ବିଶେଷ ଉପାଦାନ । ପାରିବାରିକ ପୁରୁଷାନୁକ୍ରମଣିର ଅନୁଧ୍ୟାନ ଏକ ପରିବାର ବା ବଂଶର କୃତି ଅଥବା ତାର ଅଧଃପତନର ସୂଚନା ଦିଏ । ଏହା ଭବିଷ୍ୟତରେ ପାରିବାରିକ ଉନ୍ନତି ପ୍ରକ୍ରିୟା ତଥା ଉଦ୍ୟମରେ ସହାୟକ ହୋଇପାରେ । ନୃତତ୍ତ୍ୱର ଏହି ଉପାଦାନ କେତେକ ପରିମାଣରେ ଅଲକ୍ଷିତ ତଥା ଧାରାବାହିକ ଅନୁକ୍ରମରେ ଅତୀତ ରାଜ ବଂଶର ଇତିହାସ ସଂକଳନ ମଧ୍ୟରେ ଦେଖିବାକୁ ମିଳେ । ମାତ୍ର ତାହା ବିଚ୍ଛିନ୍ନ ତଥା ଅଦ୍ୟାବଧି ଅପୂର୍ଣ୍ଣ ଥିବାରୁ ସମାଜର ଏକ ଐତିହାସିକ ଉପାଦାନ ରୂପେ ଅଥବା ଅନାବଶ୍ୟକ ନୃତାତ୍ତ୍ୱିକ ନଥିପତ୍ର ରୂପେ ପରିଣତ ହୋଇଛି, କିନ୍ତୁ ବୈଜ୍ଞାନିକ ଭିତ୍ତିରେ ଏହାର ସଂରକ୍ଷଣ, ବିଶେଷତଃ ପ୍ରତ୍ୟେକ ପରିବାରରେ ଏହି ବଂଶାନୁସାରଣୀର ପ୍ରଚଳନ ଓଡ଼ିଆ ସମାଜର ଉନ୍ନତ ଭବିଷ୍ୟତ ନିର୍ଣ୍ଣୟରେ ସହାୟକ ହୋଇପାରିବ । ଏହା ନୃତାତ୍ତ୍ୱିକ ଉପାଦାନ ରୂପେ ବିଦିତ ହେବା ସଂଗେ ସଂଗେ ଓଡ଼ିଆ ସମାଜକୁ ନୃତତ୍ତ୍ୱର ଏକ ମୂଲ୍ୟବାନ ଦାନ ହେବ ।

ଅବସର ବିନୋଦନ, ଜାନିଯାତ୍ରାଦିର ଆନନ୍ଦ ଉତ୍ସବ ମୁଖର ମୁହୂର୍ତ୍ତରେ ନୃତ୍ୟ, ବାଦ୍ୟ ଓ ଗୀତର ଯେଉଁ ସମାବେଶ ହୁଏ ନୃତତ୍ତ୍ୱ ସେହି ମୁହୂର୍ତ୍ତର କାରଣଗୁଡ଼ିକୁ ଅନୁଧ୍ୟାନ କରେ । ଏପରିକି ବାଦ୍ୟ ଯନ୍ତ୍ରର ନିର୍ମାଣରେ ବ୍ୟବହୃତ ଉପକରଣ ଓ ସେଥିରେ ନିଯୁକ୍ତ ଗୋଷ୍ଠୀ ବା ବ୍ୟକ୍ତି ବିଶେଷଙ୍କର 'ଜୀବନ ଧାରା ମଧ୍ୟ ନୃତତ୍ତ୍ୱ ଅନୁଶୀଳନ କରେ । ଏଗୁଡ଼ିକର କ୍ରମ ବିବର୍ତ୍ତନ, ଆଦାନ ପ୍ରଦାନର ମାଧ୍ୟମ ତଥା ସେଗୁଡ଼ିକର ପ୍ରସାର ମାର୍ଗ, ବିକାଶ ଓ ଅବଲୁପ୍ତ ପ୍ରକ୍ରିୟାଦିର କାରଣ ଏବଂ ପରିଣତି ନୃତତ୍ତ୍ୱର ଅଧ୍ୟୟନ ପାଇଁ ପ୍ରକୃତ ଉପାଦାନ ଯୋଗାଇଥାଏ । ଫଳରେ କୌଣସି ସଂପର୍କ ନ ଥିବା ଦୁଇଟି ସଂସ୍କୃତି ପରସ୍ପରଠାରୁ ଅଲଂଘନୀୟ ଦୂରତାରେ ବିକଶିତ ହେଲେ ମଧ୍ୟ ସେମାନଙ୍କ ସାମ୍ୟର ସୂତ୍ର ନୃତତ୍ତ୍ୱ ଆବିଷ୍କାର କରିଥାଏ ।

ନୃତତ୍ତ୍ୱର ବୈଶିଷ୍ଟ୍ୟ ହେଉଛି ପ୍ରାକ୍-ଐତିହାସିକ ପ୍ରନ୍ତତ୍ତ୍ୱର ଜାତି ତାତ୍ତ୍ୱିକ ପୃଷ୍ଠଭୂମି ନିର୍ଣ୍ଣୟ । ଜାତିତତ୍ତ୍ୱ ମୂଳ ଉପାଦାନ ସଂଗ୍ରହ ନିମିତ୍ତ ଅନୁନ୍ନତ ସମାଜର ଅଧ୍ୟୟନ କରେ । ସେହି ଅନୁନ୍ନତ ସମାଜଗୁଡ଼ିକର ବ୍ୟବହାରିକ ବସ୍ତୁ-ସଂସ୍କୃତିରେ ପ୍ରାକ୍-ଐତିହାସିକ ପ୍ରନ୍ତତ୍ତ୍ୱର ଆଭାସ ମିଳିଥାଏ । ସେଗୁଡ଼ିକର ବ୍ୟବହାର କୌଶଳ ତଥା ନିର୍ମାଣ ପଦ୍ଧତିରେ ସଂଶ୍ଳିଷ୍ଟ କ୍ରିୟା, ପ୍ରକ୍ରିୟା କ୍ୱଚିତ୍ ପରିବର୍ତ୍ତିତ ହୋଇଥାଏ । ତହିଁର ସୃଷ୍ଟି ଓ ବିକାଶ ଧାରାର ଅନୁଧ୍ୟାନ ନୃତାତ୍ତ୍ୱିକ ଉପାଦାନ ରୂପେ ଗୃହୀତ ହୁଏ । ଉଦାହରଣ ସ୍ୱରୂପ ଆଦିବାସୀମାନଙ୍କ ପୋଡୁ ଚାଷ । ସେଥିରେ ଗଛ କାଟିବା ଓ ତାକୁ ନିଆଁରେ ପୋଡ଼ି ଚାଷ ଜମି ପ୍ରସ୍ତୁତ କରିବା ଏବଂ ସେ ଜମିରେ ଫସଲ ବୁଣିବା ଜାତିତାତ୍ତ୍ୱିକ ଅନୁଧ୍ୟାନର ପରିସର ମଧ୍ୟରେ ଆସେ । ମାତ୍ର ଗଛ କାଟିବାରେ ବ୍ୟବହୃତ କୁଠାର, କଟା ଗଛରେ ନିଆଁ ଲଗାଇବା ପ୍ରଣାଳୀ ଆଦି ଅତି ପ୍ରାଚୀନ କାଳର ସାଂସ୍କୃତିକ ଅବଶେଷ । ସେହିସବୁ କର୍ମରେ କେତେକ ଧର୍ମାନୁଷ୍ଠାନ ହେଉଥିବା ଦେଖିବାକୁ ମିଳେ । ପ୍ରଥମ ଗଛ କାଟିବା ବେଳକୁ କୁକୁଡ଼ାଟିଏ ବଳି ଦେବା ବା ଅରୁଆ ଚାଉଳ ପ୍ରଥମ ଗଛଟି ମୂଳରେ ପକାଇବା ଆଦି ଅତୀତର ପରଂପରା ରକ୍ଷା କରିଥାଏ । ଏଗୁଡ଼ିକର ନୃତାତ୍ତ୍ୱିକ ଗୁରୁତ୍ୱ ରହିଛି । ସେଥିରୁ ଅତୀତ ସମାଜର ଉପସ୍ଥାପନା ଏବଂ ଆଧୁନିକ ସମାଜରେ ତାର ବିବର୍ତ୍ତିତ ରୂପର ଅନୁଧ୍ୟାନ ମାଧ୍ୟମରେ ଭବିଷ୍ୟତର କଳନା କରାଯାଏ । ତା' ସହିତ ଆଗନ୍ତୁକ ସାଂସ୍କୃତିକ ପ୍ରଭାବରେ ତାର ପରିବର୍ତ୍ତନର ଦିଗ ମଧ୍ୟ ନୃତତ୍ତ୍ୱ ନିର୍ଣ୍ଣୟ କରେ ।

ଓଡ଼ିଶାରେ ଏହି ଉପାଦାନମାନଙ୍କରେ ପ୍ରାଚୁର୍ଯ୍ୟ ନୃତାତ୍ତ୍ୱିକ ଅଧ୍ୟୟନର ଆବଶ୍ୟକତା ନିମନ୍ତେ ଗଭୀର ଭାବରେ ଅନୁଭୂତ ହୁଏ । ବିଶେଷତଃ ଆଧୁନିକ ଶିଳ୍ପ ଓ ନଗର ସଭ୍ୟତାର ଦ୍ରୁତ ପ୍ରସାର ହେତୁ ଏହି ଉପାଦାନମାନଙ୍କର ବିଲୟ ଦ୍ରୁତତର ହେଉଥିବାରୁ ସେଗୁଡ଼ିକ ସଂପର୍କରେ ତଥ୍ୟାବଳୀର ସଂଗ୍ରହ ଅତୀତ ସମାଜ ତଥା ତାର ସାଂସ୍କୃତିକ ଜୀବନ ସଂପର୍କରେ ସୂଚନା କ୍ରମେ ଦୁର୍ଲଭତର ଅଥବା ଦୁଷ୍ପ୍ରାପ୍ୟ ହେଉଛି । ତେଣୁ ସ୍ୱତନ୍ତ୍ର ନୃତାତ୍ତ୍ୱିକ ଅନୁସନ୍ଧାନ ନିମନ୍ତେ କାର୍ଯ୍ୟାନୁଷ୍ଠାନ ନ ହେଲେ ଓଡ଼ିଶାର ବିସ୍ମୃତ ପ୍ରାୟ ଅତୀତ ସଂସ୍କୃତି ଚିରଦିନ ପାଇଁ ଲୋପ ପାଇବ ।

କ୍ୟୁରେଟର, ନୃତତ୍ତ୍ୱ ବିଭାଗ,
ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଭୁବନେଶ୍ୱର-୧୪




ବୈଧାନିକ ସତର୍କତା: ସିଗାରେଟ ଖାଇବା ସ୍ୱାସ୍ଥ୍ୟ ପକ୍ଷରେ କ୍ଷତିକାରକ
STATUTORY WARNING: CIGARETTE SMOKING IS INJURIOUS TO HEALTH
Shilpi GPI 84/30 or

# ଅଷ୍ଟାଦଶ ଖ୍ରୀଷ୍ଟାବ୍ଦରେ ମୟୂରଭଞ୍ଜ

ଶ୍ରୀ ମହେଶ ଚନ୍ଦ୍ର ମହାପାତ୍ର

ମୁଘଲ ରାଜତ୍ୱର ଶେଷଆଡ଼କୁ, ୧୭୪୦ ଖ୍ରୀଷ୍ଟାବ୍ଦରେ ବିହାରର ନାଏବ ସୁବାଦାର ଆଲିବର୍ଦ୍ଦୀ ଖାଁ, ବଙ୍ଗଳାର ନବାବ ସରଫରାଜ ଖାଁକୁ ହତ୍ୟା କରି ମୁର୍ସିଦାବାଦର ମସନଦ ମାଡ଼ିବସି ନିଜକୁ ବଙ୍ଗଳା-ବିହାର-ଓଡ଼ିଶାର ନବାବ ବୋଲି ଘୋଷଣା କଲେ । ସେତେବେଳେ ଓଡ଼ିଶାର ନାଏବ ସୁବାଦାର ଥାନ୍ତି ମୁର୍ସିଦ୍ କୁଲି ଖାଁ । ସେ ସରଫରାଜ ଖାଁ ଙ୍କ ଭିଣେଇ ଥିଲେ ଏବଂ ଆଲିବର୍ଦ୍ଦୀଙ୍କୁ ନବାବ ବୋଲି ମାନିଲେ ନାହିଁ । ଫଳରେ, ଆଲିବର୍ଦ୍ଦୀ ୧୭୪୧ ସାଲରେ ଓଡ଼ିଶା ଆକ୍ରମଣ କଲେ । ସୁବର୍ଣ୍ଣରେଖା ନଦୀ ପର୍ଯ୍ୟନ୍ତ ସେ କୌଣସି ପ୍ରତିରୋଧର ସମ୍ମୁଖୀନ ହୋଇ ନ ଥିଲେ । ରାଜଘାଟରେ ପହଞ୍ଚି ଆଲିବର୍ଦ୍ଦୀ ଦେଖିଲେ ମୟୂରଭଞ୍ଜ ରାଜାଙ୍କର ଗୋଟାଏ ସେନାଛାଉଣୀ ସେଠି ଅଛି ଏବଂ ବହୁ ସଂଖ୍ୟାରେ ବୁହାଡ଼ ଓ ଖଣ୍ଡାଏତ-ମାନେ ସେହି ଛାଉଣୀରେ ରହିଛନ୍ତି । ଆଲିବର୍ଦ୍ଦୀ ତାଙ୍କ ଅଭିଯାନରେ ମୟୂରଭଞ୍ଜ ରାଜାଙ୍କ ସାହାଯ୍ୟ ଭିକ୍ଷା କଲେ । କିନ୍ତୁ ରାଜା ମନା କରିଦେଲେ । ଏଥିରେ ରାଗାନ୍ୱିତ ହୋଇ ଆଲିବର୍ଦ୍ଦୀ କମାଣ ବସାଇ ସେହି ଛାଉଣୀକୁ ବିଧ୍ୱସ୍ତ କଲେ । ତାପରେ ମୁର୍ସିଦ୍ କୁଲି ଖାଁଙ୍କୁ ଯୁଦ୍ଧରେ ପରାସ୍ତ କରି କଟକରେ ତାଙ୍କ ପୁତୁରା ସାଉଲତ୍ ଜଙ୍ଗଙ୍କୁ ନାଏବ ସୁବେଦାର ରୂପେ ବସାଇ ଆଲିବର୍ଦ୍ଦୀ ମୁର୍ସିଦାବାଦକୁ ଫେରିଲେ ।

ଫେରିବା ପଥରେ ମୟୂରଭଞ୍ଜ ରାଜାଙ୍କୁ ଜବତ୍ କରିବାକୁ ବାଲେଶ୍ୱରରୁ ଖବର ପଠାଇଲେ ଯେ ରାଜା ଯାଇ ତାଙ୍କର ବଶ୍ୟତା ସ୍ୱୀକାର କରନ୍ତୁ । ଆଲିବର୍ଦ୍ଦୀଙ୍କ ଆଦେଶ ଅବହେଳିତ ହେଲା । ତତ୍‌ପରେ, ଆଲିବର୍ଦ୍ଦୀ ମୟୂରଭଞ୍ଜ ରାଜାଙ୍କ ରାଜଧାନୀ ହରିପୁରଗଡ଼ ଆଡ଼କୁ ଅଗ୍ରସର ହେଲେ । ନବାବ ବାହିନୀ ବାଟରେ ଲୁଟ୍ ତରାଜ, ନାରୀଧର୍ଷଣ କରି ଖଣ୍ଡାଏତ ପଲ୍ଲୀଗୁଡ଼ିକୁ ପୋଡ଼ି ଜାଳି ଛାରଖାର କରିଦେଲେ । ହରିପୁର ମଧ୍ୟ ବିଧ୍ୱସ୍ତ ହେଲା । କିନ୍ତୁ ଆଲିବର୍ଦ୍ଦୀ ରାଜାଙ୍କୁ ଧରି ପାରିଲେ ନାହିଁ ।

ଇତି ମଧ୍ୟରେ ମୁର୍ସିଦ୍ କୁଲି ଖାଁ ଙ୍କ ଜାମାତା ମୀର ହବିବ ନାଗପୁର ଯାଇ ଭୋନସ୍‌ଲ ରାଜାଙ୍କ ସଙ୍ଗରେ କଥାବାର୍ତ୍ତା କରି ଭାସ୍କର ପଣ୍ଡିତଙ୍କ ଅଧ୍ୟକ୍ଷତାରେ ଶାଠିଏ ହଜାର ମରହଟ୍ଟା ଘୋଡ଼ାସବାର ଆଣି ବଙ୍ଗଳାରେ ପହଞ୍ଚାଇ ଦେଲେ । ଏ ଖବର ପାଇ ଆଲିବର୍ଦ୍ଦୀ ତର ତର ହୋଇ ବଙ୍ଗ ଦେଶକୁ ଫେରିଗଲେ । ୧୭୪୨ ସାଲଠାରୁ କ୍ରମାଗତ ଆଲିବର୍ଦ୍ଦୀଙ୍କୁ ମରହଟ୍ଟାମାନଙ୍କ ସଙ୍ଗରେ ଯୁଦ୍ଧରେ ବ୍ୟାପୃତ ରହିବାକୁ ପଡ଼ିଥିଲା ଏବଂ ପରିଶେଷରେ ୧୭୫୦ ସାଲରେ ସେ ମେଦିନୀପୁର ଚକଲା ଛଡ଼ା ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳ ମରହଟ୍ଟାମାନଙ୍କୁ ଛାଡ଼ିଦେଲେ । ୧୭୪୨ ସାଲ ପରେ ବଙ୍ଗଳାର ନବାବ ମୟୂରଭଞ୍ଜ ଉପରେ କୌଣସି କର୍ତ୍ତୃତ୍ୱ ଜାରି କରି ପାରି ନ ଥିଲେ । ରାଜା ରଘୁନାଥ ଭଞ୍ଜ ସ୍ୱାଧୀନ ନରପତି ହୋଇ ରହିଗଲେ ।

୧୭୬୦ ସାଲରେ (ସେପ୍‌ଟେମ୍ବର ୨୭ ତାରିଖ) ବଙ୍ଗଳାର ନବାବ ମୀର କାଶିମ୍ ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀ ସଙ୍ଗରେ ଯେଉଁ ସନ୍ଧି କଲେ, ସେଥିରେ ଚକଲା ଜଳେଶ୍ୱର ସହିତ ମେଦିନୀପୁର କମ୍ପାନୀ ଶାସନ ଭିତରକୁ ଚାଲିଗଲା । ଏହାର କିଛିଦିନ ପରେ ରାଜା ଚକ୍ରଧର ଭଞ୍ଜ ମରିଯିବାରୁ ଦାମୋଦର ଭଞ୍ଜ ମୟୂରଭଞ୍ଜର ଶାସନଭାର ଗ୍ରହଣ କଲେ । ସେତେବେଳେ ମେଦିନୀପୁରର ଅନେକ ଅଞ୍ଚଳ ମୟୂରଭଞ୍ଜର ଅନ୍ତର୍ଗତ ହୋଇଥାଏ । ୧୭୬୧ ସାଲରେ ଗାଦିନସୀନ ହୋଇସାରି ଦାମୋଦର ଭଞ୍ଜ ଇଂରେଜ କମ୍ପାନୀର ଗଭର୍ଣ୍ଣର ହେନ୍‌ରୀ ଭେନ୍‌ସିଟାର୍ଟଙ୍କୁ ଚିଠି ଦେଲେ ଓ ମେଦନୀପୁରର ରେସିଡେଣ୍ଟ ଜନଷ୍ଟନଙ୍କ ନିକଟକୁ ଓକିଲ ପଠାଇ କମ୍ପାନୀଙ୍କ ପ୍ରତି ବନ୍ଧୁତା ଜଣାଇଲେ । ଇଂରେଜ କମ୍ପାନୀଙ୍କ ସହିତ ଦାମୋଦରଙ୍କ ବନ୍ଧୁତା ସ୍ଥାପନର କାରଣ ହେଲା ମରହଟ୍ଟାଙ୍କ ସଙ୍ଗରେ ତାଙ୍କର ଝଗଡ଼ା । ୧୭୫୧ ସାଲରୁ ଓଡ଼ିଶା ମରହଟ୍ଟାମାନଙ୍କର କରଗତ ହେଲେ ସୁଦ୍ଧା ସେମାନେ ମୟୂରଭଞ୍ଜରୁ ପେସ୍‌କସ୍ ପାଉ ନ ଥିଲେ । ୧୭୪୨ ସାଲରେ ଆଲିବର୍ଦ୍ଦୀ ମୟୂରଭଞ୍ଜ ଆକ୍ରମଣ କରି ବଙ୍ଗଳାକୁ ଫେରିଯିବା ପରେ ମୟୂରଭଞ୍ଜ ସ୍ୱାଧୀନ ହୋଇ ଯାଇଥିଲା ।

ବାଲେଶ୍ୱରର ଫଉଜଦାର ଭାସ୍କର ପଣ୍ଡିତ ୧୭୬୩ ସାଲରେ ମୟୂରଭଞ୍ଜରୁ ପେସ୍‌କସ୍ ଆଦାୟ କରିବାକୁ ଚେଷ୍ଟାକରି ଅକୃତକାର୍ଯ୍ୟ ହୋଇଥିଲେ । ୧୭୬୪ ସାଲର ଜାନୁଆରୀ ମାସରେ କଟକର ମରହଟ୍ଟା ସୁବାଦାର ଶିଉ ଭଟ୍ଟ ଗୋବିନ୍ଦ ରାୟଙ୍କୁ ମୟୂରଭଞ୍ଜ ପଠାଇଥିଲେ । କିନ୍ତୁ ଗୋବିନ୍ଦ ରାୟ ମଧ୍ୟ ଅକୃତକାର୍ଯ୍ୟ ହୋଇ ଫେରି ଯାଇଥିଲେ । ଚିମନା ସାହୁ ୧୭୬୪ ସାଲରେ ଓଡ଼ିଶାର ସୁବାଦାର ହେଲେ । ଢେଙ୍କାନାଳ ରାଜାଙ୍କ ସଙ୍ଗରେ ତାଙ୍କର ସଂଘର୍ଷ ହୋଇଥିଲା । ଓଡ଼ିଶାର ଦେଓ୍ୱାନ୍ ଭବାନୀ ପଣ୍ଡିତ ଯେତେବେଳେ ଢେଙ୍କାନାଳ ଯୁଦ୍ଧରେ ବ୍ୟତିବ୍ୟସ୍ତ, ମୟୂରଭଞ୍ଜ ଓ ନୀଳଗିରିର ରାଜାମାନେ ବାଲେଶ୍ୱରର କେତେକ ପରଗନାରେ

ଲୁଟତରାଜ କଲେ । ବାଲେଶ୍ୱରର ଫଉଜଦାର ଭାସ୍କର ପଣ୍ଡିତଙ୍କର ଏଥିରେ ସହଯୋଗ ଥିଲା, କାରଣ ସେ ବାକି ଖଜଣା ଦେଇ ନ ପାରିବାରୁ, ମରହଟ୍ଟା ସବାଦାର ତାଙ୍କୁ ଫଉଜଦାର ପଦରୁ ବାହାର କରି ଦେଇଥିଲେ । ସେ ଏହି ରାଜାମାନଙ୍କ ସଙ୍ଗରେ ମିଶି ନୀଳଗିରିରେ ଆଶ୍ରୟ ନେଲେ ।

ଦାମୋଦର ଭଞ୍ଜଙ୍କ ଖୁଡ଼ୁତା ଦାଶରଥି ଭଞ୍ଜ ମୟୂରଭଞ୍ଜର କେତେକାଂଶ ଅଲଗା କରିନେଇ ସେଇ ଅଞ୍ଚଳର ରାଜା ହେବାକୁ ଲୋଡ଼ିଲେ । ଏଥିରେ ଦାମୋଦର ଭଞ୍ଜ ରାଜି ହେଲେ ନାହିଁ । ଖୁଡ଼ୁତା ପୁତୁରାଙ୍କ ଝଗଡ଼ା ଗୁରୁତର ହେଲା । ଦାଶରଥୀ ଯାଇ ନୀଳଗିରିରେ ଆଶ୍ରୟ ନେଲେ । ଦାମୋଦରଙ୍କ ପ୍ରଧାନ ସେନାପତି ଜେହାନ ମାମଦ ଦାଶରଥୀଙ୍କ ସଙ୍ଗରେ ଯୋଗ ଦେଲେ । ଦହେଁ ଯାଇ କଟକରେ ମରହଟ୍ଟା ସୁବାଦାରଙ୍କ ଦେଓ୍ୱାନ୍ ଭବାନୀ ପଣ୍ଡିତଙ୍କ ସାହାଯ୍ୟ ଲୋଡ଼ିଲେ । ଭବାନୀ ପଣ୍ଡିତଙ୍କୁ ସେମାନେ ବହୁ ଗୁପ୍ତ ଧନ ସଂପତ୍ତିର ଲୋଭ ଦେଖାଇଲେ । କଥା ହେଲା, ଭବାନୀଙ୍କର ମୟୂରଭଞ୍ଜ ଅଭିଯାନର ସବୁ ବ୍ୟବସ୍ଥା ଏମାନେ କରିଦେବେ, ଯଦି ଦାଶରଥୀଙ୍କୁ ସେ ରାଜ୍ୟ ଦିଆଯାଏ । ଭବାନୀ ପଣ୍ଡିତ ତାଙ୍କ ସେନା ବାହିନୀ ନେଇ ପ୍ରଥମେ ମାନଗୋବିନ୍ଦପୁର ଦୁର୍ଗ ଓ ପରେ ପରେ ମାଣତ୍ରି ଓ ଭୀମଦା ଦୁର୍ଗମାନ ବିନା ବାଧାରେ ଅଧିକାର କରିନେବେ । ଏହି ଦୁର୍ଗଗୁଡ଼ିକ ଜେହାନ ମାମୁଦ୍‌ଙ୍କ ତତ୍ତ୍ୱାବଧାନରେ ଥିଲା । ଦାମୋଦର ଭଞ୍ଜ ଜେହାନ୍ ମାମୁଦଙ୍କ ବିଶ୍ୱାସଘାତକତାର ଖବର ପାଇ ରାଜ୍ୟର ସମତଳ ଅଞ୍ଚଳ ଛାଡ଼ି ବାମୁଣଘାଟିକୁ ପଳାୟନ କଲେ । ମୋଟେ ବୋଲି ଜଣେ ଇଂରେଜଙ୍କୁ ହୀରା ଅନୁସନ୍ଧାନରେ କ୍ଲାଇଭ୍ କଲିକତାରୁ ସମ୍ବଲପୁର ପଠାଇ-ଥିଲେ । ସେତେବେଳେ କଲିକତାରୁ ସମ୍ବଲପୁର ଯିବାକୁ କଟକ ହୋଇ ଦଶପଲ୍ଲାର ବଦ୍ମୁଳ ଘାଟି ପାର ହୋଇ ଯିବାକୁ ପଡୁଥିଲା । ଏହି ମୋଟେ ସୁବର୍ଣ୍ଣରେଖା ପାର ହୋଇ ମୟୂରଭଞ୍ଜରେ ପ୍ରବେଶ କଲେ ବୋଲି ତାଙ୍କ ଭ୍ରମଣ କାହାଣୀରେ ଲେଖିଛନ୍ତି । ଅମର୍ଦା ଦୁର୍ଗ ସଢ଼କରୁ ମାଇଲିଏ ଦୂରରେ ଥିବାର ସେ ଦେଖିଥିଲେ । ସେତେବେଳେ ମୟୂରଭଞ୍ଜର ସୀମା ନୀଳଗିରି ପାହାଡ଼ ପାଖରୁ ସମୁଦ୍ରଯାକେ ବିସ୍ତୃତ ଥିଲା । ସେ ଲେଖିଛନ୍ତି, 'ବିଭିନ୍ନ ସମୟରେ ଏ ରାଜ୍ୟ ବିଦେଶୀ ଶାସକଙ୍କ ବିରୁଦ୍ଧରେ ବିଦ୍ରୋହ କରିବା ଫଳରେ ଖଣ୍ଡିଏ ଖଣ୍ଡିଏ ତାଲୁକ୍ ହରାଇ-ଛନ୍ତି' । ସୁବର୍ଣ୍ଣରେଖା ମୁହାଣରେ ଯେଉଁ ପ୍ରସିଦ୍ଧ ବନ୍ଦର ଥିଲା, ଯାହାକୁ ସାହାଜାଦା ଖୁରମ (ପରେ ସାହାଜାହାନ୍) 'ସାହାବନ୍ଦର' ବୋଲି ନାମିତ କରିଥିଲେ ଏବଂ ଯେଉଁଠୁ ପର୍ତ୍ତୁଗୀଜ, ଓଲନ୍ଦାଜ ପ୍ରଭୃତି ଇଉରୋପୀୟ ବଣିକମାନଙ୍କର ବାଣିଜ୍ୟ କେନ୍ଦ୍ର ଥିଲା, ସେହି ପିପିଲି ଏବଂ ଏବର ବାଲେଶ୍ୱର ମୟୂରଭଞ୍ଜର ଅନ୍ତର୍ଗତ ଥିଲା । ଉଇଲିୟମ୍ ହଣ୍ଟର ତାଙ୍କର ଓଡ଼ିଶାର ବିବରଣରେ ଲେଖିଛନ୍ତି ତମଲୁକ ମଧ୍ୟ ମୟୂରଭଞ୍ଜର ଅଂଶ ହୋଇଥିଲା । ମେଦିନୀପୁର ଜିଲ୍ଲାର ଅନେକ ଅଞ୍ଚଳ ଶହ ଶହ ବର୍ଷ ଧରି ମୟୂରଭଞ୍ଜ ରାଜାଙ୍କ ଅଧୀନ ହୋଇ ରହିଥିଲା ୧୭୬୦ ସାଲରେ ଇଂରେଜମାନେ ସେ ଜିଲ୍ଲାର ଶାସନ ନେବା ପର୍ଯ୍ୟନ୍ତ ।

ମୋଟେଙ୍କ ବିବରଣୀର ସତ୍ୟତା ସରକାରର ସରକାରୀ ଦଲିଲ ପ୍ରମାଣ କରିଛି । ୧୭୬୦ ସାଲରେ ମେଦିନୀପୁର ସଙ୍ଗରେ ଇଂରେଜ କମ୍ପାନୀ ଜଲେଶ୍ୱର ଚକଲାର ଶାସନ ମଧ୍ୟ ଗ୍ରହଣ କଲେ । ଜଲେଶ୍ୱର ଚକଲାର ବେଲେଗାରେ ବୋଲି ଗୋଟିଏ ପରଗନା ଥିଲା । ଏହି ବେଲେଗାରେର ଏକ ଅଂଶ ସୁବର୍ଣ୍ଣରେଖାର ପଶ୍ଚିମରେ ଥିଲା । ୧୭୬୪ ସାଲରେ ଏହି ପରଗନାର ଚୌଧୁରୀମାନେ ଇଂରେଜ କମ୍ପାନୀଙ୍କ ଆଗରେ ଫରିଆଦ କଲେ ଯେ ସେମାନଙ୍କ ଅଧୀନରେ ପରଗନାର ଅତି ଅଳ୍ପ ଅଂଶ ରହିଛି । କାରଣ ମୟୂରଭଞ୍ଜର ରାଜା ଏହି ପରଗନାର ଏକାଅଶୀଟି ଗ୍ରାମ ଅମର୍ଦାଗଡ଼ ଅଧୀନରେ ରଖି ଶାସନ କରୁଛନ୍ତି ଏବଂ ଆଉ ବାବନଟି ଗ୍ରାମ ମୟୂରଭଞ୍ଜ ରାଜାଙ୍କ ଜମିଦାରୀ ହୋଇ ରହିଛି ଏବଂ ଏହି ଅଞ୍ଚଳରୁ ସେ ଖଜଣା ଆଦାୟ କରି ନେଉଛନ୍ତି । ୧୭୬୬-୬୭ ସାଲରେ ମେଦିନୀପୁରର ଇଂରେଜ କଲେକ୍ଟର ଦୁଇ କମ୍ପାନୀ ସିପାହି ନେଇ ଜମିଦାରୀର ବାବନଟି ଗ୍ରାମ ସହିତ ଅମର୍ଦାଗଡ଼ ଅଧୀନସ୍ଥ ଏକାଅଶୀଟି ଗ୍ରାମ ମଧ୍ୟ ଅଧିକାର କରି ନେଇ ଚୌଧୁରୀଙ୍କୁ ଦେଇ ଦେଲେ । ଦାମୋଦର ଭଞ୍ଜ ପରିସ୍ଥିତିର ଚାପରେ ଚୁପ୍ ରହି ଏହି ଅପମାନ ଓ ସଂପତ୍ତିହାନୀ ସହ୍ୟ କଲେ ।

ମୀର୍ କାଶିମ ଯେତେବେଳେ ଇଂରେଜ କମ୍ପାନୀଙ୍କୁ ମେଦିନୀପୁର ଚକଲା ଦେଇଥିଲେ, ସେତେବେଳେ ପଶ୍ଚିମ ମେଦିନୀପୁର ଅଞ୍ଚଳ ଯାହାକି ଏବର ସିଂହଭୂମ ଜିଲ୍ଲାରେ ସଂଶ୍ଳିଷ୍ଟ, ତାହା ପଶ୍ଚିମ ଜଙ୍ଗଲ ବୋଲି ନାମିତ ହୋଇଥିଲା । ଏଥିରେ ତିନୋଟି ପରଗନା ଥିଲା, ନଲବସାଣ, ରୋହିଣୀ ଓ ମାର୍ନଭଣ୍ଡାର । ଏହି ଅଞ୍ଚଳଟି ମୟୂରଭଞ୍ଜର ଅଂଶ ହୋଇ ରହିଥିଲା । ସୁବର୍ଣ୍ଣରେଖାର ଦୁଇ କୂଳରେ ଏହା ଅବସ୍ଥିତ ।

ମୁଗଲମାନଙ୍କ ସମୟରେ ଦୁଇପ୍ରକାର ଜମିଦାର ଥିଲେ । ଗଡ଼ଜାତର ରାଜାମାନେ, ମୁଗଲ ସମ୍ରାଟଙ୍କୁ ଯେଉଁମାନେ ପେସ୍କସ୍ ଦେଉଥିଲେ, ସେମାନଙ୍କୁ ମଧ୍ୟ ଜମିଦାର ବୋଲୁ ଯାଉଥିଲା । ମୁଗଲବନ୍ଦି ଅଞ୍ଚଳର ଖଜଣା ଆଦାୟ ପାଇଁ ଛୋଟ ଛୋଟ ଖଣ୍ଡମାନ ଯେଉଁମାନେ ନେଉଥିଲେ ସେମାନେ ମଧ୍ୟ ଜମିଦାର ଥିଲେ । ତଫାତ ଥିଲା ଦେଶୀୟ ରାଜ୍ୟ ବା ଗଡ଼ଜାତଗୁଡ଼ିକୁ କିଲ୍ଲା ବୋଲୁ ଯାଉଥିଲା । ମୁଗଲଙ୍କ ପ୍ରତ୍ୟକ୍ଷ ଶାସିତ ଅଞ୍ଚଳର ଭାଗମାନଙ୍କୁ ଜିଲ୍ଲା କୁହାଯାଉଥିଲା ।

ଇଂରେଜ ବଣିକମାନେ ପ୍ରଥମ ଅବସ୍ଥାରେ ଏ ଦେଶର ସାମନ୍ତବାଦୀ ସମାଜ ବ୍ୟବସ୍ଥାରେ ଧାତସ୍ଥ

ବାବଦକୁ ଯଥେଷ୍ଟ ଅର୍ଥ ପାଇଲେ ନାହିଁ । ସେମାନେ କିଲ୍ଲାଗୁଡ଼ିକର ବିଲୋପ ସାଧନ କରିଥିଲେ । ଖଜଣା ଆଦାୟକାରୀ ଏଜେଣ୍ଟ ବା ଜମିଦାରୀ ବ୍ୟବସ୍ଥା ସେମାନେ ସୁବିଧା ମଣିଲେ । ତେଣୁ ସେମାନେ ଜମିଦାର ଶ୍ରେଣୀଟିଏ ଗଢ଼ି ପକାଇଲେ ଏବଂ ଓଡ଼ିଶାର ଅନେକ ଗୁଡ଼ିଏ ଦେଶୀୟ ରାଜ୍ୟ ବା କିଲ୍ଲା କ୍ରମଶଃ ଜମିଦାରୀରେ ପରିଣତ ହେଲ ।

ଦାମୋଦର ଭଞ୍ଜ ସେତେବେଳେ ମୟୂରଭଞ୍ଜର ରାଜା । ଯୁଦ୍ଧବିନା ସେ ପେସ୍‌କସ୍ ଦେଉ ନ ଥାନ୍ତି । ଇଂରେଜମାନେ ନୟବସାଣ ଅଞ୍ଚଳକୁ ଜମିଦାରୀ ବୋଲି ଘୋଷଣା କରି ତା ଉପରେ ଖଜଣା ଦାବୀ କଲେ । ମେଦିନୀପୁରର କଲେକ୍ଟର ୧୭୬୩ ସାଲରେ ଓ୍ୱାରେନ୍ ହେଷ୍ଟିଙ୍ଗସ୍‌ଙ୍କୁ ଯେଉଁ ପତ୍ର ଲେଖିଥିଲେ ସେଥିରେ ନୟବସାଣକୁ ପାହାଡ଼ ଓ ଜଙ୍ଗଲମୟ ଅଞ୍ଚଳ ଓ ସେଠା ଅଧିବାସୀ ଅଭଦ୍ର ଓ ଶାସନୋପଯୋଗୀ ନୁହନ୍ତି ବୋଲି ମତ ପ୍ରକାଶ କରିଥିଲେ । ତେଣୁ ବ୍ରିଟିଶ୍ କମ୍ପାନୀର ସେନାବାହିନୀ ଏ ଅଞ୍ଚଳକୁ ଅଧିକାର କରି ମୟୂରଭଞ୍ଜ ରାଜାଙ୍କୁ ପାଞ୍ଚହଜାର ଟଙ୍କା ଖଜଣାର (ମାଲଗୁଜାରି) ଜମିଦାର କଲେ ।

ଦାମୋଦରଙ୍କ ଅସଲ ଗୋଳମାଳ ମରହଟ୍ଟାଙ୍କ ସଙ୍ଗରେ । ମରହଟ୍ଟାମାନଙ୍କ ବିରୁଦ୍ଧରେ ସେ ଇଂରେଜ କମ୍ପାନୀର ସହାୟତା ଲୋଡ଼ୁଥିଲେ । ୧୭୭୯ ସାଲରେ ବାଲେଶ୍ୱରର ମରହଟ୍ଟା ଫୌଜଦାର ଯେତେବେଳେ ତାଙ୍କୁ ବେଲେରାତର ଯାକୋଗୋଡ଼ାଇ ନେଇଥିଲେ, ସେତେବେଳେ ଇଂରେଜମାନେ ଦାମୋଦରଙ୍କ ବିରୁଦ୍ଧରେ ବଳ ପ୍ରୟୋଗ କରିବାକୁ ଦେଇ ନ ଥିଲେ ।

ଇଂରେଜ କମ୍ପାନୀ ନୟବସାଣ ଉପରେ ଯେଉଁ ଖଜଣା ଧାର୍ଯ୍ୟ କଲେ ଦାମୋଦର ଭଞ୍ଜ ସେ ଖଜଣାକୁ କମାଇ ଦୁଇହଜାର କରିବାକୁ କମ୍ପାନୀକୁ କହିଲେ । କମ୍ପାନୀ ଶୁଣିଲ ନାହିଁ । ଦାମୋଦର ଖଜଣା ଦେଲେ ନାହିଁ । କମ୍ପାନୀ ମେଦିନୀପୁରର ଜଣେ ତହସିଲଦାର ଓ ଜଣେ ଚୋକ୍‌ଦାର ଆଣି ନୟବସାଣ ଅଞ୍ଚଳରେ ଖଜଣା ଆଦାୟ କରିବାକୁ ଚେଷ୍ଟା କଲେ । ଖଜଣା ଆଦାୟ ହୋଇ ପାରିଲ ନାହିଁ । କାରଣ ତଉଜି ତାଲିକା ମିଳିଲ ନାହିଁ । ମୟୂରଭଞ୍ଜ ରାଜାଙ୍କ ତରଫରୁ କେତେ ଜଣ ସର୍ଦ୍ଦାର, ପାଇକ, ବରକନ୍ଦାଜ୍ ନେଇ ବାଧା ଦେଇଥିଲେ ।

ଦାମୋଦରଙ୍କ ଉପରେ ମରହଟ୍ଟାମାନେ ତ ରାଗିଥିଲେ, ଇଂରେଜମାନେ ମଧ୍ୟ ରାଗିଲେ । ଗଭର୍ଣ୍ଣର ଜେନେରେଲ୍ ଓ୍ୱାରେନ୍ ହେଷ୍ଟିଙ୍ଗସ୍ ୧୭୭୯ ସାଲର ମଇ ମାସ ୭ ତାରିଖ ଦିନ ଦାମୋଦର ଭଞ୍ଜଙ୍କ ନିକଟକୁ ଯେଉଁ ପତ୍ର ଦେଲେ, ସେଥିରେ ମରହଟ୍ଟାମାନଙ୍କୁ ଖଜଣା ନ ଦେବା ରାଜାଙ୍କ ପକ୍ଷେ ଅନ୍ୟାୟ ଓ ସେ ବିଷୟରେ ସେ କଂପାନୀଙ୍କ ନିକଟରୁ କୌଣସି ସାହାଯ୍ୟ ପାଇବେ ନାହିଁ ବୋଲି ଜଣାଇ ଦେଲେ । ଦାମୋଦର ଅମର୍ଦ୍ଦା ଗଡ଼ର ପୁନରୁଦ୍ଧାର କଲେ ହେଷ୍ଟିଙ୍ଗସ୍‌ଙ୍କ ନିକଟକୁ ଓକିଲ ପଠାଇଲେ, ଗଭର୍ଣ୍ଣର ଜେନେରେଲ୍ ସେ ମକଦ୍ଦମାକୁ ମେଦିନୀପୁର କଲେକ୍ଟରଙ୍କ ନିକଟକୁ ବିଚାର ପାଇଁ ପଠାଇ ଦେଲେ । କଲେକ୍ଟର ମକଦ୍ଦମା ଖାରଜ କରିଦେଲେ ।

ଚିମନାଜୀ ବାପୁଙ୍କ ସୁବାଦାରୀ ବେଳେ ଢେଙ୍କାନାଳ ଓ କେନ୍ଦୁଝର ରାଜାମାନଙ୍କ ସଙ୍ଗରେ ମରହଟ୍ଟାମାନଙ୍କର ଯୁଦ୍ଧ ହୋଇଥିଲ । ଏହି ସମୟରେ ଦାମୋଦର ମରହଟ୍ଟାମାନଙ୍କ ବଶ୍ୟତା ସ୍ୱୀକାର କରିନେଲେ । ଚିମନାଜୀଙ୍କ ଆଗରେ ସେ ନାଲିଶ କଲେ ଯେ ବାଲେଶ୍ୱରସ୍ଥ ମହଟ୍ଟା ଚକଲାରେ ଥିବା ଅମର୍ଦ୍ଦା ଓ କାନପୁର ଗଡ଼ ସହ ଏକାଅଶୀଟି ଗ୍ରାମ ବେଲେରାରେରା ଚୌଧୁରୀମାନେ ଇଂରେଜ କଂପାନୀଙ୍କ ସହାୟତାରେ ମାଡ଼ି ବସିଛନ୍ତି । ମରହଟ୍ଟାମାନଙ୍କ ସାହାଯ୍ୟରେ ୧୭୮୧ ସାଲର ମାର୍ଚ୍ଚ ସାତ ତାରିଖ ଦିନ ଦାମୋଦର ଭଞ୍ଜ ବାଲେଶ୍ୱର ବାଟେ ଯାଇ ବେଲେରାତର ପରଗନାରେ ଲୁଟ ତରାଜ କଲେ । ସେଠାକାର ଚୌଧୁରୀ ଅମର୍ଦ୍ଦା ଓ କାନପୁର ଗଡ଼କୁ ଆଶ୍ରୟ ପାଇଁ ଆସି ଦେଖନ୍ତି ଯେ ଉକ୍ତ ଗଡ଼ ଦିଓଟି ମୟୂରଭଞ୍ଜ ରାଜା ମାଡ଼ି ବସିଛନ୍ତି ।

ଏହି ସମୟରେ ଦୁଇଜଣ ଇଂରେଜ ସେହି ଅଞ୍ଚଳ ପରିଦର୍ଶନରେ ଆସୁଥିଲେ । ବାଲେଶ୍ୱରରୁ ପାଲିଙ୍କିରେ ଆସୁଥିବା ବେଳେ ବସ୍ତା ଓ ଜଳେଶ୍ୱର ମଝିରେ ମୟୂରଭଞ୍ଜ ରାଜାଙ୍କ ଘୋଡ଼ାସବାର ଓ ପଦାତିକ ବାହିନୀକୁ ସେମାନେ ଦେଖିଲେ । ଏମାନେ ବନ୍ଧୁକ ଓ ଧନୁ ଶରରେ ସଜ୍ଜିତ ହୋଇଥିଲେ । ସେମାନଙ୍କୁ ଦାମୋଦର ଭଞ୍ଜ ଜଣାଇଦେଲେ ଯେ କଂପାନୀଙ୍କ ସଂଗରେ ସେ ଯୁଦ୍ଧରେ ଲିପ୍ତ । ଗୋଟିଏ ଚଢ଼େଇ ମରା ବନ୍ଧୁକ ଓ ଗୋଟିଏ ମୋହର ନେଇ ରାଜା ଇଂରେଜମାନଙ୍କୁ ଛାଡ଼ି ଦେଇଥିଲେ ।

ଦାମୋଦର ଦେଖିଲେ ଯେ ମହଟ୍ଟାମାନଙ୍କ ଆଡ଼ୁ ବିପଦ ଆଉ ନାହିଁ । ସେହି ବର୍ଷ (୧୭୮୧) ସେ ପଚିଶଜଣ ଘୋଡ଼ସବାର ଓ ତିନିଶହ ପାଇକଙ୍କୁ ନେଇ ଓଲମରାବାଟେ ଯାଇ ବାଲିଆବେଢ଼ା ପରଗନା ଲୁଟ୍ କଲେ ଓ ବାଲିଆବେଢ଼ା ଗାଁକୁ ପୋଡ଼ିଦେଲେ । ତାପରେ କାନପୁର ଥାନା ଲୁଟ କରି ନୟବସାଣ ଫେରି ଆସିଲେ । ଇଂରେଜମାନେ ଦାମୋଦରଙ୍କୁ ଏହି ଲୁଟ୍‌ତରାଜ ଘରପୋଡ଼ି ପାଇଁ କୈଫିୟତ୍ ତଲବ୍ କଲେ । ଦାମୋଦର ଜବାବ ଦେଲେ, "ଏ ଜମିଦାର ମୋର ଅଧୀନ । ଏଭଳି ବ୍ୟବହାର ମୁଁ ଏହାଙ୍କ ନିକଟରୁ କେବେ ପାଇ ନ ଥିଲି । ତାଙ୍କ ଭଳି କେତେ ଜମିଦାର ମୋ ଅଧୀନରେ ଅଛନ୍ତି । ସେମାନେ ଏହି ପ୍ରହରୀଙ୍କ "ଭଳି ଦଣ୍ଡ ପାଇବେ ।"

ମେଦିନୀପୁରର କଲେକ୍ଟର ୧୭୮୧ ସାଲର ଜୁନର ୧୨ ତାରିଖ ଦିନ ସମନ ଜାରୀ କଲେ ଯେ ଦାମୋଦର

ଭଞ୍ଜ ତାଙ୍କ ନିକଟକୁ ଯାଇ ଦେଖା କରନ୍ତି । ଦାମୋଦରଙ୍କ ଜବାବ ହାଜର ହବାର ତିନିଦିନ ପରେ କଲେକ୍ଟର ପାଇଲେ । ଦାମୋଦର ସେଥିରେ ଓଲଟା ଅଭିଯୋଗ କରିଥିଲେ ଯେ ତାଙ୍କ ରାଜ୍ୟ ମଧ୍ୟରୁ ଜଣେ ସିପାହୀକୁ ମୁହଁରେ ଲୁଗାବାନ୍ଧି ବାଲିଆବେଢ଼ା ପ୍ରହରାଜ ନେଇ ଯାଇଛନ୍ତି ଓ ତାଙ୍କ ବରକନ୍ଦାଜକୁ ମାଡ଼ ମାରିଛନ୍ତି । ଏହାଫଳରେ ତାଙ୍କ ସିପାହୀମାନେ ବାଲିଆବେଢ଼ା ଯାଇଥିବା ବେଳେ କିଛି ଜବରଦସ୍ତି କରିଥାଇ ପାରିଥାନ୍ତି । ବାଲିଆବେଢ଼ା ପ୍ରହରାଜ ସବୁଦିନେ ତାଙ୍କ ନିକଟରେ ଯୋଡ଼ହସ୍ତ ହୋଇ ହାଜର ହେଉଥିଲେ । କାରଣ ସେ ତାଙ୍କ ଅଧୀନସ୍ଥ ଜମିଦାର । ଯାହା ସବୁ ଘଟିଛି, ପ୍ରହରାଜଙ୍କ ଦୋଷଯୋଗୁଁ ଘଟିଛି । ଅମର୍ଦ୍ଦା ଓ ତାର ଅଧୀନସ୍ଥ ଏକାଅଶୀଟି ଗ୍ରାମ ବିଷୟରେ ସେ ଲେଖିଥିଲେ ଯେ ରାଜା ଚୀମନାଜୀ ବାପୁ ତାଙ୍କୁ ଏହି ଏକାଅଶିଟୀ ଗ୍ରାମର ଅଧିକାର ଦେଇଛନ୍ତି ଓ ସେ ସଂପର୍କରେ ସେ କଲିକତାର ଗଭର୍ଣ୍ଣର ଜେନେରାଲଙ୍କୁ ଅଭିହିତ କରିଛନ୍ତି ।

ଏହାପରେ ଇଂରେଜ କଂପାନୀ ଓ ମୟୂରଭଞ୍ଜ ରାଜାଙ୍କ ମଧ୍ୟରେ ଅନେକଗୁଡ଼ିଏ ଯୁଦ୍ଧ ହୋଇଥିଲା । ଅମର୍ଦ୍ଦାଗଡ଼ ଏକାଧିକବାର କଂପାନୀ ଓ ରାଜାଙ୍କ ଦ୍ୱାରା ଅଧିକୃତ ହୋଇଥିଲା । ଖୁଣ୍ଟାରୁ ଦାମୋଦରଙ୍କ ଘୋଡ଼ସବାରମାନେ ବେଲେଶ୍ୱରକୁ ବରାବର ଯାଇ ଲୁଟତରାଜ କରିବାକୁ ଲାଗିଲେ । ଯେପରି ଜମିଦାର ବା ଗ୍ରାମୀମାନେ କେହି ସେଠି ରହି ନ ପାରନ୍ତି । ଖୁଣ୍ଟା ମରହଟ୍ଟା ଅଧିକୃତ ଅଞ୍ଚଳ ଥିବାରୁ ଇଂରେଜମାନେ ସେଠିକି ଆସି ପାରୁ ନ ଥିଲେ ।

ଶେଷରେ ଅମର୍ଦ୍ଦାଗଡ଼ ଓ ତତ୍‌ସଂଲଗ୍ନ ଏକାଅଶୀଟି ଗ୍ରାମର ଅଧିକାର ନେଇ କଲିକତାରେ ବିଗ୍ରହ ହେଲା । ପରେ ଇଂରେଜ କଂପାନୀ ରାଜାଙ୍କ ଦାବୀକୁ ମାନିଲେ ନାହିଁ । ନଳବସାଣକୁ ମଧ୍ୟ ଖାସ କରିଦେଇ କଂପାନୀ ନିଜ ଅଧୀନକୁ ନେଇଗଲେ ।

୧୮୮୬ ସାଲରେ ଅମର୍ଦ୍ଦା, କାନପୁର, ମୁଲତାନୀ ଓ ରାଣୀସରେଇ ସହିତ ଏକାବନଟି ଗ୍ରାମ ମୟୂରଭଞ୍ଜର ସାମିଲ ହେଲା । ତାପରେ ଦାମୋଦର ଭଞ୍ଜ ଦାନ୍ତୁଣି ଲୁଟପାଟ କରି ଓଲମରା ପରଗନାର ଗୋଟିଏ ଗ୍ରାମ ଯାହାକି ଦାନ୍ତୁଣି ଜମିଦାର ମାଡ଼ି ବସିଥିଲେ ତାକୁ ଉଦ୍ଧାର କଲେ ।

ଦାମୋଦର ଭଞ୍ଜ ନଳବସାଣର ସର୍ଦ୍ଦାରମାନଙ୍କୁ ଉତ୍କ୍ଷିପ୍ତ କରାଇ ବରାବର ଗଣ୍ଡଗୋଳ କରିବା ଫଳରେ ଇଂରେଜମାନେ ସେଠାରୁ ଖଜଣା ଆଦାୟ କରି ପାରିଲେ ନାହିଁ । କଂପାନୀ ୧୭୯୩ ସାଲରେ ଦାମୋଦରଙ୍କ ନାମରେ ଫୌଜଦାରୀ ମକଦ୍ଦମା ଦାଏର କଲେ ଓ ତାଙ୍କ ନିକଟକୁ ନଳବସାଣ ଦାୟିତ୍ୱରେ ଥିବା ସେନାପତିଙ୍କ ହାତରେ ୱାରେଣ୍ଟ ପଠାଇଲେ । ଫଳରେ ଖୋଲାଖୋଲି ଭାବରେ ସଂଘର୍ଷ ଲାଗିଗଲା । ସେନାପତି ରାଜାଙ୍କ ପରା ପାଇଲେ ନାହିଁ ।

ଇଂରେଜମାନେ ଦାମୋଦରଙ୍କୁ ଧରିବାକୁ ସବୁ ପ୍ରକାର କୌଶଳ ପ୍ରୟୋଗ କରିଥିଲେ । କିନ୍ତୁ ଧରି ପାରି ନ ଥିଲେ । ୧୭୯୬ ସାଲର ପ୍ରଥମ ପାଦରେ ଦାମୋଦର ଦେହତ୍ୟାଗ କରିଥିଲେ* ।

*ଏହି ପ୍ରବନ୍ଧରେ ବର୍ଣ୍ଣିତ ହୋଇଥିବା ଘଟଣାଗୁଡ଼ିକ ସରକାରୀ କାଗଜପତ୍ରରୁ ଗୃହୀତ ।

୫/୧ (ସି ଆର) କଳ୍ପନା
ଭୁବନେଶ୍ୱର—୧୪

## ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ କର୍ପୋରେସନ ପକ୍ଷରୁ ରଙ୍ଗୀନ 'ଭିଡ଼ିଓ' ପ୍ରଦର୍ଶନ ବ୍ୟବସ୍ଥା ଥାଇ ରାଜ୍ୟରେ ପ୍ରଥମ ବସ୍ ଚଳାଚଳ

୧୯୮୧ ଡିସେମ୍ବର ୧୩ ତାରିଖରେ ସ୍ଥାନୀୟ ପାନ୍ଥନିବାସଠାରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ କର୍ପୋରେସନ ପକ୍ଷରୁ ରାଜ୍ୟର ପ୍ରଥମ ରଙ୍ଗୀନ 'ଭିଡ଼ିଓ' ପ୍ରଦର୍ଶନ ବ୍ୟବସ୍ଥା ଥାଇ ଏକ ନୂତନ ଶୀତତାପ ନିୟନ୍ତ୍ରିତ ବସକୁ ପର୍ଯ୍ୟଟନ, କ୍ରୀଡ଼ା ଓ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି । 'ଭିଡ଼ିଓ'ର ମୂଲ୍ୟ ସହିତ ଏହି ବସ୍‌ଟିର ନିର୍ମାଣ ବାବଦରେ ୪ ଲକ୍ଷ ୭୦ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି । ଏହି ବସ୍‌ରେ ଯାତ୍ରା କରୁଥିବା ପର୍ଯ୍ୟଟକମାନଙ୍କ ମନୋରଞ୍ଜନ ପାଇଁ ସଂପୂର୍ଣ୍ଣ ରଙ୍ଗୀନ୍ ଚଳଚ୍ଚିତ୍ର ପ୍ରଦର୍ଶନର ବ୍ୟବସ୍ଥା କରାଯାଇଛି । ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନ ସ୍ଥାନମାନଙ୍କ ସଂପର୍କରେ କର୍ପୋରେସନ ପକ୍ଷରୁ ଚଳଚ୍ଚିତ୍ର ପ୍ରସ୍ତୁତ କରାଯାଇ ଭିଡ଼ିଓ କ୍ୟାସେଟ୍ ମାଧ୍ୟମରେ ଦେଖାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି ।



# ପ୍ରକୃତିର ପ୍ରକୋପରେ କାଶୀନଗର



ଆଜକୁ ଠିକ୍ ବର୍ଷକ ତଳର କଥା । ଆଖି ପିଛୁଳାକେ କୁହୁକ ପରି ସବୁକିଛି ଓଲଟ ପାଲଟ ହୋଇଗଲା । ଭୀଷଣ ବର୍ଷା ଯୋଗୁଁ ଗଞ୍ଜାମ ଜିଲ୍ଲା ସୀମାରେ ବହିଯାଉଥିବା ବଂଶଧାରା ନଦୀରେ ପ୍ରବଳ ବନ୍ୟା ହେବା ଫଳରେ ପ୍ରକୃତିର ଅଭୂତପୂର୍ବ ତାଣ୍ଡବଲୀଳା ଦେଖା ଦେଇଥିଲା । ଧନଜୀବନ, ଘରଦ୍ୱାର, ଫଳପୁଷ୍ପଭରା ଗଛଲତା, କ୍ଷେତଭରା ଫସଲ ଓ ଗୋରୁ ଗାଈଙ୍କର ସଲିଳ ସମାଧି ହୋଇଥିଲା । ଅନ୍ନ ବସ୍ତ୍ରହୀନ ବିପନ୍ନ ତଥା ନିରୀହ ଗ୍ରାମବାସୀମାନେ ଅସହାୟ ହୋଇପଡ଼ିଥିଲେ ।



# • କାଶୀନଗର ଠାରେ ମୁଖ୍ୟମନ୍ତ୍ରୀଙ୍କ ଭାଷଣର କିୟଦଂଶ •

**ଆ**ଜି ଗୋଟିଏ ଆନନ୍ଦର ଦିନ । ଏଠାରେ କେତେକ ନୂତନ ଗୃହ ନିର୍ମାଣ କରାଯାଇ ବନ୍ୟା ବିପନ୍ନ ଲୋକମାନଙ୍କ ମଧ୍ୟରେ ବଣ୍ଟନ କରାଯାଉଛି ।

ଏ ବନ୍ୟା ଗତ ବର୍ଷ କାଶୀ ନଗରରେ ଓ ଗୁଣୁପୁରରେ ହେଲା । ଏହା ଏକ ନାହିଁ ନ ଥିବା ବନ୍ୟା । ଶହେ ବର୍ଷ ଭିତରେ ଏଭଳି ବନ୍ୟା କେବେ ହୋଇ ନ ଥିଲା । ପ୍ରକୃତିର ଏ ନିର୍ମମ ତାଣ୍ଡବ ଲୀଳା କେବେହେଲେ ଓଡ଼ିଶାରେ କୌଣସି ଅଞ୍ଚଳରେ ଏଭଳି ଭାବେ ଦେଖା ଦେଇ ନ ଥିଲା । ଏପରି ବନ୍ୟା ବିପଦକୁ ଆପଣମାନେ ଯେ ସାହସର ସହିତ ସମ୍ଭାଳିଛନ୍ତି, ସେଥିପାଇଁ ମୁଁ ଆପଣମାନଙ୍କୁ ଧନ୍ୟବାଦ ଜଣାଉଛି ।

ମନୁଷ୍ୟ ଜୀବନରେ ଦିନେ ନା ଦିନେ ବିପଦ ଆସିବ । କିନ୍ତୁ ବିପଦ ଆସିଲେ, ତାର ସମ୍ମୁଖୀନ ହେବା ପାଇଁ ଯେଉଁ ସାହସ ଦରକାର ତାହାହିଁ ଆମ ସମସ୍ତଙ୍କର ପ୍ରାର୍ଥନାର ବିଷୟ । ବିପଦ ଆସୁ, ଝଡ଼ ଆସୁ, ଝଞ୍ଜା ଆସୁ, ବନ୍ୟା ଆସୁ ବା ପ୍ରାକୃତିକ ବିପର୍ଯ୍ୟୟ ଆସୁ, ମନୁଷ୍ୟ ଭିତରେ ଯେଉଁ ଶକ୍ତି ଓ ସାହସ ଅଛି, ସେ ଶକ୍ତିକୁ ଉଜ୍ଜୀବିତ କରି ବିପଦକୁ ସାହସର ସହିତ ସମ୍ଭାଳିବା ଆମର କାମ୍ୟ ।

ଆପଣମାନଙ୍କର ଯେଉଁ ଦୁଃଖ, ସେ ଦୁଃଖକୁ କୌଣସି ସରକାର କେବେହେଲେ ନିବାରି ପାରିବେ ନାହିଁ । ଆପଣମାନଙ୍କର ଯେଉଁ କ୍ଷତି ଘଟିଛି, କୌଣସି ସରକାର ବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ତାକୁ ପୂରଣ କରି ପାରିବେ ନାହିଁ । କାରଣ ସେ କ୍ଷତି ଅପୂରଣୀୟ । କିନ୍ତୁ ସେ କ୍ଷତିକୁ କେତେକାଂଶରେ ସମ୍ଭାଳିବା ପାଇଁ ସରକାର ଚେଷ୍ଟା କରିବେ ମାତ୍ର । ଗତ ବନ୍ୟା ସମୟରେ ଏହି ଅଞ୍ଚଳରେ ଯେଉଁ ବନ୍ୟା ହେଲା, ସେତେବେଳେ ଗୋଟିଏ ନିଷ୍ପତ୍ତି ଗ୍ରହଣ କରାଗଲା ଯେ, ଓଡ଼ିଶା ରାଜକୋଷର ଯେତେ ଅଭାବ ଅସୁବିଧା ଥାଉନା କାହିଁକି, ଶୀଘ୍ର ବନ୍ୟା ବିପନ୍ନ ଲୋକଙ୍କୁ ଥଇଥାନ କରିବା ପାଇଁ ଯାହା କରାଯିବାର କଥା, ତାହା କରାଯିବ । ଏହି କାଶୀନଗର ଅଞ୍ଚଳରେ ସେହି ସମୟରେ ଲୋକଙ୍କୁ ପ୍ରାଥମିକ ସାହାଯ୍ୟ ଦେବା, ଯଥା—ଲୋକଙ୍କୁ ତୁରନ୍ତ ଥଇଥାନ କରିବା, ଖାଦ୍ୟପେୟର ବ୍ୟବସ୍ଥା କରିବା ସେମାନଙ୍କର ସ୍ୱାସ୍ଥ୍ୟରକ୍ଷାର ବ୍ୟବସ୍ଥା କରିବା, ରାସ୍ତାଘାଟ ମରାମତିର ବ୍ୟବସ୍ଥା କରିବା, ଅସ୍ଥାୟୀ ଭାବରେ ସେମାନଙ୍କୁ ଗୃହ ନିର୍ମାଣରେ ସାହାଯ୍ୟ କରିବା—ଏ ସବୁ କାର୍ଯ୍ୟକ୍ରମକୁ ସରକାର ପ୍ରଥମେ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିଛନ୍ତି । ଏ ସବୁ କାର୍ଯ୍ୟ ନିମନ୍ତେ କାଶୀନଗର ଅଞ୍ଚଳରେ ଏକ କୋଟି ଅଶୀ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି ।

ଯେତେବେଳେ ବେସରକାରୀ ସୂତ୍ରରେ ଟାଟାର କେତେକ ବନ୍ଧୁ ଆସି ମୋ ପାଖରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସାହାଯ୍ୟ ନ କରି କିଛି ଗୃହ ନିର୍ମାଣ କରିବା ପାଇଁ ଚାହିଁଲେ, ସେତେବେଳେ ମୁଁ ସେମାନଙ୍କୁ କହିଲି ଯଦି କିଛି ଗୃହ ନିର୍ମାଣ କରିବା ପାଇଁ ଚାହାନ୍ତି, ତା' ହେଲେ ଆପଣମାନେ ତୁରନ୍ତ କାଶୀନଗରରେ କାର୍ଯ୍ୟ ଆରମ୍ଭ କରନ୍ତୁ । ଆନନ୍ଦର ବିଷୟ ସେମାନଙ୍କୁ ଯାହା ନିର୍ଦ୍ଦେଶ ଦିଆଗଲା, ତାହା ସେମାନେ ସୁରୁଖୁରୁ ରୂପେ ତୁଲାଇଛନ୍ତି । ସେଥିପାଇଁ ମୁଁ ଆପଣମାନଙ୍କ ପକ୍ଷରୁ ଓ ସରକାରଙ୍କ ତରଫରୁ ସେମାନଙ୍କୁ ଧନ୍ୟବାଦ ଜଣାଉଛି ।

ଏଠାରେ ଯେଉଁ ୧,୧୫୦ଟି ଘର ସଂପୂର୍ଣ୍ଣରୂପେ ଧ୍ୱଂସ ହୋଇ ଯାଇଥିଲା, ତାହା ସରକାରଙ୍କ ପକ୍ଷରୁ ନିର୍ମାଣ ହେବା କଥା । ତା' ଭିତରୁ ଏମାନେ ନିର୍ମାଣ କରିଛନ୍ତି ୧୮୬ଟି ଘର । ବାକୀ ୧୨୦ଟି ଘର ଅନ୍ୟ ସଂଗଠନ ପକ୍ଷରୁ ନିର୍ମାଣ କରାଯାଉଛି । ମୋଟ ଉପରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୭୫୦ ପର୍ଯ୍ୟନ୍ତ ଗୃହ ନିର୍ମାଣ କରିବା ପାଇଁ ଦାୟିତ୍ୱ ନେଇଛନ୍ତି । ଅବଶିଷ୍ଟ ଗୃହ ଓଡ଼ିଶା ଗୃହ ନିର୍ମାଣ କର୍ପୋରେସନ କରିବେ । ଏହିପରି ୧,୧୫୦ଟି ଗୃହରେ ୧,୧୫୦ଟି ପରିବାରଙ୍କୁ ସମ୍ପୂର୍ଣ୍ଣ ଥଇଥାନ କରାଯିବ । ଏଣିକି ବନ୍ୟାରେ ସେ ଘର ଭାସିଯିବ ନାହିଁ । ▪

କାଶୀନଗରର ପ୍ରଧାନ ସମସ୍ୟା ହେଲା ଏହାର ଅବସ୍ଥିତି । ଉପରେ ନଈ ବହି ଯାଉଛି । ତଳେ ସହ





ଟାଟା ଆଦର୍ଶ ଗ୍ରାମ, କାଶୀନଗର ।

ଘର ହୋଇଛି । ବଂଶଧାରା ନଦୀର ପତନଠାରୁ ମଧ୍ୟ କେତେକ ଘର ନିମ୍ନ ଦେଶରେ ଅଛି । ଥରେ ଯଦି ନଈରେ ବନ୍ୟା ଆସି ଯାଉଛି, ସହର ଭିତରେ ପାଣି ପଶି ଯାଉଛି । ଏପରିକି ତିନି ଇଞ୍ଚ ବର୍ଷା ହୋଇ ଯାଉଛି ତ, ଜଳ ନିଷ୍କାସନର କୌଣସି ସୁବିଧା ହୋଇ ପାରୁ ନାହିଁ । ପାଣି ଜମି ରହୁଛି । ଏ ସମସ୍ୟାର ସମାଧାନ ହେଉଛି, ଉଚ୍ଚ ସ୍ଥାନରେ ଗୃହ ନିର୍ମାଣ କରାଯିବ । କିନ୍ତୁ ଏତେ ଉଚ୍ଚା ସ୍ଥାନ ଏ ଅଞ୍ଚଳରେ ମିଳିବା ସମ୍ଭବ ନୁହେଁ । ଯେତିକି ସ୍ଥାନ ମିଳିଛି ସେ ସ୍ଥାନର ସଦ୍ ବ୍ୟବହାର କରାଯାଉଛି । ସରକାର ତାକୁ ପ୍ରାୟ ଦୁଇଲକ୍ଷ ଟଙ୍କାରେ କିଣି ନେଇ ସେଥିରେ ଗୃହ ନିର୍ମାଣ କରିବାର ବ୍ୟବସ୍ଥା କରୁଛନ୍ତି । ଅନ୍ୟ ଯେଉଁ ସବୁ ଗାଁରେ ବା ପଞ୍ଚାୟତମାନଙ୍କରେ ଉଚ୍ଚ ସ୍ଥାନ ସବୁ ଅଛି, ସେ ସବୁ ଉଚ୍ଚସ୍ଥାନ ସରକାର ହାତକୁ ନେଇ ଗୃହ ନିର୍ମାଣର ବ୍ୟବସ୍ଥା କରୁଛନ୍ତି । ମୁଁ ଏ ବିଷୟରେ ଆପଣମାନଙ୍କୁ ସୂଚାଇ ଦେବାକୁ ଚାହେଁ ଯେ, ଯେଉଁଠି ଯେତେ ଉଚ୍ଚ ଜମି ମିଳିବ, ସେଥିରେ ଅଗ୍ରାଧିକାର ଦିଆଯାଇ ଗୃହ ନିର୍ମାଣ କରାଯିବ ।

ବନ୍ଧୁଗଣ, ଏ ହେଉଛି ଗୋଟିଏ ବାସଗୃହ ସମସ୍ୟା । ଅନ୍ୟ ସମସ୍ୟା ହେଉଛି ଶିକ୍ଷାର ସମସ୍ୟା । ରାସ୍ତାଘାଟର ସମସ୍ୟା । ଏଥି ପାଇଁ ସ୍ଥାୟୀ ଭାବରେ ଖର୍ଚ୍ଚ କରାଯିବା ପାଇଁ ଏକ କୋଟି ଅଠତିରିଶ ଲକ୍ଷ ଓ ଅଣତିରିଶ ହଜାର ଟଙ୍କା ଦିଆ ଯାଉଛି । ଠିକ୍ ସମୟରେ କାମ ଶେଷ କରିବା ପାଇଁ ମୁଁ ସଂପୃକ୍ତ ବିଭାଗୀୟ କର୍ମକର୍ତ୍ତାମାନଙ୍କୁ ନିର୍ଦ୍ଦେଶ ଦେଇଛି ।

ଏଠାରେ କେତେକ କଥା ମୁଁ ସୂଚାଇ ଦେଉଛି ଯେ କାଶୀନଗର ଓ ପାରଳାଖେମୁଣ୍ଡିର ସର୍ବାଙ୍ଗୀନ ଉନ୍ନତି ମୁଁ ଚାହେଁ । କାରଣ ପାରଳାଖେମୁଣ୍ଡି ଓଡ଼ିଶାର ଦେଶ ମିଶ୍ରଣ ଆନ୍ଦୋଳନରେ ସବୁଠାରୁ ବଡ଼ ଭୂମିକା ଗ୍ରହଣ କରିଥିଲା । ପାରଳାଖେମୁଣ୍ଡିର ପୂର୍ବତନ ମହାରାଜା ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠନ କରିବା ପାଇଁ ଯେଉଁ ଭୂମିକା ଗ୍ରହଣ କରିଥିଲେ, ତାହାକୁ ଏ ଜାତି ସବୁ ଦିନ ପାଇଁ ମନେ ରଖିବ । ସେଥିପାଇଁ ପାରଳାଖେମୁଣ୍ଡିର ଏବଂ ଏ ଅଞ୍ଚଳର ଉନ୍ନତି ପାଇଁ ଯେବେ ଅର୍ଥ ବ୍ୟୟ ହେବ, ସେ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ।

ବାସହରା ପରିବାରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନୂତନ ଗୃହର ଚାବିକାଠି ପ୍ରଦାନ ।



# ଉତ୍ତମ ଜୀବନଯାପନ ପାଇଁ ଉତ୍ତମ ବାସଗୃହ

ରାଜ୍ୟସରକାରଙ୍କର ସଂପୃକ୍ତ କର୍ତ୍ତୃପକ୍ଷ ସମ୍ବାଦ ପାଇବା ମାତ୍ରେ ଅବିଳମ୍ବେ ଘଟଣା ସ୍ଥଳକୁ ପରିଦର୍ଶନରେ ଯାଇ ଆବଶ୍ୟକ ସାହାଯ୍ୟ ଯୋଗାଇ ଦେଇଥିଲେ । ଏହାଛଡ଼ା ସେମାନେ ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକର ସହଯୋଗ ମଧ୍ୟ କାମନା କରିଥିଲେ । ସାମାଜିକ ଦାୟିତ୍ୱ ପ୍ରତି ସଚେତନ ଥିବା ଟାଟା ସଂଗଠନ ତାଙ୍କର ଟାଟା ଇସ୍ପାତ ଓ ଅନ୍ୟାନ୍ୟ ଶିଳ୍ପ ସଂଗଠନ, ସେମାନଙ୍କର ଦାତବ୍ୟ ସଂସ୍ଥା, ରିଲିଫ୍ କମିଟି ଓ ଗ୍ରାମ୍ୟ ଉନ୍ନୟନ ସମିତିଗୁଡ଼ିକ କରିଥାରେ ଓଡ଼ିଶାର ବନ୍ୟା ତଥା ମରୁଡ଼ିଗ୍ରସ୍ତ ଜନସାଧାରଣଙ୍କ ନିମନ୍ତେ ବ୍ୟାପକ ରିଲିଫ୍ ଓ ଥଇଥାନ ଆରମ୍ଭ କରି ଟାଟା ସାହାଯ୍ୟ କମିଟିଙ୍କ ଅଧ୍ୟକ୍ଷତାରେ ଗରିବ ଜନସାଧାରଣଙ୍କୁ ଉଦ୍ଧାର କରିବା ଦିଗରେ ବିଶେଷ ସହାୟକ ହୋଇପାରିଥିଲେ ।

ବିଭିନ୍ନ ଥଇଥାନ ପ୍ରସ୍ତାବଗୁଡ଼ିକ ସଂପର୍କରେ ରାଜ୍ୟ ସରକାରୀ କର୍ତ୍ତୃପକ୍ଷଙ୍କ ସହ ଆଳାପ ଆଲୋଚନା ହୋଇଥିଲା ଓ ପରିଶେଷରେ ୧୦ ହଜାର ଜନସଂଖ୍ୟା ବିଶିଷ୍ଟ କାଣ୍ଡାନଗର ଗ୍ରାମରେ ଥଇଥାନ କାର୍ଯ୍ୟ କରିବା ପାଇଁ ମନୋନୀତ କରାଯାଇଥିଲା ।

ଏଠାରେ ବିଭୀଷିକା ଏପରି ଭୟାବହ ତଥା ବ୍ୟାପକ ହୋଇଥିଲା ଯେ ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ଯଥେଷ୍ଟ ସମୟ ଲାଗିଥିଲା । ପରିଶେଷରେ ୧୮୬ଟି ବାସଗୃହ ନିର୍ମାଣ କରିବା ସକାଶେ ରାଜ୍ୟ ସରକାର ଟାଟା ରିଲିଫ୍ କମିଟିକୁ ୪'୩ ଏକର ଜମି ଯୋଗାଇ ଦେଇଥିଲେ ଏବଂ ଏହି କାର୍ଯ୍ୟ ୧୯୮୧ ଅପ୍ରେଲ ୨ ତାରିଖରେ ଆରମ୍ଭ କରାଯାଇଥିଲା ।

ଯୋଗାଯୋଗ ବ୍ୟାହତ ହେବା ସାଙ୍ଗକୁ କଣ୍ଡାମାଲର ଅଭାବ ବିଶେଷ ଅସୁବିଧା ସୃଷ୍ଟି କରିଥିଲା ।

ଏହା ବ୍ୟତୀତ ଜାମସେଦପୁର ଓ କଟକଠାରୁ କାଣ୍ଡା ନଗରର ଦୂରତ୍ୱ ଯଥାକ୍ରମେ ୬୯୦ ଓ ୩୬୦ କିଲୋମିଟର । ତେବେ ଯାହାହେଉ, କଣ୍ଡାମାଲ ଓ ଯୋଗାଯୋଗ ସମସ୍ୟା ଦୂରୀଭୂତ ହେଲା ଓ ନିର୍ମାଣ କାର୍ଯ୍ୟ ଖୁବ୍ ଜୋର ସୋରରେ ଚାଲିଥିଲା । ଇତ୍ୟବସରରେ ଏଅଞ୍ଚଳ ପୁନର୍ବାର ବାତ୍ୟା ଓ ବନ୍ୟାର ସମ୍ମୁଖୀନ ହୋଇଥିଲା ଏବଂ ଟାଟା ରିଲିଫ୍ କମିଟି ତାଙ୍କର ସ୍ଥାୟୀ ଥଇଥାନ କାର୍ଯ୍ୟ ଚାଲୁରଖି ସୁଦ୍ଧା ଅବିଳମ୍ବେ ରିଲିଫ୍ ଯୋଗାଇ ଦେଇଥିଲେ ।

ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିଲେ ସୁଦ୍ଧା, ସ୍ଥାନୀୟ ସରକାରୀ କର୍ତ୍ତୃପକ୍ଷଙ୍କ ସାହାଯ୍ୟ ସହଯୋଗକ୍ରମେ ଖୁବ୍ ଶୀଘ୍ର ସମସ୍ତ ଅସୁବିଧା ଦୂର ହୋଇଥିଲା । ସମୁଦାୟ ନିର୍ମାଣ କାର୍ଯ୍ୟ ଚଳିତ ବର୍ଷ ସେପ୍ଟେମ୍ବର ମାସ ସୁଦ୍ଧା ଅର୍ଥାତ୍ ନିର୍ଦ୍ଦିଷ୍ଟ ଭାବେ ପାଞ୍ଚମାସ ସମୟ ମଧ୍ୟରେ ଶେଷ ହୋଇଥିଲା । ସରକାରୀ ଚୁକ୍ତି ଅନୁଯାୟୀ ପ୍ରତ୍ୟେକ ବାସଗୃହ ଇଟା ନିର୍ମିତ, ଟାଇଲ ଛପର ଛାତ ଓ ଗୋବର ଲିପା ଚଟାଣ । ଗୋଟିଏ ବଖରା ଘର, ଗୋଟିଏ ରୋଷେଇ ଘର ଓ ବାରଣ୍ଡାଟିଏ ପ୍ରତ୍ୟେକ ଗୃହରେ ରହିଛି । ରାସ୍ତା ପାର୍ଶ୍ୱରେ ଓ ପ୍ରତ୍ୟେକ ବାସଗୃହ ସାମ୍ନାରେ ବୃକ୍ଷରୋପଣ ମଧ୍ୟ କରାଯିବ ।

ଓଡ଼ିଶାରେ ଟାଟା ରିଲିଫ୍ କମିଟି ଯେଉଁ ଆଶାନୁରୂପ ଥଇଥାନ, ପରିକଳ୍ପନା, (ମୋଟ ବ୍ୟୟ ବରାଦ ୧୫ ଲକ୍ଷ ଟଙ୍କା) ହାତକୁ ନେଇଛନ୍ତି, ତଦ୍ୱାରା ଗରିବ ଗ୍ରାମବାସୀମାନେ ନୂତନ ବାସଗୃହଗୁଡ଼ିକ ପାଇବା ସଙ୍ଗେ ସଙ୍ଗେ ପ୍ରକୃତିର କ୍ଷୁଧା ତାଡ଼ନାରୁ ସବୁଦିନ ପାଇଁ ରକ୍ଷା ପାଇବେ ଏବଂ ଗ୍ରାମ୍ୟ ଜୀବନର ମାନ ମଧ୍ୟ ବୃଦ୍ଧି ପାଇବ ।

ବଂଶଧାରା ଆଜି ଆଉ ଦିଗହରା ହୋଇ ନାହିଁ ।



# ଶ୍ରୀୟା ଓ ଶ୍ରୀମୟୀ

ଶ୍ରୀମତୀ କୃଷ୍ଣପ୍ରିୟା ଦାସ

> ସମାଜରେ ଜାତିଭେଦ ପ୍ରଥା ଲୋପ ତଥା ଅସ୍ପୃଶ୍ୟତା ନିରାକରଣ ସମ୍ପର୍କରେ ଗୁରୁତ୍ୱ ଆରୋପ କରାଯାଇଛି । ଜାତିର ଜନକ ମହାତ୍ମା ଗାନ୍ଧୀ ଏହା ଉପରେ ଜୋର ଦେଇଥିଲେ ଏବଂ ତଦନୁସାରେ ଭାରତ ଶାସନ ଏହାକୁ କାର୍ଯ୍ୟକାରୀ କରାଉଛନ୍ତି । କିନ୍ତୁ ଓଡ଼ିଶାରେ, ଜଗନ୍ନାଥଙ୍କ ମନ୍ଦିରରୁ ପ୍ରଥମେ କିପରି ଏହା ପ୍ରତିଷ୍ଠା କରାଯାଇଛି, ସେହି ପୁରାଣର ଆଖ୍ୟାୟିକାକୁ ଲେଖିକା ଏଠାରେ ଲିପିବଦ୍ଧ କରିଛନ୍ତି । ଓଡ଼ିଆର ପୁରପଲ୍ଲୀର ମାଣବସା ଓଷା ଏହି ଆଖ୍ୟାୟିକାକୁ ଭିତ୍ତି କରି ପାଳନ କରାଯାଇଥାଏ ।

ମାର୍ଗଶିର ମାସର ଆଦ୍ୟ ଗୁରୁବାର । ବଡ଼ ଦେଉଳରୁ ବିଜେକଲେ ରାଗ୍ୟ ଦେବୀଲକ୍ଷ୍ମୀ । ଶ୍ରୀ ଜଗନ୍ନାଥଙ୍କଠାରୁ ଅନୁମତି ନେଇ ସେ ଆଗେଇଲେ ଜଗତ ପାଳନ ପାଇଁ । ରାତ୍ରିର ଶେଷ ପ୍ରହରରେ ଶ୍ରୀମୟୀ ଲକ୍ଷ୍ମୀ ଲକ୍ଷ୍ୟ କଲେ ପାରିପାର୍ଶ୍ୱିକ ପରିଚ୍ଛନ୍ନତାର ପବିତ୍ର ବିଧାନ ପ୍ରତି ମଣିଷ ଯେମିତି ବୀତସ୍ପୃହ । ଅଳସ ବିଳାସରେ ସେ ଅତିବାହିତ କରୁଛି ଦେବ ଦୁର୍ଲଭ ମଣିଷ ଜୀବନ । ବ୍ରାହ୍ମ ମୁହୂର୍ତ୍ତର ଶୁଚିତା ପ୍ରତି ତାର ଶ୍ରଦ୍ଧା ନାହିଁ । ଉଦୟ ସୂର୍ଯ୍ୟର ଆଦ୍ୟ ଅନୁରାଗ ତା' ଅନ୍ତରରେ ଭରି ଦେଉ ନାହିଁ ଆନନ୍ଦ ଓ ଆଗ୍ରହର ଜୁଆର ; ଭକ୍ତିର ମୃଦୁ ସଂଗୀତ ।

ଘର ପରେ ଘର, କୁଟୀର ପରେ କୁଟୀର ଅତିକ୍ରମ କରି ଜଗତପାଳିନୀ ଅଗ୍ରସର ହେଉଥିବା ସମୟରେ ଗୋମୟ ଲିପା ପିଠଉ ଝୋଟି ଉପରେ ତାଙ୍କର ଆଖି ଅଟକିଗଲା । ସତେକି ଗୋଟିଏ କୁଟୀର ଦ୍ୱାରରେ ଲେଖା ଥିଲା ପ୍ରେମର ସ୍ୱାଗତିକା । ଗଦ୍ ଗଦ୍ କଣ୍ଠରେ ଶ୍ରୀୟା କହିଲା—ବିନୟ ଘେନା କର ମା ! ପିଠଉର ପଦ୍ମ ଲତାରେ ଅଙ୍କାଡ଼ି ଦିଅ ପବିତ୍ର ପଦରଜ ! ତୁମେ ସରା ପାବନକାରିଣୀ ପରାଶକ୍ତି, ଜୀବନ ମୋର ଧନ୍ୟ କର ମା !

ଦେବୀ ତା'ର କୁଟୀର ମଣ୍ଡନ କଲେ । ଶୁଦ୍ଧ ଭକ୍ତିରେ ସିନ୍ଧୁ ସୁତାଙ୍କ ପାଦ ବନ୍ଦନା କଲା ଶ୍ରୀୟା । କୃତ୍ୟ କୃତ୍ୟ ହୋଇ ଲକ୍ଷ୍ମୀଙ୍କ ପାଦପଙ୍କଜରେ ଝରାଇଲା ଅବାରିତ ଆନନ୍ଦାଶ୍ରୁ । ସେ ଯେ ପୂଜା ଜାଣିନି, ମନ୍ତ୍ର ଜାଣିନି, ଜାଣିନାହିଁ ଆବାହନ କିମ୍ବା ବିସର୍ଜନ । ତଥାପି ଆକୁଳ ଭକ୍ତିରେ କହି ଗଲିଲା—ମୁଁ ଅଛବ, ମୋର ପୂଜାର ଅଧିକାର ନାହିଁ । ହେ କରୁଣାମୟୀ ଚଣ୍ଡାଳ ଘରେ ଚରଣ ଥୋଇ ତୁମେ ଯେଉଁ କୃପା ସଂପଦ ଅବାଢ଼ିଲ ତାହା ମୋର ହୃଦୟରେ ଚିରକାଳ ଝଳୁଥିବ ।

ମହାଲକ୍ଷ୍ମୀ କହିଲେ : "ତୋର ନିର୍ମଳ ଭକ୍ତି ଉତ୍ତମ ଆଚରଣ ଦେଖି ମୁଁ ମୁଗ୍ଧ ହୋଇଛି । ତୁ ଯେଉଁ ବର ମାଗିବୁ ଅକୁଣ୍ଠିତ ଚିତ୍ତରେ ମୁଁ ତାହା ପ୍ରଦାନ କରିବି ।"

ଦେବୀଙ୍କର ମଧୁବୋଳା ଆଶ୍ୱାସନା ଶୁଣି ଶ୍ରୀୟା କହିଲା—"ନିହାତି ଅଧମ, ଅବଳା ମୁଁ । କି ବର ମାଗିବି ମୁଁ କିଛି ଭାବି ପାରୁ ନାହିଁ । ତୁମକୁ ପାଇ ମୁଁ ସବୁ କିଛି ପାଇଛି । କୃପା କରି ଏହି ଦରିଦ୍ର କୁଟୀରକୁ 'ତୁମର ପଦରଜର ପବିତ୍ର ସ୍ପର୍ଶରେ ଧନ୍ୟ କର" ।

ଶ୍ରୀୟାର ଭକ୍ତିରେ ପ୍ରସନ୍ନା ହୋଇ ଦେବୀ କହିଲେ—"ତଥାସ୍ତୁ ଏବଂ ଅନ୍ତର୍ଦ୍ଧାନ ହେଲେ । ଶ୍ରୀୟା ତନ୍ମୟ ହେଉଥିଲା । ଲକ୍ଷ୍ମୀ ବାହୁଡ଼ିଲେ ଶ୍ରୀମନ୍ଦିରକୁ । କିନ୍ତୁ ଏ କ'ଣ ? ଶ୍ରୀମନ୍ଦିର ସିଂହଦ୍ୱାରରେ ବସିଥିଲେ କଳାବଦନ । ଲକ୍ଷ୍ମୀଙ୍କର କଙ୍କଣ, କିଙ୍କିଣୀ, ନୂପୁର ନିନାଦ ଶୁଣି ଜଣେଇ ପୁଚ୍ଛିଲେ ଜଗନ୍ନାଥ । ଲକ୍ଷ୍ମୀ ହାତଠାରି ଜଣାଇଲେ ବଡ଼ସାଆନ୍ତଙ୍କୁ ଟିକେ ଆଡ଼ ହେବା ପାଇଁ ଅନୁରୋଧ କରିବାକୁ ।

ଶ୍ରୀମୁଖ ଫେରାଇ ଜଗନ୍ନାଥ କହିଲେ—ନା ଲକ୍ଷ୍ମୀ—ତୁମର ଆଉ ଏତେ କଷ୍ଟ କରିବା ଦରକାର ନାହିଁ । ଆମ ଘର କଥା ଆମେ ବୁଝିବୁ । ଏ ଶ୍ରୀମନ୍ଦିର ଓ ଜଗମୋହନ ସବୁ ଦିନ ପାଇଁ ତୁମକୁ ମନା ହୋଇଛି ।

କାରଣ ଜାଣି ପାରିଲେ କମଳା । ଚଣ୍ଡାଳୁଣୀ ହାତରୁ ନୈବେଦ୍ୟ ଗ୍ରହଣ ଅମାର୍ଜନୀୟ ଅପରାଧ ! ରୁଦ୍ଧ କଣ୍ଠରେ ଲକ୍ଷ୍ମୀ କଳାବଦନଙ୍କୁ ବୁଝାଇଲେ ଶ୍ରୀୟାର ଭକ୍ତି କେତେ ନିବିଡ଼, କେତେ ସାନ୍ଦ୍ର । ଚକାଡୋଳାଙ୍କ ଆଖି ରକ୍ତବର୍ଣ୍ଣ ଧାରଣ କଲା । ସେ କହିଲେ—ଆମର ନ୍ୟାୟ ଅନ୍ୟାୟ ବାଛି ଉପଦେଶ ଦେବାର ଅଧିକାର ତୁମର ନାହିଁ । ବଡ଼ ଭାଇଙ୍କ ଆଜ୍ଞାକୁ ଅମାନ୍ୟ କରିବା ପରି ଧୃଷ୍ଟତା ମୋର ନାହିଁ । ତେଣୁ ମୋର ମତାମତକୁ ଅପେକ୍ଷା ନ କରି ତୁମେ ତୁମର ପଥ ଦେଖ ।

ଶ୍ରୀମନ୍ଦିର ହେଲା ଶ୍ରୀହୀନ । ତିନି ଧୂପ, ଷୋଳି ଅବକାଶର ବେଳ ଗଡ଼ିଗଲା । ଜନଶୂନ୍ୟ ମନ୍ଦିରରେ ଅପେକ୍ଷା କରି ରାତି ପାହିଲା । ଦୁଇ ଭାଇଙ୍କୁ ଶ୍ରୀମୁଖ ପଖାଳିବା ପାଇଁ ପାଣି ଟୋପାଏ ମଧ୍ୟ ମିଳିଲା ନାହିଁ । କ୍ଷୁଧା ତୃଷାର ବିଷମ ତାଡ଼ନାରେ ପଡ଼ି ସେମାନେ ପଦ୍ମ ସରୋବର ଆଡ଼କୁ ଅଗ୍ରସର ହେଲେ । କିନ୍ତୁ ପଦ୍ମସର ପଙ୍କସରରେ ରୂପାନ୍ତରିତ ହେଲା । ବଡ଼ ପଣ୍ଡା ଉଆସରେ ଘୁରିଥିଲା ବେଦଧ୍ୱନି । ପଣ୍ଡିଆଣୀ ଅନ୍ନ ଆୟୋଜନ ପାଇଁ ଉଦ୍ୟମ କରିବାରୁ ତାର ହାଣ୍ଡି ଭଙ୍ଗିଗଲା । ଲକ୍ଷ୍ମୀଦ୍ରୋହୀ ପୁରୁଷଙ୍କୁ ଛି'କରି ସେ କିଚରା କବାଟ ବନ୍ଦ କଲା ।

ଅଗତ୍ୟା ଏକ ନବନିର୍ମିତ ଅଟ୍ଟାଳିକା ଦେଖି ଦୁଇ ଭାଇ ମହୋଦଧି କୂଳର ତପ୍ତ ବାଲୁକା ଅତିକ୍ରମ କରି ସେଠାରେ ଉପସ୍ଥିତ ହେଲେ । କ୍ଳାନ୍ତ ପାଦ ଆଉ ଯେମିତି ଆଗକୁ ବଢ଼ାଇବା ସଂଭବ ନ ଥିଲା । ଅବିରତ ଅନ୍ନଦାନ ଚାଲିଛି, ଆନନ୍ଦ ଉଲ୍ଲାସ ଲାଗି ରହିଛି । ମର୍ତ୍ତ୍ୟରେ ଏ କଣ ଇନ୍ଦ୍ରପୁରୀ ନା କୁବେରପୁରୀ ? ଏମିତି ଚିନ୍ତା କରି ଦୁଇ ଭାଇ ବେଦ ପାଠ କଲେ । ବେଦ ଧ୍ୱନି ଶୁଣି ରତ୍ନ ପଲଙ୍କରେ କମଳାଙ୍କର ନିଦ୍ରା ଭଙ୍ଗ ହେଲା । ଜାନ ଡେରିଲେ କମଳା । ଏ ତ ସେହି ଦିବ୍ୟ ଧ୍ୱନି, ସେହି ଦିବ୍ୟ ସ୍ୱର ।

ଦେବୀ ଦାସୀକୁ ପଠାଇଲେ ପାଛୋଟି ଆଣିବା ପାଇଁ ବେଦଜ୍ଞ ବିପ୍ରଙ୍କୁ । ଦାସୀ ଠିକ୍ ଚିହ୍ନି ପାରିଲା ସାଆନ୍ତମାନଙ୍କୁ । ଦୌଡ଼ି ଦୌଡ଼ି ଆସି ଲକ୍ଷ୍ମୀ ସାଆନ୍ତାଣୀଙ୍କୁ କହିଲା, "ସାଆନ୍ତମାନେ ଭିକ ମାଗିଲେଣି ମା । ବିନା ଦୋଷରେ ମା ସାଆନ୍ତାଣୀଙ୍କୁ......" ।

"ଚୁପ୍‌କର । ସେମାନେ ଆମର ପ୍ରଭୁ । ମୁଁ ତାଙ୍କର ଦାସୀ ।" ଲକ୍ଷ୍ମୀ ଆକଟ କରି କହିଲେ । ଦାସୀକୁ ପଠାଇଲେ ଚଣ୍ଡାଳ ଘରର ଦ୍ରବ୍ୟ ମହାପ୍ରଭୁ ଗ୍ରହଣ କରିବେ କି ନାହିଁ ବୁଝିବା ପାଇଁ ।

ଦାସୀ ଫେରି ଆସି ଜଣାଇଲା—ସେମାନେ କହିଲେ ନୂଆ ହାଣ୍ଡି ନୂଆ ସଞ୍ଚା ଦେଲେ ନିଜ ହାତରେ ରୋଷେଇ କରିବେ ।

ସରଞ୍ଜାମ ଯୋଗାଇ ଦିଆଗଲା । ପରିସ୍ଥିତି ଅନୁଧ୍ୟାନ କରି ଲକ୍ଷ୍ମୀ ଅଗ୍ନି ଦେବତାଙ୍କୁ ସ୍ମରଣ କଲେ । ନାରୀମାନେ କଳିଯୁଗରେ ଉପେକ୍ଷିତ ହେବେ ସେହି ଆଶଙ୍କାରେ ସେ ଅଗ୍ନିଙ୍କୁ ଅନୁରୋଧ କଲେ ତେଜସ୍ୱୀ ନ ହେବା ପାଇଁ, ଇନ୍ଧନ ପ୍ରଜ୍ୱଳିତ ନ କରିବା ପାଇଁ ।

"ହେ ଅଗ୍ନିଦେବ, ଭୋକ ଉପାସରେ କଷ୍ଟ ପାଇ ମଧ୍ୟ ଦେବତାମାନେ ମନରୁ ଭେଦଭାବ ତ୍ୟାଗ କରି ନାହାନ୍ତି, ସେ ନିଜେ ରାନ୍ଧି ମଣୋହି କରିବେ । ଯଦି ଜଗନ୍ନାଥ ଏପରି ହେବେ ଅନ୍ୟ ପୁରୁଷମାନେ ନାରୀଙ୍କୁ କି ମର୍ଯ୍ୟାଦା ଦେବେ ?"

ମାଆଙ୍କ ହାତରୁ ଅଗ୍ନି ବର୍ତ୍ତିକା ଲିଭିଗଲା । ଅନ୍ତରାଳରୁ କିଏବା କହିଲା, "ତଥାସ୍ତୁ" । ଲକ୍ଷ୍ମୀ ଆଶ୍ୱସ୍ତ ହେଲେ । ଆଉ ଥରେ ଦାସୀ ବାହୁଡ଼ି ଆସି ଜଣାଇଲା, "ମା ସେମାନେ ହାଣ୍ଡି ଫୋପାଡ଼ି ଦେଲେ । କହିଲେ ଜାତି ଯାଉ ପଛକେ ଆମକୁ ଗଣ୍ଡିଏ ଭାତ ଦିଅ । କ୍ଷୁଧାର ଦାଉ ପ୍ରଚଣ୍ଡ ହେଲଣି ।"

ବଳଭଦ୍ରଙ୍କ ମନରେ ସନ୍ଦେହର ଛାପ । ଜଗନ୍ନାଥ କିନ୍ତୁ ସାନ୍ତ୍ୱନା ଦେଉଥିଲେ ଅଗ୍ରଜଙ୍କୁ । ନିମିଷକେ ଦିବ୍ୟ ଭୋଜନ ପ୍ରସ୍ତୁତ ହେଲା । ଷଡ଼ରସ ଅନ୍ନ ବ୍ୟଞ୍ଜନ ସୌରଭ କ୍ଷୁଧାକୁ ଦ୍ୱିଗୁଣିତ କଲା । ଶେଷରେ ପରିବେଷଣ କରାଗଲା ଛେନା ପଣା, ପଇଡ଼, ପୋଡ଼ପିଠା । ନୀଳାମ୍ବର ତୃପ୍ତ ହୋଇ ଜଗନ୍ନାଥଙ୍କୁ କହିଲେ—"ଏ ତ ଲକ୍ଷ୍ମୀଙ୍କ ପାକ ପରି ଲାଗୁଛି ।"

ଶେଷରେ ହାର ମାନିଲେ ଅନ୍ତର୍ଯ୍ୟାମୀ, ବଳଭଦ୍ର ପ୍ରତ୍ୟାହାର କଲେ ନିଷେଧାଜ୍ଞା । ଠାକୁରାଣୀଙ୍କୁ ଦୋଷମୁକ୍ତ ବୋଲି ଘୋଷଣା କଲେ ଏବଂ ସ୍ୱାଗତ କଲେ ଶ୍ରୀମନ୍ଦିରକୁ ।

ସାମ୍ୟ, ମୈତ୍ରୀର ଦିବ୍ୟ ପରଂପରା ପ୍ରବର୍ତ୍ତିତ ହେଲା । ଶ୍ରୀମନ୍ଦିରରେ ଶୂଦ୍ରାଦ୍ର, ବ୍ରାହ୍ମଣର ଭେଦାଭେଦ ରହିଲା ନାହିଁ । ମାର୍ଗଶିର ଗୁରୁବାରରେ ପୁରେ ପୁରେ ପୂଜିତା ମହାଲକ୍ଷ୍ମୀ ଶ୍ରୀୟାର ଭକ୍ତି ପ୍ରସଙ୍ଗ ସଂସ୍ମରଣରେ ସନ୍ତୁଷ୍ଟ ହେଲେ, ପ୍ରୀତ ହେଲେ, ବରଦାୟିନୀ ହେଲେ ।

ଗଜପତି ନଗର,
କୃଷ୍ଣା କୁଟୀର, ପୁରୀ ।

○○○

ପ୍ରଗତିର ପ୍ରଧାନ ଶତ୍ରୁ ହେଉଛି ବିଳମ୍ବ । ଯେଉଁ କାମ ଆମେ ଆଜି କରିବାର କଥା, ତାହାକୁ ଛ'ମାସ ବିଳମ୍ବରେ କଲେ, ଦେଶର ପ୍ରଗତି ସବୁ ଦୃଷ୍ଟିରୁ ବାଧାପ୍ରାପ୍ତ ହେବ ।

ଜାନକୀ ବଲ୍ଲଭ ପଟ୍ଟନାୟକ

# "ମୁଁ"ରୁ "ଆମେ"କୁ: ଚକା ଚକା ଭଉଁରୀ

ପ୍ରହରାଜ ସତ୍ୟନାରାୟଣ ନନ୍ଦ

ଗୋଟିଏ କେନ୍ଦ୍ରରୁ ମଣିଷ ଗୋଟିଏ ବୃତ୍ତ ଅଙ୍କନ କରେ —କିନ୍ତୁ ସେଇ ଅଙ୍କନର ଆଦ୍ୟ ପ୍ରୟାସ ବ୍ୟର୍ଥ ହୁଏ ଶୈଶବରେ— ମନସ୍ତାତ୍ତ୍ୱିକମାନେ କହନ୍ତି ପରିବେଶ, ପିତାମାତା ଓ ବିଦ୍ୟାଳୟ ଶିଶୁର ଭବିଷ୍ୟତ ଜୀବନକୁ ପ୍ରଭାବିତ କରନ୍ତି—ଆମର ସାଂସ୍କୃତିକ ପଟ୍ଟଭୂମି ସଂପର୍କରେ ଶିଶୁମାନେ ଯଦି ଅବହିତ ରହନ୍ତି ଅହଂ—ସର୍ବସ୍ୱ 'ମୁଁ' ରୁ ସେମାନେ ଅହରହ ଆଗେଇ ଚାଲିବେ ବିଶ୍ୱଜୀବନର ମହାକାଶ ସନ୍ଧାନରେ..................

ଚକା ଭଉଁରୀ ଖେଳିବା ବେଳେ ପିଲାମାନେ ଯେଉଁ ବୃତ୍ତ ଆଙ୍କନ୍ତି ତାର ବ୍ୟାସାର୍ଦ୍ଧ ବା ପରିଧି କେହି ମନେ ରଖନ୍ତି ନାହିଁ । ପାଣିରେ ଗାର ପରି ମନରେ ନିଶ୍ଚିହ୍ନ ହୁଏ ସେହି ବୃତ୍ତର ବିନ୍ଦୁ, ବ୍ୟାସ ଓ ବ୍ୟାପ୍ତି । କିନ୍ତୁ ସେହି ବୃତ୍ତକୁ କିଏ ଯଦି ଅନ୍ତର୍ଦୃଷ୍ଟିରେ ନିରୀକ୍ଷଣ କରେ, କିଏ ଯଦି ୱାର୍ଡସ୍‌ୱାର୍ଥ ନିକାଞ୍ଚନରେ ଡେଫୋଡ଼ିଲ୍‌କୁ ସ୍ମରଣ କରିବା ପରି ସୂର୍ଯ୍ୟ ଚାରିପଟେ ପୃଥିବୀର ପରିକ୍ରମା, ପୃଥିବୀ ଚାରିପଟେ ଚନ୍ଦ୍ରର ପରିକ୍ରମା ଏବଂ ଘାସଫୁଲ ଚାରିପଟେ ପ୍ରଜାପତିର ପରିକ୍ରମାକୁ ସମୀକ୍ଷା କରେ ସେ ବେଶ୍ ବୁଝି ପାରିବ ଚକା ଭଉଁରୀର ତାତ୍ପର୍ଯ୍ୟ । ଏଇ ଭଉଁରୀ ସୃଷ୍ଟି ହୁଏ ପାଣି, ପବନ, ମାଟି, ନିଆଁ ଓ ଆକାଶର ସମନ୍ୱୟରେ; ନିଜକୁ କେନ୍ଦ୍ର କରି ସେ ଘୂରୁଥାଏ ପରିଧି ଛୁଇଁବା ଯାଏ, ଆରମ୍ଭରୁ ଶେଷଯାଏ ।

ପୁଣି ଭଦୁଭଦିଆ ଖରାବେଳେ ବା ଛାଇ ଲେଉଟାଣି ସଞ୍ଜ ବେଳେ ଦେଉଳ ଝଙ୍କାଳିଆ ବରଗଛ ତଳେ ପିଲାମାନେ ଯେତେବେଳେ ଆଖି ବୁଜି ନିଜ ଚାରିପଟେ ଘୂରନ୍ତି ସେମାନଙ୍କ ଅଜାଣତରେ ଉଚ୍ଚାରିତ ହୁଏ "ଆଖିନାହିଁ, କାନନାହିଁ ବାଜି ଗଲେ ଦୋଷ ନାହିଁ" । ଆଖି ଖୋଲି ସୁନ୍ଦର ପୃଥିବୀର ପ୍ରାଙ୍ଗଣରେ ଚକାଭଉଁରୀ ଖେଳୁଥିବା ପିଲା ଏବଂ ଆଖି ବନ୍ଦ କରି ବୃତ୍ତ ଆଙ୍କୁଥିବା ପିଲା ପ୍ରତୀକାତ୍ମକ ଭାବରେ ଦୁଇଟି ଭିନ୍ନ ବୃତ୍ତ ଅଙ୍କନ କରନ୍ତି । ଗୋଟିଏ ବ୍ୟକ୍ତି-ବୃତ୍ତ, ଅନ୍ୟଟି ବିଶ୍ୱବୃତ୍ତ । କିନ୍ତୁ ବ୍ୟକ୍ତିସତ୍ତାର ବୃତ୍ତକୁ ଯିଏ ବିଶ୍ୱବୃତ୍ତରେ ବିସ୍ତାରିତ ଓ ରୂପାନ୍ତରିତ କରେ ତା'ର ଚକା ଭଉଁରୀ ଖେଳ ସାର୍ଥକ ହୁଏ ।

ସେଇ ଧୂଳିଧୂସରିଆ ପିଲା ଗୋଧୂଳି ବାଙ୍କରେ କେଳି-ମାକୁ ଛୁଇଁଦେଇ ଦୌଡ଼ିଯାଏ ଗାଆଁ ଗୋହିରୀର ଏମୁଣ୍ଡରୁ ସେମୁଣ୍ଡକୁ: ଟିକିଏ ଫେରି ଚାହେଁ, ଥକି ପଡ଼ିବା ଭଳି ଅଟକି ଯାଏ, କାହାକୁ ଚିହ୍ନି ପାରିବା ଭଳି ଖିଲ୍ ଖିଲ୍ ହସିଦିଏ ଏବଂ ନିମିଷକେ ଲେଉଟି ଆସେ ବୁଢ଼ୀର ପଣତ କାନି ଛୁଇଁ ଦେବାକୁ । ଏମିତି ତାର ଗତିର ଗଣିତ ଦେଖା ଅଦେଖାରେ ଲେଖା ହୁଏ ପୃଥିବୀର ଧୂସର ପୃଷ୍ଠାରେ ।

ସିଏ ଯେଉଁମାନେ ଚାଲିଗଲେ, ଯେଉଁମାନେ ଆଙ୍କି-ଗଲେ କେତେ ବିଚିତ୍ର ବୃତ୍ତ ବିଶ୍ୱର ବଡ଼ଦାଣ୍ଡରେ, ତାରା ପରି ହଜିଗଲେ ସମୟର ମେଘ ଅନ୍ଧାରରେ, ଯେଉଁମାନେ ଲୁଚିଗଲେ ବିସ୍ମୃତିର ଆଖିପତା ତଳେ, ସୂର୍ଯ୍ୟର ଢଳ ଢଳ ଦର୍ପଣ ଆଢୁଆଳରେ, ଝଙ୍କାଳିଆ ଦିଅଁଡ଼ିନଟାରେ ସେମାନେ କେଉଁଠୁ ଆସିଥିଲେ ଯେ ? କେଉଁଠି ରଖିଗଲେ ନିଜ ଗତିର ସ୍ୱାକ୍ଷର, ଆଜି ଚକା ଭଉଁରୀ ଆଙ୍କୁଥିବା ଅଭିଳ ପାଦର ଶିଶୁ ପାଇଁ କେଉଁ ଅଭୟ ଉର୍ଜିତ ? ଇତିହାସ ବାଲିରେ ସୁନାକଠଉର ଝାପ୍‌ସା ଚିହ୍ନ ।

ମହାମାନବର ସାଗର କୂଳରେ ନାଚି ନାଚି ସେଦିନ ଯେଉଁ ଢେଉଟି ଅଟକିଗଲା ସେ କଣ ମନୁ.. ଅଖିଳ ମାନବ ଜାତି ଯାହାଙ୍କର ଦାୟାଦ । ପ୍ରଥମ ଯାଜ୍ଞିକ, ପ୍ରଥମ ଧର୍ମ ପ୍ରବକ୍ତା, ନିୟମ ପ୍ରଣେତା । ସେ କ'ଣ ମାର୍କଣ୍ଡେୟ ? ତ୍ରିକାଳଦ୍ରଷ୍ଟା, ବ୍ରହ୍ମବେତ୍ତା । ମର୍କଣ୍ଡୁ ଓ ମରୁଦ୍ୱତୀଙ୍କ ସନ୍ତାନ । ମୃତ୍ୟୁଞ୍ଜୟୀ, ଶିବାଶ୍ରିତ ପରମ ଭକ୍ତ ପ୍ରଳୟ ପୟୋଧିରେ ଭାସମାନ ଶ୍ରୀନଟ ବଟପତ୍ର । ସେ କ'ଣ ଦେବର୍ଷି ନାରଦ ? ଯାହାଙ୍କର ମେଳହାତରେ ଝଂକୃତ ଆତ୍ମାର ବୀଣା । ଯାହାଙ୍କ ନିଶ୍ୱାସରେ ଧ୍ୱନିତ ନାରାୟଣ ମନ୍ତ୍ର । ସେ କଣ ଗୌତମ ? ଅଖଣ୍ଡ ବ୍ରହ୍ମଚର୍ଯ୍ୟର ତେଜରେ ଭାସ୍ୱର । ବ୍ରହ୍ମଜ୍ଞାନୀ ବଶିଷ୍ଠ ? ମହର୍ଷି ପରାଶର ? କଶ୍ୟପ, ଭୃଗୁ, ଅଗସ୍ତ୍ୟ, ଚ୍ୟବନ ? ବ୍ୟାସ, ବାଲ୍ମୀକି, ଯାଜ୍ଞବଲ୍‌କ୍ୟ ? ରାମ, କୃଷ୍ଣ, ବୁଦ୍ଧ, ଯୀଶୁ, ଜୋରାଷ୍ଟର, ମହମ୍ମଦ ? ଶଙ୍କର, ମାଧ୍ୱ, ରାମାନୁଜ ? ଦୟାନନ୍ଦ, ରାମମୋହନ, ବିବେକାନନ୍ଦ ? ଗାନ୍ଧୀ, ଅରବିନ୍ଦ ଗୋଖଲେ, ଶାସ୍ତ୍ରୀ, ନେହେରୁ ? ମଧୁ, ଗୋପବନ୍ଧୁ ?

ସମୟର ଚକାଭଉଁରୀ ଯେଉଁମାନଙ୍କୁ ବୁଡ଼ାଇପାରିନି ସେଇ ତାରାର ଆଲୁଅରେ ଯଦି ଦୀପ୍ତ ହୁଏ ମନ ତୀରଭୂମିରେ ଝଟକିବ ମୂଲ୍ୟବୋଧର ମୁକ୍ତା ଉପକୂଳର ଧାଡ଼େ ଧାଡ଼େ । ବିସ୍ମୃତିର ବୃନ୍ତକଙ୍କ ଆଡ଼େଇ ବଢ଼ିଲା ପାଦରେ ସେମାନେ ଆଗେଇ ଯିବେ କେନ୍ଦ୍ରକୁ ଛୁଇଁ ଚକା ଭଉଁରୀ ଆଙ୍କିବା ପାଇଁ ।

ବିନ୍ଦୁରୁ ସିନ୍ଧୁରେ ପ୍ରକଟିତ କରିବା ପାଇଁ । ବିବେକାନନ୍ଦଙ୍କ ଭାଷାରେ ସେହି ରୂପାନ୍ତରର ଆହ୍ଳାଦ ଏହିପରି ପ୍ରକାଶ ପାଇଛି ।

"ମୁଁ ଯେ ଭାରତ, ମୁଁ ଯେ ସମଗ୍ର ଭାରତବର୍ଷ ମୋତେ ଏହା ଅନୁଭବ କରିବାକୁ ଦିଅ । ଭାରତବର୍ଷ ମୋର ଶରୀର, କୁମାରୀକା ମୋର ପାଦ, ହିମାଳୟ ମୋର ମସ୍ତକ । ମୋର କେଶରୁ ପ୍ରବାହିତ ହେଉଛନ୍ତି ଗଙ୍ଗା, ମସ୍ତକରୁ ବ୍ରହ୍ମପୁତ୍ର ଓ ସିନ୍ଧୁ । ବିନ୍ଧ୍ୟାଚଳ ମୋର କମରବନ୍ଧ.........ମୋର ପ୍ରେମ ବିଶ୍ୱଜନୀନ । ହଁ–ମୋ ଦେହର ଭଙ୍ଗିମା ଏହପରି । ମୁଁ ଜାଗ୍ରତ ରହିଛି ଏବଂ ଅସୀମ ମହାକାଶକୁ ନିରୀକ୍ଷଣ କରୁଛି । କିନ୍ତୁ ମୋର ଅନ୍ତରାତ୍ମା ସବୁରି ମଧ୍ୟରେ ଥିବା ଆତ୍ମା । ଶୋଇବା ବେଳେ ମୁଁ ଅନୁଭବ କରୁଛି ଭାରତବର୍ଷ ଶୋଉଛି । ନିଃଶ୍ୱାସ ନେବା ସମୟରେ ମୁଁ ଜାଣୁଛି ଭାରତ ନିଃଶ୍ୱାସ ନେଉଛି । ମୁଁ କଥା କହିବା ବେଳେ ଭାରତ କଥା କହୁଛି । ମୁଁ ଭାରତ, ମୁଁ ଶଙ୍କର, ମୁଁ ଶିବ ।"

## ନୂତନ ଶିଳ୍ପ କାରଖାନାରେ ୯ ଲକ୍ଷ ୯୦ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ନିଯୁକ୍ତି ପାଇଲେଣି

କେନ୍ଦ୍ରୀୟ ସହାୟତାରେ କାର୍ଯ୍ୟକାରୀ ହେଉଥିବା ବୃହତ୍ ଶିଳ୍ପାନୁଷ୍ଠାନଗୁଡ଼ିକ ବ୍ୟତୀତ ଆଭ୍ୟନ୍ତରୀଣ ସମ୍ବଳ ବିନିଯୋଗକରି ମୋଟ୍ ୪୯ଟି ବୃହତ୍ ଓ ମଧ୍ୟମ ଶିଳ୍ପ, ୨୧୯୨ଟି କ୍ଷୁଦ୍ର ଶିଳ୍ପ ଏବଂ ୩୭,୮୧୪ଟି ଗ୍ରାମ୍ୟ ଶିଳ୍ପ ପ୍ରତିଷ୍ଠିତ ହୋଇ ସାରିଲେଣି ବୋଲି ମୁଖ୍ୟ ମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରକାଶ କରିଛନ୍ତି ।

କଟକ ଜିଲ୍ଲା ତିର୍ତ୍ତୋଲ ବ୍ଲକ୍‌ର ନାଉସରାଠାରେ ଶ୍ରୀ ଶାରଳା ବୁଣାକାର ସମବାୟ ସୂତାକଳର ଶିଳାନ୍ୟାସକରି ଡିସେମ୍ବର ୯ ତାରିଖ ସନ୍ଧ୍ୟାରେ ଶ୍ରୀ ପଟ୍ଟନାୟକ କହିଲେ ଯେ ସମ୍ପୂର୍ଣ୍ଣ ହୋଇଥିବା ବୃହତ୍ ଓ ମଧ୍ୟମ ଶିଳ୍ପଗୁଡ଼ିକରେ ୩୦ ହଜାର ଲୋକ, କ୍ଷୁଦ୍ର ଶିଳ୍ପଗୁଡ଼ିକରେ ୧୭ ହଜାର ଲୋକ ଏବଂ ଗ୍ରାମ୍ୟ ଶିଳ୍ପ ଗୁଡ଼ିକରେ ୬୩,୬୦୫ ଜଣ ଲୋକ ବିଭିନ୍ନ କର୍ମ ନିଯୁକ୍ତି ପାଇଛନ୍ତି । ବୃହତ୍ ଓ ମଧ୍ୟମ ଶିଳ୍ପ ଗୁଡ଼ିକରେ ୨୦୦ କୋଟି ଟଙ୍କା ବିନିଯୋଗ ହୋଇଛି ବୋଲି ସୂଚନା ଦେଇ ସେ କହିଲେ ଯେ ୮୦୦ କୋଟି ଟଙ୍କା ବିନିଯୋଗରେ ଅନ୍ୟ ୪୦ଟି ବୃହତ୍, ୧୧୮ଟି ମଧ୍ୟମ ଓ ୪ଟି ସମବାୟ ଶିଳ୍ପ ସଂସ୍ଥା ନିର୍ମାଣାଧୀନ ଅଛି । ଏଗୁଡ଼ିକ ସଂପୂର୍ଣ୍ଣ ହେଲେ ଅଧିକ ୪୦ହଜାର ଲୋକଙ୍କୁ କର୍ମ ନିଯୁକ୍ତି ଦିଆଯାଇ ପାରିବ । ଏହା ବ୍ୟତୀତ ଚଳିତ ଆର୍ଥିକ ବର୍ଷରେ ଆଉ ୪୦ ହଜାର କୁଟୀର ଶିଳ୍ପ ପ୍ରତିଷ୍ଠା କରିବା ଲକ୍ଷ୍ୟ ରହିଛି ।

ଏହି ଉତ୍ସବରେ ଶିଳ୍ପ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ କିଶୋର ଚନ୍ଦ୍ର ପଟେଲ ଉଦ୍‌ବୋଧନ ଦେଇ କହିଲେ ଯେ ୮ କୋଟି ୩୦ ଲକ୍ଷ ଟଙ୍କା ବିନିଯୋଗରେ ପରିକଳ୍ପିତ ତିର୍ତ୍ତୋଲର ଏହି ସୂତାକଳର ନିର୍ମାଣ କାର୍ଯ୍ୟ ଆସନ୍ତା ମାସରେ ଆରମ୍ଭ ହୋଇ ୧୯୮୫ ମସିହା ଜାନୁଆରୀ ସୁଦ୍ଧା ସଂପୂର୍ଣ୍ଣ ହେବ ଏବଂ ଏଥିରେ ୧,୨୦୦ ଲୋକ କର୍ମ ନିଯୁକ୍ତି ପାଇବେ । ଏହି କଳରୁ ବାର୍ଷିକ ପ୍ରାୟ ୭ କୋଟି ଟଙ୍କା ମୂଲ୍ୟର ସୂତା ଉତ୍ପାଦିତହୋଇ ପାରିବ ।

ପୂର୍ତ୍ତ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ଉତ୍ସବରେ ପୌରୋହିତ୍ୟ କରି କହିଲେ ଯେ ତିର୍ତ୍ତୋଲ ଅଂଚଳରେ କୌଣସି ଶିଳ୍ପ କାରଖାନା ଅତୀତରେ ନ ଥିଲା । ମୁଖ୍ୟମନ୍ତ୍ରୀଙ୍କ ଏହି ଅଂଚଳ ପ୍ରତି ସ୍ୱତନ୍ତ୍ର ଅନୁକଂପା ରହିଥିବାରୁ ଏପରି ଏକ କୃଷିଭିତ୍ତିକ ଶିଳ୍ପ ନିର୍ମିତ ହେବାକୁ ଯାଉଛି । ରାଜ୍ୟରେ ଶତକଡ଼ା ୨୪ ଜଣ କୃଷି କ୍ଷେତ୍ରରେ ଏବଂ ମାତ୍ର ୨ ଜଣ ବ୍ୟକ୍ତି ଶିଳ୍ପ କ୍ଷେତ୍ରରେ ନିଯୁକ୍ତ ଥିବାରୁ ବହୁ ସଂଖ୍ୟକ କାରିଗରୀ ତଥା ବୈଷୟିକ ଜ୍ଞାନ ସଂପନ୍ନ ବ୍ୟକ୍ତିଙ୍କୁ ଶିଳ୍ପ କ୍ଷେତ୍ରରେ ନିଯୁକ୍ତି ଦେବାର ସୁଯୋଗ ରହିଛି ବୋଲି ସେ କହିଥିଲେ ।

ପୂର୍ବରୁ ବୟନ ଶିଳ୍ପ ନିର୍ଦ୍ଦେଶକ ଶ୍ରୀ ଶ୍ରୀନିବାସ ରଥ ସ୍ୱାଗତ ଭାଷଣ ଦେଇ କହିଲେ ଯେ ରାଜ୍ୟରେ ୩ ଲକ୍ଷ ବୁଣାକାର ଅଛନ୍ତି । ପ୍ରାୟ ୧ଲକ୍ଷ ୫୪ହଜାର ହସ୍ତତନ୍ତ ମଧ୍ୟରୁ ଗତ ଆର୍ଥିକ ବର୍ଷରେ ୩୭,୭୦୦ ତନ୍ତକୁ ସମବାୟ ପରିସରଭୁକ୍ତ କରାଯାଇଛି । ଗତ ଆର୍ଥିକ ବର୍ଷ ସୁଦ୍ଧା ୪୩୯ଟି ବୁଣାକାର ସମିତି ବର୍ତ୍ତମାନ କାର୍ଯ୍ୟକାରୀ ହେଉଛି ।

# ଆଲ୍‌ବେରୁନୀ

ଡଃ ସତ୍ୟନାରାୟଣ ରାଜଗୁରୁ

ଭାରତର ରାଜନୈତିକ ଗଗନ ଯେଉଁ ସମୟରେ ସାମନ୍ତ-ରାଜାମାନଙ୍କ ପରସ୍ପର ଯୁଦ୍ଧ ଘନଘଟାରେ ଅନ୍ଧକାରାଚ୍ଛନ୍ନ ହୋଇଥିଲା, ସେତେବେଳେ ଗଜନୀର ସୁଲତାନ୍ ମାମୁଦଙ୍କ ଭାରତ ଅଭିଯାନ ପ୍ରଜାମାନଙ୍କ ପ୍ରାଣରେ ଘୋର ବିପତ୍ତି ସୃଷ୍ଟି କଲା । ଗୃହ ଦାହ, ଲୁଣ୍ଠନ, ହତ୍ୟା, ନାରୀଧର୍ଷଣର ତାଣ୍ଡବ-ଲୀଳା ଭାରତର ଅର୍ଦ୍ଧେକ ଅଞ୍ଚଳକୁ ଗ୍ରାସ କଲା । ନିରୀହ ନଗରବାସୀ ଓ ଗ୍ରାମବାସୀମାନେ ଅସହାୟ ଅବସ୍ଥାରେ ପଡ଼ି ମୁସଲମାନ ଅତ୍ୟାଚାରୀଙ୍କର ଶରବ୍ୟ ହେଲେ । କେହି କେହି ଉତ୍ପୀଡ଼ନ ସହି ନ ପାରି ଦକ୍ଷିଣକୁ ପଳାୟନ କଲେ; ଅଧିକାଂଶ ପ୍ରଜା ଧର୍ମାନ୍ତର ଗ୍ରହଣ କରି କୌଣସିମତେ ପ୍ରାଣ ବିକଳରେ ବଞ୍ଚିରହିଲେ । ଶତ ଶତ ହିନ୍ଦୁ-ମନ୍ଦିର ଓ ଦେବ ଦେବୀଙ୍କ ମୂର୍ତ୍ତି ଚୂର୍ଣ୍ଣ ବିଚୂର୍ଣ୍ଣ ହେଲା । ସେଥିମଧ୍ୟରେ ମଥୁରାର ମନ୍ଦିରାବଳୀ ଓ ଗୁଜୁରାଟର ବିରାଟ ସୋମନାଥ ମନ୍ଦିର ଅନ୍ୟତମ ।

ସୁଲତାନ ମାମୁଦ ଅପର୍ଯ୍ୟାପ୍ତ ପରିମାଣ ଧନ ସଂପତ୍ତି ଭାରତରୁ ଲୁଣ୍ଠନ କରି ସ୍ୱୀୟ ରାଜ୍ୟର (ଗଜନୀର) ଶ୍ରୀବୃଦ୍ଧି କଲେ ସତ୍ୟ, କିନ୍ତୁ ତାଙ୍କ କୃତିତ୍ୱ ହେତୁ ଭାରତରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ପରସ୍ପର ତୀବ୍ର ବିଦ୍ୱେଷ ଓ ଘୃଣା ସୃଷ୍ଟି ହେଲା । ସେଥିର ନିରାକରଣ ପାଇଁ ଯେଉଁ ମହାପୁରୁଷ ସର୍ବ ପ୍ରଥମେ ଭାରତୀୟ ଧର୍ମ ଓ ସଂସ୍କୃତିର ମହତ୍ତ୍ୱ ମୁସଲମାନ ରାଷ୍ଟ୍ରମାନଙ୍କରେ ଗ୍ରନ୍ଥ ଲେଖି ପ୍ରଚାର କରିଥିଲେ, ସେ ହେଉଛନ୍ତି—ଶ୍ରେଷ୍ଠ ପଣ୍ଡିତ ଆଲ୍ ବେରୁନୀ, ଯାହାଙ୍କ କୃତିତ୍ୱ ତତ୍କାଳୀନ ଭାରତ ଇତିହାସରେ ଏକ ଉଜ୍ଜ୍ୱଳ ତାରକା ପରି ଝଟକୁଛି । ଆଜିକି ପ୍ରାୟ ହଜାରେ ବର୍ଷ ପରେ ମଧ୍ୟ ହିନ୍ଦୁ ମୁସଲମାନ ନିର୍ବିଶେଷରେ ସମସ୍ତେ ତାଙ୍କ ଗୁଣଗାନ କରୁଅଛନ୍ତି ।

ଆଲ୍ ବେରୁନୀଙ୍କ ଜୀବନୀ ବିଶେଷ ଘଟଣାପୂର୍ଣ୍ଣ ନୁହେଁ । ଇରାନୀ ବଂଶର ଏକ ମଧ୍ୟବିତ୍ତ ପରିବାରରେ ସେ ଜନ୍ମ ଗ୍ରହଣ କରିଥିଲେ । ଆଧୁନିକ ସୋଭିଏତ୍ ରୁଷିଆ ଅନ୍ତର୍ଗତ ଉଜ୍‌ବେକିସ୍ତାନର ଖିଭାନଗରୀ ନିକଟବର୍ତ୍ତୀ ଗୋଟିଏ ଗ୍ରାମରେ ଖ୍ରୀ: ୯୩୭ ରେ ସେ ଜନ୍ମ ଗ୍ରହଣ କରିଥିଲେ । ଶୈଶବରୁ ବିଦ୍ୟା ଲାଭ କରିବା ସ୍ପୃହା ଓ ବିଭିନ୍ନ ଜ୍ଞାତବ୍ୟ ବିଷୟ ପ୍ରତି ଅନୁସନ୍ଧିତ୍ସା ତାଙ୍କ ମନରେ ସର୍ବଦା ଜାଗ୍ରତ ହେଉଥିଲା । ଯେଉଁ ସ୍ଥାନରେ ସେ ରହିଥିଲେ, ସେଠାରେ ବିଭିନ୍ନ ଦେଶରୁ ଜ୍ଞାନୀ ପଣ୍ଡିତମାନଙ୍କ ସମାବେଶ ହେଉଥିବାରୁ ବିଜ୍ଞାନ ବିଷୟକ ବିଭିନ୍ନ ଶାସ୍ତ୍ର ଯଥା—ଜ୍ୟୋତିଷ, ଇତିହାସ, ଭୂଗୋଳ, ଦର୍ଶନ, ଭୂତତ୍ତ୍ୱ, ଚିକିତ୍ସା, ସାହିତ୍ୟ ପ୍ରଭୃତି ବିଷୟରେ ଜ୍ଞାନାର୍ଜନ କରିବା ସୁବିଧା ଓ ସୁଯୋଗ ସେ ପାଇପାରିଥିଲେ । ବାଲ୍ୟକାଳରେ ସେ ଜଣେ ମେଧାବୀ, ପରିଶ୍ରମୀ ଓ ଆଗ୍ରହୀ ଛାତ୍ର ହୋଇଥିବାରୁ ଏ ସକଳ ବିଦ୍ୟାରେ ଅଳ୍ପକାଳ ମଧ୍ୟରେ ପାରଦର୍ଶିତା ଲାଭକଲେ । କେବଳ ନିଜେ ସେହି ବିଦ୍ୟାଗୁଡ଼ିକ ଅର୍ଜନ କରି କ୍ଷାନ୍ତ ହେଲେ ନାହିଁ, ତାହା ଜନସାଧାରଣଙ୍କ ମଧ୍ୟରେ ପ୍ରଚାର କରିବା ନିମନ୍ତେ ବହୁ ପରିଶ୍ରମ କରି କେତେକ ଗ୍ରନ୍ଥ ଲେଖିବାକୁ ଲାଗିଲେ । ତାଙ୍କ ପାଣ୍ଡିତ୍ୟ ଓ ପ୍ରତିଭା ସ୍ୱଳ୍ପ ଦିନ ମଧ୍ୟରେ ପ୍ରସାରିତ ହେଲା । ଖିଭାର ଶାସନକର୍ତ୍ତା ତାଙ୍କ ଗୁଣରେ ବିମୁଗ୍ଧ ହୋଇ ସ୍ୱୀୟ ରାଜସଭାରେ ଏକ ବିଶିଷ୍ଟ ପାରିଷଦ ରୂପେ ତାଙ୍କୁ ନିଯୁକ୍ତ କଲେ । ଆନୁମାନିକ ଖ୍ରୀ: ୧୦୦୦ରେ ପ୍ରାୟ ୬୦ ବର୍ଷ ବୟସରେ ଆଲ୍ ବେରୁନୀ ସେଠା ଶାସକଙ୍କ ଠାରୁ ଏହି ସମ୍ମାନପ୍ରାପ୍ତ ହେଲେ । ତାଙ୍କ ଗୁଣ ବିସ୍ମୟ-ଶକ୍ତି ଓ ଜ୍ଞାନ ଗରିମା ଉପଲବ୍ଧି କରି ତାଙ୍କୁ ଯଥୋଚିତ ସମ୍ମାନ ଦିଆଗଲା । କିନ୍ତୁ ତାହା ଅଧିକ କାଳ ସ୍ଥାୟୀ ହେଲା ନାହିଁ । କାରଣ ଗଜନୀର ତତ୍କାଳୀନ ଶାସନକର୍ତ୍ତା ସାବୁକ୍ତଗୀନ୍ ଠିକ୍ ସେ ସମୟରେ ପ୍ରବଳ ପରାକ୍ରମରେ ଖିଭା ଅଧିକାର କଲେ । ସେଠାର ଶାସନକର୍ତ୍ତା ସ୍ୱୀୟ ପ୍ରାଣରକ୍ଷା କରିବାକୁ ରାଜ୍ୟ ଛାଡ଼ି ଅନ୍ୟତ୍ର ପଳାୟନ କଲେ ।

ସାବୁକ୍ତଗୀନ୍ ଖିଭା ଅଧିକାର କରିସାରି ସେଠାର ରାଜକୋଷ ସମେତ ଆଲ୍ ବେରୁନୀ ତଥା ଅନ୍ୟାନ୍ୟ ରାଜକର୍ମଚାରୀଙ୍କୁ ପ୍ରତିଭୂ ସ୍ୱରୂପ ବନ୍ଦୀ କରି ଗଜନୀ ପ୍ରତ୍ୟାଗମନ କଲେ ।

ଏହାପରେ ଗଜନୀର ପରବର୍ତ୍ତୀ ଅଧିପତି ସାବୁକ୍ତଗୀନ୍‌ଙ୍କ ପୁତ୍ର ସୁଲତାନ ମାମୁଦଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଆଲ୍ ବେରୁନୀ ଗଜନୀରେ ନଜରବନ୍ଦୀ ହୋଇ ରହିଲେ । ଅବଶ୍ୟ ଶୃଂଖଳାବଦ୍ଧ-ବନ୍ଦୀ ରୂପେ ତାଙ୍କୁ ଆବଦ୍ଧ କରାଯାଇ ନ ଥିଲା । କିନ୍ତୁ ଗଜନୀ ଛାଡ଼ି ବାହାରକୁ ସ୍ୱ ଇଚ୍ଛାରେ ଯାତ୍ରା କରିବା ଅଧିକାର ତାଙ୍କୁ ଦିଆ ଯାଇ ନ ଥିଲା ।

ଶାପରେ ବର ସ୍ୱରୂପ ତାଙ୍କ ପକ୍ଷେ ଗଜନୀରେ ଅବସ୍ଥାନ ମଙ୍ଗଳପ୍ରଦ ହେଲା । କାରଣ ଜ୍ଞାନ ଓ ପ୍ରତିଭାର ଅଧିକ ବିକାଶ ନିମନ୍ତେ ସେଠାରେ ହିଁ ସେ ଯଥେଷ୍ଟ ସୁଯୋଗ ପାଇଲେ । କେତେକ ବ୍ରାହ୍ମଣ ପଣ୍ଡିତଙ୍କ ସଂଗେ ପରିଚିତ ହୋଇ ତାଙ୍କଠାରୁ ସଂସ୍କୃତ ଓ ବୈଦିକ ଆର୍ଯ୍ୟଭାଷା ଶିକ୍ଷା କରିବା ତାଙ୍କ ପକ୍ଷେ ସମ୍ଭବ ହୋଇଥିଲା ।

ଏହାପରେ ସଂସ୍କୃତ ସାହିତ୍ୟର ମହତ୍ତ୍ୱ ଉପଲବ୍ଧି କରି ସେଥିରୁ ଅଧିକ ଜ୍ଞାନ ଆହରଣ କରିବା ସକାଶେ ତାଙ୍କର

ପ୍ରବଳ ଇଚ୍ଛା ହେଲା । ଦୈବ ଯୋଗ ସେତିକିବେଳେ ସୁଲତାନ ମାମୁଦ ଭାରତ ଅଭିଯାନରେ ସୈନ୍ୟ ସହ ଯାତ୍ରା ଆରମ୍ଭ କରୁଥିଲେ । ଏ ସୁଯୋଗ ଛାଡ଼ିବାର ନୁହେଁ । ତେଣୁ ମାମୁଦଙ୍କ ଭାରତ ଆକ୍ରମଣରେ ଅଲ୍ ବେରୁନୀ ତାଙ୍କ ସହଯାତ୍ରୀ ହେବାକୁ ଅନୁରୋଧ କରିବାରୁ ସୁଲତାନ ବିନା ଦ୍ୱିଧାରେ ତାଙ୍କୁ ଅନୁମତି ଦେଇଥିଲେ । କାରଣ ସୁଲତାନ ବୋଧହୁଏ ଚାହୁଁଥିଲେ ଯେ, ଭାରତର ଧନ-ରତ୍ନ ଅପେକ୍ଷା ସେଠାରୁ ଜ୍ଞାନ ଓ ବିଦ୍ୟା ଲୁଣ୍ଠନ କରି ପାରିଲେ ନିଜ ରାଜ୍ୟର ମହତ୍ ଉପକାର ସାଧିତ ହେବ । ସଂସ୍କୃତ ଭାଷାରେ ଯଥେଷ୍ଟ ଜ୍ଞାନ ଲାଭ କରି ନ ଥିବା ବ୍ୟକ୍ତି ପକ୍ଷେ ତାହା ସମ୍ଭବ ନୁହେଁ । ତେଣୁ ଅଲ୍ ବେରୁନୀଙ୍କ ଦ୍ୱାରା ନିଜ ଅଭିଳାଷ ପୂର୍ଣ୍ଣ କରିବାକୁ ସୁଲତାନ ତାଙ୍କୁ ଅନୁମତି ଦେବାକୁ କୁଣ୍ଠିତ ହେଲେ ନାହିଁ, ବରଂ ତାଙ୍କର ସମସ୍ତ ସୁବିଧା କରିଦେଇ ଇଚ୍ଛାନୁମତେ ହିନ୍ଦୁ ଶାସ୍ତ୍ର ଅଧ୍ୟୟନ କରିବାକୁ ଅନୁମତି ଦେଲେ । କିନ୍ତୁ ଯେଉଁ ଲୁଣ୍ଠନ ରୂପକ କ୍ଷୁଦ୍ର ଅଭିଳାଷଟି ନେଇ ସୁଲତାନ୍ ଏପରି ସୁବିଧା ଦେଲେ ସେଥିର ଫଳ ଅନ୍ୟ ପ୍ରକାର ହୋଇଥିଲା । ଅଲ୍ ବେରୁନୀ ସ୍ପଷ୍ଟ ବୁଝିଥିଲେ ଯେ, ବିଦ୍ୟା ଦାନ ଓ ଆହରଣ ଦ୍ୱାରା ଦାତା ଓ ଗ୍ରହୀତା ଉଭୟଙ୍କ ଜ୍ଞାନ ବର୍ଦ୍ଧିତ ହେବା ସୁନିଶ୍ଚିତ ।

ଅତି ନିଷ୍ଠୁର କର୍ମ-କ୍ଷେତ୍ର ଓ ଲୀଳାଭୂମି ଯୁଦ୍ଧ-କ୍ଷେତ୍ର ଭିତରେ ସୁଲତାନ୍ ଓ ତାଙ୍କ ସହଯାତ୍ରୀ ସୈନ୍ୟ ସାମନ୍ତ-ମାନେ ଅର୍ଥଲିପ୍ତ ହୋଇଥିଲେ ସୁଦ୍ଧା, ପଙ୍କରୁ ଜନ୍ମ ହୋଇ କମଳ ଯେପରି ନିଜର ନିର୍ମଳତା ଓ ସୁଗନ୍ଧ ଛାଡ଼ି ନ ଥାଏ, ସେପରି ଅଲ୍ ବେରୁନୀ ତାଙ୍କ ନିଜର ଅତୁଳନୀୟ ଜ୍ଞାନର ସୌରଭ ଓ ନୈତିକତା ରୂପ ସୌନ୍ଦର୍ଯ୍ୟ ହରାଇଲେ ନାହିଁ । ଏକଆଡ଼େ ସୁଲତାନ୍‌ଙ୍କ ସୈନ୍ୟମାନେ ଗୃହଦାହ, ହତ୍ୟା, ଲୁଣ୍ଠନ, ନାରୀ ଧର୍ଷଣ ଇତ୍ୟାଦି ଅମାନୁଷିକ କାର୍ଯ୍ୟ-କଳାପରେ ବ୍ୟସ୍ତ ରହି ଥାଆନ୍ତି, ଅନ୍ୟ ଆଡ଼େ ଅଲ୍ ବେରୁନୀ ବ୍ରାହ୍ମଣ ଶାସନକୁ ଯାଇ ସେଠା ପଣ୍ଡିତମାନଙ୍କ ସଂଗେ ଶାସ୍ତ୍ର-ଆଲୋଚନାରେ କାଳକ୍ଷେପ କରୁଥାନ୍ତି । ଏକ ଆଡ଼େ ପାପର ତାଣ୍ଡବଲୀଳା, ଅନ୍ୟଆଡ଼େ ଜ୍ଞାନର ପବିତ୍ର ଜ୍ୟୋତି । ସୁଲତାନ୍ ମାମୁଦଙ୍କ ଭାରତ ଅଭିଯାନ ଘଟଣାଟି ଇତିହାସରେ ଅତି ନଗଣ୍ୟ ହୋଇ ରହିଥିଲେ ସୁଦ୍ଧା, ଅଲ୍ ବେରୁନୀଙ୍କ ଆଗମନ ଏ ଦେଶର ମହାନ୍ ଉପକାର ସାଧିତ କରିଥିବା ଏକ ବିଶିଷ୍ଟ ଘଟଣା ।

ପ୍ରଥମେ ସେ ପଞ୍ଜାବର କୌଣସି ଏକ ଅଜ୍ଞାତ ବ୍ରାହ୍ମଣ-ଶାସନକୁ ଯାଇ ସେଠାରେ ପଣ୍ଡିତମାନଙ୍କ ସଙ୍ଗେ ଶାସ୍ତ୍ରାଳାପ ଦ୍ୱାରା ତାଙ୍କୁ ନିଜର ବିଦ୍ୱତ୍ତା ବଳରେ ଆକୃଷ୍ଟ କଲେ । ଏକଦା ଚୀନର ବୌଦ୍ଧ ପରିବ୍ରାଜକ ହୁଏନ୍‌ସାଂ ଯେପରି ସଂସ୍କୃତରେ ଅଗାଧ ପାଣ୍ଡିତ୍ୟ ଉପାର୍ଜନ କରି ନାଳନ୍ଦା, ତକ୍ଷଶୀଳା ପ୍ରଭୃତି ବିଶ୍ୱ-ବିଦ୍ୟାଳୟମାନଙ୍କରେ ବରେଣ୍ୟ ହୋଇଥିଲେ, ସେପରି ଅଲ୍‌ବେରୁନୀ ଭାରତୀୟ ପଣ୍ଡିତମାନଙ୍କଠାରୁ ଶାସ୍ତ୍ରାଳାପ ଦ୍ୱାରା ଶ୍ରଦ୍ଧା ଓ ସମ୍ମାନ ପାଇ ପାରିଥିଲେ । ତେଣୁ ସେ ନିଜେ ବିଧର୍ମୀ ହୋଇଥିଲେ ସୁଦ୍ଧା କେତେକ ଉଦାରଚେତା ଭାରତୀୟ ପଣ୍ଡିତ ତାଙ୍କୁ ହତାଶ ନ କରି ଶାସ୍ତ୍ର ଅଧ୍ୟୟନରେ ସାହାଯ୍ୟ କଲେ । ବୈଦେଶିକ ଓ ବିଧର୍ମୀଙ୍କୁ 'ବେଦ' ବ୍ୟତୀତ ଅନ୍ୟାନ୍ୟ ଶାସ୍ତ୍ର ସଂପର୍କୀୟ ଜ୍ଞାନ ବିତରଣ କରି-ବାରେ କଦାପି ଭାରତୀୟ ପଣ୍ଡିତମାନେ କୁଣ୍ଠିତ ହେଉ ନ-ଥିଲେ । ତା' ହୋଇ ନ ଥିଲେ, ଭାରତୀୟ ଜ୍ୟୋତିଷ, ଆୟୁ-ର୍ବେଦ, ଶିଳ୍ପ-ଶାସ୍ତ୍ର ପ୍ରଭୃତିରେ ସଂସ୍କୃତ ସଙ୍ଗେ ବହୁ ବୈଦେ-ଶିକ ଶବ୍ଦ ମିଶିନଥାନ୍ତା । ପାର୍ଶୀ ସଂସ୍କୃତ ମିଶିଥିବା ଜ୍ୟୋତିଷ ଗ୍ରନ୍ଥ ବହୁ ସଂଖ୍ୟାରେ ଥିବା ଅଦ୍ୟାପି ଦେଖା-ଯାଏ ✲ ଯବନାଚାର୍ଯ୍ୟଙ୍କ ନାମ ଜ୍ୟୋତିଷଗ୍ରନ୍ଥଗୁଡ଼ିକରେ ରହିଛି । ଏଥିରୁ ସ୍ପଷ୍ଟ ଜଣାଯାଏ, ଶାସ୍ତ୍ରାଳାପରେ ବିଧର୍ମୀ ମାନଙ୍କୁ ବ୍ରାହ୍ମଣ ପଣ୍ଡିତମାନେ ଆଦୌ ବର୍ଜନ କରୁ ନ ଥିଲେ ।

ଭାରତୀୟ ସଂସ୍କୃତି ଓ ମୂଲ୍ୟବାନ ବୈଜ୍ଞାନିକ ତଥ୍ୟରେ ଅଲ୍ ବେରୁନୀ ଅଭିଭୂତ ହୋଇଗଲେ । ସେ ମନେ ମନେ ସ୍ଥିର କଲେ, ଯେଉଁ ଜାତି ଏପରି ଅମୂଲ୍ୟ ଜ୍ଞାନ ଗରିମାର ଅଧିକାରୀ ଏବଂ ଯେଉଁ ଦେଶର ସଂସ୍କୃତି ହେତୁ ସୁଧୀବର୍ଗ ଧନ-ସଂପଦ, କ୍ଷମତା, ବିଳାସ-ବାସନା ଓ ସ୍ନେହ- ମୋହ ପରିହାର କରି ଦୂର ବନ-ଜଙ୍ଗଲ ବା କ୍ଷୁଦ୍ର କୁଟୀରରେ ବାସ କରନ୍ତି ଏବଂ ବିଶୁଦ୍ଧ ମନରେ ଜ୍ଞାନ ରାଜ୍ୟରେ ହିଁ ବିଚରଣ କରନ୍ତି, ସେମାନଙ୍କ ଶାନ୍ତି ଓ ସୁଖ ତୁଳନାରେ ରାଜାଧିରାଜଙ୍କ ବିଳାସ- ସିଂହାସନ ଅତି ତୁଚ୍ଛ ଓ ନଗଣ୍ୟ । ଅଲ ବେରୁନୀ ଯେଉଁ ଭାରତୀୟ ସଂସ୍କୃତିରେ ଆତ୍ମହରା ହେଲେ ସେଥିର ମାଧୁର୍ଯ୍ୟ ନିଜ ଦେଶବାସୀଙ୍କୁ ଦେବା ସକାଶେ-"ତାରିକି-କାତଲ୍-ହିନ୍ଦ୍" (ଅର୍ଥାତ୍-ହିନ୍ଦୁସ୍ଥାନ ସମ୍ବନ୍ଧେ ସତ୍ୟାନୁସନ୍ଧାନ) ନାମକ ଏକ ଗ୍ରନ୍ଥ ଆରବୀ ଭାଷାରେ ଲେଖିଥିଲେ । ଆଜି ପ୍ରାୟ ୯୫୦ ବର୍ଷ ପରେ ତାଙ୍କର ସେହି ଗ୍ରନ୍ଥଟି ଭାରତ ଇତିହାସର ଏକ ଅମୂଲ୍ୟ ଉପାଦାନ ହୋଇ ରହିଛି । ଖ୍ରୀ : ୧୦୩୦ରେ ଅଲ୍ ବେରୁନୀ ଭାରତରୁ ସ୍ୱଦେଶ ଗଜନୀକୁ ଫେରିଯାଇ ବୃଦ୍ଧ ବୟସରେ ଏହା ଲେଖିଥିବା ଜଣାଯାଏ ।

ଯେଉଁ ସମୟରେ ମୁସଲମାନ 'ଉଲେମା' ଗଣ ତଥା ସୁଧୀମାନଙ୍କ ମନରେ ଏହି ଗର୍ବଥିଲା ଯେ ତାଙ୍କରି ଜ୍ଞାନ ଗରିମା ହିଁ ପୃଥିବୀରେ ସର୍ବଶ୍ରେଷ୍ଠ, ଅନ୍ୟଦେଶର ପଣ୍ଡିତମାନେ ତାଙ୍କ ତୁଳନାରେ ନିକୃଷ୍ଟ, ସେତେବେଳେ ଅଲ୍ ବେରୁନୀ ତାଙ୍କର ସେ ଗର୍ବ ଓ ମୋହ ଭାଙ୍ଗି ଦେଇ-ଥିଲେ । ସଂସ୍କୃତ ଭାଷା ପରି ଅଗାଧ-ସମୁଦ୍ରରେ ସନ୍ତରଣ କରିବା ମୁସଲମାନ ସୁଧୀବର୍ଗଙ୍କ ପକ୍ଷରେ ସମ୍ଭବ ନଥିଲା । କାରଣ ଆରବୀ ଭାଷା ଓ ସଂସ୍କୃତ ଭାଷା ମଧ୍ୟରେ ଆକାଶ-ପାତାଳ ପ୍ରଭେଦ ବିଦ୍ୟମାନ ।

✲Dr. Baijnath Puri, Indian History, & Review, P. 33

ଭାରତର ଚିନ୍ତାଧାରା ଗଭୀରଭାବେ ହୃଦୟଙ୍ଗମ କରିବାକୁ ହେଲେ ପ୍ରଥମେ ଆର୍ଯ୍ୟ ଭାରତର ମୌଳିକ ସଂସ୍କୃତି ସମ୍ବନ୍ଧେ ଏକ ସ୍ପଷ୍ଟ ଧାରଣା ମନରେ ଜାଗ୍ରତ ହେବା ପ୍ରୟୋଜନ । ସଂସ୍କୃତ ଭାଷାର ଶବ୍ଦ ବୈଚିତ୍ର୍ୟ ଓ ଧାତୁ-ରୂପ-ସନ୍ଧି ସମାସ ପ୍ରଭୃତି ବ୍ୟାକରଣଗତ ପଦ୍ଧତି ବିଶ୍ଳେଷଣ ପୂର୍ବକ ତାହା ହୃଦୟଙ୍ଗମ କରିବା ଆବଶ୍ୟକ । ଏ ସମସ୍ତ ବାଧା ଅତିକ୍ରମ କରି ଆଲ୍ ବେରୁନୀ ବୈଦିକ ଭାଷା ମଧ୍ୟ ଶିକ୍ଷା କରିଥିଲେ । ସୁତରାଂ ବେଦକୁ ଆରବୀ ଭାଷାରେ ଅନୁବାଦ କରିବା ସାହସ ତାଙ୍କ ମନରେ ଜାଗ୍ରତ ହୋଇଥିଲା । ସଂସ୍କୃତରେ ସେ ଗୋଟିଏ ଜ୍ୟୋତିଷ ଗ୍ରନ୍ଥ ମଧ୍ୟ ଲେଖିଅଛନ୍ତି ।

ଖ୍ରୀ : ୧୦୩୦ରେ ଗଜନୀରେ ଶେଷ ଜୀବନ ଅତିବାହିତ କଲାବେଳେ ଯେଉଁ 'ତାରିଖ-ଉଲ-ହିନ୍ଦ୍' ପୁସ୍ତକଟି ସେ ଆରବୀ ଭାଷାରେ ଲେଖିଥିଲେ, ତାହା ଇଂରାଜୀରେ ଅନୁବାଦ କରି ଏଡ୍‌ୱାର୍ଡ ସାଖାଓ 'ଭାରତ-ଇତିହାସର' ଏକ ଅଜ୍ଞାତ ଅଧ୍ୟାୟ ଉନ୍ମୋଚନ କରିଦେଇ ଅଛନ୍ତି । ଆଲ୍ ବେରୁନୀ ଭାରତର ଗରିବ ବ୍ରାହ୍ମଣମାନଙ୍କ ସଙ୍ଗ ଲାଭକରି ମୁସଲମାନ ସମାଜରେ ଯେଉଁ ଜ୍ଞାନର ବୀଜ ବପନ କଲେ, ତାହା ସ୍ମରଣ କଲେ ମହାତ୍ମା ଶଙ୍କରଙ୍କ ଗୋଟିଏ ଉପଦେଶର ସତ୍ୟତା ଉପଲବ୍ଧି ହୁଏ ।—

"ନଳିନୀ-ଦଳଗତ-ଜଳମତି ତରଳଂ
ତଦ୍ବତ ଜୀବନମତିଶୟ ଚପଳମ୍ ।
କ୍ଷଣମିହ ସଜ୍ଜନ-ସଂଗତି-ରେକା
ଭବତି ଭବାର୍ଣ୍ଣବ-ତରଣେ ନୌକା ।"

(ମୋହମୁଦ୍‌ଗର)

ପଦ୍ମପତ୍ରରେ କ୍ଷୁଦ୍ର ଜଳବିନ୍ଦୁଟି ପରି ସଂସାରରେ ଜୀବନ ଅତି ଅସ୍ଥିର, କିନ୍ତୁ କ୍ଷଣମାତ୍ର ସଜ୍ଜନଙ୍କ ସାହଚର୍ଯ୍ୟ ଏହି ଦୁସ୍ତର ସଂସାର-ସାଗର ପାରିହେବାକୁ ନୌକା ସଦୃଶ ସହାୟକ ହୁଏ ।

ଯେଉଁ ସମୟରେ ସୁଦୂର ପଞ୍ଜାବର କେଉଁ ଅଜ୍ଞାତ ପଲ୍ଲୀରେ ବସି ଆଲ୍‌ବେରୁନୀ ଜ୍ୟୋତିଷଶାସ୍ତ୍ର ଅନୁଶୀଳନ କରୁଥିଲେ, ସେତିକିବେଳେ ବାସେଥିର ଅଳ୍ପ କାଳ ପରେ ଓଡ଼ିଶାର ନୀଳାଚଳ ଧାମରେ ଶତାନନ୍ଦ ନାମକ ଜଣେ ଉତ୍କଳୀୟ ପଣ୍ଡିତ 'ଭାସ୍ୱତୀ' ନାମକ ଜ୍ୟୋତିଷଗ୍ରନ୍ଥ ଲେଖି ସମଗ୍ର ଭାରତରେ ଖ୍ୟାତି ବିସ୍ତାର କରି ଅଛନ୍ତି । ତାଙ୍କ ଗ୍ରନ୍ଥ ଆରମ୍ଭରେ ସେ ଲେଖିଛନ୍ତି—

"ନତ୍ୱା ମୁରାରେ ଶ୍ଚରଣାର ବିନ୍ଦଂ
ଶ୍ରୀମାନ୍ ଶତାନନ୍ଦ ଇତି ପ୍ରସିଦ୍ଧଃ ।
ତାଂ ଭାସ୍ୱତୀଂ ଶିଷ୍ୟହିତାର୍ଥମାହ
ଶାକେ ବିହୀନେ ଶଶିପକ୍ଷଖୈକୈଃ ।।"

ସୁଲତାନ ମାମୁଦଙ୍କ ପରି ଶତ ଶତ ଶାସକ ପୃଥିବୀ ପୃଷ୍ଠରୁ ବିସ୍ମୃତି ଗର୍ଭରେ ଲୀନ ହୋଇଯିବେ ; କିନ୍ତୁ ଆଲ୍ ବେରୁନୀ ଓ ଶତାନନ୍ଦଙ୍କ ପରି ମୁସଲମାନ ଓ ହିନ୍ଦୁ ପଣ୍ଡିତ ଚିରକାଳ ସ୍ମରଣୀୟ ହୋଇ ରହିବେ ।

## ଏବଂ ଗୋଦାବରୀ

ଏ ନୁହେଁ ଦକ୍ଷିଣ ଭାରତର ପୁରାଣ ପ୍ରସିଦ୍ଧା ପୁଣ୍ୟତୋୟା ସ୍ରୋତସ୍ୱିନୀ ସୁନାବ୍ୟା ଗୋଦାବରୀ । ଏହାର ତୀରଭୂମି ନାହିଁ କିମ୍ବା ଏ ନୁହେଁ ନିମ୍ନଗାମୀ । ଏହା ଏକ ନିର୍ମୀୟମାନ ପଲ୍ଲୀ । 'ନଗର' ବହୁଳ ରାଜଧାନୀରେ ଝାଡୁଦାରମାନଙ୍କର ବାସ ବ୍ୟବସ୍ଥା କରିବା ପାଇଁ ଗତ ଡିସେମ୍ବର ୩ ତାରିଖରେ 'ଗୋଦାବରୀ ପଲ୍ଲୀ'ର ଶିଳାନ୍ୟାସ କରିଛନ୍ତି ଓଡ଼ିଶାର ନଗର ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତକୁମାର ବିଶ୍ୱାଳ ।

ଚାରି ଲକ୍ଷ ଟଙ୍କାର ଏହି ବାସଗୃହ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗ ୧ଲକ୍ଷ ୮୦ ହଜାର ଟଙ୍କା ମଞ୍ଜୁର କରିଛନ୍ତି ଏବଂ ସ୍ଥାନୀୟ ମ୍ୟୁନିସିପାଲିଟି ଅବଶିଷ୍ଟ ୨ ଲକ୍ଷ ୨୦ ହଜାର ଟଙ୍କା ବ୍ୟୟ କରୁଛନ୍ତି । ଆସନ୍ତା ଅଗଷ୍ଟ ମାସ ଶେଷ ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେବ ।

'ବାପୁଜୀ ନଗର' 'ଅଶୋକ ନଗର' 'ଖାରବେଳ ନଗର' 'ଶହୀଦ ନଗର' ପ୍ରଭୃତି ସୁଶୋଭିତ ନଗରବହୁଳ ମହାନଗରୀ ଭୁବନେଶ୍ୱରର କେଦାରପଲ୍ଲୀରେ ଗତବର୍ଷ ୪୦ଟି ବାସଗୃହ ଯୋଗାଇ ଦିଆଯାଇଛି । ମ୍ୟୁନିସିପାଲିଟି ଝାଡୁଦାରମାନଙ୍କୁ ଏବଂ 'ଗୋଦାବରୀ' ୧୯୮୨ରେ ଆଶ୍ରୟଦେବ ଆଉ ଚାଳିଶଟି ପରିବାରକୁ ।

# ପ୍ରଗତି ସମ୍ବାଦ

## ଚଳିତ ଆନ୍ତର୍ଜାତିକ ଶାରୀରିକ ଅକ୍ଷମ ସମ୍ବତ୍ସରରେ କଲ୍ୟାଣକର ପଦକ୍ଷେପ

ସାଂପ୍ରତିକ ଜନଗଣନା ଅନୁଯାୟୀ ରାଜ୍ୟରେ ଥିବା ସମୁଦାୟ ୬୧ ହଜାର ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କର କଲ୍ୟାଣ ଏବଂ ଉତ୍ଥାନ ଦିଗରେ ବ୍ୟାପକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାକୁ ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯାଇଛି ।

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକର ନିଷ୍ପତ୍ତି ଅନୁସାରେ ସେହି ଅକ୍ଷମ ବ୍ୟକ୍ତିମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିବା ୨୮ ହଜାର ଅନ୍ଧ, ୧୩ ହଜାର ମୂକ ଏବଂ ୨୦ ହଜାର ସଂପୂର୍ଣ୍ଣ ବିକଳାଙ୍ଗ ବ୍ୟକ୍ତିଙ୍କୁ ପ୍ରଥମେ ସଠିକ୍ ଭାବେ ଚିହ୍ନଟ କରାଯିବ ଏବଂ ସେମାନଙ୍କ କଲ୍ୟାଣ ପାଇଁ ଗୃହୀତ ବିଭିନ୍ନ କାର୍ଯ୍ୟକ୍ରମକୁ ଚଳିତ ଆନ୍ତର୍ଜାତିକ ଶାରୀରିକ ଅକ୍ଷମ ସମ୍ବତ୍ସର ମଧ୍ୟରେ କାର୍ଯ୍ୟକାରୀ କରାଯିବ ।

ପୂର୍ବରୁ ସରକାର ଚତୁର୍ଥ ଓ ତୃତୀୟ ଶ୍ରେଣୀ ଚାକିରିରେ ଏହି ଅକ୍ଷମ ବ୍ୟକ୍ତିମାନଙ୍କ ପାଇଁ ୩ ଭାଗ ସ୍ଥାନ ସଂରକ୍ଷିତ କରିଥିଲେ । ବର୍ତ୍ତମାନ ସେମାନଙ୍କ ପାଇଁ ଦ୍ୱିତୀୟ ଶ୍ରେଣୀ ଚାକିରିରେ ମଧ୍ୟ ସ୍ଥାନ ସଂରକ୍ଷଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଏହା ଫଳରେ ଏମାନେ ସରକାରୀ ଓ ରାଷ୍ଟ୍ରାୟତ୍ତ ସଂସ୍ଥାରେ ନିଯୁକ୍ତି ପାଇ ପାରିବେ । ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କ ପାଇଁ ଅଧିକ ସଂଖ୍ୟକ ସଂରକ୍ଷିତ ସ୍ଥାନ ସରକାରୀ ଓ ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକରେ ଯୋଗାଇ ଦେବା ଉଦ୍ଦେଶ୍ୟରେ ୧୯୭୮ ମସିହା ଜୁଲାଇ ମାସଠାରୁ ଯେଉଁସବୁ ଚାକିରି ସୃଷ୍ଟି କରାଯାଇଛି, ସେସବୁ ହିସାବକୁ ନିଆଯାଇ ସ୍ଥାନ ସଂରକ୍ଷିତ କରାଯିବ । ଏହି ନୀତି ଅନୁସରଣ କରି ସ୍ଥାନ ସଂରକ୍ଷଣ କରିବା ପାଇଁ ବେସରକାରୀ, ଶିଳ୍ପ ଓ ବାଣିଜ୍ୟ ଅନୁଷ୍ଠାନଗୁଡ଼ିକୁ ମଧ୍ୟ ପ୍ରଭାବିତ କରାଯିବ ।

ରାଜ୍ୟ ପରିବହନ ସଂସ୍ଥାର ବସ୍‌ଗୁଡ଼ିକରେ ଯାତାୟତ କରିବା ପାଇଁ କେବଳ ଅନ୍ଧମାନେ ପୂରା-ମାତ୍ରାରେ ବସ୍‌ଭଡ଼ା ଛାଡ଼ ପାଇବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ବେସରକାରୀ ବସ୍‌ଗୁଡ଼ିକରେ ମଧ୍ୟ ଏହି ସୁଯୋଗ ଦେବା ପାଇଁ ପ୍ରଭାବିତ କରାଯିବ । ପୂର୍ବରୁ ସେମାନଙ୍କୁ ବସ୍‌ଭଡ଼ାର ଶତକଡ଼ା ୫୦ ଭାଗ ରିହାତି ଦିଆଯାଉଥିଲା ।

## ଭୁବନେଶ୍ୱର-ବ୍ରହ୍ମପୁର-ସୁନାବେଡ଼ା ମଧ୍ୟରେ ଦକ୍ଷିଣ ଏକ୍ସପ୍ରେସ ଓ ବ୍ରହ୍ମପୁର-ଟାଟା ମଧ୍ୟରେ ଷ୍ଟିଲ ଏକ୍ସପ୍ରେସ ବସ୍ ଚଳାଚଳ

ଗଞ୍ଜାମ ଜିଲ୍ଲାର ଛତ୍ରପୁର, ବ୍ରହ୍ମପୁର ଏବଂ ବିଭିନ୍ନ ଅଞ୍ଚଳରୁ କୋରାପୁଟ ଜିଲ୍ଲାର ଶିଳ୍ପାଞ୍ଚଳକୁ ଗମନାଗମନର ସୁବିଧା କରିବା ପାଇଁ ଓ. ଆର. ଟି. କଂପାନୀ ତରଫରୁ ଭୁବନେଶ୍ୱର-ବ୍ରହ୍ମପୁର ମଧ୍ୟରେ ଚଳାଚଳ କରୁଥିବା ରାଜଧାନୀ ଏକ୍ସପ୍ରେସ୍ ବସ୍‌କୁ ଦକ୍ଷିଣ ଏକ୍ସପ୍ରେସ୍ ନାମରେ ଡିସେମ୍ବର ୨୦-ତାରିଖଠାରୁ ସୁନାବେଡ଼ା ପର୍ଯ୍ୟନ୍ତ ସଂପ୍ରସାରଣ କରାଯିବ । ଏହାଦ୍ୱାରା ଗୋଟିଏ ବସ୍ ଅପରାହ୍ନ ଘ୧.୩୦ ମିନିଟ୍ ସମୟରେ ଭୁବନେଶ୍ୱର ଛାଡ଼ି ବ୍ରହ୍ମପୁର, ଦିଗପହଣ୍ଡି, ରାୟଗଡ଼ା ଓ କୋରାପୁଟ ଦେଇ ସୁନାବେଡ଼ାଠାରେ ସକାଳ ୫ ଘଣ୍ଟା ସମୟରେ ପହଞ୍ଚିବ । ସେହିପରି ଅନ୍ୟଏକ ବସ୍ ସୁନାବେଡ଼ାଠାରୁ ଅପରାହ୍ନ ୫ ଘଣ୍ଟା ସମୟରେ ଛାଡ଼ି ଉକ୍ତ ରାସ୍ତା ଦେଇ ଭୁବନେଶ୍ୱରଠାରେ ପରଦିନ ସକାଳ ଘ୮-୩୦ ମିନିଟ୍ ସମୟରେ ପହଞ୍ଚିବ ।

ଏହା ବ୍ୟତୀତ ଉକ୍ତ କଂପାନୀ ତରଫରୁ ଆସନ୍ତା ଜାନୁଆରୀ ପହିଲା ତାରିଖଠାରୁ (ତା ୧-୧-୮୨ ରିଖ) ବ୍ରହ୍ମପୁର-ଟାଟା ମଧ୍ୟରେ ଷ୍ଟିଲ୍ ଏକ୍ସପ୍ରେସ୍ ନାମକ ଏକ ଦ୍ରୁତଗାମୀ ବସ୍ ଚଳାଚଳ କରିବ । ଉକ୍ତ ବସ୍‌ଟି ବ୍ରହ୍ମପୁରଠାରୁ ଅପରାହ୍ନ ୫ ଘଣ୍ଟା ୩୦ ମିନିଟ୍ ସମୟରେ ଛାଡ଼ି ଭୁବନେଶ୍ୱର, ଭଦ୍ରକ, ବାଲେଶ୍ୱର, ବାରିପଦା ଓ ରାଇରଙ୍ଗପୁର ଦେଇ ପରଦିନ ସକାଳ ୮ ଘଣ୍ଟା ସମୟରେ ଟାଟାଠାରେ ପହଞ୍ଚିବ । ସେହିପରି ଅନ୍ୟଏକ ବସ୍ ଟାଟାଠାରୁ ଅପରାହ୍ନ ଘ୫-୩୦ ମିନିଟ୍ ସମୟରେ ଛାଡ଼ି ଉକ୍ତ ରାସ୍ତା ଦେଇ ପରଦିନ ସକାଳ ୮ ଘଣ୍ଟା ସମୟରେ ବ୍ରହ୍ମପୁରଠାରେ ପହଞ୍ଚିବ ।



ଡକ୍ଟର ହରେକୃଷ୍ଣ ମହତାବଙ୍କ ୮୩ ତମ ଜନ୍ମବାର୍ଷିକୀ ଉତ୍ସବ ପାଳନ ଅବସରରେ ଓଡ଼ିଶାର ରାଜ୍ୟପାଳ ଶ୍ରୀ ସି. ଏମ୍. ପୁନାଚା ଉଦ୍‌ବୋଧନ ।



କଟକ ସତ୍ୟବ୍ରତ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ୩୩ ତମ ଜାତୀୟ ସମର ଶିକ୍ଷା ବାହିନୀ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ




ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଭୁଟାନ ରୟାଲ ଡ୍ୟାନ୍ସ ଟ୍ରୁପ୍ ଦ୍ୱାରା ପ୍ରଦର୍ଶିତ ମାସ ଡ୍ୟାନ୍ସ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ।

Vol. XXXVIII No. 5 UTKAL PRASANGA Regd. No. O-5
Licence No. C. R. N. P. 5—Licensed to post without Pre-Payment



